ISSN-0971-8397

# ଯୋଜନା

ଫେବୃଆରୀ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା



ବିଶେଷାଙ୍କ

## ଭିତ୍ତିଭୂମି

ସମସ୍ତଙ୍କୁ ବିଜୁଳି ଯୋଗାଣ ସ୍ୱପ୍ନ ସଫଳ ହୋଇଛି
ଆର୍.କେ. ସିଂହ

ଭାରତର ସ୍ମାର୍ଟସିଟି: ପୋଷଣୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି
ଦୁର୍ଗାଶଙ୍କର ମିଶ୍ର

ସମସ୍ତଙ୍କ ପାଇଁ ଘର ନିମନ୍ତେ ଆବଶ୍ୟକ ଭିତ୍ତିଭୂମି
ରଂଜିତ ମେହେଟା

**ପ୍ରମୁଖ ପ୍ରସଙ୍ଗ**

ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣର ଲକ୍ଷ୍ୟ ଓ କାର୍ଯ୍ୟ
ପ୍ରବୀର ପାଣ୍ଡେ

**ଫୋକସ୍**

ଉଡ଼ାନ୍ : ଆଶା ଓ ଆହ୍ୱାନ
ଉଷା ପାଢ଼ୀ

# ମହାରାଷ୍ଟ୍ର ସୋଲାପୁରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ସୋଲାପୁର ଠାରେ ବିଭିନ୍ନ ବିକାଶମୂଳକ ଯୋଜନାର ଶୁଭାରମ୍ଭ କରିବା ସହ ଶିଳାନ୍ୟାସ କରିଛନ୍ତି। ସଡ଼କ ପରିବହନ ବିକାଶ ଓ ଗମନାଗମନର ଦ୍ରୁତ ଅଗ୍ରଗତି ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସୋଲାପୁର-ତୁଳଜାପୁର-ଓସ୍ମାନାବାଦ ଜାତୀୟ ରାଜପଥ-୨୧୧ (ନୂତନ ରାଜପଥ ୫୨) ଚାରିଥାକିଆ ସଡ଼କ ରାଷ୍ଟ୍ରକୁ ସମର୍ପିତ କରିଥିଲେ। ସୋଲାପୁର-ଓସ୍ମାନାବାଦ ମଧ୍ୟରେ ଏହି ସଡ଼କକୁ ୪ ଲେନ୍ କରାଯିବା ଫଳରେ ମହାରାଷ୍ଟ୍ରର ମରାଠାୱାଡ଼ାର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସହ ସୋଲାପୁର ମଧ୍ୟରେ ସଡ଼କ ଯୋଗାଯୋଗର ଅଗ୍ରଗତି ହୋଇପାରିବ।

ଉନ୍ନତ ସଡ଼କ ଯୋଗାଯୋଗ ଏବଂ ଜୀବନଧାରଣର ମାନରେ ଉନ୍ନତି ପାଇଁ ରାଜପଥର ବିସ୍ତାରରେ ସରକାରଙ୍କ ଦୃଷ୍ଟିକୋଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, 'ବିଗତ ୪ ବର୍ଷରେ ପ୍ରାୟ ୪୦ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ ହୋଇଛି। ପ୍ରାୟ ୫.୫ ଲକ୍ଷ କୋଟି ଖର୍ଚ୍ଚ ଅଟକଳରେ ୫୨ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣାଧୀନ।'

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟକାରୀ ହେବାକୁଥିବା ୩୦ ହଜାର ପକ୍କାଘର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଶିଳାନ୍ୟାସ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ବାସହୀନ, ଦରିଦ୍ର ଜନସାଧାରଣ ଯେପରି ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ବ୍ୟକ୍ତି, ରିକ୍ସା ଚାଳକ, ସୂତା କଳର ଶ୍ରମିକ, ବିଡି ଶ୍ରମିକ ପ୍ରମୁଖ ଏହି ଯୋଜନାରେ ଉପକୃତ ହୋଇପାରିବେ। ଏହି ପରିଯୋଜନାର ମୋଟ୍ ବ୍ୟୟବରାଦ ୧୮୧୧.୩୩ କୋଟି ଟଙ୍କା, ଏହା ମଧ୍ୟରୁ ମୋଟ୍ ୭୫୦ କୋଟି ଟଙ୍କାର ସହାୟତା କେନ୍ଦ୍ର ଓ ରାଜ୍ୟ ସରକାର ବହନ କରିବେ।




*ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୯ ଜାନୁଆରୀ, ୨୦୧୯ରେ ମହାରାଷ୍ଟ୍ରର ସୋଲାପୁର-ତୁଳଜାପୁର-ଓସ୍ମାନାବାଦ ଏନ୍ଏଚ୍-୫୨କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି। ଏହି ଅବସରରେ ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ବିଦ୍ୟାସାଗର ରାଓ, କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜରାଣୀ ତଥା ଜଳ ସଂସାଦନ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ ଶ୍ରୀ ନୀତିନ୍ ଗଡକରୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ।*

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ଆଜି ଆମ୍ଭେମାନେ ଗରିବ ପରିବାର ଓ ଶ୍ରମିକଙ୍କ ନିମନ୍ତେ ୩୦ ହଜାର ପକ୍କାଘର ନିର୍ମାଣ ପ୍ରକଳ୍ପର ଶୁଭାରମ୍ଭ କରୁଛୁ। ଏହି ପ୍ରକଳ୍ପରେ ମୁଖ୍ୟତଃ କଳକାରଖାନାରେ କାମ କରୁଥିବା ଶ୍ରମିକ, ରିକ୍ସା ଚାଳକ, ଅଟୋ ଚାଳକ ପ୍ରମୁଖ ଉପକୃତ ହୋଇପାରିବେ।" ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ମଧ୍ୟବର୍ତ୍ତୀ ଶ୍ରେଣୀର ପରିବାରକୁ ଦୃଷ୍ଟିରେ ରଖି ସ୍ୱଳ୍ପ ମୂଲ୍ୟରେ ବାସଗୃହ ଯୋଗାଣ ପାଇଁ ପ୍ରଯତ୍ନ ନିଆଯାଉଛି। ବର୍ତ୍ତମାନ ୨୦ ବର୍ଷରୁ ଅଧିକ ଅବଧି ଥିବା ଗୃହ ଋଣ ଉପରେ ସର୍ବାଧିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ଜୀବନଯାପନ ପ୍ରଣାଳୀର ଉନ୍ନତିରେ ସହାୟକ ହୋଇପାରିବ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ୱଚ୍ଛ ଭାରତ ଉଦ୍ଦେଶ୍ୟର ଲକ୍ଷ୍ୟ ସାଧନ ନିମନ୍ତେ ସୋଲାପୁର ଠାରେ ଭୂମିଗତ ନାଳ ପ୍ରଣାଳୀ ଏବଂ ଆବର୍ଜନା ଶୋଧନ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ସହରରେ ନାଳ ସଂଖ୍ୟାରେ ବୃଦ୍ଧି ଘଟିବ, ସ୍ୱଚ୍ଛତାର ମଧ୍ୟ ଅଗ୍ରଗତି ହେବ। ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ଅନ୍ତର୍ଭୁକ୍ତ ହେବ ଏବଂ ଭବିଷ୍ୟତରେ ଅମୃତ ମିଶନରେ କାର୍ଯ୍ୟକାରୀ ହେବାକୁଥିବା ସ୍ୱରେଜ୍ ଯୋଜନାରେ ମଧ୍ୟ ଏହା ଅନ୍ତର୍ଭୁକ୍ତ ହେବ।

ଜଳ ଯୋଗାଣ ଏବଂ ସ୍ୱରେଜ୍ ପ୍ରଣାଳୀର ବିକାଶ ପାଇଁ ଏହି ଯୁଗ୍ମ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏଥିରେ ଅମୃତ ମିଶନ ଫଳରେ ସୋଲାପୁର ସ୍ମାର୍ଟ ସିଟିରେ ବିକଶିତ ହୋଇପାରିବ। ପାନୀୟଜଳ ଯୋଗାଣର ବର୍ଦ୍ଧିତ ଯୋଜନାରେ ଉଜାନି ଡ୍ୟାମ୍‌ରୁ ସୋଲାପୁର ସହରକୁ ପାନୀୟଜଳ ଯୋଗାଣ ଏବଂ ଭୂମିଗତ ସ୍ୱରେଜ୍ ପ୍ରଣାଳୀର ବିକାଶ ହୋଇପାରିବ। ଏହି ଯୋଜନାର ବ୍ୟୟ ଅଟକଳ ପ୍ରାୟ ୨୨୪ କୋଟି ଟଙ୍କା। ଏହି ପ୍ରକଳ୍ପର ପରିଯୋଜନା କାର୍ଯ୍ୟକ୍ଷମ ହୋଇପାରିଲେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାର ସୁଫଳ ଅଧିକରୁ ଅଧିକ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ। ଆଶା କରାଯାଉଛି ଏହି ପରିଯୋଜନା କାର୍ଯ୍ୟକାରୀ ହେବା ଫଳରେ ସୋଲାପୁର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକର ସଡ଼କ ଓ ପରିବହନ ଯୋଗାଯୋଗ, ଜଳ ଯୋଗାଣ, ସ୍ୱଚ୍ଛତା, ରୋଜଗାର ସୃଷ୍ଟି ପ୍ରଭୃତି କ୍ଷେତ୍ରରେ ଜନସାଧାରଣ ଭରପୂର ଲାଭ ଉଠାଇ ପାରିବେ।

ଫେବ୍ରୁଆରୀ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ବ୍ୟବସାୟ ପରିଚାଳନା: ସୂର୍ଯ୍ୟକାନ୍ତ ଶର୍ମା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ବରିଷ୍ଠ ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ
ସମ୍ପାଦକ: ମନୋଜ କୁମାର ଜାଲି

ଷଡ଼ବିଂଶ ବର୍ଷ / ପଞ୍ଚମ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୪ |
| ● ସମସ୍ତଙ୍କୁ ବିଜୁଳି ଯୋଗାଣ ସ୍ୱପ୍ନ ସଫଳ ହୋଇଛି<br>*ଆର୍.କେ. ସିଂହ* | ୦୫ |
| ● ଭାରତର ସ୍ମାର୍ଟସିଟି:<br>ପୋଷଣୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି<br>*ଦୁର୍ଗାଶଙ୍କର ମିଶ୍ର* | ୧୦ |
| ● ସମସ୍ତଙ୍କ ପାଇଁ ଘର ନିମନ୍ତେ ଆବଶ୍ୟକ ଭିତ୍ତିଭୂମି<br>*ରଂଜିତ ମେହେତା* | ୨୨ |
| ● ବିଶେଷ ପ୍ରସଙ୍ଗ<br>ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣର ଲକ୍ଷ୍ୟ ଓ କାର୍ଯ୍ୟ<br>*ପ୍ରବୀର ପାଣ୍ଡେ* | ୨୭ |
| ● ଫୋକସ୍<br>ଉଡ଼ାନ୍ : ଆଶା ଓ ଆହ୍ୱାନ<br>*ଉଷା ପାଢ଼ୀ* | ୩୫ |
| ● ଉତ୍ତରପୂର୍ବାଞ୍ଚଳ ବିକାଶରେ ରାଜପଥ ଭିତ୍ତିଭୂମିର ଗୁରୁତ୍ୱ<br>*ନମିତା ତିୱାରୀ* | ୪୦ |
| ● ସରକାରୀ ସ୍ୱାସ୍ଥ୍ୟ ସେବା<br>ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ<br>*ସଂଜୀବ କୁମାର* | ୪୫ |
| ● ପିଲାଙ୍କ ପାଇଁ ନିବେଶ ଭବିଷ୍ୟତକୁ ସୁରକ୍ଷିତ କରିବ<br>*ଏସ୍.ଏସ୍. ମଣ୍ଡା* | ୫୨ |
| ● ପରିବର୍ତ୍ତନ ପଥେ ଭାରତୀୟ ରେଳବାଇ<br>*ଦୀପକ ରାଜଦାନ* | ୫୬ |
| ● ଭାରତମାଳା ପରିଯୋଜନା:<br>ରାଜପଥ ନିର୍ମାଣରେ ଏକ ବଡ଼ ବିପ୍ଳବ<br>*ଦୀପକ ଦାଶ* | ୬୨ |
| ● ସ୍ମାର୍ଟସିଟି ଭୁବନେଶ୍ୱର<br>*ଜିତେନ୍ଦ୍ରନାଥ ପଟ୍ଟନାୟକ* | ୬୭ |
| ● ଆପଣ ଜାଣନ୍ତି କି ? | ୬୯ |
| ● ସାମ୍ପ୍ରତୀକି | ୭୩ |



**Editor**
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ଭାରତର ପରିବର୍ତ୍ତନ




ଗୋଟିଏ ନଗରୀ ବା ସହରରେ ବାସ କରିବାକୁ ଚାହୁଁଥିବା ଜଣେ ଲୋକ କ'ଣ ଚାହେଁ ? ସେଇ ସହର ବା ନଗରୀରେ ରହିବା ପାଇଁ ତାଙ୍କୁ ନିଜର ଆର୍ଥିକ ସ୍ଥିତି ଅନୁସାରେ ଖଣ୍ଡିଏ ଘର, ବିଜୁଳି, ପରିମଳ ସୁବିଧା, ବସ୍, ଟ୍ରେନ୍, ବିମାନ ସୁବିଧା, ସ୍କୁଲ, ହସ୍ପିଟାଲ ଭଳି ସୁବିଧା ସୁଯୋଗ ଅଛି କି ନାହିଁ ପ୍ରଥମେ ସେ ଦେଖେ। କାରଣ ସହରୀ ଜୀବନ ପାଇଁ ଏସବୁ ଆବଶ୍ୟକତା ମୌଳିକ।

ଅତଏବ, ଭିତ୍ତିଭୂମି ବିକାଶ ଯେ ଜଣେ ସାଧାରଣ ନାଗରିକର ଜୀବନଯାପନ ପାଇଁ ଏକାନ୍ତ ଅପରିହାର୍ଯ୍ୟ ଏହା ସ୍ୱୀକାର୍ଯ୍ୟ। ଭିତ୍ତିଭୂମି ବିକାଶ ମଧ୍ୟ ଗୋଟିଏ ଦେଶର ଆର୍ଥିକ ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ। ଏସବୁ ଦୃଷ୍ଟିରୁ ଭାରତ ସରକାର ଭିତ୍ତିଭୂମି ବିକାଶକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରୁଛନ୍ତି। ଆବାସିକ ଭିତ୍ତିଭୂମି ସୃଷ୍ଟିକୁ କେନ୍ଦ୍ର ସରକାର ଅଗ୍ରପ୍ରାଧାନ୍ୟ ଦେଇ ନାନା ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ନାଗରିକଙ୍କୁ ନିଜର ଖଣ୍ଡିଏ ଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ସବୁ ବାସହୀନଙ୍କୁ ୨୦୨୨ସୁଦ୍ଧା ଘର ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି।

ଦୂରଦୂରାନ୍ତ ଓ ଅଗମ୍ୟ ଇଲାକାକୁ ବିଜୁଳି ଶକ୍ତି ଯୋଗାଇଦେବା ଉପରେ ସରକାର ମଧ୍ୟ ଗୁରୁତ୍ୱ ଦେଇ ଏ କ୍ଷେତ୍ରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସହଜ ବିଜ୍‌ଲି ହର୍ ଘର ଯୋଜନା – ସୌଭାଗ୍ୟ ସ୍କିମ୍ ଗ୍ରାମାଞ୍ଚଳ ଲୋକଙ୍କ ଜୀବନରେ ବଡ଼ଧରଣର ପରିବର୍ତ୍ତନ ଆଣିଛି।

ସ୍ମାର୍ଟ ସିଟି ପ୍ରତିଷ୍ଠା ସରକାରଙ୍କର ଆଉ ଏକ ପ୍ରମୁଖ ପ୍ରକଳ୍ପ। ଏହି ସ୍ମାର୍ଟ ସିଟି ନିର୍ମାଣ ପଛରେ ଥିବା ମୌଳିକ ବିଚାର କେବଳ ଉତ୍ତମ ସୁବିଧା ସୁଯୋଗ ଥିବା ଅତ୍ୟାଧୁନିକ ସହର ନିର୍ମାଣ ନୁହେଁ, ବରଂ ସହରକୁ ସମାବେଶୀ, ସହଯୋଗ ଭିତ୍ତିକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଉନ୍ନତ ତଥା ଉତ୍ତମ ଭିତ୍ତିଭୂମି ସୃଷ୍ଟି କରିବା ଓ ସେଇ ସହରବାସୀଙ୍କ ଜୀବନରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାର ଏକ ପ୍ରୟାସ।

ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଭଳି ମୌଳିକ କ୍ଷେତ୍ରରେ ଉତ୍ତମ ଭିତ୍ତିଭୂମି ସୃଷ୍ଟି କରିବାକୁ ସରକାର କାର୍ଯ୍ୟ କରୁଛନ୍ତି। ସଡ଼କ ପ୍ରତ୍ୟେକ ଦେଶର ଜୀବନ ରେଖା ଭାବେ ବିବେଚିତ ହୋଇଥାଏ। ସାଧାରଣ ଲୋକଙ୍କ ପାଇଁ ସଂଚାର ସଂଯୋଗ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତି। ଉତ୍ତମ ସଡ଼କ ସୁବିଧା, ସାମଗ୍ରୀ ସହ ଯାତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ଶୀଘ୍ର ଓ ସହଜରେ ପହଞ୍ଚାଇବାରେ ସହାୟକ ହୋଇଛି। ତେଣୁ ସରକାର ଉନ୍ନତ ସଡ଼କ ଓ ରାଜପଥ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ଭାରତମାଳା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସମାନ ଭାବେ ରେଳ ସଂଯୋଗ ବ୍ୟବସ୍ଥାର ସଂପ୍ରସାରଣ ପାଇଁ ମଧ୍ୟ ସରକାର ରେଳ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ସହିତ ଆଭ୍ୟନ୍ତରୀଣ ଜଳପଥର ବିକାଶ ନିମନ୍ତେ ନାନାବିଧ କାର୍ଯ୍ୟ ହାତକୁ ନିଆଯାଇଛି। ଉଡ଼ାନ୍ ଯୋଜନାରେ ଦେଶର ଛୋଟ ଛୋଟ ସହରକୁ ବିମାନ ସେବା ଯୋଗାଇବା ସହ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ବିମାନ ସେବା ଯୋଗାଇବାର ବ୍ୟବସ୍ଥା କରାଯାଇଛି। ତେଣୁ ସାଧାରଣ ମଣିଷର ଜୀବନରେ ପରିବର୍ତ୍ତନ ଆଣିବା ସହ ଭାରତକୁ ବଦଳାଇବା ପାଇଁ ସରକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାର ଏ କ୍ଷେତ୍ରରେ ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାହା ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣି ଭାରତର ସ୍ଥିତି ବଦଳାଇବାରେ ସହାୟକ ହେବ ବୋଲି ଆଶା।

# ସମସ୍ତଙ୍କୁ ବିଜୁଳି ଯୋଗାଣ ସ୍ୱପ୍ନ ସଫଳ ହୋଇଛି

ଆର୍.କେ. ସିଂହ

ବ୍ୟକ୍ତିଗତ ଓ ଜାତୀୟ ଜୀବନରେ ଉର୍ଜା, ବିଶେଷ କରି ବିଜୁଳି ଶକ୍ତିର ଅପରିହାର୍ଯ୍ୟ ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ଏହା ବିନା ବିକାଶ କଥା ଚିନ୍ତା କରାଯାଇପାରିବ ନାହିଁ। ଶକ୍ତି କ୍ଷେତ୍ରରେ ଗତ ସାଢ଼େ ଚାରିବର୍ଷ ମଧ୍ୟରେ ବର୍ତ୍ତମାନର ସରକାର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି। ଶକ୍ତି କ୍ଷେତ୍ରର ଭିତ୍ତିଭୂମି ବିକାଶରେ ପ୍ରତ୍ୟେକ ସ୍ତରରେ ଏହି ସମୟରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି। ଶକ୍ତି ଉତ୍ପାଦନ, ପରିବହନ, ଆବଣ୍ଟନ ଆଦି କ୍ଷେତ୍ରରେ ଏକ ନୂଆ ଦିଗନ୍ତ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନୂଆ ନିୟନ୍ତ୍ରକ ବ୍ୟବସ୍ଥା ଜରିଆରେ ଶୁଳ୍କ ନୀତି ନିର୍ଦ୍ଧାରଣ କରାଯାଇ ବିଜୁଳି ଶୁଳ୍କ ଆଇନର ସଂଶୋଧନ କରାଯାଇଛି। ସଂକ୍ଷେପରେ କହିଲେ ଶକ୍ତି କ୍ଷେତ୍ର ଭାରତୀୟ ବିକାଶକୁ ବଳ ଯୋଗାଉଛି।

ସ୍ୱାଧୀନତା ପରଠାରୁ ବିଜୁଳି ଶକ୍ତି କ୍ଷେତ୍ରରେ ଯେଉଁ ଅଭାବ ରହୁଥିଲା ଏବେ ତାହା ନାହିଁ। ଗତ ସାଢ଼େ ଚାରିବର୍ଷ ମଧ୍ୟରେ ଦେଶରେ ଏକ ଲକ୍ଷ ମେଗାୱାଟରୁ ଅଧିକ ବିଜୁଳି ଉତ୍ପାଦନ କରିବାର ଭିତ୍ତିଭୂମି ଓ ଦକ୍ଷତା ସୃଷ୍ଟି କରାଯାଇଛି। ଶକ୍ତି କ୍ଷେତ୍ରରେ ଯେଉଁ ୪.୨ ଶତାଂଶ ନିଅଣ୍ଟ ଥିଲା ତାହାକୁ ପ୍ରାୟ ଶୂନ୍ୟରେ ପହଞ୍ଚାଇବାରେ ସରକାର ସମର୍ଥ ହୋଇଛନ୍ତି। ଏବେ ନିଜସ୍ୱ ଶକ୍ତି ଚାହିଦା ପୂରଣ କରିବା ସହ ଭାରତ ପଡ଼ୋଶୀ ନେପାଳ ଓ ବାଂଲାଦେଶକୁ ବିଜୁଳି ବିକ୍ରି କରୁଛି। ଗତ ସାଢ଼େ ଚାରିବର୍ଷ ମଧ୍ୟରେ ଆନ୍ତଃରାଜ୍ୟ ଶକ୍ତି ପରିବହନ ବ୍ୟବସ୍ଥାରେ ପ୍ରାୟ ଏକ ଲକ୍ଷ ସର୍କିଟ କିଲୋମିଟର ଟ୍ରାନ୍ସମିଶନ ଲାଇନ ଯୋଡ଼ାଯାଇଛି। ଏହା ଫଳରେ ସମଗ୍ର ଦେଶ ଗୋଟିଏ ଗ୍ରୀଡ୍ ସହିତ ସଂପୃକ୍ତ ହୋଇଛି






ଓ ଗୋଟିଏ ଫ୍ରିକ୍ୱେନ୍ସିରେ ସମଗ୍ର ନେଟ୍‌ୱାର୍କ ଚାଲୁଛି। ଏବେ ଦେଶର ଗୋଟିଏ ଭାଗରେ ଉତ୍ପାଦିତ ଶକ୍ତି ଦେଶର ଦୂରନ୍ତ ଅନ୍ୟଭାଗକୁ ବିନା ବାଧାରେ ଯୋଗାଇ ଦିଆଯାଇପାରୁଛି।

କେନ୍ଦ୍ର ସରକାର ବିଜୁଳି ନ ଥିବା ଦେଶର ସବୁ ଗାଁ ବିଜୁଳି ପହଞ୍ଚାଇବାର ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ୨୦୧୫ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ଉପରୁ ଦେଇଥିବା ତାଙ୍କ ଭାଷଣରେ ବିଜୁଳି ନ ଥିବା ସବୁ ଗାଁକୁ ଏକ ହଜାର ଦିନ ମଧ୍ୟରେ ବିଦ୍ୟୁତ୍ ପହଞ୍ଚାଇବାକୁ ଯେଉଁ ଘୋଷଣା କରିଥିଲେ ତାହା ଅବଶ୍ୟ ସାକାର ହୋଇଛି। ଧାର୍ଯ୍ୟ ସମୟ ପୂର୍ବରୁ ବିଜୁଳି ନ ଥିବା ୧୮୪୫୨ ଗାଁକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ସମ୍ଭବ ହୋଇପାରିଛି। ୨୦୧୮ ଏପ୍ରିଲ ୨୮ ତାରିଖ ସୁଦ୍ଧା ଭାରତର ସବୁ ଗାଁକୁ ବିଜୁଳି ପହଞ୍ଚିବା ସହିତ ଦେଶ ଶତପ୍ରତିଶତ ବିଦ୍ୟୁତ୍‌କରଣ ଲକ୍ଷ୍ୟ ହାସଲ କରିଛି। ଏ କ୍ଷେତ୍ରରେ ବହୁ ଜଟିଳ ପ୍ରତିବନ୍ଧକ ଥିଲା; କିନ୍ତୁ ଅବଶ୍ୟ ନିଷ୍ଠା ଓ ଏକାଗ୍ରତାର ସହିତ ସେ ସବୁକୁ ଅତିକ୍ରମ କରାଯାଇ ପାରିଛି। ପାହାଡ଼ିଆ, ମାଓପ୍ରବଣ, ଅଗମ୍ୟ ଓ ଦୂରଦୂରାନ୍ତ ଗାଁ ସବୁକୁ ବିଜୁଳି ପହଞ୍ଚାଇବା ସବୁଠୁ ଆହ୍ୱାନମୂଳକ ଥିଲା। ଏହା ସତ୍ତ୍ୱେ ଏଥିରେ ସରକାର ସଫଳ ହୋଇଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଅସହଜ ଜାମ୍ମୁ-କାଶ୍ମୀର, ଅରୁଣାଚଳପ୍ରଦେଶ ଓ ମେଘାଳୟ ଭଳି ରାଜ୍ୟର ଅଗମ୍ୟ ଗାଁକୁ ବିଦ୍ୟୁତ୍ ଶକ୍ତି ପହଞ୍ଚାଇବା ପାଇଁ ଆବଶ୍ୟକ ଉପକରଣ ନେବାରେ ବହୁ ଶ୍ରମ ଓ ସମୟ ସ୍ୱୀକାର କରିବାକୁ ପଡ଼ିଛି। କର୍ମଚାରୀମାନେ ଗୋଟିଏ ଗୋଟିଏ ଗାଁକୁ ପହଞ୍ଚିବା ପାଇଁ ଜିନିଷପତ୍ର ଧରି ୧୦କି.ମି ଯାଏ ପାହାଡ଼ ଚଢ଼ିଛନ୍ତି ଓ ଅନେକ ଦୁର୍ଦ୍ଦଶା ଭୋଗିଛନ୍ତି। ଦେଶର ୨୭୬୨ ଅଗମ୍ୟ ଗାଁକୁ ଗ୍ରୀଡ୍ ସଂଯୋଗ ସ୍ଥାପନ ଭୌଗୋଳିକ ଦୃଷ୍ଟିରୁ ସମ୍ଭବ ନ ଥିବାରୁ ସେଠାକୁ ହେଲିକପ୍ଟର ସାହାଯ୍ୟରେ ସାମଗ୍ରୀ ପଠାଇ ସୌର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ମାଓବାଦୀ ଅଧ୍ୟୁଷିତ ଅଗମ୍ୟ ଜଙ୍ଗଲାଞ୍ଚଳରେ ଥିବା ଗାଁମାନଙ୍କୁ ବିଜୁଳି ଯୋଗାଇବା କ୍ଷେତ୍ରରେ ନାହିଁ ନ ଥିବା ଶ୍ରମ ଓ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଛି।




ଏଥିପାଇଁ ଡୁଗ୍‌ଜୀ (ଟେବୁଲ-୧ ଦ୍ରଷ୍ଟବ୍ୟ) କାର୍ଯ୍ୟକ୍ରମରେ ଆବଶ୍ୟ ଭିତ୍ତିଭୂମି ସୃଷ୍ଟି କରାଯାଇଥିଲା। ଏହା ମାଧ୍ୟମରେ ହଜାର ହଜାର କିମି ନୂଆ ବିଜୁଳି ଲାଇନ୍ ତିଆରି କରାଯିବା ସହ ଲକ୍ଷଲକ୍ଷ ଟ୍ରାନ୍ସଫର୍ମର ଲଗାଯାଇଛି। ବିଜୁଳି ଯୋଗାଣ ଫଳରେ ଶକ୍ତି ନ ଥିବା ଏ ସବୁ ଗ୍ରାମର ସାମାଜିକ-ଆର୍ଥିକ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏଥିରେ ରାଜ୍ୟ ସରକାରଙ୍କର ସାହାଯ୍ୟ ସହଯୋଗ ରହିଛି ଏବଂ ଏହା ସହଯୋଗ ଭିତ୍ତିକ ସଂଘୀୟ ପ୍ରୟାସର ଏକ ଉତ୍କୃଷ୍ଟ ନମୂନା। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର, ଆବଣ୍ଟନକାରୀ କମ୍ପାନୀ, ପ୍ରଶାସନିକ ସମନ୍ୱୟ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି ଏବଂ ଏକ ସାଧାରଣ ଲକ୍ଷ୍ୟ ସହଜରେ ପୂରଣ ହୋଇଛି।

ଏବେ ଲକ୍ଷ୍ୟ ହେଉଛି ସବୁ ଘରକୁ ବିଜୁଳି ପହଞ୍ଚାଇବା। ପ୍ରଧାନମନ୍ତ୍ରୀ ଇତିମଧ୍ୟରେ 'ପ୍ରଧାନମନ୍ତ୍ରୀ ସହଜ ବିଜ୍‌ଲି ହର୍‌ଘର୍ ଯୋଜନା' ଆରମ୍ଭ କରିଛନ୍ତି। ଏହା ସୌଭାଗ୍ୟ ଯୋଜନା ନାମରେ ପରିଚିତ ଏବଂ ୨୦୧୭ରୁ ଆରମ୍ଭ ହୋଇଛି। ଏହି ଯୋଜନାରେ ୨୦୧୯ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଦେଶର ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇ ଦେବାର ଲକ୍ଷ୍ୟ

### ଟେବୁଲ-୧ : ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମର ସଫଳତା
### (ଏଥିରେ ସୌଭାଗ୍ୟ ଯୋଜନା ଅନ୍ତର୍ଭୁକ୍ତ)

| କ୍ରମିକ ସଂଖ୍ୟା | ଗ୍ରାମ୍ୟ ବିଦ୍ୟୁତ୍‌କରଣରେ ସଫଳତା | ୨୦୧୪ ମେ'ଠାରୁ ୨୦୧୮ ଡିସେମ୍ବର ମାର୍ଚ୍ଚ | ୨୦୦୯ ମେ'ଠାରୁ ୨୦୧୪ ମେ' ଯାଏ |
|---|---|---|---|
| ୧ | ମୋଟ୍ ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପ ଖର୍ଚ୍ଚ (କୋଟିରେ) | ୫୪,୬୭୨ | ୩୩,୦୯୧ |
| ୨ | ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯାଇଥିବା ଅନୁଦାନ (କୋଟିରେ) | ୩୫,୪୩୭ | ୧୬,୦୫୮ |
| ୩ | ସଘନ ବିଦ୍ୟୁତ୍‌କରଣ ହୋଇଥିବା ଗାଁ ସଂଖ୍ୟା | ୩୦୫,୨୨୯ | ୨୨୭,୪୮୭ |
| ୪ | ଆବଣ୍ଟନକାରୀ ଟ୍ରାନ୍ସଫର୍ମର ସଂଖ୍ୟା | ୩୬୦,୮୪୦ | ୨୨୩,୫୬୩ |
| ୫ | କେଭି ଲାଇନ୍ ଓ ଫିଡର ଲାଇନ୍ ନିର୍ମାଣ (କିମିରେ) | ୨୯୨୦୨୩ | ୧,୧୧,୬୭୭ |
| ୬ | ପୁରୁଣା ସବ୍‌ଷ୍ଟେସନର ଉନ୍ନତି (ସଂଖ୍ୟା) | ୨୧୦୯ | ୩୬୮ |
| ୭ | ନୂଆ ସବ୍‌ଷ୍ଟେସନ ନିର୍ମାଣ (ସଂଖ୍ୟା) | ୧୦୦୧ | ୫୩୩ |




ରଖାଯାଇଛି। ସହଜରେ, ସୁବିଧାରେ ପ୍ରତ୍ୟେକ ଘରକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଜୁଳି ଯୋଗାଣ ଲକ୍ଷ୍ୟ ସାରା ବିଶ୍ୱରେ ଏଧରଣର ପ୍ରଥମ ଓ ଅତ୍ୟନ୍ତ ଆହ୍ୱାନମୂଳକ। ତେବେ ଏ କ୍ଷେତ୍ରରେ ଯେଉଁ ବେଗ ଓ ଅଭିନବତାର ସହ କାମ ଚାଲିଛି ତାହା ମଧ୍ୟ ଉଦାହରଣୀୟ।


ସୌଭାଗ୍ୟ ଯୋଜନାରେ ଏ ପର୍ଯ୍ୟନ୍ତ ସାରା ଦେଶରେ ୨.୫୦କୋଟିରୁ ଅଧିକ ଘରକୁ ବିଜୁଳି ଯୋଗାଇ ଦିଆସରିଲାଣି। ମାତ୍ର ୧୫ମାସ ମଧ୍ୟରେ ଏହା ସମ୍ଭବ ହୋଇଛି ଯାହା ଏକ ବିଶ୍ୱ ରେକର୍ଡ। ଅନ୍ୟ ଅର୍ଥରେ ଦେଖିଲେ ଭାରତରେ ପ୍ରତିଦିନ ଏକ ଲକ୍ଷ ଘରକୁ ବିଜୁଳି ଯୋଗାଇଦିଆଯାଉଛି। ଭାରତର ଏହି ସଫଳତାକୁ ଆନ୍ତର୍ଜାତିକ ଉର୍ଜା ସଂସ୍ଥା ୨୦୧୮ବର୍ଷ ପାଇଁ ସଫଳତମ କାର୍ଯ୍ୟକ୍ରମର ମାନ୍ୟତା ପ୍ରଦାନ କରିଛି।

ଏବେ ଆଉ ପ୍ରାୟ ୪ଲକ୍ଷ ଘରକୁ ବିଜୁଳି ଯୋଗାଣ ବାକି ରହିଛି ଏବଂ ଆପଣମାନେ ଏ ଲେଖା ପଢ଼ିବା ବେଳକୁ ସେ କାମ ଶେଷ ହୋଇଯାଇଥିବ। ଲୋକଙ୍କ ଘରେ ବିଜୁଳି ଆଲୁଅ ଜଳିବା ପରେ ପରିବାରର ଲୋକଙ୍କ ମୁହଁରେ ଯେଉଁ ହସ ପ୍ରକଟିତ ହେଉଛି ତାହା ସବୁ ସରକାରୀ ପ୍ରୟାସଠାରୁ ଅଧିକ

**ଟେବୁଲ-୨ : ଗୋଟିଏ ଦେଶ, ଗୋଟିଏ ଗ୍ରୀଡ୍‌**

| କ୍ରମିକ ସଂଖ୍ୟା | ମାନକ | ସାଢ଼େ ଚାରିବର୍ଷ ମଧ୍ୟରେ ଉନ୍ନୟନ |
|---|---|---|
| ୧ | ୨୨୦ କେଭି ଓ ତତୁର୍ଦ୍ଧ୍ୱ ଅତିରିକ୍ତ ଟ୍ରାନ୍ସମିଶନ ଲାଇନ୍ ନିର୍ମାଣ | ୧,୧୪,୬୦୭ କିମି |
| ୨ | ୨୨୦ କେଭି ଓ ତତୁର୍ଦ୍ଧ୍ୱ ଅତିରିକ୍ତ ଟ୍ରାନ୍ସଫର୍ମେସନ କାପାସିଟି ସଂଯୋଗ | ୩,୪୪,୩୬୭ ଏମ୍‌ଭିଏ |
| ୩ | ଆନ୍ତଃ ଆଞ୍ଚଳିକ ଟ୍ରାନ୍ସମିଶନ କାପାସିଟି ସଂଯୋଗ | ୫୬,୯୦୦ ମେଗାୱାଟ୍ |
| ୪ | ବାର୍ଷିକ କିଲୋମିଟର ହିସାବରେ ଗ୍ରୀଡ୍ ନିର୍ମାଣର ଗତି | ୨୨,୯୨୧ କିମି (ବାର୍ଷିକ) |

ମହତ୍ୱପୂର୍ଣ୍ଣ ମନେ ହୁଏ। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ବିଜୁଳି ସଂଯୋଗ ଦେବା ପାଇଁ ଅବଶିଷ୍ଟ କାର୍ଯ୍ୟ ପୂରଣ କରିବାକୁ ସରକାର ସମନ୍ୱିତ ଶକ୍ତି ବିକାଶ ଯୋଜନା (ଆଇପିଡିଏସ୍) ଆରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ ସହରାଞ୍ଚଳର ବିଜୁଳି ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ସୁସଂହତ କରିବାକୁ ଉଦ୍ୟମ କରାଯାଇଥିଲା। ଏଥିରେ ସବ୍ ଟ୍ରାନ୍ସଫର୍ମର ବସାଇବା, ନୂଆ ନେଟ୍‌ୱାର୍କ ସ୍ଥାପନ, ଉନ୍ନତ ମାନର ମିଟର ଖାଉଟିଙ୍କ ଘରେ ଲଗାଇବା ଏବଂ ଶକ୍ତି ଯୋଗାଣ ବ୍ୟବସ୍ଥାକୁ ସ୍ୱୟଂକ୍ରିୟ କରିବାକୁ ଆଇଟିର ଉପଯୋଗ ଆଦି ଅନ୍ୟତମ। ଏହା ଫଳରେ ଖାଉଟିଙ୍କୁ ଉନ୍ନତମାନର ଏବଂ ଆବଶ୍ୟକତା ଅନୁସାରେ ନିୟମିତ ବିଜୁଳି ଯୋଗାଣ ସମ୍ଭବ ହୋଇଛି (ଟେବୁଲ-୨ ଦ୍ରଷ୍ଟବ୍ୟ) ଦିନକୁ ଦିନ ନୂଆ ଗ୍ରାହକଙ୍କ ସଂଖ୍ୟା ବଢୁଛି ଓ ସମଗ୍ର ଦେଶରେ ପ୍ରତିଦିନ ଏକଲକ୍ଷ ନୂଆ ଉପଭୋକ୍ତା ସୃଷ୍ଟି ହେଉଛନ୍ତି। ଅର୍ଥନୀତିକ ଅଭିବୃଦ୍ଧି



ଯୋଗୁଁ ଶକ୍ତି ଚାହିଦା ବଢୁଛି। ଫଳରେ ବିଜୁଳି ଚାହିଦା ପ୍ରତିମାସ ୧୦ ଶତାଂଶ ହାରରେ ବୃଦ୍ଧି ପାଉଛି।

**ଅକ୍ଷୟ ଶକ୍ତି:**

ଭବିଷ୍ୟତ ପିଢ଼ି ପାଇଁ ଅକ୍ଷୟ ଶକ୍ତିର ଆବଶ୍ୟକତା ଅଧିକ ଜରୁରୀ। ଏହା ପ୍ରଦୂଷଣମୁକ୍ତ ଏବଂ ଅଶେଷ। ତେଣୁ ଭାରତ ତାହାର ବିଜୁଳି ଶକ୍ତି ନୀତିରେ କେତେକ ପରିବର୍ତ୍ତନ ଆଣି ଅକ୍ଷୟଶକ୍ତି ଉପରେ ଗୁରୁତ୍ୱ ଦେଉଛି। ୨୦୨୨ ସୁଦ୍ଧା ୧୭୫ ଜିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ୧୦୦ ଜିଗାୱାଟ ସୌରଶକ୍ତିରୁ ଓ ୬୦ ଜିଗାୱାଟ ପବନ ଶକ୍ତିରୁ ଉତ୍ପାଦିତ ହେବ। ଗତ ସାଢ଼େ ଚାରି ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଭିତ୍ତିଭୂମି କ୍ଷମତାକୁ ଦ୍ୱିଗୁଣିତ କରାଯାଇଛି। ଏବେ ଏହା ୩୪ହଜାର ମେଗାୱାଟରୁ ୭୨ହଜାର ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ। ସୌର ଶକ୍ତି ଉତ୍ପାଦନ କ୍ଷମତା ସୃଷ୍ଟିରେ ଭାରତ ଏବେ ବିଶ୍ୱରେ ପଞ୍ଚମ ଓ ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଛି।

**ଉର୍ଜା ଦକ୍ଷତା:**

ଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ଶକ୍ତି ସଂରକ୍ଷଣ ଓ ବିଜୁଳି ବ୍ୟବହାରରେ ଦକ୍ଷତା ବୃଦ୍ଧିକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଜାଲା ଯୋଜନାରେ କମ୍ ଶକ୍ତି ଆହରଣ କରି ଅଧିକ ଆଲୋକ ଦେଉଥିବା ଏଲ୍‌ଇଡି ବଲ୍‌ବ ଲୋକଙ୍କୁ ସୁବିଧା ଦରରେ ଯୋଗାଇ ଦିଆଯାଉଛି। ପାରମ୍ପରିକ ଉଜ୍ଜ୍ୱଳ ଆଲୋକ ପରିବର୍ତ୍ତେ ଷ୍ଟ୍ରିଟ୍ ଲାଇଟ୍ ପାଇଁ ଏଲ୍‌ଇଡି ବଲ୍‌ବ ବ୍ୟବହାର କରାଯାଉଛି। ଏହା ଫଳରେ ହଜାର ହଜାର ୟୁନିଟ୍ ବିଜୁଳି ଶକ୍ତି ସଞ୍ଚୟ ହୋଇପାରୁଛି। (ଟେବୁଲ-୪ ଦ୍ରଷ୍ଟବ୍ୟ)

ସେହିଭଳି ଆଧୁନିକ କୋଠାବାଡ଼ି ଓ ଅଟ୍ଟାଳିକାଗୁଡ଼ିକୁ ଷ୍ଟାର ଲେବଲିଂ କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଉପଯୋଗୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧.୨୩ ଶତାଂଶ ପ୍ରାଥମିକ ଇନ୍ଧନ

**ଟେବୁଲ-୪ : ଉଜାଲା ଓ ଏସ୍‌ଏଲ୍‌ଏନ୍‌ପି ଦ୍ୱାରା ଉର୍ଜା ଦକ୍ଷତା ବୃଦ୍ଧି**

| କ୍ରମିକ ସଂଖ୍ୟା | ମାନକ | ଉଜାଲା | ଏସ୍‌ଏଲ୍‌ଏନ୍‌ପି |
|---|---|---|---|
| ୧ | ବଣ୍ଟାଯାଇଥିବା ଏଲ୍‌ଇଡି ବଲ୍ ଓ ଷ୍ଟ୍ରୀଟ୍ ଲାଇଟ୍ ସଂଖ୍ୟା | ୩୧.୮୦ କୋଟି ବଲ୍‌ବ | ୭୭.୩୩ ଲକ୍ଷ ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ୍ |
| ୨ | ବାର୍ଷିକ ଉର୍ଜା ସଞ୍ଚୟ ପରିମାଣ | ୪୧.୩୦ ବିଲିୟନ ୟୁନିଟ୍ | ୫.୧୯ ବିଲିୟନ ୟୁନିଟ୍ |
| ୩ | ଆଭଏଡେଡ୍ ପିକ୍ ଡିମାଣ୍ଡ / ଆଭଏଡେଡ୍ କାପାସିଟି | ୮୨୬୯ ମେଗାୱାଟ | ୮୬୬ ମେଗାୱାଟ୍ |
| ୪ | ବାର୍ଷିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସର ପରିମାଣ | ୩୩.୪୫ ନିୟୁତ ଟନ୍ ଅଙ୍ଗାରକାମ୍ଳ | ୩.୫୭ ନିୟୁତ ଟନ୍ ଅଙ୍ଗାରକାମ୍ଳ |

ଯୋଗାଣ ହ୍ରାସ ପାଇପାରିବ। ଶକ୍ତି ବ୍ୟବହାର କ୍ଷେତ୍ରରେ ମିତବ୍ୟୟିତା ଏବଂ କମ୍ ଶକ୍ତିରେ ଅଧିକ ଆଲୋକ ପାଇବାର ନାନାବିଧ ପଦକ୍ଷେପ ଗ୍ରହଣ କରାଯାଉଛି।

**ଭବିଷ୍ୟତର ପନ୍ଥା:**

ବିଜୁଳି ବ୍ୟବହାର କ୍ଷେତ୍ରରେ ନିରନ୍ତରତା ଓ ଦେୟ ବା ଶୁଳ୍କ ସର୍ବଦା ଏକ ସଂବେଦନଶୀଳ ପ୍ରସଙ୍ଗ। ଲୋକଙ୍କୁ ୨୪ଘଣ୍ଟା ଉତ୍କୃଷ୍ଟ ମାନର ବିଜୁଳି ଯୋଗାଣ ସହ ୟୁନିଟ୍ ପିଛା ଦେୟକୁ ଯୁକ୍ତିଯୁକ୍ତ କରିବା ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୧୯ ଏପ୍ରିଲ ପହିଲାରୁ ଉପଭୋକ୍ତାଙ୍କୁ ଉତ୍କୃଷ୍ଟମାନର ୨୪ ଘଣ୍ଟିଆ, ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଯୁକ୍ତିଯୁକ୍ତ କାରଣ ବିନା ବିଜୁଳି ଯୋଗାଣ ବନ୍ଦ ହେଲେ ସଂପୃକ୍ତ ଆବଣ୍ଟନକାରୀ କମ୍ପାନୀ (ଡିସ୍‌କମ୍)କୁ ଜୋରିମାନା ଦେବାକୁ ପଡ଼ିବ। ଏହା ଫଳରେ ମନଇଚ୍ଛା ବିଜୁଳି କାଟ୍ ସମସ୍ୟାର ଅବସାନ ଘଟିବ। ସେହିଭଳି ଏବେ ସ୍ମାର୍ଟ ବିଦ୍ୟୁତ୍ ମିଟର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ତିନିବର୍ଷ ମଧ୍ୟରେ ଦେଶର ସବୁ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବ୍ୟବହାର କରିବାକୁ ପଡ଼ିବ। ଦିଲ୍ଲୀରେ ଇତିମଧ୍ୟରେ ୫୦ହଜାର ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଯୋଗାଇ ଦିଆଗଲାଣି। ଏହାଦ୍ୱାରା ବିଦ୍ୟୁତ୍ ପରିବହନ ଓ ଚୋରି ଜନିତ କ୍ଷତିକୁ ଯଥେଷ୍ଟ ହ୍ରାସ କରିହେବ। ଫଳରେ ଡିସ୍‌କମ୍‌ଗୁଡ଼ିକର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ତରଳ ଇନ୍ଧନ ପରିବର୍ତ୍ତେ ସରକାର ଏବେ ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଶକ୍ତି ମନ୍ତ୍ରଣାଳୟ ଏକ ନିୟାମକ ବ୍ୟବସ୍ଥା ତିଆରି କରିଛି। ବିଦ୍ୟୁତଚାଳିତ ଯାନବାହନଗୁଡ଼ିକୁ ଚାର୍ଜ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ଜ୍ଞାନ କୌଶଳ ପ୍ରୟୋଗ ଆରମ୍ଭ ହେଲାଣି।



ସୁବିଧାରେ ବିଜୁଳି ଯୋଗାଣର ଯେଉଁ ତାଲିକା ବିଶ୍ୱବ୍ୟାଙ୍କ ପ୍ରସ୍ତୁତ କରିଛି ସେଥିରେ ଭାରତର ସ୍ଥିତିରେ ଉନ୍ନତି ଆସିଛି। ୨୦୧୪ରେ ଏହା ତାଲିକାରେ ୧୧୧ରେ ଥିବାବେଳେ ୨୦୧୮ରେ ୨୪କୁ ଉନ୍ନୀତ ହୋଇଛି। ଏହା ଏକ ବିରାଟ ସଫଳତା। ସରକାର ଏ କ୍ଷେତ୍ରରେ ଆହୁରି ଭଲ ପ୍ରଦର୍ଶନ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି। ଆମେ ଉର୍ଜା କ୍ଷେତ୍ରରେ ଏକ ସଶକ୍ତ ଓ ସମୃଦ୍ଧ ଭାରତ ନିର୍ମାଣ ଦିଗରେ ବ୍ରତୀ।

**ଲେଖକ ହେଉଛନ୍ତି କେନ୍ଦ୍ରୀୟ ଶକ୍ତି, ନବୀନ ଓ ନବୀକରଣୀୟ ଉର୍ଜା ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ (ସ୍ୱାଧୀନ)।**
**Email Id: pibpower@gmail.com**


# ଭାରତର ସ୍ମାର୍ଟସିଟି ପୋଷଣୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି

ଦୁର୍ଗାଶଙ୍କର ମିଶ୍ର

**ସହରାୟନର ସାମ୍ପ୍ରତିକ ସ୍ଥିତି:** ୨୦୧୧ ଜନସୁମାରି ଅନୁସାରେ ଭାରତର ସହରାଞ୍ଚଳ ଲୋକ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୩୧ଭାଗରୁ ଅଧିକ। ୨୦୩୦ ସୁଦ୍ଧା ଏହା ୪୦% ଓ ୨୦୫୦ସୁଦ୍ଧା ମୋଟ୍ ଜନସଂଖ୍ୟାର ୫୦ଭାଗରେ ପହଞ୍ଚିବ। ଏହାର ଅର୍ଥ ୨୦୫୦ରେ ଭାରତରେ ସହରାଞ୍ଚଳ ଲୋକଙ୍କ ସଂଖ୍ୟା ୮୦କୋଟି ହେବ। ୨୦୧୧ ଜନଗଣନା ଅନୁସାରେ ଦେଶର ଜିଡିପିକୁ ସହରୀଭାରତର ଅବଦାନ ୬୩ ଶତାଂଶ। ୨୦୩୦ ସୁଦ୍ଧା ଏହା ୭୫ଭାଗରେ ପହଞ୍ଚିବ। ଜନସଂଖ୍ୟାର ଅତ୍ୟଧିକ ସାନ୍ଦ୍ରତା (ଘନତ୍ୱ) ଏବଂ କୋଠାବାଡ଼ି ତଥା ଅନ୍ୟାନ୍ୟ ଭୌତିକ ଭିତ୍ତିଭୂମିର ବହୁଳତା ଯୋଗୁଁ ଭାରତୀୟ ସହର ସବୁକୁ ଜଳବାୟୁ ପରିବର୍ତ୍ତନ ଜନିତ ବିପଦ ଅଧିକ ରହିଛି। ଏହାଛଡ଼ା ଅତ୍ୟଧିକ ଜନବହୁଳ ସହରାଞ୍ଚଳରେ ନାନାପ୍ରକାର ପ୍ରାକୃତିକ ଓ ମନୁଷ୍ୟକୃତ ବିପଦ ଏବଂ ଗଣ୍ଡଗୋଳର ଆଶଙ୍କା ଅଧିକ। ସହର ଯେତେବେଳେ ଯୋଜନାବଦ୍ଧ ଭାବେ ତିଆରି ହୋଇ ସୁପରିଚାଳିତ ହୁଏ ସେତେବେଳେ ଏହା ପରିବର୍ତ୍ତନର ଇଞ୍ଜିନ ପାଲଟେ। ଏହା ନିରନ୍ତର ବିକାଶରେ ସହାୟକ ହୁଏ।

**ବହୁମୁଖୀ ପଦକ୍ଷେପ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହରାଞ୍ଚଳର ଆହ୍ୱାନକୁ ଏକ ଅର୍ଥନୈତିକ ସୁଯୋଗ ଭାବେ ଦେଖି ଅର୍ଥନୀତିକୁ ଆଗେଇନେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସହରର ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବା ସହ ଲୋକଙ୍କୁ ଭଲରେ ବସବାସ କରିବାର ସୁଯୋଗ ଦେବା ଓ ନିଜର ଦକ୍ଷତା ଅନୁସାରେ ରାଷ୍ଟ୍ରକୁ ସେବା ଯୋଗାଇଦେବାକୁ ଲୋକଙ୍କୁ ଯୋଗ୍ୟ କରିବାର






ଦେଶରେ ଯେଉଁ ଏକଶହ ସ୍ମାର୍ଟ ନିର୍ମାଣ କରାଯାଉଛି ତାହା ସହରାଞ୍ଚଳରେ ବସବାସକୁ ଅଧିକ ସୁବିଧାଜନକ, ସମାବେଶୀ ଓ ସାର୍ବଜନିନ କରିବାକୁ ଉଦ୍ଦିଷ୍ଟ। ଏଥିରେ ଡିଜିଟାଲ ଟେକ୍‌ନୋଲୋଜିର ବ୍ୟବହାର, ସମ୍ବଳର ବିନିଯୋଗ ଓ ନିରନ୍ତର ବିକାଶ ଅଗ୍ରାଧିକାର ପାଇଛି। ଏହା ସହରାଞ୍ଚଳ ବିକାଶର ବତିଘର ସଦୃଶ।

ଦେଶର ୫୦୦ ସହରରେ (ଏକଲକ୍ଷରୁ ଅଧିକ ଜନସଂଖ୍ୟା) ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣ ଓ ନାଳନର୍ଦ୍ଦମାର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।

ଦେଶର ୪୩୦୦ରୁ ଅଧିକ ସହରାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ, ସୁଲଭ ଆବାସ, ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଆଦି ସ୍ଥାନୀୟ ପୌରସଂସ୍ଥା ମାଧ୍ୟମରେ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଯୋଜନାମାନ କାର୍ଯ୍ୟକାରୀ ହୋଇଚି।

***ଚିତ୍ର-୧: ବିକାଶସ୍ତର ବଢ଼ିବ***

ଉଦ୍ଦେଶ୍ୟ ଏହା ପଛରେ ରହିଛି। ଏଥିପାଇଁ ଏକ ତ୍ରିସ୍ତରୀୟ ରଣକୌଶଳ ପ୍ରସ୍ତୁତ କରାଯାଇଛି। ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

(କ) ପ୍ରଥମସ୍ତରରେ ଦାରିଦ୍ର୍ୟ ଦୂରୀକରଣ, ସୁଲଭ ମୂଲ୍ୟର ଘର ଓ ପରିମଳ ବ୍ୟବସ୍ଥା ଏହି ତିନୋଟି ସହରାଞ୍ଚଳର ପ୍ରମୁଖ ସମସ୍ୟା ଭାବେ ଚିହ୍ନଟ ହୋଇ ତା’ର ସମାଧାନ ପାଇଁ ବାଟ ବାହାର କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ଯୋଜନା - ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଏବଂ ସ୍ୱଚ୍ଛଭାରତ ମିଶନ (ସହରାଞ୍ଚଳ) ଏହି ତିନିଟି ଜାତୀୟ କାର୍ଯ୍ୟକ୍ରମ ଦେଶର ସବୁ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଛି।



(ଖ) ଦ୍ୱିତୀୟ ସ୍ତରରେ ଜଳଯୋଗାଣ, ନର୍ଦ୍ଦମା ଓ ନାଳର ଉନ୍ନତି ସହ ବର୍ଜ୍ୟବସ୍ତୁ ପରିଚାଳନା ତଥା ସବୁଜିମା ପାଇଁ ପାର୍କ ନିର୍ମାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଦେଶର ୫୦୦ ସହରରେ କାର୍ଯ୍ୟକାରୀ ହେଉଛି। ଏକଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶର ସବୁ ସହରାଞ୍ଚଳରେ ଅମୃତ ଯୋଜନା ମାଧ୍ୟମରେ ଏହାର ରୂପାୟଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମ ପରିସରରେ ସହରାଞ୍ଚଳର ୬୦% ଲୋକ ଆସୁଛନ୍ତି। ତୃତୀୟ ଓ ଅନ୍ତିମ ସ୍ତରରେ ସ୍ମାର୍ଟ୍ ସିଟି ମିଶନରେ ଦେଶର ୧୦୦ଟି ସହରକୁ ସ୍ମାର୍ଟ ସିଟି ରୂପେ ବିକଶିତ କରାଯାଉଛି। ଏଥିରେ ସହରଶାସନ ଓ ସୁବିଧାର ଏକ ନୂଆ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଏଥିରେ ଡିଜିଟାଲ ଟେକ୍‌ନୋଲୋଜିର ଅଧିକ ବ୍ୟବହାର କରି ସହରାଞ୍ଚଳ ଭିତ୍ତିଭୂମିର ବିକାଶ, ସେବା ଯୋଗାଣ ଓ ସମ୍ବଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି।

**ସ୍ମାର୍ଟ ସିଟିର ଅର୍ଥ କ’ଣ ?:** ସ୍ମାର୍ଟ ସିଟିର କୌଣସି ଧାର୍ଯ୍ୟ ସଂଜ୍ଞା ନାହିଁ। ଉପଯୁକ୍ତ ଟେକ୍‌ନୋଲୋଜି ବ୍ୟବହାର କରି ଯେଉଁ ସହରର ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଅଣାଯାଏ ତାହା ସାଧାରଣ ଭାଷାରେ ସ୍ମାର୍ଟ ସିଟି ଭାବେ ପରିଚିତ। ଏହି ସ୍ମାର୍ଟ ସିଟି ଅଭିଯାନ ୨୦୧୫ ଜୁନ୍ ୨୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଭାରତର ସ୍ମାର୍ଟ ସିଟି ପରିଚାଳନା କେତେକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ଭିତ୍ତିକ। ଏଥିରେ ନାଗରିକ ଓ ସମୁଦାୟ ପରିକଳ୍ପନାର କେନ୍ଦ୍ର ବିନ୍ଦୁ। ସେମାନଙ୍କ ବିକାଶ ଓ କଲ୍ୟାଣ ସ୍ମାର୍ଟ ସିଟିର ପ୍ରଥମ ଲକ୍ଷ୍ୟ। ଦ୍ୱିତୀୟରେ ଏହା ଅଳ୍ପରେ ଅଧିକ (ମୋର୍ ଫ୍ରମ୍ ଲେସ୍) ତତ୍ତ୍ୱକୁ ଗୁରୁତ୍ୱ ଦିଏ। ଅଳ୍ପକୁ କିପରି ସର୍ବାଧିକ ଭାବେ ବ୍ୟବହାର କରିହେବ ଏହା ହିଁ ମୂଳମନ୍ତ୍ର। ସୀମିତ ସମ୍ବଳ, ଉର୍ଜା, ଅର୍ଥ, ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମିକୁ




କିପରି ବେଶୀ ଲୋକଙ୍କ କାମରେ ଉପଯୁକ୍ତ ଭାବେ ନିୟୋଜିତ କରିହେବ ତା'ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ତୃତୀୟତଃ ଏହା ସହଯୋଗ ଓ ପ୍ରତିଯୋଗିତାମୂଳକ ସଂଘୀୟ ନୀତି ଉପରେ ଆଧାରିତ। ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ସ୍ମାର୍ଟସିଟି ବାଛିବାରେ ପ୍ରତିଯୋଗିତାମୂଳକ ନୀତି ଅବଲମ୍ବନ କରାଯାଇଛି। ଚତୁର୍ଥରେ ଏଥିରେ ସମନ୍ୱୟ ବା ଇଣ୍ଟିଗ୍ରେସନ, ଅଭିନବତା ବା ଇନୋଭେସନ, ପୋଷଣୀୟତା ବା ସସ୍‌ଟେନେବିଲିଟିକୁ ଗୁରୁତ୍ୱ ଦିଆଯାଇଛି। ଏଥିରେ କେବଳ ଟେକ୍‌ନୋଲୋଜିର ବ୍ୟବହାର କଥା ନାହିଁ, ସମନ୍ୱିତ ଭିତ୍ତିଭୂମି ଓ ସେବା ସୃଷ୍ଟିକୁ ଅଗ୍ରାଧିକାର ମିଳିଛି। ପଞ୍ଚମରେ ଟେକ୍‌ନୋଲୋଜିକୁ ମାଧ୍ୟମ କରାଯାଇଛି ଓ ଏହା ଲକ୍ଷ୍ୟ ଭାବେ ସ୍ଥିରୀକୃତ ହୋଇନାହିଁ। ଏଥିରେ ଟେକ୍‌ନୋଲୋଜି ବାଛିବାରେ ବେଶ୍ ସତର୍କତା ଅବଲମ୍ବନ କରାଯାଉଛି। ଯେଉଁ ସହର ପାଇଁ ଯେଉଳି ଟେକ୍‌ନୋଲୋଜିର ଆବଶ୍ୟକତା ରହିଛି ତାହାକୁ ବାଛି ବ୍ୟବହାରରେ ଲଗାଯାଉଛି। ଷଷ୍ଠ ଏବଂ ଅନ୍ତିମ କଥାଟି ହେଲା ସ୍ମାର୍ଟ ସିଟି କ୍ଷେତ୍ରରେ ସମାବେଶୀ ପ୍ରକ୍ରିୟାକୁ ସବୁଠୁ ଅଧିକ ଗୁରୁତ୍ୱ ମିଳିଛି। ଏଥିରେ ସମସ୍ତଙ୍କର ସମ୍ପୃକ୍ତି ଓ ସମସ୍ତଙ୍କର କଲ୍ୟାଣ ନିର୍ଣ୍ଣାୟକ ଦର୍ଶନର ମର୍ଯ୍ୟାଦା ପାଇଛି।

**Four rounds of competition**

| | Round 1 | Round 2 | Round 3 | Round 4 | Total |
|---|---|---|---|---|---|
| No. of Selected Cities | 20 | 40 | 30 | 10* | 100 |
| Period of selection | Jan 2016 | May to Sep 2016 | Jun 2017 | Jan 2018 | |
| Total no. of Projects | 829 | 1,959 | 1,891 | 472 | 5,151 |
| Investment (in ₹ Crores) | 48,064 | 83,698 | 57,393 | 15,863 | 2,05,018 |
| Avg. SCP Size (in ₹ Crores) | 2,403 | 2,092 | 1,913 | 1,586 | 2,050 |

*Shillong selected as 100th Smart City in June 2018

ସମସ୍ତଙ୍କୁ ନେଇ ବା ସମାବେଶୀ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସହର ଲୋକଙ୍କର; ଅତଏବ ସହରର ବିକାଶ ପ୍ରକ୍ରିୟାରେ କେହି ଯେପରି ବାଦ୍ ନ'ପଡ଼ନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରହିଛି। ତେଣୁ ସ୍ମାର୍ଟସିଟି ବାସୋପଯୋଗିତା, ଆର୍ଥିକ ଦକ୍ଷତା ଓ ପୋଷଣୀୟତା ଉପରେ ଅଗ୍ରାଧିକାର ଦେଉଛି।

ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ସିଟି ଯୋଜନା ପ୍ରସ୍ତୁତିରେ ନାଗରିକମାନଙ୍କୁ ସମ୍ପୃକ୍ତ କରି ଏକ ପୂର୍ଣ୍ଣାଙ୍ଗ ଖସଡ଼ା ପ୍ରସ୍ତୁତ ହୋଇଛି। ଏଥିରେ ବିଭିନ୍ନ ପ୍ରମୁଖ ସମସ୍ୟା ଯଥା ସହରାଞ୍ଚଳରେ ଗମନାଗମନ ପରିବହନ, ସୁଲଭ ମୂଲ୍ୟର ଘର, ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ପରିଚ୍ଛନ୍ନତା ରକ୍ଷା, ସୁରକ୍ଷା ଓ ନିରାପତ୍ତା, ସ୍ୱାସ୍ଥ୍ୟ ଓ ଶିକ୍ଷା, ଉର୍ଜା ନିରାପତ୍ତା ବ୍ୟବସ୍ଥା ଅଗ୍ରାଧିକାର ପାଇଛି। ଏସବୁ ବିଷୟ ନାଗରିକର ଜୀବନ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏଥିରେ ଉନ୍ନତି ଆସିଲେ ସହରାବାସୀଙ୍କ ଜୀବନଧାରଣର ମାନରେ ପ୍ରଗତି ଘଟିବ। ଆର୍ଥିକ ଅଭିବୃଦ୍ଧିକୁ ସହର ବାଟକଢ଼େଇ ନେଇଥାଏ। ଏକଥା ବିଭିନ୍ନ ଗବେଷଣା ଦ୍ୱାରା ପ୍ରମାଣିତ ଓ ଗୃହୀତ। ଉତ୍ତମ ପୁଞ୍ଜି ନିବେଶ ବାତାବରଣ ସୃଷ୍ଟି କରିବା, ଉପଲବ୍ଧ ହେଉଥିବା ପ୍ରତିଭାଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଅଧିକରୁ ଅଧିକ ପ୍ରତିଭା ଓ ପୁଞ୍ଜି ଆକର୍ଷଣ, ଅଭିନବତା ବା ଇନୋଭେସନ ଉପରେ ଗୁରୁତ୍ୱ ଓ ବେକାରୀ ସ୍ତର ହ୍ରାସ ଆଦି ସ୍ମାର୍ଟ ସିଟିର କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଏକ ଶକ୍ତିଶାଳୀ ଅର୍ଥନୀତି ଗଠନ ଓ ନଗରବାସୀଙ୍କୁ ଉତ୍ତମ ଜୀବନ ଧାରଣର ସୁବିଧାସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ସହର ପକ୍ଷରୁ ଯେତେବେଳେ ଭିତ୍ତିଭୂମି, ଉତ୍ପାଦ ଓ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରାଯାଏ ସେତେବେଳେ ଏହାର ପୋଷଣୀୟତା ଓ ନିରନ୍ତରତା ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏହି ପ୍ରୟାସ ଯେପରି ସ୍ୱଳ୍ପାୟୁ ନ ହୋଇ ନିରନ୍ତର ଚାଲେ ସେଥିପ୍ରତି ଧ୍ୟାନ ଦେବାକୁ





ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଅଭିଳାଷିତ ସ୍ମାର୍ଟସିଟି

ହେବ । ଏଥିରେ ବର୍ତ୍ତମାନର ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତର ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ଏକ ଭାରସାମ୍ୟ ନୀତି ଗ୍ରହଣୀୟ । ତେଣୁ ନିରନ୍ତର ବିକାଶ ଉପରେ ସ୍ମାର୍ଟ ସିଟି ଗୁରୁତ୍ୱ ଦେଉଛି ।

**ସ୍ମାର୍ଟ ସିଟି ମିଶନ ଷ୍ଟ୍ରାଟେଜୀ:** ସ୍ମାର୍ଟ ସିଟି ମିଶନର ଷ୍ଟ୍ରାଟେଜୀ ବା ରଣକୌଶଳ ମୁଖ୍ୟତଃ ଦ୍ୱିମୁଖୀ । ପ୍ରଥମଟି ଅଞ୍ଚଳ ଭିତ୍ତିକ ବିକାଶ ଓ ଅନ୍ୟଟି ପ୍ୟାନ୍‌ସିଟି ବିକାଶ । ଅଞ୍ଚଳଭିତ୍ତିକ ବିକାଶ ଷ୍ଟ୍ରାଟେଜିରେ ସହର ଭିତରେ ବିଶ୍ୱସ୍ତରୀୟ ଇଲାକା ନିର୍ମାଣର ଲକ୍ଷ୍ୟ ରହିଛି, ଯେଉଁ ତାଙ୍କୁ ଅନ୍ୟତ୍ର ମଧ୍ୟ ଅନୁକରଣ କରାଯାଇପାରିବ । ଏହି କାର୍ଯ୍ୟକ୍ରମରେ ଭିତ୍ତିଭୂମି ବିକାଶ ଓ ସବୁଜିମା ସୃଷ୍ଟି ଅନ୍ତର୍ଭୁକ୍ତ । ପ୍ୟାନ୍‌ସିଟି ବିକାଶ କାର୍ଯ୍ୟକ୍ରମରେ ସହରର କିଛି ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିକାଶ କାର୍ଯ୍ୟ ହାତକୁ ନେବାକୁ ପଡ଼େ ଯେଉଁଥିରେ ଡିଜିଟାଲ ଟେକ୍‌ନୋଲୋଜି ବ୍ୟବହାର କରାଯାଏ । ଲୋକଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଣ ପାଇଁ ଡିଜିଟାଲ ଟେକ୍‌ନୋଲୋଜି ସାହାଯ୍ୟରେ ଏହି ନୂଆ ଭିତ୍ତିଭୂମି ନିର୍ମାଣ ହୁଏ । ତଳେ ପ୍ରଦତ୍ତ ଡାଏଗ୍ରାମରୁ ଏହା ସହଜରେ ବୁଝି ହେବ ।


**ସ୍ମାର୍ଟ ସିଟି ମିଶନର ଉଦ୍ଭବ:** ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନଗର / ସହରଗୁଡ଼ିକ ମଧ୍ୟରୁ ୧୦୦ଟିକୁ ବଛାଯାଇ ସ୍ମାର୍ଟ ସିଟି କରିବାକୁ ନିଷ୍ପତ୍ତି ନିଆଯାଇଛି । ଚାରିପର୍ଯ୍ୟାୟରେ ବିଭିନ୍ନ ମାନକକୁ ବିଚାରକୁ ନେଇ ଏହି ସହରଗୁଡ଼ିକୁ ବଛାଯାଇଛି । ତାହାର ରୂପରେଖ ନିମ୍ନମତେ ଦର୍ଶାଯାଇଛି ।

ଏହି ସବୁ ସ୍ମାର୍ଟ ସିଟିରେ ୫୧୫୧ଟି ପ୍ରକଳ୍ପ ପାଞ୍ଚବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ମୋଟ୍ ୨୦୫,୦୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପ୍ରତ୍ୟେକ ସ୍ମାର୍ଟ ସିଟିରେ ପ୍ରକଳ୍ପ କାର୍ଯ୍ୟ ମାନ୍ୟତା ପାଇବା ତାରିଖରୁ ପାଞ୍ଚବର୍ଷ ମଧ୍ୟରେ ଶେଷ ହେବ । ପୁଞ୍ଜିନିବେଶ ଯୋଜନା ଅନୁସାରେ ସମ୍ପୃକ୍ତ ପ୍ରକଳ୍ପରେ ଅର୍ଥ ବ୍ୟୟ ହେବାର ବ୍ୟବସ୍ଥା ରହିଛି । ପ୍ରକଳ୍ପ ପାଇଁ ପାଣ୍ଠିଯୋଗ୍ୟତା ବ୍ୟବସ୍ଥା ବିଭିନ୍ନ ସୂତ୍ରରୁ କରାଯାଇଛି ।



**ଡାଏଗ୍ରାମ ୫ :**

| | |
|---|---|
| ପ୍ଲେସ୍ ମେକିଙ୍ଗ ପ୍ରୋଜେକ୍ଟ | ଉପେକ୍ଷିତ ସହରାଞ୍ଚଳକୁ ପୁଣେ କର୍ତ୍ତୃପକ୍ଷ ସୋସିଆଲ୍ ହବ୍‌ରେ ପରିଣତ କରି ଏକ ସକ୍ରିୟ ପ୍ରତିବେଶ ସୃଷ୍ଟି କରିଛନ୍ତି। |
| ପବ୍ଲିକ୍ ବାଇକ୍ ସେୟାରିଂ ପ୍ରୋଜେକ୍ଟ | କୋଏମ୍ବାଟୁର, ଭୋପାଳ, ପୁଣେ ଆଦି ନଗରୀ ନିରନ୍ତର, ପରିବେଶ ଅନୁକୂଳ, ସବୁଜ ଓ ସୁସ୍ଥ ନଗର ବାତାବରଣ ସୃଷ୍ଟି ପାଇଁ ଏହି ବ୍ୟବସ୍ଥା ଆପଣାଇଛନ୍ତି। |
| ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ | ଅହମଦାବାଦରେ ପାଣି ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ତଥା ଦୁର୍ଲଭ ସମ୍ପଦର ବିନିଯୋଗ କ୍ଷେତ୍ରରେ ଏସ୍‌ସିଏଡିଏ ବ୍ୟବସ୍ଥା ଲାଗୁ ହୋଇଛି। ଫଳରେ ପାଣିର ଅପଚୟ ରୋକାଯାଇ ଏହାର ସଂରକ୍ଷଣ କରାଯାଉଛି ଓ ଟିକସଦାତାଙ୍କ ଅର୍ଥ ସୁରକ୍ଷିତ ହେଉଛି। |
| ଲାଇଟ୍ ହାଉସ୍ ପ୍ରକଳ୍ପ | ପୁଣେରେ ସହରାଞ୍ଚଳ ଗରିବଙ୍କ ପାଇଁ ଦକ୍ଷତା / କୌଶଳ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ଫଳରେ ସେମାନେ ଜୀବିକାର୍ଜନର ସୁବିଧା ପାଉଛନ୍ତି। |
| ସ୍ମାର୍ଟ କ୍ଲାସରୁମ୍ ପ୍ରୋଜେକ୍ଟ | ନୂଆଦିଲ୍ଲୀ, କାକିନାଡ଼ା ଓ ଜବଲପୁରରେ ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରାଯାଉଛି ଶିକ୍ଷକଙ୍କୁ ମଧ୍ୟ ନିୟମିତ ତାଲିମ ଦେବାର ବ୍ୟବସ୍ଥା ହୋଇଛି। |
| ସ୍ମାର୍ଟ କ୍ୟାମ୍ପସ୍ ପ୍ରୋଜେକ୍ଟ | ଏହା ବିଶାଖାପାଟଣାରେ ଚାଲିଛି। ଏହାଦ୍ୱାରା ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା ବଦଳରେ କାଗଜ ବିହୀନ ଶ୍ରେଣୀ ଗୃହ ସୃଷ୍ଟି କରାଯାଇଛି। ଏହାଦ୍ୱାରା ଛାତ୍ର-ଶିକ୍ଷକ ସମ୍ପର୍କ ଅଧିକ ନିକଟତର ହେଉଛି। |
| ବର୍ଜ୍ୟରୁ ଉର୍ଜା ପ୍ରକଳ୍ପ | ଏହା ଜବଲପୁରରେ ପ୍ରଥମ କରି ଆରମ୍ଭ ହୋଇଛି। ସହରାଞ୍ଚଳ ଅଳିଆ ଆବର୍ଜନାରୁ ବିଜୁଳି ଉତ୍ପାଦିତ ହୋଇ ହଜାର ହଜାର ଘରକୁ ଯୋଗାଇ ଦିଆଯାଉଛି। |
| ବି ନେଷ୍ଟ ଇନ୍‌କ୍ୟୁବେସନ ପ୍ରକଳ୍ପ | ଏହା ଉଦ୍ୟମିତା ଓ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ। ଭୋପାଳରେ ଏହା ପ୍ରଥମ କରି ଆରମ୍ଭ ହୋଇଛି |
| ପାରମ୍ପରିକ କଳାର ସଂରକ୍ଷଣ | ରାଜସ୍ଥାନୀ ଶିଳ୍ପ ଓ ବାସ୍ତୁ କଳାର ସଂରକ୍ଷଣ ପାଇଁ ଜୟପୁରରେ ଏହି ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ଐତିହ୍ୟ ଭବନଗୁଡ଼ିକର ସଂରକ୍ଷଣ କରାଯାଇଛି। |
| ଐତିହ୍ୟ ସଂରକ୍ଷଣ ପ୍ରକଳ୍ପ | ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହା ଭୁବନେଶ୍ୱର, ସୁରତ ଓ ଇନ୍ଦୋରରେ ଆରମ୍ଭ ହୋଇଛି। |



**ପୁଣେସ୍ଥିତ ଏକ ସ୍କୁଲ୍**

ରାଜ୍ୟ ଓ କେନ୍ଦ୍ର ସରକାର ଏବାବଦରେ ମୋଟ ୪୫% ବା ୯୩,୫୫୩ କୋଟି ଟଙ୍କା ଯୋଗାଇ ଦେବେ। ଅନ୍ୟାନ୍ୟ ସୂତ୍ର ଯଥା କେନ୍ଦ୍ର / ରାଜ୍ୟ ସରକାର, ପୌରସଂସ୍ଥା / ନିଗମ କନ୍‌ଭରଜେନ୍ସ ଫଣ୍ଡିଙ୍ଗ ବ୍ୟବସ୍ଥାରେ ୨୧ଶତାଂଶ ବା ୪୨,୦୮୮ କୋଟି ଟଙ୍କା, ପିପିପି ମୋଡ଼ରେ ୨୧% ବା ୪୧,୦୨୨ କୋଟି ଟଙ୍କା, ଋଣ ଆକାରରେ ୪% ବା ୯୮୪୩ କୋଟି ଟଙ୍କା, ନିଜସ୍ୱ ଉତ୍ସରୁ ଏକ ଶତାଂଶ ବା ୨୬୪୪ କୋଟି ଟଙ୍କା ଏବଂ ଅବଶିଷ୍ଟ ୮% ଅର୍ଥ ବା ୧୫,୯୩୦ କୋଟି ଅନ୍ୟାନ୍ୟ ସୂତ୍ରରୁ ସ୍ମାର୍ଟ ସିଟି ପ୍ରକଳ୍ପକୁ ଯୋଗାଇ ଦିଆଯିବ। କେଉଁ କେଉଁ କ୍ଷେତ୍ରରେ କେତେ ଅର୍ଥ ଖର୍ଚ୍ଚ କରାଯିବ ତାହାର ଡାଏଗ୍ରାମ ତଳେ ପ୍ରଦାନ କରାଯାଇଛି।


**ଟେକ୍‌ନୋଲୋଜି ଏକ ମାଧ୍ୟମ- ଏହା ଲକ୍ଷ୍ୟ ନୁହେଁ:** ଆଗରୁ  କୁହାଯାଇଛି ଯେ ସ୍ମାର୍ଟ ସିଟି ନିର୍ମାଣରେ ଟେକ୍‌ନୋଲୋଜି ଅନ୍ତିମ ଲକ୍ଷ୍ୟ ନୁହେଁ।

ଏହା କେବଳ ପରିବର୍ତ୍ତନର ଏକ ମାଧ୍ୟମ ହେବ। ପ୍ରତ୍ୟେକ ସ୍ମାର୍ଟ ସିଟିର ପରିଚାଳନା ପାଇଁ ଏକ ସମନ୍ୱିତ ପରିଚାଳନା ବ୍ୟବସ୍ଥା ରହିବ ଯାହା ଇଣ୍ଟିଗ୍ରେଟେଡ୍ କମାଣ୍ଡ ଓ କଂଟ୍ରୋଲ ଭାବେ କାର୍ଯ୍ୟକରିବ। ସେହି କମାଣ୍ଡକୁ କାର୍ଯ୍ୟକାରୀ କରିବ ସ୍ମାର୍ଟ ସିଟି ସେଣ୍ଟର। ଅନ୍ୟ ଅର୍ଥରେ ସ୍ମାର୍ଟ ସିଟି ସେଣ୍ଟର ସଂପୃକ୍ତ ସିଟିର ମସ୍ତିଷ୍କ ଓ ସ୍ନାୟୁତନ୍ତ୍ର ଭାବେ କାର୍ଯ୍ୟ କରିବ। କେନ୍ଦ୍ରୀକୃତ ବ୍ୟବସ୍ଥାରେ ସହରର ପରିଚାଳନା ବିଭିନ୍ନ କାର୍ଯ୍ୟର ତଦାରଖ ଓ ଭୌତିକ, ପରିବେଶଗତ ଓ ସାମାଜିକ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ତଥା ନିଷ୍ପତ୍ତି ଗ୍ରହଣ ଏହି ସେଣ୍ଟର ଡିଜିଟାଲ ଟେକ୍‌ନୋଲୋଜି ମାଧ୍ୟମରେ ନିୟନ୍ତ୍ରିତ କରିବାର ବ୍ୟବସ୍ଥା ହୋଇଛି। ଯେଉଁଠି ଏସବୁ କାର୍ଯ୍ୟ ଆରମ୍ଭ ହୋଇଗଲାଣି ସେଠାରେ ଖୁବ୍ କମ୍ ସମୟରେ ଏହାର ସୁଫଳ ମିଳିଲାଣି। ରାଜକୋଟରେ ଇତିମଧ୍ୟରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ଅନ୍‌ଲାଇନ୍‌ରେ ପ୍ରଦାନ କରାଗଲାଣି। ଡିଜିଟାଲ ତଦାରଖ ବ୍ୟବସ୍ଥା ଦ୍ୱାରା ଅପରାଧ ହାରରେ ହ୍ରାସ ଘଟିଲାଣି। ଅହମଦାବାଦରେ ଟ୍ରାଫିକ ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆସିଛି। ପୁଣେରେ ବନ୍ୟାପ୍ରବଣ ଅଞ୍ଚଳରେ ଫ୍ଲଡ୍ ସେନ୍‌ସର ଲଗାଯାଇ ଆଗୁଆ ବନ୍ୟା ଓ ପ୍ଳାବନ ସତର୍କତା ଜାରି କରାଯାଉଛି। ବିଶାଖାପାଟଣାରେ ସିସିଟିଭି ଓ ଜିପିଏସ୍ ନିୟନ୍ତ୍ରିତ ବସ୍ ସେବା ଆରମ୍ଭ ହୋଇଛି ଓ ଗାଡ଼ିର ସ୍ଥିତି ଓ ଚଳାଚଳକୁ ଠାବ କରାଯାଇ ପାରୁଛି। ଭୋପାଳରେ ସମ୍ପତ୍ତି ଟିକସ ଆଦାୟ ପରିମାଣ ବଢ଼ିଛି ଓ ନଗରୀର ପରିବହନ ବ୍ୟବସ୍ଥାରେ ଉନ୍ନତି ଘଟିଛି।

**ଜୀବନର ମାନ ଓ ଅର୍ଥନୀତି ଉପରେ ପ୍ରଭାବ:** ସ୍ମାର୍ଟ ସିଟି ପ୍ରକଳ୍ପ କେବଳ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରୁନାହିଁ; ଏହା ସହରକୁ ସୁସ୍ଥ, ପରିଚ୍ଛନ୍ନ, ଜୀବନ୍ତ, ନିରାପଦ ଓ ସମାବେଶୀ କରି ମଣିଷର ଜୀବନଧାରଣ ମାନକୁ ବଢ଼ାଇବାରେ ସଫଳ ହେଉଛି। ଏ କ୍ଷେତ୍ରରେ ଯେଉଁସବୁ ପ୍ରକଳ୍ପ ସଫଳ ହୋଇଛି ତାହାର ଏକ ଡାଏଗ୍ରାମ ତଳେ ଦିଆଗଲା।





ପୁଣେର ସ୍ମାର୍ଟ ସଡ଼କ






ଭଦୋଦରାସ୍ଥିତ ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଏବଂ ନିୟନ୍ତ୍ରଣ କକ୍ଷ






**ବିଶାଖାପାଟଣା ସ୍ମାର୍ଟସିଟିର ନଗର ପରିଚାଳନା କେନ୍ଦ୍ର**

ସ୍ମାର୍ଟ ସିଟି ପ୍ରକଳ୍ପରେ ଅଞ୍ଚଳଭିତ୍ତିକ ବିକାଶରେ ମିଳିତ ଭୂମି ଉପଯୋଗରୁ ପ୍ରୋତ୍ସାହିତ କରାଯାଉଛି। ଏହା ଫଳରେ ସହରର ଗୋଟିଏ ଅଞ୍ଚଳରେ ଜମାଟବାନ୍ଧୁଥିବା ଲୋକସଂଖ୍ୟା ହ୍ରାସ ପାଉଛି ଏବଂ ସହରକୁ ଲାଗି ନୂଆ ଉନ୍ନତ ସହରାଞ୍ଚଳ ଗଢ଼ିଉଠୁଛି। ଏଥିରେ ମୁଣ୍ଡପିଛା ଭିତ୍ତିଭୂମି ଓ ସେବା ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି। ସ୍ମାର୍ଟ ସିଟିକୁ ଆର୍ଥିକ ଉତ୍ପାଦନ ଓ ଜ୍ଞାନ କେନ୍ଦ୍ରରେ ପରିଣତ କରିବାର ପ୍ରୟାସ ମଧ୍ୟ ଜାରି ରହିଛି। ପ୍ରକଳ୍ପରେ ବିନିଯୋଗ ହେଉଥିବା ପୁଞ୍ଜି ଯେପରି ଫଳପ୍ରଦ ହେବ ଓ ଏହାର ଲାଭ ଲୋକେ ପାଇବେ ସେ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ସ୍ମାର୍ଟ ସିଟିରେ ବ୍ୟାବସାୟିକ ଓ ଖୁଚୁରା ବଣିଜ ବେପାରର ସୁଯୋଗ ସୃଷ୍ଟି କରାଯାଉଛି ଓ ତାହାକୁ ନଜରରେ ରଖି ମାର୍କେଟ ପୁନର୍ଗଠନ ବ୍ୟବସ୍ଥା ଚାଲିଛି। କନ୍‌ଭେନ୍‌ସନ୍ ସେଣ୍ଟର ସହିତ ନୂଆ ବାଣିଜ୍ୟିକ, ଆବାସିକ ଓ ଦାପ୍ତରିକ ଭବନମାନ ତିଆରି ହେଉଛି। ଅନେକ ଭବନକୁ ମିଳିତ ବ୍ୟବହାର ଯଥା ବ୍ୟବସାୟ ଓ ଆବାସ କିମ୍ବା ଦାପ୍ତରିକ ବ୍ୟବହାର ଉପଯୋଗୀ କରାଯାଉଛି। ଏହା ବାଦ୍ ସ୍ମାର୍ଟ ସିଟିରେ ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର, ଇନ୍‌କ୍ୟୁବେସନ ସେଣ୍ଟର ଓ ଭେଣ୍ଡିଂ ଜୋନ୍‌ମାନ ତିଆରି ହେଉଛି। ସହର ଯଦି ରୋଜଗାର ସୃଷ୍ଟି ନ' କରେ ଓ ଲୋକଙ୍କୁ ଜୀବିକା ନ'ଦିଏ ସେ ସହର ମୂଲ୍ୟହୀନ। ତେଣୁ ସ୍ମାର୍ଟ ସିଟିକୁ ରୋଜଗାର ଅଭିମୁଖୀ କରାଯାଉଛି।

**ଇନୋଭେସନ ବା ଅଭିନବତା ହିଁ ଅସଲ ଚାଳକ:** ସ୍ମାର୍ଟ ସିଟି ମିଶନ ଉପଯୁକ୍ତ ଅଂଶୀଦାର ଓ ଯୋଗସୂତ୍ର ଗଢ଼ିବାକୁ ପ୍ରୟାସୀ। ଏକ ସମର୍ଥ ପରିବେଶ ସୃଷ୍ଟି କରି ସେଥିରେ ଲୋକଙ୍କୁ ଉପକୃତ ହେବାକୁ ଧନ୍ଦା ଜୁଟାଇବା ଏବଂ ନୂଆ ନୂଆ ଉପାୟ ଓ ଅଭିନବତା ମାଧ୍ୟମରେ କିଛି ହାସଲ କରିବାକୁ ଏହା ଉଦ୍ୟମରତ। ଏଥିରେ ଲୋକଙ୍କୁ ନାନା ଷ୍ଟାର୍ଟଅପ୍ ସ୍ଥାପନ ପାଇଁ ମଧ୍ୟ ସୁଯୋଗ ଦେବାର ବ୍ୟବସ୍ଥା ହୋଇଛି। ସ୍ପିରିଟ-ସ୍ମାର୍ଟ ନାମରେ



ଭୋପାଳରେ ସମର୍ପିତ ସାଇକେଲ୍ ଟ୍ରାକ୍



ଇନ୍ଦୋରସ୍ଥିତ ରାଜୱାଡ଼ା





ଭୋପାଳରେ ସମନ୍ୱିତ କ୍ଷେତ୍ର ଆଧାରିତ ବିକାଶ ପରିଯୋଜନା

ଏଥିପାଇଁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ଇନୋଭେସନ, ଗବେଷଣା, ଇନ୍‌କ୍ୟୁବେସନ ଟେକ୍‌ନୋଲୋଜିର ବିକାଶ ଆଦି ସ୍ଥାନ ପାଇଛି। ଅଟଳ ଇନୋଭେସନ ଯୋଜନାର ସହଯୋଗରେ ଏହା କାର୍ଯ୍ୟକାରୀ ହେଉଛି। ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ମଧ୍ୟ ଏଥିପାଇଁ ସାହାଯ୍ୟ ସହଯୋଗ ଯୋଗାଉଛି।

**ପୋଷଣୀୟତା ଓ ନିରନ୍ତରତା ଉପରେ ପ୍ରଭାବ:** ସ୍ମାର୍ଟ ସିଟିର ମୋଟ୍ ବିଜୁଳି ଶକ୍ତି ଆବଶ୍ୟକତାର ଅତି କମ୍‌ରେ ୧୦ଭାଗ ସୌରଶକ୍ତିରୁ ପୂରଣ କରିବାର ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ନିବେଶ ପ୍ରସ୍ତାବ ଅନୁମୋଦିତ ହୋଇଛି। କେନ୍ଦ୍ରଶାସିତ ଅଞ୍ଚଳ ଡିଉ ଦେଶର ପ୍ରଥମ ସହର ଯେଉଁଠି ଦିନବେଳର ସମସ୍ତ ବିଜୁଳି ଆବଶ୍ୟକତା ସୌରଶକ୍ତିରୁ ପୂରଣ କରାଯାଉଛି। ଦେଶର ଅନେକ ସହରରେ ସୌର ଓ ପବନଶକ୍ତି ଉତ୍ପାଦନ ଓ ବ୍ୟବହାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଅକ୍ଷୟ ଶକ୍ତିର ଉପଯୋଗ କ୍ଷେତ୍ରରେ ଏହା ଏକ ଉତ୍ସାହଜନକ ପ୍ରୟାସ। ଶକ୍ତି ଯୋଗାଣ ଓ ବ୍ୟବହାରକୁ ସୁସଂହତ କରିବାକୁ ଉପଭୋକ୍ତାଙ୍କ ନିମନ୍ତେ ସ୍ମାର୍ଟ ମିଟର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ସେହିଭଳି କମ୍ ବିଜୁଳି ଲୋଡ଼ୁଥିବା ପରିବେଶ ଅନୁକୂଳ ନୂଆ ଧରଣର ଭବନ ନିର୍ମାଣ ଓ ପରିବେଶ ଅନୁକୂଳ ଯାନବାହନ ଚଳାଚଳକୁ ସ୍ମାର୍ଟ ସିଟି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

**ପ୍ରମୁଖ ସହାୟକ ବ୍ୟବସ୍ଥା:** ସ୍ମାର୍ଟ ପ୍ରଶାସନ, ଉନ୍ନତ ସହରାଞ୍ଚଳ ବିତ୍ତ ବ୍ୟବସ୍ଥା, ଦକ୍ଷତା ନିର୍ମାଣ ଓ ଟେକ୍‌ନୋଲୋଜି ପରିଚାଳିତ ଉପାୟ ଅବଲମ୍ବନ ସ୍ମାର୍ଟ ସିଟିର ଅନ୍ୟ କେତେକ ବିଶେଷତ୍ୱ। ଏହାଦ୍ୱାରା ସ୍ମାର୍ଟ ସିଟିର ପରିଚାଳନା ଓ ବିକାଶ ସହଜ ହୋଇପାରିବ। ସେ ବିଷୟରେ ଆସନ୍ତୁ ନିମ୍ନମତେ ଆଲୋଚନା କରିବା।

**ସ୍ମାର୍ଟ ଗଭର୍ଣ୍ଣାନ୍ସ:** ସ୍ମାର୍ଟ ସିଟି ପରିଚାଳନାରେ ଆଇସିଟି ଭିତ୍ତିକ ଟେକ୍‌ନୋଲୋଜି ଓ



ସହରୀ ୱାର୍ଟର ଫ୍ରଣ୍ଟ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ ସହ ସାମାଜିକ ସମ୍ପର୍କର ବୃଦ୍ଧି



ବିଶାଖପାଟଣମ୍‌ରେ ନଗର ନିଗମର ପାର୍କିଂ ସ୍ଥଳର ଛାତ ଉପରେ ସୌର ଉର୍ଜା ପ୍ୟାନେଲ୍



ସ୍ମାର୍ଟସିଟିରେ ସୌର ଉର୍ଜା ପ୍ୟାନେଲ୍

ଡିଜିଟାଇଜେସନକୁ ଗୁରୁତ୍ୱ ଦିଆଯାଇଛି । ଏହାର ପ୍ରମୁଖ ଉଦ୍ଦେଶ୍ୟ ହେଲା ନାଗରିକଙ୍କୁ ଶସ୍ତା ଓ ସୁବିଧାରେ ସେବା ଯୋଗାଇଦେବା । ଏହା ମଧ୍ୟ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନିର୍ବାହରେ ସହାୟକ । କୌଣସି କାମ ପାଇଁ ଜଣେ ନାଗରିକକୁ ଆଉ ପୌରପାଳିକା କିମ୍ବା ନଗରନିଗମ ଦପ୍ତରକୁ ଦୌଡ଼ିବାକୁ ପଡ଼ିବ ନାହିଁ । ସବୁ କାମ ସୁବିଧାରେ ଅନ୍‌ଲାଇନ୍‌ରେ ହୋଇଯିବ । ଇ-ଗ୍ରୁପ୍ ଗଠନପୂର୍ବକ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ସେବା ପ୍ରଦାନ ବା ପ୍ରତିକାର ବ୍ୟବସ୍ଥା ଜଣାଇଦିଆଯିବ । ଏବେ ସୁଦ୍ଧା ଦେଶର ୧୩ଟି ସ୍ମାର୍ଟ ସିଟିରେ ଆଇସିସିସି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି ଓ ଆଉ ୪୯ଟିରେ ଏହା ଚାଲିଛି ।

ଡାଟା ପରିଚାଳିତ ଶାସନ (ଗଭର୍ଣ୍ଣାନ୍ସ) ମାଧ୍ୟମରେ ସମସ୍ୟାବଳୀର ସମାଧାନ କରିବାକୁ ସ୍ମାର୍ଟ ସିଟି ମିଶନ ଲକ୍ଷ୍ୟ ରଖିଛି । ସେଥିପାଇଁ ଡାଟା ସ୍ମାର୍ଟ ସିଟିର ପରିକଳ୍ପନା କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଉଛି । ଏଥିରେ ଜନସାଧାରଣ, ପ୍ରକ୍ରିୟା ଓ ଟେକ୍‌ନୋଲୋଜିର ସମିଶ୍ରଣ କରାଯାଇଛି । ପୁଣେ, ସୁରତ ଭଳି କେତେକ ସ୍ମାର୍ଟ ସିଟିରେ ସିଟି ଡାଟା ପୋର୍ଟାଲ ମାଧ୍ୟମରେ ଡାଟା ସେଟ୍ ପ୍ରକାଶ କରିବା କାମ ଆରମ୍ଭ ହେଲାଣି । ସ୍ମାର୍ଟ ସିଟି ମିଶନ ସବୁ ୧୦୦ ସ୍ମାର୍ଟ ସିଟି ପାଇଁ ସିଭିକ ଡାଟା ପ୍ରକାଶ କରିବାର ଲକ୍ଷ୍ୟ ରଖିଛି ।

ପୌରନିଗମ ଓ ପୌରସଂସ୍ଥା ଭଳି ସହରାଞ୍ଚଳ ପ୍ରଶାସନିକ ବ୍ୟବସ୍ଥାକୁ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ନିରନ୍ତର ବିକାଶ ପ୍ରକ୍ରିୟା ସମ୍ଭବ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦେଶର ସହରଗୁଡ଼ିକର କ୍ରେଡିଟ ରେଟିଂ ବା ଆର୍ଥିକ ସ୍ଥିତିର ମୂଲ୍ୟାୟନ ଆରମ୍ଭ କରିଛି । ଏ ପର୍ଯ୍ୟନ୍ତ ୪୬୫ ସହରର କ୍ରେଡିଟ୍ ରେଟିଂ ଶେଷ ହୋଇଛି । ଦେଶର ନଗର ପ୍ରଶାସନଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ୧୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ



ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଏବଂ କଣ୍ଟ୍ରୋଲ୍ କେନ୍ଦ୍ରରେ ସହର ନିରୀକ୍ଷଣ ବ୍ୟବସ୍ଥା



ଜବଲ୍ପୁରରେ ପିପିପି ମୋଡ୍‌ରେ ପରିଚାଳିତ ବର୍ଜ୍ୟବସ୍ତୁରୁ ବିଜୁଳି ଶକ୍ତି ଉତ୍ପାଦନ



ସବୁ ବୟସ୍କଙ୍କ ନିମିତ୍ତ ଉଦ୍ଦିଷ୍ଟ ସାର୍ବଜନୀନ ସ୍ଥାନରେ ଖେଳୁଥିବା ପିଲାମାନେ

ଦିଆଯାଉଛି। ଯେଉଁ ନଗର ୧୦୦କୋଟି ଟଙ୍କାର ମୁନିସିପାଲ ବଣ୍ଡ୍ ଜାରି କରିବ ତା' ଉପରେ ୧୩କୋଟି ଟଙ୍କା ପ୍ରୋତ୍ସାହନ ରାଶି ତାକୁ ମିଳିବ। ଏହାଛଡ଼ା ବଣ୍ଡ୍ ଋଣ ଉପରେ ଦେବାକୁ ଥିବା ସୁଧରେ ୨ଶତାଂଶ ମଧ୍ୟ ରିଆତି ଦେବାର ବ୍ୟବସ୍ଥା କରାଯାଇଛି। ଏହି ମ୍ୟୁନିସିପାଲ ବଣ୍ଡ୍ ବ୍ୟବସ୍ଥାରେ ବିଭିନ୍ନ ସ୍ମାର୍ଟ ସିଟି ନିମ୍ନଲିଖିତ ପରିମାଣର ଅର୍ଥ ସାଧାରଣରୁ ସଂଗ୍ରହ କରିଛନ୍ତି।

| **ସ୍ମାର୍ଟ ସିଟି** | | **ବଣ୍ଡ୍‌ଦ୍ୱାରା ଉଠିଥିବା ଅର୍ଥ** |
|---|---|---|
| ୧ | ପୁଣେ | ୨୦୦କୋଟି |
| ୨ | ଇନ୍ଦୋର | ୧୪୦ କୋଟି |
| ୩ | ଭୋପାଳ | ୧୭୫ କୋଟି |
| ୪ | ଅମରାବତୀ | ୨୦୦୦କୋଟି |
| ୫ | ହାଇଦରାବାଦ | ୩୯୫ କୋଟି |
| ୬ | ବିଶାଖାପାଟଣା | ୮୦କୋଟି |

ସ୍ମାର୍ଟ ସିଟିଗୁଡ଼ିକରେ ଯେଉଁ ସବୁ କାର୍ଯ୍ୟ ପିପିପି ମୋଡ଼ରେ ଚାଲିଛି ସେଥିପାଇଁ ଏହି ଅର୍ଥ ମୁଖ୍ୟତଃ ଖର୍ଚ୍ଚ କରାଯିବ। ଏହି ସବୁ ପ୍ରକଳ୍ପଗୁଡ଼ିକ ହେଲା - ଆବାସ ନିର୍ମାଣ, ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ, ଘର ଛାତରେ ସୌରଫଳକ ଲଗାଇବା ବ୍ୟବସ୍ଥା, ପବ୍ଲିକ ବାଇକ୍ ସେୟାରିଂ ବ୍ୟବସ୍ଥା, ପାର୍କିଂ ପରିଚାଳନା, ସ୍ମାର୍ଟ କାର୍ଡ ଓ ଟ୍ରାନ୍ସପୋର୍ଟ ହବ୍।

**ଦକ୍ଷତା ବିକାଶ ଓ ଜ୍ଞାନ ପରିଚାଳନା:** ମନ୍ତ୍ରଣାଳୟ ପକ୍ଷରୁ ସିଆଇଟି ଆଇଆଇଏସ୍ ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ବିସ୍ତାରିତ ପରିଚୟ ହେଲା 'ସିଟିଜ୍ ଇନ୍‌ଭେଷ୍ଟମେଣ୍ଟ ଟୁ ଇନୋଭେଟ୍, ଇଣ୍ଟିଗ୍ରେଟ୍ ଆଣ୍ଡ୍ ସସ୍‌ଟେନ୍। ଏହା ଏଏଫ୍‌ଡି (ଫରାସୀ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ) ସହାୟତାରେ ପରିଚାଳିଛି। ସ୍ମାର୍ଟ ସିଟିର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ଏଏଫ୍‌ଡି ୧୦କୋଟି ୟୁରୋ ନିବେଶ କରିବ। ଦେଶର କେତେକ ବଛାବଛା ସ୍ମାର୍ଟ ସିଟିରେ ଗମନାଗମନ ବ୍ୟବସ୍ଥାକୁ




ସୁଗମ କରିବା, ସର୍ବସାଧାରଣ ଖୋଲା ସ୍ଥାନର ବିକାଶ, ସହରାଞ୍ଚଳ ପ୍ରଶାସନ, ଆଇସିବି ସାମାଜିକ ଓ ସାଂଗଠନିକ ବିକାଶ ଏବଂ ସ୍ୱଳ୍ପ ମୂଲ୍ୟର ଆବାସିକ ଘର ନିର୍ମାଣରେ ଅଭିନତା ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ।

**ଫେଲୋସିପ୍ ଓ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ:** ଏହି କାର୍ଯ୍ୟକ୍ରମରେ ଅତି ମେଧାବୀ ଓ ବିଚକ୍ଷଣ ପ୍ରତିଭାମାନଙ୍କୁ ସ୍ମାର୍ଟସିଟି ବିକାଶ ପ୍ରକ୍ରିୟାରେ ସାମିଲ କରିବାକୁ ଉଦ୍ୟମ କରାଯାଉଛି। ଏହା ଫଳରେ ମିଶନ ଭିତରେ ଜ୍ଞାନ ପରିଚାଳନା ପ୍ରୋତ୍ସାହିତ ହେବ ଓ ଏହି ଯୁବକମାନେ ସହରାଞ୍ଚଳ ପ୍ରଶାସନ ଓ ଯୋଜନା ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବେ। ସେମାନଙ୍କୁ ଏଥିପାଇଁ ଫେଲୋସିପ୍ ଓ ଇଣ୍ଟର୍ଣ୍ଣସିପ୍ ଯୋଗାଇ ଦିଆଯିବ।

**ସ୍ମାର୍ଟ ନେଟ୍:** ଏହି କାର୍ଯ୍ୟକ୍ରମଟି ସମଗ୍ର ଦେଶରେ ନଗର ଉନ୍ନୟନ ସଂକ୍ରାନ୍ତ ଜ୍ଞାନ, କୌଶଳର ଏକ ସମ୍ବଳ ଉତ୍ସ ସୃଷ୍ଟି କରି ତାହାକୁ ସବୁ ସଂପୃକ୍ତ ପକ୍ଷଙ୍କ ମଧ୍ୟରେ ଆଦାନପ୍ରଦାନର ବ୍ୟବସ୍ଥା କରିବାକୁ ଉଦ୍ଦିଷ୍ଟ।

**ଜାତୀୟ ସହରାଞ୍ଚଳ ଇନୋଭେସନ୍ ହବ୍:** ଜାତୀୟ ସ୍ତରରେ ପରିକଳ୍ପିତ ଏହି କାର୍ଯ୍ୟକ୍ରମଟି ସହରାଞ୍ଚଳରେ ଥିବା ସମ୍ବଳକୁ ଏକଜୁଟ୍ କରି ତାହାର ସୁଦୃଢ଼ୀକରଣ ଏବଂ ନଗର ବିକାଶରେ ଏହାର ଅଭିନବ ବିନିଯୋଗ ପାଇଁ ଉପାୟ ବାହାର କରିବାକୁ ଉଦ୍ଦିଷ୍ଟ। ଏଥିରେ ଦକ୍ଷତା ବିକାଶକୁ ମଧ୍ୟ ସାମିଲ କରାଯାଇଛି। ସହରାଞ୍ଚଳ ବିକାଶ ଏକ ସ୍ଥିର ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ଏ କ୍ଷେତ୍ରରେ କିପରି କାର୍ଯ୍ୟ କରାଯିବ ସେଥିପାଇଁ ଏହି ଯୋଜନା ଉଦ୍ଦିଷ୍ଟ। ଏଥିପାଇଁ ସହରାଞ୍ଚଳରେ 'ହବ୍' କେନ୍ଦ୍ରମାନ ସ୍ଥାପନ କରାଯାଇ କାମ କରାଯିବ। ଏହା ଜାତୀୟ ସ୍ମାର୍ଟ ସିଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଯୋଗାଇବ।

**ମିଶନ ଅଗ୍ରଗତିର ସ୍ଥିତି:** ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସ୍ମାର୍ଟ ସିଟି ମିଶନ ନିର୍ଦ୍ଦେଶାବଳୀ ଜାରି ହେବାର ତିନିବର୍ଷ ମଧ୍ୟରେ ୨୫ ଜୁନ୍ ୨୦୧୫ ରୁ ଏଯାଏ ଦେଶରେ ୧୦୦ସ୍ମାର୍ଟ ସିଟି ଆହ୍ୱାନମୂଳକ ପ୍ରକ୍ରିୟାରେ ମନୋନୀତ ହୋଇଛି। ଏସବୁ ସିଟି ଏଥିପାଇଁ ସ୍ୱତନ୍ତ୍ର ରୂପାୟଣ ଜନିତ କାର୍ଯ୍ୟକ୍ରମର ନକ୍ସାଙ୍କନ କରୁଛନ୍ତି। ଏଥିରେ ସ୍ମାର୍ଟ ରାସ୍ତା ନିର୍ମାଣ, ଜଳଯୋଗାଣ ବ୍ୟବସ୍ଥା, ଐତିହ୍ୟ ଓ ସ୍ୱତନ୍ତ୍ର ସ୍ଥାନର ବିକାଶ, ସ୍ମାର୍ଟ ଆଇଟି ଓ ଯୋଗାଯୋଗ, ଆପ୍ ଭିତ୍ତିକ ନାଗରିକ ସେବା ପ୍ରଦାନ ବ୍ୟବସ୍ଥା ଆଦି ସ୍ଥାନ ପାଇଛି।

୨୦୧୮ ଡିସେମ୍ବର ୩୧ସୁଦ୍ଧା ସ୍ମାର୍ଟ ସିଟିଗୁଡ଼ିକର ୧୦୨୦୨୭ କୋଟି ଟଙ୍କାର ୨୫୬୩ଟି ପ୍ରକଳ୍ପ ପାଇଁ ଟେଣ୍ଡର ଦିଆଯାଇସାରିଛି। ସେଥିମଧ୍ୟରୁ ୫୯,୩୩୬ କୋଟି ଟଙ୍କାର ୧୮୪୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ଆସନ୍ତା ୧୮ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଯାଏ ୫୮୭ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଓ ଏହାର ମୂଲ୍ୟ ୧୦୮୧୭ କୋଟି ଟଙ୍କା। ୨୦୧୭ ଅକ୍ଟୋବରରେ ୨୧,୭୬୦

କୋଟି ଟଙ୍କାର ପ୍ରକଳ୍ପ ପାଇଁ ଟେଣ୍ଡର ଦିଆଯାଇଥିଲା। ଯଥାଶୀଘ୍ର ସମ୍ଭବ ଟେଣ୍ଡର ପ୍ରକ୍ରିୟା ଶେଷ କରି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସରକାର ପ୍ରୟାସୀ। ଏହାଦ୍ୱାରା ଜନସାଧାରଣଙ୍କୁ ଯୋଜନାର ସୁଫଳ ଶୀଘ୍ର ମିଳିବ ଏବଂ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆସିବ।

**ଶେଷ କଥା:**

**ଆହ୍ୱାନ ଓ ସୁଯୋଗ:** ଏହି ଅଭିଯାନ ଆରମ୍ଭ କରିବା ସମୟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ନଗର ସ୍ତରରେ ଏକ ଆନୁଷ୍ଠାନିକ ଢାଞ୍ଚା ପ୍ରତିଷ୍ଠା କରିବା। ତେଣୁ ପ୍ରଥମ କରି ନଗର ସ୍ତରରେ ସହରାଞ୍ଚଳ ବିକାଶ ପାଇଁ ଏସ୍‌ଭିପି ଗଠନ କରାଗଲା। ଏବେ ସଂପୃକ୍ତ ନଗରଗୁଡ଼ିକୁ ନଗରସ୍ତରରେ ଅଭିନବ ଟେକ୍‌ନୋଲୋଜିର ସହାୟତା ନେଇ ସହରର ଉନ୍ନତି ନିମନ୍ତେ ଦକ୍ଷତା ବିକାଶ କରିବାକୁ ପଡ଼ିବ।

ଏ କ୍ଷେତ୍ରରେ ଦ୍ୱିତୀୟ ଆହ୍ୱାନ ହେଉଛି ସହରାଞ୍ଚଳ ପାଇଁ ଏକ ଅର୍ଥ ବ୍ୟବସ୍ଥା ତିଆରି କରିବା। ଏଥିପାଇଁ ସରକାର ଅନୁଦାନ ଆକାରରେ ପାଣ୍ଠି ଯୋଗାଇଦେଉଛନ୍ତି। ତେବେ ସ୍ମାର୍ଟ ସିଟିର ନିଜସ୍ୱ ସ୍ୱାବଲମ୍ବୀ ଆର୍ଥିକ ବ୍ୟବସ୍ଥା ନ'ହେଲେ ଏହାର ଭବିଷ୍ୟତ ଅନିଶ୍ଚିତ ହେବ। ତେଣୁ ମୁନିସିପାଲ ବଣ୍ଡ, ପିପିପି ପ୍ରକଳ୍ପ ଢାଞ୍ଚା, ଲ୍ୟାଣ୍ଡ୍ ଭ୍ୟାଲୁ କ୍ୟାପ୍‌ଚର ଫାଇନାନ୍ସ ବ୍ୟବସ୍ଥା ଭଳି ଆର୍ଥିକ ଢାଞ୍ଚା ପ୍ରସ୍ତୁତ କରାଯାଇଛି।

ସ୍ମାର୍ଟ ସିଟିର ଆଉ ଏକ ଆହ୍ୱାନ ହେଲା ମାନ ନିର୍ଦ୍ଧାରଣ ଓ ମାନରକ୍ଷା। ମାନରେ ଏପଟସେପଟ ହେଲେ ସ୍ମାର୍ଟ ସିଟି ପରିକଳ୍ପନା ବିଫଳ ହେବ ଏବଂ ଯୋଜନା ଉପଯୁକ୍ତ ଫଳ ଦେବନାହିଁ। ସହରର ବୁଲା ବିକାଳିଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକଙ୍କୁ ରୋଜଗାର ସୁଯୋଗ ଦେବାର ଆବଶ୍ୟକତା ଥିବାରୁ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଅପରିହାର୍ଯ୍ୟ। ଏହି ଯୋଜନାରେ କାମର ମାନ ଯେପରି ଠିକ୍ ରହେ ସେଥିପାଇଁ ଭାରତୀୟ ମାନକ ବ୍ୟୁରୋର ସହାୟତା ନିଆଯାଉଛି।

ସ୍ମାର୍ଟ ସିଟିଗୁଡ଼ିକ ନୂଆ ସହରାଞ୍ଚଳ ଭାରତର ଉଷ୍ମାୟନ କେନ୍ଦ୍ର ବା ଇନ୍‌କ୍ୟୁବେସନ ସେଣ୍ଟର। ସହରାଞ୍ଚଳର ସ୍ଥିତି ଓ ଭବିଷ୍ୟତ ସହିତ ଦେଶର ୧୨୫ କୋଟି ଲୋକଙ୍କର ଆଶା ଆକାଂକ୍ଷା ଜଡ଼ିତ। ତେଣୁ ସହରାଞ୍ଚଳ ନବଜାଗରଣ ପ୍ରକ୍ରିୟାଟିରେ ସାରାଦେଶର ସ୍ୱାର୍ଥ ନିହିତ। ଅତଏବ ସ୍ମାର୍ଟ ସିଟି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଦ୍ୱାରା ଆମ ସହରଗୁଡ଼ିକ କିପରି ଖୋଲାମେଲା, ସ୍ୱଚ୍ଛ, ପରିଷ୍କାର, ନିରାପଦ, ଗମନାଗମନ ଦୃଷ୍ଟିରୁ ସୁବିଧାଜନକ, ବାସଉପଯୋଗୀ, ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନ ଆଦି ଦୃଷ୍ଟିରୁ ଅଧିକ ଉପଯୋଗୀ ଓ ବାସ୍ତବବାଦୀ ହୋଇପାରିବ ତାହାକୁ ନିଶ୍ଚିତ କରିବାକୁ ପଡ଼ିବ। ନୂଆ 'ଅର୍ବାନ ଇଣ୍ଡିଆ'ରେ ସବୁ ଭାରତୀୟ ଯଥାର୍ଥ ବୃତ୍ତି, ରୋଜଗାର ଓ ଆତ୍ମସନ୍ତୋଷର ସୁଯୋଗ ପାଆନ୍ତୁ ଏହା ହିଁ ପରମ ଲକ୍ଷ୍ୟ। ତେବେ ଯାଇଁ ଆଦର୍ଶ ସହରାଞ୍ଚଳ ନିରନ୍ତର ବିକାଶର ଢାଞ୍ଚା ନିର୍ମିତ ହୋଇପାରିବ ଏବଂ ସମଗ୍ର ବିଶ୍ୱ ଏହାକୁ ଅନୁକରଣ କରିବ।

> ସ୍ମାର୍ଟ ସିଟି ପ୍ରକଳ୍ପରେ ଅଞ୍ଚଳଭିତ୍ତିକ ବିକାଶରେ ମିଳିତ ଭୂମି ଉପଯୋଗରୁ ପ୍ରୋତ୍ସାହିତ କରାଯାଉଛି। ଏହା ଫଳରେ ସହରର ଗୋଟିଏ ଅଞ୍ଚଳରେ ଜମାଟବାନ୍ଧୁଥିବା ଲୋକସଂଖ୍ୟା ହ୍ରାସ ପାଉଛି ଏବଂ ସହରକୁ ଲାଗି ନୂଆ ଉନ୍ନତ ସହରାଞ୍ଚଳ ଗଢ଼ିଉଠୁଛି। ଏଥିରେ ମୁଣ୍ଡପିଛା ଭିତ୍ତିଭୂମି ଓ ସେବା ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି। ସ୍ମାର୍ଟ ସିଟିକୁ ଆର୍ଥିକ ଉତ୍ପାଦନ ଓ ଜ୍ଞାନ କେନ୍ଦ୍ରରେ ପରିଣତ କରିବାର ପ୍ରୟାସ ମଧ୍ୟ ଜାରି ରହିଛି। ପ୍ରକଳ୍ପରେ ବିନିଯୋଗ ହେଉଥିବା ପୁଞ୍ଜି ଯେପରି ଫଳପ୍ରଦ ହେବ ଓ ଏହାର ଲାଭ ଲୋକେ ପାଇବେ ସେ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ସ୍ମାର୍ଟ ସିଟିରେ ବ୍ୟାବସାୟିକ ଓ ଖୁଚୁରା ବଣିଜ ବେପାରର ସୁଯୋଗ ସୃଷ୍ଟି କରାଯାଉଛି ଓ ତାହାକୁ ନଜରରେ ରଖି ମାର୍କେଟ ପୁନର୍ଗଠନ ବ୍ୟବସ୍ଥା ଚାଲିଛି। କନ୍‌ଭେନ୍‌ସନ୍ ସେଣ୍ଟର ସହିତ ନୂଆ ବାଣିଜ୍ୟିକ, ଆବାସିକ ଓ ଦାପ୍ତରିକ ଭବନମାନ ତିଆରି ହେଉଛି। ଅନେକ ଭବନକୁ ମିଳିତ ବ୍ୟବହାର ଯଥା ବ୍ୟବସାୟ ଓ ଆବାସ କିମ୍ବା ଦାପ୍ତରିକ ବ୍ୟବହାର ଉପଯୋଗୀ କରାଯାଉଛି। ଏହା ବାଦ୍ ସ୍ମାର୍ଟ ସିଟିରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ସେଣ୍ଟର, ଇନ୍‌କ୍ୟୁବେସନ ସେଣ୍ଟର ଓ ଭେଣ୍ଡିଂ ଜୋନ୍‌ମାନ ତିଆରି ହେଉଛି। ସହର ଯଦି ରୋଜଗାର ସୃଷ୍ଟି ନ' କରେ ଓ ଲୋକଙ୍କୁ ଜୀବିକା ନ'ଦିଏ ସେ ସହର ମୂଲ୍ୟହୀନ। ତେଣୁ ସ୍ମାର୍ଟ ସିଟିକୁ ରୋଜଗାର ଅଭିମୁଖୀ କରାଯାଉଛି।

**ଲେଖକ ହେଉଛନ୍ତି ଆବାସ ଓ ସହର ମନ୍ତ୍ରଣାଳୟର ସଚିବ।**
**Email Id: secyurban@nic.in**

# ସମସ୍ତଙ୍କ ପାଇଁ ଘର ନିମନ୍ତେ ଆବଶ୍ୟକ ଭିତ୍ତିଭୂମି

ରଂଜିତ ମେହେତା

ମୌଳିକ ସୁବିଧା ସୁଯୋଗ ବା ଭିତ୍ତିଭୂମି ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଚାଳକ। ଗୋଟିଏ ଦେଶର ଭିତ୍ତିଭୂମିର ମାନ ଉପରେ ସେ ଦେଶର ଆର୍ଥିକ ସାମର୍ଥ୍ୟ ଗଢ଼ିଉଠେ। ବିଶ୍ୱସ୍ତ ପରିବହନ ବ୍ୟବସ୍ଥା, ସ୍ୱଚ୍ଛ ପାନୀୟଜଳ ଓ ବର୍ଜ୍ୟବସ୍ତୁର ନିରାପଦ ପରିଚାଳନା ଏକ ଉତ୍ପାଦନଶୀଳ ଅର୍ଥନୀତି ଓ ସଭ୍ୟ ସମାଜର ମୌଳିକ ଉପାଦାନ। ୨୦୧୭ ପୂର୍ବରୁ ଭାରତରେ କ୍ରମାଗତ ପାଞ୍ଚବର୍ଷ ଧରି ବାର୍ଷିକ ଏକ ଟ୍ରିଲିୟନ ଡଲାରରୁ ଅଧିକ ପରିମାଣର ଅର୍ଥ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ ହୋଇଆସୁଥିଲା। ଏବେ ସରକାର ଏବାବଦ ବ୍ୟୟ ଓ ଶିଳ୍ପ ପ୍ରକଳ୍ପ ବାବଦରେ ଅଧିକ ଅର୍ଥ ବିନିଯୋଗ କରୁଛନ୍ତି। ଏକଶହ ତିରିଶ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଆବାସ ଓ ନିର୍ମାଣ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଓ ଉତ୍ସାହ ପରିଲକ୍ଷିତ ହେଉଛି। ଭିତ୍ତିଭୂମି କ୍ଷେତ୍ରରେ ୪୯ ଶତାଂଶ ଅଭିବୃଦ୍ଧି ଘଟିଥିବା ବେଳେ ଆବାସ ଓ କୋଠାବାଡ଼ି (ରିୟଲ ଇଷ୍ଟେଟ୍) କାରବାରରେ ୪୨ ଶତାଂଶ ଓ ଶିଳ୍ପ ପ୍ରକଳ୍ପରେ ୯ ଶତାଂଶ ଅଭିବୃଦ୍ଧି ଘଟିଛି। ରିୟଲ ଇଷ୍ଟେଟ ଓ ନିର୍ମାଣ ଉଦ୍ୟୋଗ ଭାରତୀୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏଥିରେ ବେଶ୍ ଭଲ ପରିମାଣର ପୁଞ୍ଜିନିବେଶ ହୋଇଥାଏ ଯାହା ଅର୍ଥନୀତିକୁ ମଜବୁତ୍ କରେ। ଏହି କ୍ଷେତ୍ରରେ ବିପୁଳ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଥାଏ ଯାହା ଅର୍ଥନୀତିକୁ ଗତିଶୀଳ କରାଏ। ନିର୍ମାଣ ଉଦ୍ୟୋଗର ପ୍ରତ୍ୟକ୍ଷ ସମ୍ପର୍କ ସିମେଣ୍ଟ, ଇସ୍ପାତ, ରସାୟନ,ରଙ୍ଗ, ଟାଇଲ, ଫିକ୍ସଚର ଏବଂ ଫିଟିଙ୍ଗ ଉଦ୍ୟୋଗ ସହ ରହିଛି। ନିର୍ମାଣ ଉଦ୍ୟୋଗ ଅଭିବୃଦ୍ଧି ଯୋଗୁଁ ଏହି ସବୁ ସଂଲଗ୍ନିତ ଉଦ୍ୟୋଗର ମଧ୍ୟ ଅଭିବୃଦ୍ଧି ଘଟୁଛି।

ବୃହତ୍ ଭାରତୀୟ ଅର୍ଥନୀତି କ୍ରମଶଃ ବୃହତ୍ତର ହେଉଛି। ଆକଳନ ଅନୁସାରେ ୨୦୫୦ସୁଦ୍ଧା ଭାରତର ଅର୍ଥନୀତି ବିଶ୍ୱର ସର୍ବବୃହତ୍ ଅର୍ଥନୀତିରେ ପରିଣତ ହେବ। ଅତଏବ ନିରନ୍ତର ଅର୍ଥନୈତିକ ବିକାଶ ପାଇଁ ଭିତ୍ତିଭୂମି କ୍ଷେତ୍ରର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ପରିବହନ, ଶକ୍ତି, ଯୋଗାଯୋଗ ଆଦି ଭୌତିକ ଭିତ୍ତିଭୂମିର ବିକାଶ ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଏଥିସହିତ ସାମାଜିକ ବିକାଶ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ଜଳଯୋଗାଣ, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା ଭଳି ମୌଳିକ କ୍ଷେତ୍ରର ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ, କାରଣ ଜୀବନଧାରଣର ମାନ ବୃଦ୍ଧି ସହ ଏହା ସିଧାସଳଖ ସଂଯୁକ୍ତ। ଅତଏବ ଭିତ୍ତିଭୂମି କ୍ଷେତ୍ରର ବିକାଶ ଅର୍ଥନୀତିର ବିକାଶ ପାଇଁ କେତେ ଜରୁରୀ ଏଥିରୁ ତାହା ସ୍ପଷ୍ଟ ହୋଇଯାଉଛି।


ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥାର ଉଦାରୀକରଣ ଏବଂ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଉଦ୍ଦିଷ୍ଟ ସରକାରୀ ନୀତି ଓ ରଣକୌଶଳ ଯୋଗୁଁ ସମସ୍ତଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି ହୋଇଛି। ସଡ଼କ ଓ ରାଜପଥ, ବନ୍ଦର, ବିମାନବନ୍ଦର, ଆବାସ




ନିର୍ମାଣ, ଶକ୍ତିକ୍ଷେତ୍ର ଆଦିରେ ଭିତ୍ତିଭୂମି ନିର୍ମାଣର ଯେଉଁ ନୂଆ ଯୁଗ ଆରମ୍ଭ ହୋଇଛି ସେଥିରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ସମସ୍ତଙ୍କ ପାଇଁ ରୋଜଗାର ଓ ଆର୍ଥିକ ବିକାଶର ପଥ ଉନ୍ମୁକ୍ତ ହୋଇଛି । ଏହି ସବୁ କ୍ଷେତ୍ରର ବିକାଶ ଦେଶର ଆର୍ଥିକ ଓ ଭୌତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ପାଇଁ ବିପୁଳ କର୍ମ ନିଯୁକ୍ତିର ସୁବିଧା ଆଣି ଦେଇଛି । ଏହି ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସରକାର ବିପୁଳ ପୁଞ୍ଜି ନିବେଶ କରିବା ସହ ପ୍ରକଳ୍ପସମୂହର ତ୍ୱରିତ ମଞ୍ଜୁରୀ. ବିବାଦର ଆଶୁ ସମାଧାନ ଏବଂ ସହଜ ପାଣ୍ଠି ଯୋଗାଣକୁ ଗୁରୁତ୍ୱ ଦେଉଛନ୍ତି । ୨୦୧୪ରେ ଚଳିତ ସରକାର କ୍ଷମତାକୁ ଆସିବା ପରେ ଏହି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି । ସଡ଼କ କ୍ଷେତ୍ରରେ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ସରକାର ଅନୁମତି ପ୍ରଦାନ କରିଛନ୍ତି । ଅନେକ ବିଦେଶୀ କମ୍ପାନୀ ଭାରତୀୟ କମ୍ପାନୀଗୁଡ଼ିକ ସହିତ ଅଂଶୀଦାର ହୋଇ ଏହି ସୁଯୋଗର ଲାଭ ଉଠାଉଛନ୍ତି । ଆଗାମୀ ବର୍ଷଗୁଡ଼ିକରେ ଭାରତର ଭିତ୍ତିଭୂମି କ୍ଷେତ୍ରରେ ୨୮.୨ ଟ୍ରିଲିୟନ ଟଙ୍କାର ବିପୁଳ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି । ନିଜର ଖଣ୍ଡିଏ ଘର କରିବା ସମସ୍ତଙ୍କର ମୌଳିକ ତଥା ଆନ୍ତରିକ ଇଚ୍ଛା । ବ୍ୟକ୍ତିବିଶେଷ, ପରିବାର, ଗୋଷ୍ଠୀ ଓ ସରକାର ସମସ୍ତଙ୍କଠାରେ ଏହି ଇଚ୍ଛା ଅଦମନୀୟ । ସହରାଞ୍ଚଳ ସଭ୍ୟତାର ଆରମ୍ଭ କାଳରୁ ଏହି ଇଚ୍ଛା ତୀବ୍ରତର ହୋଇଛି । ଏବେ କେବଳ ଭାରତ ନୁହେଁ ସାରା ଦୁନିଆ ଦ୍ରୁତଗତିରେ ସହରମୁଖୀ ହେଉଛି ଓ ନୂଆ ନୂଆ ସହର ଗଢ଼ି ଉଠୁଛି ଏବଂ ପୁରୁଣା ସହରାଞ୍ଚଳର କାୟାବୃଦ୍ଧି ପାଉଛି । ଉତ୍‌ଥାନମୁଖୀ ଅର୍ଥନୀତିରେ ସହରାୟନ ଧାରା ତୀବ୍ରତର ହୋଇଛି ।

ଆମେ ଦେଖିଛୁ ଯେ ଗତ କେଇ ଦଶନ୍ଧି ମଧ୍ୟରେ ବ୍ୟାପକ ସହରାୟନ ଫଳରେ ଜନସଂଖ୍ୟା ସ୍ତରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ସହର ବଢ଼ିବା ସହ ଲୋକସଂଖ୍ୟା ବଢୁଛି ଓ ତା' ସହିତ ତାଳଦେଇ ପରିବହନ, ଆବାସ, ଜମି ଓ ଅନ୍ୟାନ୍ୟ ସହରୀ ସୁବିଧା ଉପରେ ଚାପ ବଢୁଛି । ଅତଏବ ଭବିଷ୍ୟତର ବର୍ଦ୍ଧିତ ଜନସଂଖ୍ୟାର ମୌଳିକ ଆବଶ୍ୟକତା ପୂରଣ ପାଇଁ ଭିତ୍ତିଭୂମି କ୍ଷେତ୍ରର ବିକାଶ ଅପରିହାର୍ଯ୍ୟ ହୋଇପଡ଼ିଛି । ଭାରତର ସାମଗ୍ରିକ ଜନସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଥିବାବେଳେ ସହରାଞ୍ଚଳ ଜନସଂଖ୍ୟା ଦ୍ରୁତ ଗତିରେ ବଢୁଛି । ଜାତୀୟ ଜନସଂଖ୍ୟା ବୃଦ୍ଧି ହାରଠାରୁ ଦୁଇଗୁଣ ହାରରେ ସହରାଞ୍ଚଳ ଲୋକସଂଖ୍ୟା ବୃଦ୍ଧି ପାଉଛି । ଏକ ହିସାବ ଅନୁସାରେ ୨୦୩୧ ବେଳକୁ ଦେଶର ସହରାଞ୍ଚଳ ଜନସଂଖ୍ୟା ୬୦ କୋଟିରେ ପହଞ୍ଚିବ । ତେଣୁ ୨୦୧୧ରେ ଦେଶରେ ମାତ୍ର ୫୦ଟି ମଧ୍ୟମ ଓ ବୃହତ୍ ନଗରୀ ଥିବାବେଳେ ସେଇ ସଂଖ୍ୟା ୨୦୩୧ ସୁଦ୍ଧା ୮୭କୁ ବଢ଼ିଛି ଅର୍ଥାତ୍ ମାତ୍ର ତିରିଶ ବର୍ଷ ମଧ୍ୟରେ ୩୭ ଅଧିକ ନଗରୀ ସୃଷ୍ଟି ହେବାକୁ ଯାଉଛି । ଏହି ସମୟ (୨୦୩୧) ମଧ୍ୟରେ ଦେଶର ସହରାଞ୍ଚଳର ମୋଟ ଆୟ ଜାତୀୟ ଆୟ ଜିଡିପିର ୭୫ ଶତାଂଶ ହେବ । ୨୦୦୯-୧୦ରେ ଏହି ହାର ୬୨-୬୩% ଥିଲା ବୋଲି ଉଚ୍ଚ କ୍ଷମତା ସମ୍ପନ୍ନ ବିଶେଷଜ୍ଞ କମିଟି ମତ ଦେଇଛି । ଫଳରେ ସହରାଞ୍ଚଳର ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ପଡ଼ିବ । ଏ କ୍ଷେତ୍ରରେ ପ୍ରଥମ ଆବଶ୍ୟକତା ହେଲା ଲୋକଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଘର ଯୋଗାଇ ଦେବା ବା ଏହାର ସୁବନ୍ଦୋବସ୍ତ କରିବା । ଏହାଦ୍ୱାରା ସହରାଞ୍ଚଳରେ ଆବାସ ଅଭାବ ଜନିତ ସମସ୍ୟା ରହିବ ନାହିଁ । ଏବେ ଆମ ଦେଶର ସହର ଗୁଡ଼ିକରେ ଆବଶ୍ୟକତା ଅନୁସାରେ ଘର ନାହିଁ । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ମୋଦୀ ସରକାରଙ୍କ ଜାତୀୟ କାର୍ଯ୍ୟସୂଚୀରେ ସୁଲଭ ମୂଲ୍ୟର ଆବାସ (ଘର) ଅଗ୍ରାଧିକାର ପାଇଛି । ସମସ୍ତ ବାସହୀନଙ୍କୁ ୨୦୨୨ସୁଦ୍ଧା ନିଜର ଘର ଯୋଗାଇ ଦେବାକୁ ସରକାର ଅଙ୍ଗୀକୃତ ହେବା ସହ ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସମସ୍ତଙ୍କ ପାଇଁ ଘର






ଯୋଜନା ୨୦୧୫ ଜୁନ୍ ୧୭ ତାରିଖରେ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମ ମାଧମରେ। ପ୍ରଥମେ ସହରାଞ୍ଚଳ ବାସହୀନମାନଙ୍କୁ ନିଜର ଘର ଯୋଗାଇ ଦେବାକୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର:**

ଏହି ଯୋଜନା ଆରମ୍ଭ ହେବା ପୂର୍ବରୁ ବାସହୀନମାନଙ୍କୁ ଘର ଯୋଗାଇ ଦେବାକୁ କେତେକ ଯୋଜନା ସରକାରୀ ଭାବେ କାର୍ଯ୍ୟକାରୀ ହୋଇଥିଲା। ହେଲେ ତାହା ଲକ୍ଷ୍ୟ ପୂରଣ କରିବାରେ ବିଫଳ ହେବାରୁ ୨୦୧୫ରେ ଏଥିପାଇଁ ସାନି ପ୍ରୟାସ ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ପୁରୁଣା ସହରାଞ୍ଚଳ ଆବାସ ଯୋଜନାର ଅନେକ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇଛି। ଏବେ ସହରାଞ୍ଚଳରେ ଯେଉଁ ୨୦ ନିୟୁତ ବାସହୀନ ଅଛନ୍ତି ସେମାନଙ୍କୁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ୨୦୨୨ ସୁଦ୍ଧା ଘର ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନର ଚାରିଟି ଦିଗ ରହିଛି। ସେଗୁଡ଼ିକ ହେଲା - (କ) ପୁରୁଣା ବସ୍ତି ଅଞ୍ଚଳର ବିକାଶ (ଖ) ଅଂଶୀଦାରୀ ଭିତ୍ତିରେ ସୁଲଭ ମୂଲ୍ୟରେ ଗୃହଯୋଗାଣ (ଗ) ଋଣ ଭିତ୍ତିକ ସବ୍‌ସିଡି ଯୋଜନା ଓ (ଘ) ହିତାଧିକାରୀଙ୍କ ନେତୃତ୍ୱରେ ଭବନ ନିର୍ମାଣ।

ବସ୍ତି ବିକାଶ କାର୍ଯ୍ୟକ୍ରମରେ ଉପଲବ୍ଧ ହେଉଥିବା ଜମିକୁ ଆବାସ ନିର୍ମାଣ ପାଇଁ ବ୍ୟବହାର କରାଯାଉଛି। ଫଳରେ ଯେଉଁଠି ପୁରୁଣା ବସ୍ତି ରହିଛି ବା ଗରିବ ଲୋକ ରହୁଛନ୍ତି ସେମାନଙ୍କ ଜାଗାରେ ଘର ତିଆରି କରାଯିବାର ବ୍ୟବସ୍ଥା ରହିଛି। ତେବେ ଏହି ବସ୍ତିବାସିନ୍ଦା ବୈଧ ହୋଇଥିବେ। ଏହାଦ୍ୱାରା ସମୁଦାୟ ବସ୍ତିର ବିକାଶ କରାଯିବ। ଏହା ଉଭୟ ସରକାରୀ / ବେସରକାରୀ ଜମି ପାଇଁ ପ୍ରଯୁଜ୍ୟ ହେବ। ଏହି ଯୋଜନାରେ ବସ୍ତିରେ ଜମି ଥିବା ଲୋକଙ୍କୁ ଘର ତିଆରି କରିବାକୁ କେନ୍ଦ୍ର ସରକାର ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବେ। ରାଜ୍ୟ ସରକାର ଏହାର ଯୋଜନା ଓ ରୂପାୟଣ କାର୍ଯ୍ୟ ତଦାରଖ କରିବେ।

ସୁଲଭ ମୂଲ୍ୟ, ଅଂଶୀଦାର ଭିତ୍ତିକ ଆବାସ ନିର୍ମାଣ କାର୍ଯ୍ୟକ୍ରମରେ ଘରୋଇ



ଡେଭେଲପରମାନଙ୍କୁ ଅଂଶୀଦାରୀ ଭିତ୍ତିରେ ସୁଲଭମୂଲ୍ୟ ଗୃହନିର୍ମାଣ ପାଇଁ ସୁଯୋଗ ମିଳିବ। ଏଥିରେ ଆର୍ôିକ ଦୁର୍ବଳ ଶ୍ରେଣୀର ପ୍ରତ୍ୟେକ ବାସହୀନଙ୍କୁ ଘର ତିଆରି କରିବାକୁ କେନ୍ଦ୍ର ସରକାର ୧.୫ଲକ୍ଷ ଟଙ୍କା ଯୋଗାଇ ଦେବେ। ଯେଉଁ ଘରୋଇ ଉଦ୍ୟୋଗ ଆବାସ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବେ ସେମାନେ ଯଦି ନିଜ ପ୍ରକଳ୍ପ ଇଲାକା ମଧ୍ୟରେ ୩୫ଶତାଂଶ ଘର ଆର୍ôିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ସଂରକ୍ଷିତ ରଖନ୍ତି ସେମାନେ ଅଂଶୀଦାରୀ ଭିତ୍ତିରେ ଏହି ଯୋଜନାରେ ସାମିଲ ହୋଇ କାମ କରିବାର ସୁଯୋଗ ପାଇବେ।

କ୍ରେଡିଟ୍ ଲିଙ୍କ ସବ୍‌ସିଡି କାର୍ଯ୍ୟକ୍ରମରେ ଆର୍ôିକ ଦୁର୍ବଳ ବର୍ଗ, ନିମ୍ନ ଆୟକାରୀ ବର୍ଗ ଓ ମଧ୍ୟମ ଆୟକାରୀ ବର୍ଗ (ଇଡବ୍ଲ୍ୟୁଜି, ଏଲ୍ଆଇଜି ଓ ଏମ୍ଆଇଜି)ର ବ୍ୟକ୍ତିବିଶେଷ ଘର କିଣିବା ପାଇଁ ରିଆତି ସୁଧରେ ଋଣ ପାଇବେ। ସରକାର ଏବାବଦରେ ଯେଉଁ ରିଆତି ଦେବେ ସେ ଅର୍ଥ ସିଧାସଳଖ ଋଣ ପ୍ରଦାନକାରୀ ସଂସ୍ଥାକୁ ଯିବ। ଋଣକାରୀ ଘର ତୋଳିବାକୁ ନେଇଥିବା ଋଣକୁ ସହଜ ମାସିକ କିସ୍ତିରେ ପରିଶୋଧ କରିପାରିବେ।

ହିତାଧିକାରୀଙ୍କ ନେତୃତ୍ୱରେ ଆବାସ ନିର୍ମାଣ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ପ୍ରତ୍ୟେକଙ୍କୁ ୧.୫ଲକ୍ଷ ଟଙ୍କାର ଅର୍ଥ ଯୋଗାଇଦେବେ। ଇଡବ୍ଲ୍ୟୁଏସ୍ ଓ ଏଲ୍ଆଇଜି ବର୍ଗର ଲୋକେ ଏହି ଅର୍ଥ ନେଇ ନିଜର ନୂଆ ଘର ତିଆରି କିମ୍ବା ପୁରୁଣା ଘରର ସଂପ୍ରସାରଣ କରିପାରିବେ।

ଏହି ଯୋଜନାରେ ଯେଉଁ ଘର ତିଆରି କରିବାର ବ୍ୟବସ୍ଥା ହୋଇଛି ତାହା ପକ୍କାଘର ହେବା ସହ ଏଥିରେ ଜଳଯୋଗାଣ ସୁବିଧା, ପରିମଳ ବ୍ୟବସ୍ଥା ଓ ୨୪ ଘଣ୍ଟିଆ ବିଜୁଳି ସୁବିଧା ରହିବ। ୨୦୨୨ ସୁଦ୍ଧା ସହରାଞ୍ଚଳ ଗରିବ ଓ ଆର୍ôିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ୨ କୋଟି ଏଭଳି ଘର ନିର୍ମାଣର ଲକ୍ଷ୍ୟ ରହିଛି। ଏଥିପାଇଁ କେନ୍ଦ୍ର ସରକାର ମୋଟ୍ ୩୧ ବିଲିୟନ ଡଲାର ଖର୍ଚ୍ଚ କରିବେ। ଏହି ଯୋଜନା ସହିତ ସୌଭାଗ୍ୟ ଓ ଉଜ୍ଜ୍ୱଳା ଭଳି କେତେକ ଯୋଜନାକୁ ସଂଯୁକ୍ତ କରି ସଂପୃକ୍ତ ଘରେ ଶୌଚାଳୟ, ବିଜୁଳି, ରନ୍ଧନଗ୍ୟାସ୍ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ। ଏହାଛଡ଼ା ସଂପୃକ୍ତ ଘରର ହିତାଧିକାରୀଙ୍କୁ ଜନଧନ ଯୋଜନାରେ ବ୍ୟାଙ୍କ ସୁବିଧା ଯୋଗାଇଦିଆଯିବ। ନିମ୍ନଲିଖିତ ସର୍ତ୍ତ ଆଧାରରେ ସହରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେବ।

– ବସ୍ତି ଅଞ୍ଚଳ ଲୋକଙ୍କ ଥଇଥାନ କାର୍ଯ୍ୟକ୍ରମରେ ଘରୋଇ ଡେଭେଲପର ଯଦି ସାମିଲ ହେଉଥିବେ ତେବେ ସେମାନେ ସେହି ବସ୍ତିର ଜମିକୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ବ୍ୟବହାର କରିପାରିବେ।

– ଋଣ ସଂଯୋଗ ବ୍ୟବସ୍ଥାରେ ସୁଲଭ ମୂଲ୍ୟର ଗୃହ ନିର୍ମାଣ ବ୍ୟବସ୍ଥା ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ପ୍ରବର୍ତ୍ତିତ ହୋଇଥିବ।

– ଘରୋଇ ସରକାରୀ ସହଭାଗିତାରେ ଯଦି ସୁଲଭ ମୂଲ୍ୟର ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଥିବ।

– ହିତାଧିକାରୀ ଯଦି ଋଣ ସବ୍‌ସିଡି ଯୋଜନାର ଅନ୍ତର୍ଭୁକ୍ତ ହୋଇ ନିଜର ଘର ତିଆରି ବା ମରାମତି କରିବାକୁ ଚାହୁଁଥିବ।

ଏହାଛଡ଼ା ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ବଜେଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୧୭-୧୮ କେନ୍ଦ୍ରୀୟ ବଜେଟରେ ଏଭଳି କିଛି ପଦକ୍ଷେପ ନିଆଯାଇଛି। ସେଗୁଡ଼ିକ ହେଲା –

– ସୁଲଭ ମୂଲ୍ୟର ଗୃହ ନିର୍ମାଣକୁ ଭିତ୍ତିଭୂମି ମର୍ଯ୍ୟାଦା

– ୨୦୧୯ସୁଦ୍ଧା ଗ୍ରାମାଞ୍ଚଳରେ ଏକ କୋଟି ସୁଲଭ ଗୃହ ନିର୍ମାଣ

– ୨୦ହଜାର କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଜାତୀୟ ଆବାସିକ ବ୍ୟାଙ୍କ ପ୍ରତିଷ୍ଠା

– ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୨୩ ହଜାର କୋଟି ଟଙ୍କାର ବ୍ୟୟ ବରାଦ

ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥାର ଉଦାରୀକରଣ ଏବଂ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଉଦ୍ଦିଷ୍ଟ ସରକାରୀ ନୀତି ଓ ରଣକୌଶଳ ଯୋଗୁଁ ସମସ୍ତଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି ହୋଇଛି। ସଡ଼କ ଓ ରାଜପଥ, ବନ୍ଦର, ବିମାନବନ୍ଦର, ଆବାସ ନିର୍ମାଣ, ଶକ୍ତିକ୍ଷେତ୍ର ଆଦିରେ ଭିତ୍ତିଭୂମି ନିର୍ମାଣର ଯେଉଁ ନୂଆ ଯୁଗ ଆରମ୍ଭ ହୋଇଛି ସେଥିରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ସମସ୍ତଙ୍କ ପାଇଁ ରୋଜଗାର ଓ ଆର୍ôିକ ବିକାଶର ପଥ ଉନ୍ମୁକ୍ତ ହୋଇଛି। ଏହି ସବୁ କ୍ଷେତ୍ରର ବିକାଶ ଦେଶର ଆର୍ôିକ ଓ ଭୌତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ପାଇଁ ବିପୁଳ କର୍ମ ନିଯୁକ୍ତିର ସୁବିଧା ଆଣି ଦେଇଛି। ଏହି ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସରକାର ବିପୁଳ ପୁଞ୍ଜି ନିବେଶ କରିବା ସହ ପ୍ରକଳ୍ପସମୂହର ତ୍ୱରିତ ମଞ୍ଜୁରୀ. ବିବାଦର ଆଶୁ ସମାଧାନ ଏବଂ ସହଜ ପାଣ୍ଠି ଯୋଗାଣକୁ ଗୁରୁତ୍ୱ ଦେଉଛନ୍ତି। ୨୦୧୪ରେ ଚଳିତ ସରକାର କ୍ଷମତାକୁ ଆସିବା ପରେ ଏହି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ସଡ଼କ କ୍ଷେତ୍ରରେ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଅନେକ ବିଦେଶୀ କମ୍ପାନୀ ଭାରତୀୟ କମ୍ପାନୀଗୁଡ଼ିକ ସହିତ ଅଂଶୀଦାର ହୋଇ ଏହି ସୁଯୋଗର ଲାଭ ଉଠାଉଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ଭାରତର ଭିତ୍ତିଭୂମି କ୍ଷେତ୍ରରେ ୨୮.୨ ଟ୍ରିଲିୟନ ଟଙ୍କାର ବିପୁଳ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି।

- ରିୟଲ ଇଷ୍ଟେଟ ଡେଭେଲପର୍‌ଙ୍କୁ ଟିକସ ରିଆତି (ବିକ୍ରି ହୋଇ ନ ଥିବା ଘର ଉପରେ)

- ସୁଲଭ ମୂଲ୍ୟର ଗୃହ ପାଇଁ ଥିବା ନିର୍ମାଣ ସ୍ଥଳର ପରିସୀମା ୩୦ ଓ ୬୦ ବର୍ଗ ମିଟର ପରିବର୍ତ୍ତେ ଏହାର କାର୍ପେଟ ଏରିଆ ବା ଘରର ବ୍ୟବହାର ଉପଯୋଗୀ ସ୍ଥାନ ୩୦ ଓ ୬୦ ବର୍ଗ ମିଟର ହେବ

- କ୍ୟାପିଟାଲ ଗେନ ଟ୍ୟାକ୍ସ କ୍ଷେତ୍ରରେ ସ୍ଥାବର ସମ୍ପତ୍ତିର ହୋଲ୍ଡିଂ ସମୟ ୩ ରୁ ୨ବର୍ଷକୁ ହ୍ରାସ

- ନିର୍ମାଣ ପରେ ହସ୍ତାନ୍ତର ବା ବିକ୍ରି ହୋଇ ନ ଥିବା ଘର ଉପରେ ଏକ ବର୍ଷର ଟିକସ ରିଆତି

- ଦେଶର ୬୦୦ ଜିଲାକୁ ଇନ୍ଦିରା ଆବାସ ଯୋଜନା ସଂପ୍ରସାରିତ

ସୁଲଭ ମୂଲ୍ୟ ଆବାସ ନିର୍ମାଣକୁ ଭିତ୍ତିଭୂମିର ମର୍ଯ୍ୟାଦା ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ପାଇଁ ସରକାର କୋହଳ ହାରର ସୁଧରେ ଋଣ ଯୋଗାଣର ବ୍ୟବସ୍ଥା ମଧ୍ୟ କରିଛନ୍ତି। ନ'ଲକ୍ଷ ଟଙ୍କାରୁ ଅଧିକ ଋଣ ଉପରେ ସୁଧହାର ଚାରି ଶତାଂଶ ଧାର୍ଯ୍ୟ କରାଯାଇଥିବାବେଳେ ୧୨ଲକ୍ଷରୁ ଅଧିକ ଋଣ ଉପରେ ସୁଧ ହାର ତିନି ଶତାଂଶ ଧାର୍ଯ୍ୟ ହୋଇଛି। ତେବେ ଏ କ୍ଷେତ୍ରରେ ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର କିମ୍ବା ସ୍ୱଳ୍ପ ଆୟକାରୀ ବର୍ଗର ସେମାନେ ଏହି ଋଣ ସୁବିଧା ପାଇପାରିବେ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନାହିଁ। ତେଣୁ ଏ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହାଛଡ଼ା ଏଭଳି ଆବାସିକ ପ୍ରକଳ୍ପଗୁଡ଼ିକର ନିର୍ମାଣ ଅବଧି ସରକାର ତିନିବର୍ଷରୁ ପାଞ୍ଚବର୍ଷକୁ ବୃଦ୍ଧି କରିଛନ୍ତି। ଅଧିକରୁ ଅଧିକ ଏଭଳି ପ୍ରକଳ୍ପକୁ ଲାଭ ସଂଯୁକ୍ତ ଆୟକର ଛାଡ଼ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି। ଏହି ଉଦ୍ୟୋଗର ଚାହିଦା ଯଥେଷ୍ଟ ଥିଲେ ମଧ୍ୟ ଏଥିରେ ଘରୋଇ ଉଦ୍ୟୋଗ ବିଶେଷ ଅଂଶଗ୍ରହଣ କରୁ ନ ଥିଲେ। ଏଥିରେ ଯେଉଁ ସବୁ ପ୍ରତିବନ୍ଧକ ଓ ଅସୁବିଧା ଥିଲା ସରକାର ତାହାକୁ ଦୂର କରିବା ପରେ ଅଧିକରୁ ଅଧିକ ଘରୋଇ ନିବେଶକ ଓ ବିଲଡର ଏବେ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ସ୍ୱଳ୍ପ ମୂଲ୍ୟ ଗୃହର ମାନଦଣ୍ଡ ସରକାର ପରିବର୍ତ୍ତନ କରି ଏହାକୁ ୩୦/୬୦ ବର୍ଗମିଟର କାର୍ପେଟ ଏରିଆର କରିବା ପରେ ଘରୋଇ ନିବେଶକ ଓ ବିଲ୍‌ଡର ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି; କାରଣ ଏହା ଲାଭଜନକ ହେଉଛି। ସେହିଭଳି ଘରଭିତରେ ବ୍ୟବହାର ପାଇଁ ଅଧିକ ସ୍ଥାନ ମିଳୁଥିବାରୁ କ୍ରେତା ଏଭଳି ଘର କିଣିବାକୁ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଦେଶର ଚାରିଟି ମହାନଗର ଅଞ୍ଚଳରେ ଏହି ଘରର କ୍ଷେତ୍ରଫଳ ୩୦ ବର୍ଗ ମିଟରରେ ସୀମିତ ରଖାଯାଇଛି।

ଭାରତରେ ଏବେ ଲୋକ ସଂଖ୍ୟାର ଏକ ବଡ଼ ଭାଗ ଯୁବବର୍ଗ। ଦେଶ ପାଇଁ ଏହା ଏକ ବଡ଼ ସୁଯୋଗ ଆଣିଛି। ସେମାନଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଆବାସ ନିର୍ମାଣ ଏକ ଶ୍ରମିକ-ସଘନ ଉଦ୍ୟୋଗ। ଏଥିରେ ଅଧିକ ଲୋକ ଶକ୍ତିର ଆବଶ୍ୟକତା ରହିଛି। ଏହି ଉଦ୍ୟୋଗ ସହ ବିଭିନ୍ନ ଆନୁଷଙ୍ଗିକ ଉଦ୍ୟୋଗ ସଂପୃକ୍ତ ଯାହା ନିଯୁକ୍ତିର ଯଥେଷ୍ଟ ସୁଯୋଗ ସୁବିଧା ସୃଷ୍ଟି କରେ। ଅତଏବ ଏହି ଉଦ୍ୟୋଗର ବିକାଶ ଘଟିଲେ ଦେଶର ଅର୍ଥନୈତିକ ପ୍ରକ୍ରିୟା ନିଶ୍ଚିତ ତ୍ୱରାନ୍ୱିତ ହେବ। ଅଧକରୁ ଅଧିକ ଯୁବବର୍ଗ କର୍ମ ନିଯୁକ୍ତିର ସୁଯୋଗ ପାଇବେ।

ସୁଲଭ ଆବାସ କାର୍ଯ୍ୟକ୍ରମରେ ୨୦୨୨ ପର୍ଯ୍ୟନ୍ତ ପ୍ରାୟ ୬ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୁଯୋଗ ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। ୨୦୨୨ ସୁଦ୍ଧା ସରକାର ବାସହୀନ ସମସ୍ତଙ୍କୁ ଘର ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବାରୁ ଏହି ଯୋଜନା ପୂରା ଦମ୍‌ରେ ଚାଲିଛି। ଏହି କ୍ଷେତ୍ରରେ ଋଣ ଯୋଗାଣ ବ୍ୟବସ୍ଥାକୁ ସହଜ କରିବା ପାଇଁ ବିଭିନ୍ନ ଆବାସ ବିତ୍ତ ଲଗାଣକାରୀ କମ୍ପାନୀମାନ ଗଠିତ ହୋଇ କାର୍ଯ୍ୟ ଆରମ୍ଭ କରିଦେଲେଣି। ଏକ ତଥ୍ୟ ଅନୁସାରେ ଏସବୁ କମ୍ପାନୀ ୨୦୧୩ ମାର୍ଚ୍ଚ ସୁଦ୍ଧା ୧୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଥିବାବେଳେ ୨୦୧୭ ଡିସେମ୍ବର ସୁଦ୍ଧା ଏହା ୨୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିରେ ହିତାଧିକାରୀ ପିଛା ହାରହାରି ଋଣ ପ୍ରଦାନ ଅନୁପାତ ୯.୩ ଲକ୍ଷ ଟଙ୍କା ରହିଛି। ଆହୁରି ମଧ୍ୟ ଦୁଇ ଲକ୍ଷ ତିରିଶ ହଜାରରୁ ଅଧିକ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ନିଜର ଇପ୍‌ସିତ ଘର ଖଣ୍ଡିକର ମାଲିକାନା ପାଇପାରିଛନ୍ତି।

ପରିଶେଷରେ ଏତିକି କୁହାଯାଇପାରେ ଯେ ୨୦୨୨ ସୁଦ୍ଧା ସବୁ ବାସହୀନଙ୍କୁ ଘର ଯୋଗାଇ ଦେବାକୁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ଏବଂ ଯେଭଳି ଏ କ୍ଷେତ୍ରରେ କାମ ଚାଲିଛି ତାହା ଅବଶ୍ୟ ସାଧିତ ହେବ। ଏହାଦ୍ୱାରା ଦେଶର ଅର୍ଥନୀତି ଓ ଜିଡିପି ମଧ୍ୟ ବୃଦ୍ଧିମନ୍ତ ହେବା ସହ ଆବାସ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ୨୬୫ଟି ଉଦ୍ୟୋଗ ଉପରେ ଅନୁକୂଳ ପ୍ରଭାବ ପଡ଼ିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ମନୋନୟନ କ୍ଷେତ୍ରରେ କେବଳ ଜାତି ବା ବର୍ଗକୁ ବିଚାରକୁ ନିଆଯାଇନାହିଁ, ଆର୍ଥିକ ଦୃଷ୍ଟିରୁ ପଛୁଆ, ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

**ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ପଞ୍ଜାବ, ହରିୟାଣା, ଦିଲ୍ଲୀ ବାଣିଜ୍ୟ ଏବଂ ଉଦ୍ୟୋଗ ପରିସଂଘର ପ୍ରଧାନ ନିର୍ଦ୍ଦେଶକ।**
**Email Id: ranjeetmehta@gmail.com**



ବିଶେଷ ପ୍ରସଙ୍ଗ

# ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣର ଲକ୍ଷ୍ୟ ଓ କାର୍ଯ୍ୟ


ପ୍ରବୀର ପାଣ୍ଡେ

ସମନ୍ୱିତ ପରିବହନ ନେଟ୍‌ୱାର୍କ କୌଶଳର ଏକ ଅଂଶବିଶେଷ ଭାବେ ଭାରତ ସରକାର ଅନ୍ତର୍ଦେଶୀୟ ଜଳପଥଗୁଡ଼ିକର ବିକାଶ ପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି।

୨୦୧୮ ନଭେମ୍ବର ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରେ ଗଙ୍ଗାନଦୀର ପ୍ରଥମ ବହୁମୁଖୀ ନଦୀବନ୍ଦର (ଟର୍ମିନାଲ)କୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ସହିତ ସେ ଜାତୀୟ ଜଳପଥ-୧ରେ ଚଳାଚଳ କରିଥିବା ପ୍ରଥମ ଜାହାଜକୁ ସ୍ୱାଗତ କରିଥିଲେ।

ଗୋଟିଏ ଦିନରେ ଏହି ଦୁଇଟି ଘଟଣା କେବଳ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପରିବହନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିନାହିଁ, ଏହା ମଧ୍ୟ ଜାତୀୟ ଜଳମାର୍ଗ-୧ରେ କାରବାର ଓ ଜଳପରିବହନର ଶୁଭାରମ୍ଭ କରି ଦେଶର ପରିବହନ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି। ଏଥିସହିତ ଜଳପଥରେ ସାମଗ୍ରୀ ପରିବହନ ପାଇଁ ପେପ୍‌ସିକୋ, ଇମାମି ଆଗ୍ରୋଟେକ୍, ଇଫ୍‌କୋ ଫର୍ଟିଲାଇଜରର୍ସ, ଡାବର ଇଣ୍ଡିଆ ଭଳି କମ୍ପାନୀମାନେ ବିଶେଷ ଆଗ୍ରହ ପ୍ରକାଶ କରି ଏଥିରେ ସାମିଲ ହୋଇଛନ୍ତି।

୨୦୧୬ ଜାତୀୟ ଜଳମାର୍ଗ ଆଇନ ଅନୁସାରେ ୧୦୬ଟି ନୂଆ ଜାତୀୟ ଜଳମାର୍ଗ ଦେଶରେ ଘୋଷଣା କରାଯାଇଛି। ଏବେ ଦେଶରେ ପାଞ୍ଚଟି ଜାତୀୟ ଜଳମାର୍ଗ ରହିଛି। ଏହା ସହିତ ଆଉ ୧୦୬ଟି ଜାତୀୟ ଜଳମାର୍ଗ ବିକାଶ ନିଷ୍ପତ୍ତି





ଫଳରେ ଭାରତରେ ଏହି ଜଳପଥ ସଂଖ୍ୟା ୧୧୧କୁ ବୃଦ୍ଧି ପାଇଛି। ଯେଉଁ ନୂଆ ୧୦୬ଟି ଜାତୀୟ ଜଳମାର୍ଗ ଘୋଷଣା ହୋଇଛି ସେଥିମଧ୍ୟରୁ ଆଠଟିର ବିକାଶ କାର୍ଯ୍ୟ ପୂରା ଦମ୍‌ରେ ଚାଲିଛି।

୨୦୧୪ ଜୁଲାଇ ଦଶ ତାରିଖରେ ୨୦୧୪-୧୫ ବଜେଟ ଭାଷଣରେ କେନ୍ଦ୍ର ଅର୍ଥମନ୍ତ୍ରୀ ଜଳମାର୍ଗ ବିକାଶ ପ୍ରକଳ୍ପ (ଜେଏମ୍‌ଭିପି) କଥା କହିଥିଲେ ଏବଂ ସେଥିରେ ଜାତୀୟ ଜଳପଥ-୧ରେ ଗଙ୍ଗାନଦୀର ବାରାଣସୀଠାରୁ ହଳଦିଆ ପର୍ଯ୍ୟନ୍ତ ବ୍ୟାବସାୟିକ ଭିତ୍ତିରେ ନୌପରିବହନ ବିଷୟରେ ସୂଚନା ଦେଇଥିଲେ। ଏହାପରେ ଏହି ଜଳପଥର ଉନ୍ନତି କାର୍ଯ୍ୟ ଆରମ୍ଭ ହୋଇଥିଲା। ନଦୀପଥ ଖନନ, ନଦୀ ପୋତାଶ୍ରୟ ନିର୍ମାଣ ଓ ଅନ୍ୟାନ୍ୟ ବୈଷୟିକ ସୁବିଧାସୁଯୋଗ ସ୍ଥାପନ ପାଇଁ ଏହି ଜଳପଥ ଖଣ୍ଡରେ ୫୩୬୯ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଜଳପଥରେ ହଳଦିଆ ଓ ବାରାଣସୀ ମଧ୍ୟରେ ତିନିଟି ମଲ୍‌ଟିମୋଡାଲ ଟର୍ମିନାଲ (ବହୁମୁଖୀ ପୋତାଶ୍ରୟ) ନିର୍ମିତ ହୋଇଛି। ସେଥିମଧ୍ୟରୁ ବାରାଣସୀ କାର୍ଯ୍ୟକ୍ଷମ ହୋଇଥିବାବେଳେ ଝାଡ଼ଖଣ୍ଡର ସାହେବଗଞ୍ଜ ଟର୍ମିନାଲ ୨୦୧୯ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ତୃତୀୟଟି ପଶ୍ଚିମବଙ୍ଗରେ ନିର୍ମାଣାଧୀନ।

**ଜଳମାର୍ଗ ବିକାଶ ପ୍ରକଳ୍ପ (ଜାତୀୟ ଜଳପଥ-୧, ଗଙ୍ଗାନଦୀ):** ଏହି ପ୍ରକଳ୍ପ ମାଧ୍ୟମରେ ଗଙ୍ଗାର ବାରାଣସୀ ଠାରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ଜାତୀୟ ଜଳମାର୍ଗ-୧ର ବିକାଶ କରାଯାଉଛି। ଏଥିରେ ପୋତ ଓ ଜାହାଜ ଚଳାଚଳକୁ ସୁଗମ କରିବା ପାଇଁ ନଦୀକୁ ଗଭୀର କରାଯିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କାର୍ଯ୍ୟ ଚାଲିଛି। ମୋଟ ୧୩୯୦ କିମି ଏହି ଜଳପଥର ବିକାଶ ପାଇଁ ବିଶ୍ୱବ୍ୟାଙ୍କ ଅର୍ଥ ଯୋଗାଇ ଦେଇଛି।

ଜାତୀୟ ଜଳ ମାର୍ଗ -୧ଟି ପ୍ରସ୍ତାବିତ ପୂର୍ବାଞ୍ଚଳ ସମର୍ପିତ ଫ୍ରେଟ୍ (ମାଲ ପରିବହନ) କରିଡର ହୋଇଥିବାବେଳେ ଜାତୀୟ ଜଳମାର୍ଗ-୨ ପ୍ରସ୍ତାବିତ ପୂର୍ବାଞ୍ଚଳ ପରିବହନ (ଟ୍ରାନ୍ସପୋର୍ଟ) କରିଡର। ଏହା ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀସହ ଉତ୍ତରପୂର୍ବାଞ୍ଚଳକୁ ଯୋଡ଼ିବ। ଏହି ଜଳପଥ ମଧ୍ୟ ବାଂଲାଦେଶ, ମ୍ୟାଁମାର, ଥାଇଲାଣ୍ଡ ଓ ନେପାଳକୁ ସଂଯୋଗ କରିବ। ଏହା ଫଳରେ ଏସବୁ ଦେଶ ଭାରତ-ବାଂଲାଦେଶ ପ୍ରୋଟୋକଲ ଜଳପଥ ଦେଇ କଲକାତା ବନ୍ଦରକୁ ଯିବାଆସିବାର ସୁଯୋଗ ପାଇବେ। ୨୦୧୮ ଅକ୍ଟୋବର ପହିଲାରେ ପରୀକ୍ଷାମୂଳକ ଭାବେ ବିହାରରୁ ବାଂଲାଦେଶ ଦେଇ ଆସାମ ପର୍ଯ୍ୟନ୍ତ ଏକ ଫ୍ଲାଇଆଶ୍‌ବାହୀ ଜାହାଜ ଯାତ୍ରା ଆରମ୍ଭ କରିଥିଲା। ବିହାରର କହଲଗାଁସ୍ଥିତ ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୨୦୧୮ ସେପ୍ଟେମ୍ବର ୩୦ ତାରିଖରେ ୧୨୩୩ ଟନର ଫ୍ଲାଇଆଶ୍ ଧରି ଏହି ଜାହାଜ ଆସାମର ନଦୀବନ୍ଦର ଗୁଆହାଟି ନିକଟସ୍ଥ ପାଣ୍ଡୁ ଅଭିମୁଖେ ଯାତ୍ରା କରିଥିଲା। ଦୀର୍ଘ ୨୦୮୫ କିମି ପଥ ଯାତ୍ରା କରି ଏହି ଜାହାଜଟି ପାଣ୍ଡୁରେ ସୁରୁଖୁରୁରେ ପହଞ୍ଚିଥିଲା। ଏହି ଯାତ୍ରା କାଳରେ ଏହି ଜାହାଜଟିକୁ ଜାତୀୟ ଜଳପଥ-୧ (ଗଙ୍ଗା), ଭାରତ-ବାଂଲାଦେଶ ପ୍ରୋଟୋକଲ ଜଳପଥ ଏବଂ ଜାତୀୟ ଜଳପଥ-୨ (ବ୍ରହ୍ମପୁତ୍ର) ଦେଇ ଯିବାକୁ ପଡ଼ିଥିଲା। ଏହି ଯାତ୍ରାର ସଫଳତା ଆଭ୍ୟନ୍ତରୀଣ ଜଳପଥ ଯାତ୍ରା କ୍ଷେତ୍ରରେ ନୂଆ ବିଶ୍ୱାସ ଓ ଉତ୍ସାହ ସୃଷ୍ଟି କରିଛି। ଇତିମଧ୍ୟରେ ଦେଶର ବିଭିନ୍ନ ଜଳପଥରେ ପରୀକ୍ଷାମୂଳକ ଭାବେ ୧୫ଟି ଜାହାଜର ଚଳାଚଳ ପାଇଲଟ ପ୍ରକଳ୍ପଭାବେ ସମ୍ପନ୍ନ କରାଯାଇଛି। ୨୦୧୮ ଜୁଲାଇ ମାସରେ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜାତୀୟ ଜଳମାର୍ଗ ପ୍ରାଧିକରଣ ପକ୍ଷରୁ 'ଫୋକାଲ' ନାମରେ ଏକ

୨୦୧୪ ଜୁଲାଇ ଦଶ ତାରିଖରେ ୨୦୧୪-୧୫ ବଜେଟ ଭାଷଣରେ କେନ୍ଦ୍ର ଅର୍ଥମନ୍ତ୍ରୀ ଜଳମାର୍ଗ ବିକାଶ ପ୍ରକଳ୍ପ (ଜେଏମ୍‌ଭିପି) କଥା କହିଥିଲେ ଏବଂ ସେଥିରେ ଜାତୀୟ ଜଳପଥ-୧ରେ ଗଙ୍ଗାନଦୀର ବାରାଣସୀଠାରୁ ହଳଦିଆ ପର୍ଯ୍ୟନ୍ତ ବ୍ୟାବସାୟିକ ଭିତ୍ତିରେ ନୌପରିବହନ ବିଷୟରେ ସୂଚନା ଦେଇଥିଲେ। ଏହାପରେ ଏହି ଜଳପଥର ଉନ୍ନତି କାର୍ଯ୍ୟ ଆରମ୍ଭ ହୋଇଥିଲା। ନଦୀପଥ ଖନନ, ନଦୀ ପୋତାଶ୍ରୟ ନିର୍ମାଣ ଓ ଅନ୍ୟାନ୍ୟ ବୈଷୟିକ ସୁବିଧାସୁଯୋଗ ସ୍ଥାପନ ପାଇଁ ଏହି ଜଳପଥ ଖଣ୍ଡରେ ୫୩୬୯ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଜଳପଥରେ ହଳଦିଆ ଓ ବାରାଣସୀ ମଧ୍ୟରେ ତିନିଟି ମଲ୍‌ଟିମୋଡାଲ ଟର୍ମିନାଲ (ବହୁମୁଖୀ ପୋତାଶ୍ରୟ) ନିର୍ମିତ ହୋଇଛି। ସେଥିମଧ୍ୟରୁ ବାରାଣସୀ କାର୍ଯ୍ୟକ୍ଷମ ହୋଇଥିବାବେଳେ ଝାଡ଼ଖଣ୍ଡର ସାହେବଗଞ୍ଜ ଟର୍ମିନାଲ ୨୦୧୯ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ତୃତୀୟଟି ପଶ୍ଚିମବଙ୍ଗରେ ନିର୍ମାଣାଧୀନ।




ଉତ୍ସର୍ଗୀକୃତ ପୋର୍ଟାଲ ଆରମ୍ଭ କରାଯାଇଛି। ପୋତ / ଜାହାଜ ଉପଲବ୍ଧତା, ନୌପରିବହନ ସଂକ୍ରାନ୍ତ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟାବଳୀ ଏଥିରୁ ପଣ୍ୟ ମାଲିକ ଓ ଜାହାଜ ମାଲିକ ସହଜରେ ପାଇପାରୁଛନ୍ତି।

ଏକ ବିକଶିତ ଅନ୍ତର୍ଦେଶୀୟ ଜଳ ପରିବହନ ବ୍ୟବସ୍ଥା ଦ୍ୱାରା ଦେଶର ସାମଗ୍ରିକ ପରିବହନ କ୍ଷମତା ଓ ଦକ୍ଷତା ବଢ଼ିବ। ଏହାଛଡ଼ା ପରିବହନ ବାବଦ ବିପୁଳ ଖର୍ଚ୍ଚ ହ୍ରାସ ପାଇବା ସହ ଦେଶର ଅର୍ଥନୀତି ଉପକୃତ ହେବ। ଭାରତରେ ପରିବହନ ବାବଦ ବ୍ୟୟ ମୋଟ୍ ଜିଡିପିର ୧୫%। ୟୁରୋପରେ ଜଳପଥ ପରିବହନ ବାବଦ ବ୍ୟୟ ଜିଡିପିର ୭ଶତାଂଶ ହୋଇଥିବାବେଳେ ଚୀନରେ ୮.୭%। ଭାରତରେ ଏହା ମାତ୍ର ୧.୫ ଶତାଂଶ। ଭାରତରେ ୧୪,୫୦୦ କିଲୋମିଟର ଜଳପଥ ନୌପରିବହନ ପାଇଁ ଅନୁକୂଳ।

ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ

**ଅନ୍ତର୍ଦେଶୀୟ ଜଳପଥର ଲାଭ**

| ବିଚାରକୁ ନିଆଯାଇଥିବା ବିଷୟ | କିଲୋମିଟର ପିଛା ପରିବହନ ଖର୍ଚ୍ଚ (ଟିକେଏମ୍) | | | ଉତ୍ସ |
|---|---|---|---|---|
| | ଜଳପଥ | ସଡ଼କପଥ | ରେଳପଥ | |
| ବାୟୁ ପ୍ରଦୂଷଣ | ୦.୦୩ | ୦.୨୦୨ | ୦.୦୩୬୬ | ଯୋଜନା ଆୟୋଗ (ଟିଟିଏସ୍ ଷ୍ଟଡି) |
| ଶବ୍ଦ ପ୍ରଦୂଷଣ | ନଗଣ୍ୟ | ୦.୦୦୩୨ | ୦.୦୦୧୨ | ପିଆଇଏନ୍‌ସି |
| ମୃତ୍ତିକା ଓ ଜଳ ପ୍ରଦୂଷଣ | ନଗଣ୍ୟ | ୦.୦୦୫ | ନାହିଁ | ପିଆଇଏନ୍‌ସି |
| ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନ | ୦.୦୦୦୬ | ୦.୦୦୩୧ | ୦.୦୦୦୬ | ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା |

୨୦୧୮ ନଭେମ୍ବର ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରେ ଗଙ୍ଗାନଦୀର ପ୍ରଥମ ବହୁମୁଖୀ ନଦୀବନ୍ଦର (ଟର୍ମିନାଲ)କୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ସହିତ ସେ ଜାତୀୟ ଜଳପଥ-୧ରେ ଚଳାଚଳ କରିଥିବା ପ୍ରଥମ ଜାହାଜକୁ ସ୍ୱାଗତ କରିଥିଲେ। ଗୋଟିଏ ଦିନରେ ଏହି ଦୁଇଟି ଘଟଣା କେବଳ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପରିବହନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିନାହିଁ, ଏହା ମଧ୍ୟ ଜାତୀୟ ଜଳମାର୍ଗ-୧ରେ କାରବାର ଓ ଜଳପରିବହନର ଶୁଭାରମ୍ଭ କରି ଦେଶର ପରିବହନ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି। ଏଥିସହିତ ଜଳପଥରେ ସାମଗ୍ରୀ ପରିବହନ ପାଇଁ ପେପ୍‌ସିକୋ, ଇମାମି ଆଗ୍ରୋଟେକ୍, ଇଫ୍‌କୋ ଫର୍ଟିଲାଇଜରର୍ସ, ଡାବର ଇଣ୍ଡିଆ ଭଳି କମ୍ପାନୀମାନେ ବିଶେଷ ଆଗ୍ରହ ପ୍ରକାଶ କରି ଏଥିରେ ସାମିଲ ହୋଇଛନ୍ତି।

ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଏକ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଦେଶର ଜାତୀୟ ଜଳପଥଗୁଡ଼ିକୁ ବ୍ୟାବସାୟିକ ଭିତ୍ତିରେ ନୌଚଳାଚଳ ପାଇଁ ସୁଗମ ଓ ଯୋଗ୍ୟ କରିବା ଏହାର କାର୍ଯ୍ୟ। ଏବେ ଦେଶର ଜାତୀୟ ଜଳପଥ ମାଧ୍ୟମରେ ବାର୍ଷିକ ୫୫ ନିୟୁତ ଟନ୍ ପଣ୍ୟ କାରବାର ହେଉଛି। ୨୦୨୩ ସୁଦ୍ଧା ଏହାକୁ ୧୫୦ ନିୟୁତ ଟନ୍‌ରେ ପହଞ୍ଚାଇବାକୁ ଜଳପଥ ପ୍ରାଧିକରଣ ଲକ୍ଷ୍ୟ ରଖିଛି।

ବିଶ୍ୱବ୍ୟାଙ୍କ ଆର୍ଥିକ ଅନୁଶୀଳନ ଅନୁସାରେ ଜଳମାର୍ଗ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଭାରତରେ ୧.୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଗଙ୍ଗାରେ ଯେଉଁ ଜଳମାର୍ଗ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ତାହା ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ, ସମାବେଶୀ ଓ ଆର୍ଥିକ ଦୃଷ୍ଟିରୁ କମ୍ ଖର୍ଚ୍ଚ ବିଶିଷ୍ଟ। ଏହାଦ୍ୱାରା ନୌବାଣିଜ୍ୟ ପ୍ରୋତ୍ସାହିତ ହେବା ସହ ପରିବହନ ବାବଦ ଖର୍ଚ୍ଚ କମିବ। ଏହାଦ୍ୱାରା ନଦୀଗୁଡ଼ିକର ସ୍ଥିତିରେ ମଧ୍ୟ ଉନ୍ନତି ଘଟିବ। ନଦୀ ମାର୍ଗ ବିକାଶ ଦ୍ୱାରା ବନ୍ୟାଜଳ ନିଷ୍କାସନ ସହଜ ହେବା ସହିତ ନଦୀ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ହେବ।

**'ପୋତ'ର ଡିଜାଇନ୍:** ଅନ୍ତର୍ଦେଶୀୟ ଜଳପଥରେ ଚଳାଚଳ କରିବାକୁ ଥିବା ପୋତ / ଜାହାଜର ଡିଜାଇନ୍ ସ୍ୱତନ୍ତ୍ର ଧରଣର ହେବା ଅପରିହାର୍ଯ୍ୟ। ଯେହେତୁ ସମୁଦ୍ରରେ ଚଳାଚଳ କରୁଥିବା ଜାହାଜ ନଦୀରେ ଗତାଗତ କରିପାରିବ ନାହିଁ, ତେଣୁ ନଦୀ ପଥରେ ଚଳାଚଳ ଉପଯୋଗୀ ପୋତ / ଜାହାଜର ନିର୍ମାଣ ଶୈଳୀ ଭିନ୍ନ ହେବା ଆବଶ୍ୟକ। ଗଙ୍ଗା ଜାତୀୟ ଜଳମାର୍ଗ-୧ ପାଇଁ ଯେଉଁ ଅତ୍ୟାଧୁନିକ ପୋତର ଡିଜାଇନ କରାଯାଇଛି ତାହା ବୃହତ୍ 'ବାର୍ଜ ହାଇଲେଜ' ଢାଞ୍ଚାର। ୨୦୧୮ ଅଗଷ୍ଟରେ ଜାତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଏହାର ୧୩ଟି






ଷ୍ଟାଣ୍ଡାର୍ଡ ଡିଜାଇନକୁ ଅନୁମୋଦନ କରିଥିଲା। ଏହି ପୋତରେ ସାମ୍ରଗୀ ପରିବହନ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବା ଡାଲା ବ୍ୟବସ୍ଥା ରହିଛି।

ଗଙ୍ଗାର ଯାତ୍ରାପଥ ଜଟିଳ ଓ ସମସ୍ୟାବହୁଳ। ଏହା ବିଭିନ୍ନ ଭୌଗୋଳିକ ସ୍ଥିତି ଦେଇ ହିମାଳୟରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ଯାଇଛି। ଅତଏବ ଏହାକୁ ସୁନାବ୍ୟାକରି ଏହି ଜଳପଥର ବିକାଶ ଫଳରେ ଦେଶର ଆଭ୍ୟନ୍ତରୀଣ ନୌପରିବହନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏହା ଫଳରେ ଘରୋଇ ଜାହାଜ ନିର୍ମାଣ ଉଦ୍ୟୋଗ ମଧ୍ୟ ପ୍ରୋତ୍ସାହନ ପାଇବ। ଏହି ଜଳପଥ ଯାତ୍ରୀ ଓ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ଅନ୍ତର୍ଦେଶୀୟ ଜଳପଥରେ ଚଳାଚଳ କରିବା ପାଇଁ ଯେଉଁ ସ୍ୱତନ୍ତ୍ର ଧରଣର ପୋତର ଆବଶ୍ୟକତା ରହିଛି ତାହାର ତଳଭାଗ ଅଧିକ ପାଣି ଭିତରେ ବୁଡ଼ି ରହିବା ଅନୁଚିତ। ଅର୍ଥାତ୍ ପୋତର ଗଭୀରତା କମ୍ ହେବା ଆବଶ୍ୟକ। ଦ୍ୱିତୀୟତଃ ଏହାର ଡିଜାଇନ ଏପରି ହେବା ଉଚିତ ଯେ ଏହା କମ୍ ପାଣିରେ ଅଧିକ ଓଜନର ସାମଗ୍ରୀ ସହଜରେ, ଶସ୍ତାରେ ଏବଂ ପରିବେଶକୁ କ୍ଷତି ନ'କରି

## ନ୍ୟୁ-ଇଣ୍ଡିଆ ପାଇଁ ଅତ୍ୟାଧୁନିକ ଇନ୍‌ଫ୍ରାଷ୍ଟ୍ରକ୍‌ଚର


### ଦ୍ରୁତଗତିରେ ଅଗ୍ରସର ହେଉଛି ବନ୍ଦରର ବିକାଶ




By 1/3rd

ବିଗତ ୪ ବର୍ଷରେ ପ୍ରମୁଖ ବନ୍ଦରଗୁଡ଼ିକରେ ଜାହାଜର ମାଲ୍ ପରିବହନର ଲୋଡ୍ ଓ ଅନ୍‌ଲୋଡ୍ ସମୟରେ ହ୍ରାସ

94 Hours in 2013 - 14 To 64 Hours in 2017 - 18



ପରିବହନ କରିପାରୁଥିବ। ଏହାର ନକ୍ସା ଆଇଡବ୍ଲ୍ୟୁଏଆଇ ୱେବସାଇଟରେ ବିନାମୂଲ୍ୟରେ ଉପଲବ୍ଧ। ଏହି ଡିଜାଇନର ପୋତ ନିର୍ମାଣ କଲେ ଏହାଦ୍ୱାରା ପୋତ ପିଛା ୩୦ ରୁ ୫୦ଲକ୍ଷ ଟଙ୍କାର କମ୍ ଖର୍ଚ୍ଚ ପଡ଼ିବ। ଏହାର ଏପରି ସବୁ ଡିଜାଇନ ବାହାରିଛି ଯେଉଁଥିରେ ଏକ ପାଞ୍ଚଥାକିଆ ବାର୍ଜ (ପୋତ) ମାତ୍ର ପ୍ରାୟ ଦୁଇ ମିଟର ଗଭୀର ପାଣିରେ ୩୫୦ଟି କାର୍ ବୋଝେଇ କରି ସହଜରେ ପରିବହନ କରିପାରିବ। ସେହିଭଳି ତିନିମିଟର ଗଭୀର ଜଳପଥରେ ୨୫୦୦ଟନ୍‌ର ପଣ୍ୟ ବହନକାରୀ ବୃହତ୍ ପୋତର ଡିଜାଇନ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାର ଅର୍ଥ ଏଭଳି ଗୋଟିଏ ବୃହତ୍ ପୋତରେ ଯେତିକି ସାମଗ୍ରୀ ପରିବହନ ହୋଇପାରିବ ତାହା ୧୫୦ଟି ଟ୍ରକ୍ ବା ଗୋଟିଏ ରେଳ ରେକ୍ ପରିହବନ କ୍ଷମତା ସହିତ ସମାନ। ଅତଏବ ଏଭଳି ଗୋଟିଏ ପୋତ ଚଳାଇବାଦ୍ୱାରା ରାଜପଥରୁ ୧୫୦ଟି ଟ୍ରକ୍‌କୁ ହଟାଇବା ସହ ସମାନ ହେବ। ଏହା ଫଳରେ ସଡ଼କର ଭିଡ଼ ହ୍ରାସ ପାଇବ।

ଉଭୟ ଶୁଖିଲା ଓ ତରଳ ପଣ୍ୟ ପରିବହନ ପାଇଁ ଭିନ୍ନଭିନ୍ନ ଧରଣର ପୋତ ନିର୍ମାଣ କରାଯାଉଛି। ଅର୍‌ଓ-ଆର୍‌ଓ ଭେସେଲ, କାର୍ କ୍ୟାରିୟର, କଣ୍ଟେନର କ୍ୟାରିୟର, ଏଲ୍‌ଏନ୍‌ଜି କ୍ୟାରିୟର, ଟଗ୍ ବାର୍ଜ ଫ୍ଲୋଟିଲା ଆଦି ସ୍ୱତନ୍ତ୍ର ଧରଣର ପୋତ ଜର୍ମାନୀର ଡିଏସ୍‌ଟି କମ୍ପାନୀ ପକ୍ଷରୁ ତିଆରି କରାଯାଉଛି। ଏହିସବୁର ବିଶେଷତ୍ୱ ହେଲା ଏହା ପାଣିଭିତରେ ଅଧିକ ବୁଡ଼ି ନରହି ଉପରି ଭାଗରେ ଅଧିକ ପଣ୍ୟ ପରିବହନ କରିବାକୁ ସକ୍ଷମ। ଅର୍ଥାତ୍ ପୋତର ଗର୍ଭ ଅପେକ୍ଷା ଏହାର ଉପରିଭାଗରେ ଅଧିକ ସାମଗ୍ରୀ ପରିବହନର ବ୍ୟବସ୍ଥା କରାଯାଇଛି। ମେକ୍‌ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଭାରତୀୟ ଜାହାଜ / ପୋତ ନିର୍ମାତାମାନେ ଏହି ଜ୍ଞାନ କୌଶଳ ଆପଣାର ଦେଶରେ ସ୍ୱତନ୍ତ୍ର ଧରଣର ପୋତ ଶସ୍ତାରେ ତିଆରି କରିପାରିବେ।

**କୁମ୍ଭମେଳା ଓ ସାମାଜିକ ସମାବେଶରେ ଆଇଡ୍ୱାଇଆଇ:** ବିଭିନ୍ନ ସାମାଜିକ ସମାବେଶରେ ଜାତୀୟ ଆନ୍ତର୍ଜାତୀୟ ଜଳପଥ ପ୍ରାଧିକରଣ ନିଜକୁ ସାମିଲ କରି ଯାତ୍ରୀଙ୍କୁ ସୁବିଧାସୁଯୋଗ ଯୋଗାଇଦେଉଛି। ୨୦୧୯ର ପ୍ରୟାଗ କୁମ୍ଭମେଳାରେ ଯାତ୍ରୀଙ୍କ ନିରାପଦ ଗମନାଗମନ ସୁବିଧା ପାଇଁ ଏହା ନିଜକୁ ନିୟୋଜିତ କରିଛି। ଜାନୁୟାରୀ ୧୫ରୁ ଏହି ମେଳା ପ୍ରୟାଗରେ ଆରମ୍ଭ ହୋଇଛି ଏବଂ ଏହା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଦୁଇ ମାସ ଧରିଚାଲିବ। ଏଥିପାଇଁ ଜଳପଥ ପ୍ରାଧିକରଣ ଚାରିଟି ଭାସମାନ ଟର୍ମିନାଲ ତିଆରି କରିଛି। ସେଗୁଡ଼ିକ କାଳୀଘାଟ, ସରସ୍ୱତୀ ଘାଟ, ନୈନୀ ସେତୁ ଓ ସୁଜଓ୍ୱାନ ଘାଟରେ ନିର୍ମିତ ହୋଇଛି। ଏଥିପାଇଁ ମେଳା କର୍ତ୍ତୃପକ୍ଷ ଟର୍ମିନାଲ ନିକଟରେ ଟେଣ୍ଟ ସୁବିଧା ଯୋଗାଇ ଦେଇଛନ୍ତି ଏବଂ ଯାତ୍ରୀମାନେ ସେଥିରେ ରହିପାରିବେ। ଯାତ୍ରୀଙ୍କୁ ପାର ଓ ଉତାର କରିବା ପାଇଁ ଜଳପଥ ପ୍ରାଧିକରଣ ପକ୍ଷରୁ ସିଏଲ୍ କସ୍ତୁରବା ଓ ଏସ୍‌ଏଲ୍ କମଳା ନାମକ ଦୁଇଟି ବଡ଼ ପୋତ (ଯନ୍ତ୍ରଚାଳିତ)ର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ପ୍ରୟାଗରାଜରୁ ବାରାଣସୀ ପର୍ଯ୍ୟନ୍ତ ଗଙ୍ଗା ନଦୀ ଶଯ୍ୟାରେ ନୌଚଳାଚଳ ପାଇଁ ଏକ ମିଟର ଗଭୀରର ଏକ ନାଳ ନିର୍ମାଣ କରାଯାଇଛି ଓ ସେଥିରେ ପାଞ୍ଚଟି ଅସ୍ଥାୟୀ ଜେଟି (ଘାଟ) ଚଟ୍‌ନାଗ, ସିର୍ସା, ସୀତାମାଢ଼ୀ, ବିନ୍ଧ୍ୟାଞ୍ଚଳ ଓ ଚୁନାରଠାରେ ତିଆରି କରାଯାଇଛି। ଏହି ଜଳପଥ ଦେଇ ଯାତ୍ରୀମାନେ କୁମ୍ଭମେଳାକୁ ଯାତାୟତର ସୁବିଧା ପାଇବେ। ପରବର୍ତ୍ତୀ ସମୟରେ ଏହି ଜଳପଥର ବିକାଶ କରାଯାଇ ବାରାଣସୀ-ପ୍ରୟାଗରାଜ ମଧ୍ୟରେ ନୌପରିବହନର ବିକାଶ କରାଯିବ। ଏହା ମଧ୍ୟ ଦେଇ ପୋତମାନ ନିର୍ବିଘ୍ନରେ ଦୁଇ ସହର ମଧ୍ୟରେ ଯାତାୟତ କରିପାରିବେ। ପଶ୍ଚିମବଙ୍ଗର ଗଙ୍ଗାସାଗର ମେଳା ଓ ପାଟନାର ପ୍ରକାଶପର୍ବ ଅବସରରେ ଜଳପଥ ପ୍ରାଧିକରଣ ମଧ୍ୟ ଅନୁରୂପ ବ୍ୟବସ୍ଥା ଅତୀତରେ ଗ୍ରହଣ କରିଥିଲା।

**ରିଭର କ୍ରୁଜ୍ ବ୍ୟବସ୍ଥା:** ନଦୀରେ କ୍ରୁଜ୍ ସୁବିଧା

> ଏକ ବିକଶିତ ଅନ୍ତର୍ଦେଶୀୟ ଜଳ ପରିବହନ ବ୍ୟବସ୍ଥା ଦ୍ୱାରା ଦେଶର ସାମଗ୍ରିକ ପରିବହନ କ୍ଷମତା ଓ ଦକ୍ଷତା ବଢ଼ିବ। ଏହାଛଡ଼ା ପରିବହନ ବାବଦ ବିପୁଳ ଖର୍ଚ୍ଚ ହ୍ରାସ ପାଇବା ସହ ଦେଶର ଅର୍ଥନୀତି ଉପକୃତ ହେବ। ଭାରତରେ ପରିବହନ ବାବଦ ବ୍ୟୟ ମୋଟ୍ ଜିଡିପିର ୧୫%। ୟୁରୋପରେ ଜଳପଥ ପରିବହନ ବାବଦ ବ୍ୟୟ ଜିଡିପିର ୭ଶତାଂଶ ହୋଇଥିବାବେଳେ ଚୀନରେ ୮.୭%। ଭାରତରେ ଏହା ମାତ୍ର ୧.୫ ଶତାଂଶ। ଭାରତରେ ୧୪,୫୦୦ କିଲୋମିଟର ଜଳପଥ ନୌପରିବହନ ପାଇଁ ଅନୁକୂଳ। ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଏକ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଦେଶର ଜାତୀୟ ଜଳପଥଗୁଡ଼ିକୁ ବ୍ୟାବସାୟିକ ଭିତ୍ତିରେ ନୌଚଳାଚଳ ପାଇଁ ସୁଗମ ଓ ଯୋଗ୍ୟ କରିବା ଏହାର କାର୍ଯ୍ୟ। ଏବେ ଦେଶର ଜାତୀୟ ଜଳପଥ ମାଧ୍ୟମରେ ବାର୍ଷିକ ୫୫ ନିୟୁତ ଟନ୍ ପଣ୍ୟ କାରବାର ହେଉଛି। ୨୦୨୩ ସୁଦ୍ଧା ଏହାକୁ ୧୫୦ ନିୟୁତ ଟନ୍‌ରେ ପହଞ୍ଚାଇବାକୁ ଜଳପଥ ପ୍ରାଧିକରଣ ଲକ୍ଷ୍ୟ ରଖିଛି।

ପାଇଁ ଯେଉଁ ଛ'ଟି ନଦୀ 'କୋଣ୍ଡ ନାଷ୍ଟ ଟ୍ରାଭେଲ' ତାଲିକାରେ ସ୍ଥାନ ପାଇଛି ସେଥିରେ ଗଙ୍ଗା ଅନ୍ୟତମ। ୨୦୧୭ରୁ ଏ ଦିଗରେ ଅଭିଯାନ ଆରମ୍ଭ ହୋଇଛି ଓ ବିଳାସପୂର୍ଣ୍ଣ କ୍ରୁଜ (ଜାହାଜ) ଚଳାଚଳ ଗଙ୍ଗା ଭଏଜ-୨ କାର୍ଯ୍ୟକ୍ରମରେ କଲକାତାରୁ ବାରାଣସୀ ମଧ୍ୟରେ ସମ୍ପନ୍ନ ହୋଇଛି। ଚୀନର ମେକଙ୍ଗ ଓ ୟାଙ୍ଗଜି, ଦକ୍ଷିଣ ଆମେରିକାର ଆମାଜନ, ରୁଷିଆର ଭଲଗା ଓ ମ୍ୟାଁମାରର ଇରାବତୀ ନଦୀ ଭଳି ଗଙ୍ଗାରେ କ୍ରୁଜ୍ ଯାତ୍ରାର ବ୍ୟବସ୍ଥା କରାଯାଇଛି। ଘରୋଇ କ୍ରୁଜ୍ ଆୟୋଜକମାନଙ୍କୁ ଜଳପଥ ପ୍ରାଧିକରଣ ଏ କ୍ଷେତ୍ରରେ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛି। ଫରକ୍କା ଭଳି ଯେଉଁଠି ନଦୀରେ ବ୍ୟାରେଜ ଓ ଆନିକଟମାନ ରହିଛି ସେଠାରେ କ୍ରୁଜ୍ ଯାତ୍ରୀଙ୍କୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି।

**ଅନ୍ୟାନ୍ୟ ଜାତୀୟ ଜଳପଥ -** ଜାତୀୟ ଜଳପଥ-୨ : ବ୍ରହ୍ମପୁତ୍ର ନଦୀର ଉପରମୁଣ୍ଡ ସାଦିୟାଠାରୁ ବାଂଲାଦେଶ ସୀମା ପର୍ଯ୍ୟନ୍ତ ଜଳପଥକୁ ଜାତୀୟ ଜଳପଥ-୨ ନାମରେ ନାମିତ କରାଯାଇ ଏହାର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ଏହାର ଦୈର୍ଘ୍ୟ ୮୯୧ କି.ମି.। ୧୯୮୮ରେ ଏହା ଜାତୀୟ ଜଳପଥ ଘୋଷିତ ହେବା ପରେ ନଦୀପଥର ଖନନ, ଜେଟି ଓ ଟର୍ମିନାଲ ନିର୍ମାଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପଥରେ ଉଭୟ ପଣ୍ୟବାହୀ ଓ ଯାତ୍ରୀବାହୀ ପୋତ ଚଳାଚଳର ଲକ୍ଷ୍ୟ ରଖାଯାଇଛି।

**ଭାରତ-ବାଂଲାଦେଶ ପ୍ରୋଟୋକଲ ରୁଟ୍:** ଭାରତ-ବାଂଲାଦେଶ ମଧ୍ୟରେ ସମ୍ପାଦିତ ଚୁକ୍ତି ଅନୁସାରେ ବ୍ରହ୍ମପୁତ୍ର ଓ ଗଙ୍ଗାର ବାଂଲାଦେଶ ମଧ୍ୟରେ ପ୍ରବାହିତ ଅଂଶରେ ପୋତ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଜଳମାର୍ଗ ପ୍ରାଧିକରଣ ଓ ଏହାର ବାଂଲାଦେଶ ପ୍ରତିପକ୍ଷ ନୌଚଳାଚଳ ପାଇଁ ପରସ୍ପରର ପୋତଗୁଡ଼ିକୁ ଟ୍ରାଞ୍ଜିଟ୍ ପରମିଟ୍ (ଅନୁମତି) ନିୟମିତ ପ୍ରଦାନ କରୁଛନ୍ତି। ଫଳରେ ଦୁଇ ପକ୍ଷର ନୌବାଣିଜ୍ୟ କାରବାର ସୁଗମ ହୋଇଛି। ୧୯୭୨ରେ ସମ୍ପାଦିତ ଯୁକ୍ତି ଅନୁସାରେ ଏହି ଜଳପଥ କାର୍ଯ୍ୟକ୍ଷମ ହୋଇଛି। ୨୦୨୦ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଏହି ଚୁକ୍ତିର ମିଆଦ ରହିଛି। ଜାତୀୟ ଜଳପଥ ୩ ନାମରେ ନାମିତ ଏହି ଜଳପଥରେ ବ୍ୟବସାୟିକ ଭିତ୍ତିରେ ନୌବାଣିଜ୍ୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଚାଲିଛି।

ଜାତୀୟ ଜଳପଥ ୪,୫ ଓ ୬ - ଗୋଦାବରୀ ଓ କୃଷ୍ଣା ନଦୀର କେନାଲ ବ୍ୟବସ୍ଥାରେ ଉନ୍ନତି ଆଣି ଆନ୍ଧ୍ରର କାକିନାଡ଼ା ଓ ପୁଡୁଚେରୀ ମଧ୍ୟରେ ଜାତୀୟ ଜଳପଥ ୪ ନିର୍ମାଣର ପରିକଳ୍ପନା ରହିଛି ଯାହାର ଲମ୍ବ ୧୦୯୫ କି.ମି.। ସେହିପରି ଇଷ୍ଟକୋଷ୍ଟ କେନାଲ (ଓଡ଼ିଶା-ପଶ୍ଚିମବଙ୍ଗ) ବ୍ରାହ୍ମଣୀ ଓ ମହାନଦୀକୁ ସଂଯୋଗ କରି ଜାତୀୟ ଜଳପଥ-୫ର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି



ଯାହାର ଦୈର୍ଘ୍ୟ ୬୨୩ କି.ମି.। ବାରକ ନଦୀ ପଥର ବିକାଶ କରି ଆସାମ ଓ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ୧୫୨ କି.ମି. ଲମ୍ବର ୬ନମ୍ବର ଜାତୀୟ ଜଳପଥ ପରିକଳ୍ପନା ରହିଛି। ଏସବୁ ଜଳପଥର ବିକାଶ ପାଇଁ ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଛି।

**ଅନ୍ୟାନ୍ୟ ଜାତୀୟ ଜଳପଥ :** ୨୦୧୭-୧୮ ବର୍ଷରେ କେନ୍ଦ୍ର ସରକାର ଆଠଟି ନୂଆ ଜାତୀୟ ଜଳପଥର ବିକାଶ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ଗଣ୍ଡକ, ରୂପନାରାୟଣ, ଆଲପୁଜା-କୋଟାୟମ-ଅତିରାମପୂଜା କେନାଲ - ଉପନଗରୀୟ ଜଳପଥ ଓ ମାଣ୍ଡଭି ଅନ୍ୟତମ।

୧) ଗଣ୍ଡକ ଜାତୀୟ ଜଳପଥ ନଂ-୩୭ (ବିହାର ଓ ଉତ୍ତରପ୍ରଦେଶ)

ଗଣ୍ଡକ ନଦୀର ୨୭୭ କି.ମି. ଜଳପଥରକୁ ୩୭ନମ୍ବର ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି। ବିହାରର ହାଜିପୁରସ୍ଥିତ ତ୍ରିବେଣୀ ଘାଟ ବ୍ୟାରେଜଠାରୁ ଉତ୍ତରପ୍ରଦେଶ ଯାଏ ଏହି ଜଳପଥ ପରିବ୍ୟାପ୍ତ।

୨) ରୂପନାରାୟଣ ଜାତୀୟ ଜଳପଥ ନଂ.୮୬:

ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ବାହାରି ପଶ୍ଚିମବଙ୍ଗ ଦେଇ ବଙ୍ଗୋପସାଗରକୁ ପ୍ରବାହିତ ହେଉଥିବା ରୂପନାରାୟଣ ନଦୀର ପ୍ରତାପପୁରଠାରୁ ଗେଓଁଖାଲି ପର୍ଯ୍ୟନ୍ତ ୭୨ କି.ମି. ନଦୀ ପଥକୁ ଜାତୀୟ ଜଳପଥ ୮୬ର ମାନ୍ୟତା ଦିଆଯାଇଛି। ଏହି ସମଗ୍ର ଜଳପଥଟି ପଶ୍ଚିମବଙ୍ଗରେ ରହିଛି।

୩) ଆଲପୁଜା-ଅତିରାମପୁଜା କେନାଲ - ଜଳପଥ ନଂ-୯ :

କେରଳର ଆଲପୁଜା-କୋଟାୟମ-ଅତିରାମପୁଜା କେନାଲକୁ ଜାତୀୟ ଜଳପଥ ୯ର ମାନ୍ୟତା ଦିଆଯାଇଛି। ଏହାର ଦୈର୍ଘ୍ୟ ୩୮କି.ମି.। ଏହି ଜଳପଥ ଦେଇ ବହୁ ଦିନରୁ ଯାତ୍ରୀ ଓ ମାଲ ପରିବହନ ହୋଇଆସୁଛି।

୪) ସୁନ୍ଦରବନ ଜଳପଥ - ଜାତୀୟ ଜଳପଥ - ୯୭ :

ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳର ୨୦୧ କି.ମି. ଦୈର୍ଘ୍ୟ ନଦୀନାଳକୁ ଜାତୀୟ ଜଳପଥ - ୯୭ର ମାନ୍ୟତା ଦିଆଯାଇଛି। ନଦୀନାଳ ପରିପୂର୍ଣ୍ଣ ଏହି ଅଞ୍ଚଳରେ ନଦୀପଥ ଯୋଗାଯୋଗର ଏକମାତ୍ର ମାଧ୍ୟମ ହୋଇଥିବାରୁ ଏହାର ବିକାଶ ବିଶେଷ ଗୁରୁତ୍ୱ ବହନ କରେ।

୫) ଏହାଛଡ଼ା ଗୋଆର ମାଣ୍ଡଭି ନଦୀର ୪୮ କିମି ପଥକୁ ଜାତୀୟ ଜଳପଥ ୬୮ ଓ ଜୁଆରିନଦୀର ୫୦କି.ମି. ଅଂଶକୁ ଜାତୀୟ ଜଳପଥ ନମ୍ବର ୧୧୧ର ମାନ୍ୟତା ମିଳିଛି।

**ଅନ୍ତର୍ଦ୍ଦେଶୀୟ ଜଳପଥର ଉପକାରିତା:**

ଏହା ଅତିରିକ୍ତ ପରିବହନ ସୁବିଧା ଯୋଗାଏ ଯାହା ଶସ୍ତା ଏବଂ ପରିବେଶ ଅନୁକୂଳ। ଏକ ଅଶ୍ୱଶକ୍ତି ବିଶିଷ୍ଟ ଇଂଜିନ ଦ୍ୱାରା ଚାଳିତ ଯାନ ପାଣିରେ ୪୦୦୦ କେଜି ଓଜନର ସାମଗ୍ରୀ ପରିବହନ କରିପାରୁଥିବା ବେଳେ ରେଳପଥରେ ୫୦୦ କେଜି ଓ ସଡ଼କପଥରେ ମାତ୍ର ୧୫୦ କେଜି ଓଜନ ପରିବହନ କରିବାକୁ ସକ୍ଷମ। ସେହିଭଳି ଏହା ଇନ୍ଧନ ଦକ୍ଷ। ଏକ ଲିଟର ଇନ୍ଧନରେ ଗୋଟିଏ ପୋତ ବା ଯନ୍ତ୍ରଚାଳିତ ନୌକା ୧୦୫ ଟନ୍ ସାମଗ୍ରୀ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ବହନ କରି ନେଇପାରୁଥିବା ବେଳେ ରେଳପଥରେ ଗୋଟିଏ ଲିଟର ଇନ୍ଧନ ୮୫ଟନ୍ ଓ ସଡ଼କ ପଥରେ ସେତିକି ଇନ୍ଧନ ଏକ କି.ମି. ଯାଏ ମାତ୍ର ୨୪ଟନ୍ ମାଲ୍ ପରିବହନ କରିବାକୁ ସକ୍ଷମ। ନଦୀ ପଥରେ ଚଳାଚଳ କରୁଥିବା ଯାନବାହନ ସ୍ୱଳ୍ପ ଇନ୍ଧନ ଲୋଡୁଥିବାରୁ ପ୍ରଦୂଷଣ ମାତ୍ର ଯଥେଷ୍ଟ କମ୍। ନଦୀ ତଟବର୍ତ୍ତୀ ଘନଆବାଦୀ ଅଥଚ ଅପହଞ୍ଚ ଓ ଅବହେଳିତ ଅଞ୍ଚଳକୁ ଯୋଗଯୋଗ ସୁବିଧା ପହଞ୍ଚାଇବାରେ ଏହା ସବୁଠୁ ସହଜ ମାଧ୍ୟମ। ଏହି ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣର ବିଶେଷ ଆବଶ୍ୟକତା ନାହିଁ। ଜଳପଥର ବିକାଶ କାର୍ଯ୍ୟ ରେଳ ଓ ସଡ଼କ ପଥ ପରି ଜଟିଳ ଓ ବ୍ୟୟବହୁଳ ନୁହେଁ।

**ବିଭିନ୍ନ ସୁବିଧା ସୁଯୋଗ ସୃଷ୍ଟି:**

ଭାରତୀୟ ଜାତୀୟ ଜଳପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ନାନାବିଧ ସୁବିଧାସୁଯୋଗ ସୃଷ୍ଟି ହୋଇଛି। ଫଳରେ ଲୋକଙ୍କୁ ରୋଜଗାର ମିଳୁଛି। ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା।

- ପଣ୍ୟ ପରିବହନ
- ନଦୀ ପଥ ଖନନ (ଡ୍ରେଜିଂ)
- ଟର୍ମିନାଲ ନିର୍ମାଣ, ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ
- ବାର୍ଜ (ପୋତ) ନିର୍ମାଣ ଓ ତାହାର ଚଳାଚଳ
- ନୌଚଳାଚଳ ସହାୟତା
- ଜଳ ସର୍ବେକ୍ଷଣ
- ପୋତ ଓ ଟର୍ମିନାଲ ପାଇଁ ଲୋକଶକ୍ତି ଯୋଗାଣ
- ପୋତ ଚାଳନା ପାଇଁ ନାବିକ ତାଲିମ
- ଷ୍ଟିଭେଡରିଂ ଓ ଫରୱାର୍ଡିଂ (ମାଲ ବୋଝେଇ ଖଲାସ)
- କ୍ରୁଜ୍ ପରିଚାଳନା
- ବୈଷୟିକ, ଆର୍ଥିକ, ସାମାଜିକ ଓ ପରିବେଶଗତ ପରାମର୍ଶ ସେବା (କନ୍ସଲଟାନ୍ସି)
- ବଜାର ଅନୁଶୀଳନ ଓ ପ୍ରକଳ୍ପ ପରିଚାଳନା
- ନିର୍ମାଣ କାର୍ଯ୍ୟର ତଦାରଖ
- ପ୍ରୁଫ୍ ଚେକିଂ ଡିଜାଇନ ଓ ମଡେଲ ଷ୍ଟଡିଜ୍

ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ଦେଶର ଅର୍ଥନୀତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ସାମାଜିକ ବିକାଶରେ ମଧ୍ୟ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

**ଲେଖକ ହେଉଛନ୍ତି ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣର ଉପାଧ୍ୟକ୍ଷ।**
**Email Id: vc.iwai@nic.in**

ଫୋକସ୍


# ଉଡାନ୍ : ଆଶା ଓ ଆହ୍ୱାନ

ଉଷା ପାଢ଼ୀ

ପ୍ରାୟ ଦୁଇ ବର୍ଷ ତଳେ ଉଡ଼ାନର ପରିକଳ୍ପନା ହୋଇଥିଲା । ଆଞ୍ଚଳିକ ଯୋଗାଯୋଗ ପ୍ରତିଷ୍ଠା କ୍ଷେତ୍ରରେ ଭାରତ ସରକାରଙ୍କର ଏହା ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ ଯାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଲା ଦେଶର ଛୋଟଛୋଟ ସହରକୁ ସ୍ୱଳ୍ପ ମୂଲ୍ୟରେ ବିମାନ ସେବା ଯୋଗାଇଦେବା । ଏହି ଦୁଇ ବର୍ଷ ମଧ୍ୟରେ ୨୦୧୮ ଡିସେମ୍ବର ସୁଦ୍ଧା ଉଡ଼ାନ କାର୍ଯ୍ୟକ୍ରମରେ ଦେଶର ୩୫ଟି ୨ୟ ଓ ୩ୟ ଶ୍ରେଣୀ ସହରର ଲୋକଙ୍କୁ ସୁଲଭ ମୂଲ୍ୟର ବିମାନ ସେବା ଯୋଗାଇ ଦିଆଗଲାଣି । ଏହି ଯୋଜନାର ଏକ ନୂତନ ସଂସ୍କରଣରେ ଏବେ ଦେଶର ପର୍ଯ୍ୟଟନସ୍ଥଳ ଓ ଆନ୍ତର୍ଜାତିକ ଲକ୍ଷ୍ୟସ୍ଥଳଗୁଡ଼ିକୁ ସଂଯୁକ୍ତ କରିବାର ପ୍ରୟାସ ଆରମ୍ଭ ହୋଇଛି । ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଯାତ୍ରୀଙ୍କୁ ଏହି ଯୋଜନା କ'ଣ ସବୁ ଅନୁଭୂତି ଦେଇଛି ତାହା ମୂଲ୍ୟାଙ୍କନ କରିବାର ସମୟ ଆସିଛି ।

ଭାରତରେ ଗତ ୧୦ବର୍ଷ ମଧ୍ୟରେ ବିମାନଯାତ୍ରୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଛି । ଉଭୟ ଘରୋଇ ଓ ଆନ୍ତର୍ଜାତିକ ବିମାନ ଯାତ୍ରା ପାଇଁ ଭାରତର ପ୍ରଚୁର ସାମର୍ଥ୍ୟ ରହିଛି ଓ ଏହା ବିଶ୍ୱର ଏ କ୍ଷେତ୍ରର ପ୍ରଥମ ତିନିଟି ଦେଶ ମଧ୍ୟରେ ରହିବାକୁ ସମର୍ଥ । ଦେଶର ଅର୍ଥନୀତି ଉପରେ ଏହି ଉଦ୍ୟୋଗର ନାନାବିଧ ଅନୁକୂଳ ପ୍ରଭାବ ପଡୁଥିବାରୁ ବେସାମରିକ ବିମାନଚଳାଚଳ ବ୍ୟବସ୍ଥାର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ପ୍ରତିଷ୍ଠାନ ଆଇସିଏଓର ଏକ ଅନୁଧ୍ୟାନ ଅନୁସାରେ ଏହି ଉଦ୍ୟୋଗର ଆଉଟ୍‌ପୁଟ୍ ମଲ୍‌ଟିପ୍ଲାୟର ଓ ଏମ୍ପ୍ଲୟମେଣ୍ଟ ମଲଟିପ୍ଲାୟର ଅନୁପାତ ଯଥାକ୍ରମେ ୩.୨୫ ଓ ୬.୧୦ । ସରଳ ଭାଷାରେ କହିଲେ ଏହି ଉଦ୍ୟୋଗର ଯେତେ ବିକାଶ ହେବ ଏଥିରେ ନିଯୁକ୍ତି ସୁଯୋଗ ସେଇ ଅନୁପାତରେ ବଢ଼ିବ ।






୨୦୧୬ରେ ଭାରତ ସରକାର ଜାତୀୟ ବେସାମରିକ ଉଡ଼ାଣ ନୀତି ପ୍ରସ୍ତୁତ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଉଡ଼ାଣ କ୍ଷେତ୍ରର ବିକାଶ ପାଇଁ ଏକ ସମନ୍ୱିତ ପରିବେଶ ଓ ପରିତନ୍ତ୍ର ସୃଷ୍ଟି କରିବା ଯେଉଁଥିରେ ବିମାନପଥ, ବିମାନ ବନ୍ଦର, ବିମାନ ଚଳାଚଳକାରୀ କମ୍ପାନୀ, ଯାତ୍ରୀ ଓ ପଣ୍ୟ ପରିବହନ ଆଦି ବିଭିନ୍ନ ସମ୍ବନ୍ଧିତ କ୍ଷେତ୍ରଗୁଡ଼ିକର ସମତୁଲ ବିକାଶ କରିବା। ଏଥିରେ ବିମାନ ଯାତ୍ରାକୁ ସୁଲଭ କରିବା ସହ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଥିଲା ମୂଳ ଲକ୍ଷ୍ୟ। ସେଥିପାଇଁ ୨୦୨୨ ସୁଦ୍ଧା ଦେଶରେ ୩୦କୋଟି ଓ ୨୦୨୭ ସୁଦ୍ଧା ୫୦କୋଟି ଲୋକଙ୍କୁ ଘରୋଇ ଉଡ଼ାଣ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୨୭ ସୁଦ୍ଧା ଭାରତକୁ ୨୦କୋଟି ବିଦେଶୀଙ୍କ ଆତଯାତ ପାଇଁ ବିମାନ ସେବା ଯୋଗାଇଦେବାର ଲକ୍ଷ୍ୟ ମଧ୍ୟ ସରକାର ରଖିଛନ୍ତି।

ଉଡ଼ାନ (ଉଡ଼େ ଦେଶ କା ଆମ୍ ନାଗରିକ) ଯୋଜନାରେ ଦେଶରେ ବିମାନଯାତ୍ରାକୁ ଶସ୍ତା ଓ ସୁବିଧାଜନକ କରି ଛୋଟ ଛୋଟ ସହରରେ ରହୁଥିବା ସାଧାରଣ ଲୋକଙ୍କୁ ଏହାର ସୁଯୋଗ ଯୋଗାଇବାର ଉଦ୍ଦେଶ୍ୟ ନିହିତ। ଏହା ମାଧ୍ୟମରେ ଆଞ୍ଚଳିକ ଅଭିବୃଦ୍ଧି ସାଧିତ ହୋଇପାରିବ। ଏବେ ଦେଶରେ ଯେଉଁ ବିମାନ ସେବା ରହିଛି ତାହାର ୭୦ଭାଗ ମହାନଗରଗୁଡ଼ିକ ପାଇଁ ଉପଲବ୍ଧ। ସ୍ୱାଧୀନତା ପରଠାରୁ ଅଳ୍ପ କିଛି ବର୍ଷ ଯାଏ ଦେଶରେ ମାତ୍ର ୬୭ଟି ବିମାନବନ୍ଦର ଥିଲା ଏବଂ ସେସବୁରେ ସ୍ଥିରୀକୃତ ବ୍ୟାବସାୟିକ ଢାଞ୍ଚାରେ ବିମାନ ଚଳାଚଳ କରୁଥିଲା। ଉଡ଼ାଣ ଯୋଜନାରେ ଭିତ୍ତିଭୂମି ବିକାଶକୁ ଅଗ୍ରାଧିକାର ଦିଆଯାଇ ଅଧିକ ବିମାନବନ୍ଦର ଓ ଅନ୍ୟାନ୍ୟ ମୌଳିକ ସୁବିଧାସୁଯୋଗ ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ପୁରୁଣା ବିମାନବନ୍ଦରର ବିକାଶ, ନୂଆ ବିମାନବନ୍ଦର ନିର୍ମାଣ, ଖର୍ଚ୍ଚ ହ୍ରାସ ସହ ଅନେକ ଅଭିନବ ବ୍ୟବସ୍ଥା ଗ୍ରହଣ କରାଯାଇ ବିମାନ ଟିକଟକୁ ଶସ୍ତା କରିବାକୁ ଚେଷ୍ଟା କରାଯାଉଛି। ଇନ୍ଧନ ମୂଲ୍ୟ ସମେତ ବିମାନ ଚଳାଚଳ ଜନିତ ଖର୍ଚ୍ଚକୁ କମ୍ କରିବା ପାଇଁ ଏୟାର ଲାଇନ୍‌ସଗୁଡ଼ିକୁ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଫଳରେ ଟିକଟ ଶସ୍ତା ହେଉଛି। ଏହାଦ୍ୱାରା ବେସାମରିକ ଉଡ଼ାଣ କ୍ଷେତ୍ରରେ ଏକ ବିପ୍ଳବ ଦେଶରେ ସୃଷ୍ଟି ହୋଇଛି ଓ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସହରକୁ କ୍ରମଶଃ ଆକାଶ ପଥରେ ଯୋଡ଼ାଯାଇ ଉଡ଼ାଣ ସୁବିଧା ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ୨୦୧୭ରେ ଉଡ଼ାନ ଯୋଜନା ଆରମ୍ଭ ହେବାପରେ ୬୧ଟି ନୂଆ ସେକ୍ଟର (ଆକାଶ ମାର୍ଗ) ଉଡ଼ାଣ ବ୍ୟବସ୍ଥାରେ ସାମିଲ ହୋଇଛି। ଏହିସବୁ ନୂଆ ଆକାଶ ପଥରେ ଇତିମଧ୍ୟରେ ୧୦ଲକ୍ଷରୁ ଅଧିକ ଯାତ୍ରୀ ଯାତାୟତ କରିସାରିଲେଣି। ପ୍ରଥମ କରି ବିମାନଯାତ୍ରା କରିବା ଲୋକଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧିରୁ ଏହି ଉଦ୍ୟୋଗର ଲୋକପ୍ରିୟତା ପ୍ରମାଣିତ ହେଉଛି। ବଡ଼ ବଡ଼ ସହରଗୁଡ଼ିକ ମଧ୍ୟରେ ଯେଉଁ ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ ସହର ରହୁଛି ସେଗୁଡ଼ିକୁ ବାୟୁ ପଥରେ ଯୋଡ଼ିବାକୁ ଉଦ୍ୟମ ଚାଲିଛି। ଆଞ୍ଚଳିକ ବଜାରକୁ ଯୋଡ଼ିବା ପାଇଁ ଏଥିରେ 'ସିଟି ପେୟାରସ୍' ବ୍ୟବସ୍ଥା ଆରମ୍ଭ ହୋଇଛି।

ଉଡ଼ାନ ଏକ ଅଭିନବ ଢାଞ୍ଚାରେ କାର୍ଯ୍ୟ କରୁଛି। ବିପୁଳ ପୁଞ୍ଜି ଖଟାଇ ଦୀର୍ଘ ମିଆଦି ନୀତିରେ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ନୀତିରେ ଉଡ଼ାନ ବିଶ୍ୱାସ କରେନାହିଁ। ଏହା ଛୋଟ ଛୋଟ ସହରରେ ପୁରୁଣା ବିମାନବନ୍ଦରର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ ବିମାନବନ୍ଦରର ବିକାଶ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଫଳରେ ଭିତ୍ତିଭୂମି ନିର୍ମାଣ ଓ ବିକାଶ ଜନିତ ବ୍ୟୟ ଯଥେଷ୍ଟ କମ୍ ରହୁଛି। ସେହିଭଳି ବିମାନ ଚଳାଚଳ ଜନିତ ଖର୍ଚ୍ଚ କମ୍ କରିବାକୁ ଉଡ଼ାନ ବ୍ୟବସ୍ଥାରେ ଏୟାର

ଲାଇନ୍ସଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି। ଏହାଫଳରେ ଛୋଟ ଛୋଟ ସହରଗୁଡ଼ିକର ଲୋକେ ଶସ୍ତାରେ ବିମାନ ସେବା ପାଇବେ।

**ଆଞ୍ଚଳିକ ସଂଯୋଗ ଯୋଜନା- ଉଡ଼ାନର ମୁଖ୍ୟ ବିଶେଷତ୍ୱ:**

- ସେବା ନ ଥିବା ବିମାନପଥରେ ଉଡ଼ାନ ସେବା ଯୋଗାଇ ବିଭିନ୍ନ ଅଞ୍ଚଳକୁ ଯୋଡ଼ିବା ସହ ଅଭିବୃଦ୍ଧିରେ ଆଞ୍ଚଳିକ ଭାରସାମ୍ୟ ରକ୍ଷା ହସିତ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ବିମାନ ସେବା ଯୋଗାଇବାକୁ ଉଦ୍ଦିଷ୍ଟ।

- ଏହି ଯୋଜନା ୧୦ବର୍ଷ ଯାଏ ଚାଲିବ ଏବଂ ଏହି ସମୟ ମଧ୍ୟରେ ଦେଶର ପୁରୁଣା ବିମାନବନ୍ଦରଗୁଡ଼ିକର ପୁନରୁଦ୍ଧାର ସହ ପ୍ରଚଳିତ ବିମାନବନ୍ଦରଗୁଡ଼ିକର ବିକାଶ କରାଯିବ।

- ବିମାନ ଚଳାଚଳକାରୀ ସଂସ୍ଥା, ବିମାନ ବନ୍ଦରର ପରିଚାଳକ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କୁ ଏହି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ସ୍ଥଳେ ଆର୍ଥିକ ପ୍ରୋତ୍ସାହନ, ରିଆତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବେ। ବିମାନ ସେବା ନ ଥିବା ଅଞ୍ଚଳକୁ ସେବା ଯୋଗାଣ ଉପରେ ଅଗ୍ରାଧିକାର ଦିଆଯିବ ଏବଂ ଲୋକଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ବିମାନସେବା ଯୋଗାଇ ଦେବାକୁ ସବୁମନ୍ତେ ଉଦ୍ୟମ କରାଯିବ।

- ଏହା ଏକ ଚାହିଦା-ପରିଚାଳିତ ଯୋଜନା। ଯେଉଁ ଏୟାର ଲାଇନ୍ସ ବା ହେଲିକପ୍ଟର ସେବା ପ୍ରଦାନକାରୀ ନୂଆ ନୂଆ ଅଞ୍ଚଳକୁ ବିମାନସେବା ଯୋଗାଇବାକୁ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ସରକାର ନିଲାମ ପ୍ରକ୍ରିୟାରେ ମନୋନୀତ କରି ପ୍ରୋତ୍ସାହିତ କରିବେ।

- ଏହି ବିମାନ ସେବା ଯୋଗାଣକାରୀ ସଂସ୍ଥାକୁ ଆଞ୍ଚଳିକ ପରିବହନ ପାଇଁ ସର୍ବନିମ୍ନ ୯ ଓ ସର୍ବାଧିକ ୪୦ ଆସନ ବିଶିଷ୍ଟ ବିମାନ ଚଳାଚଳ ବ୍ୟବସ୍ଥା କରିବାକୁ ପଡ଼ିବ। ହେଲିକପ୍ଟର ସେବା ପାଇଁ ଏହି ଆସନ ସଂଖ୍ୟା ସର୍ବାଧିକ ୧୩ ନିର୍ଦ୍ଧାରିତ ହୋଇଛି।

## ନ୍ୟୁ-ଇଣ୍ଡିଆ ପାଇଁ ଅତ୍ୟାଧୁନିକ ଇନ୍‌ଫ୍ରାଷ୍ଟ୍ରକ୍‌ଚର

### ବିମାନ କ୍ଷେତ୍ରରେ ଉଚ୍ଚ ଉଡ଼ାଣ




- ଭାରତ ବିଶ୍ୱର ତୃତୀୟ ବଡ଼ ଆଭିଏସନ୍ ବଜାର
- ଗତ ୩ ବର୍ଷରେ ଯାତ୍ରୀ ଯାତାୟତରେ ୧୮ରୁ ୨୦% ବୃଦ୍ଧି
- ପ୍ରଥମଥର ଯାତ୍ରୀମାନେ ଟ୍ରେନ୍‌ର ଏସି କୋଚ୍ ବଦଳରେ ବିମାନ ଯାତ୍ରାକୁ ପ୍ରାଧାନ୍ୟ
- ୨୦୧୭ରେ ଘରୋଇ ବିମାନରେ ଯାତ୍ରୀଙ୍କ ସଂଖ୍ୟା ୧୦୦ ମିଲିୟନ୍‌କୁ ଅତିକ୍ରମ
- ଏହି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ନ୍ୟାସ୍‌ନାଲ୍ ସିଭିଲ୍ ଆଭିଏସନ୍ ପଲିସି-୨୦୧୬ର ଉପଯୋଗ

As on 1st January, 2019

- ଏକ ଘଣ୍ଟାର ଉଡ଼ାଣ (୫୦୦ କି.ମି) ପାଇଁ ଯାତ୍ରୀ ପିଛା ଛୋଟ ବିମାନ (ଫିକ୍ସଡ୍ ଉଇଙ୍ଗ)ରେ ଭଡ଼ା ପ୍ରାୟ ୨୫୦୦ ଟଙ୍କା ରଖାଯାଇଥିବାବେଳେ ହେଲିକପ୍ଟର ପାଇଁ ଅଧଘଣ୍ଟାର ଯାତ୍ରା ନିମନ୍ତେ ଏହି ଭଡ଼ା ପ୍ରାୟ ସେତିକି ରଖାଯାଇଛି। ଯାତ୍ରା ପଥର ଦୂରତ୍ୱ ଓ ବିମାନ ଉଡ଼ାଣର ସମୟ ଅନୁସାରେ ଏହି ଭଡ଼ା ଆନୁପାତିକ ଭାବେ ନିର୍ଦ୍ଧାରିତ ହେବ।

- ଆଞ୍ଚଳିକ ସଂଯୋଗ ପଥରେ ସପ୍ତାହକୁ ସର୍ବନିମ୍ନ ୩ ଥର ଓ ସର୍ବାଧିକ ୭ ବିମାନ / ହେଲିକପ୍ଟର ଉଡ଼ାଣ ଭରିପାରିବେ। ତେବେ ଅଗ୍ରାଧିକାର ପଥରେ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ।

ଏହି ଯୋଜନାର ରୂପାୟଣ କ୍ଷେତ୍ରରେ ଅନେକ ଆହ୍ୱାନ ଦେଖାଦେଇଛି। ପ୍ରଥମେ ନିଲାମ ବ୍ୟବସ୍ଥାରେ ଏୟାର ଲାଇନ ଅପରେଟରଙ୍କୁ ମନୋନୀତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ଏ କ୍ଷେତ୍ରରେ କୌଣସି ତ୍ରୁଟି ବିଚ୍ୟୁତି ବା ଦୁର୍ନୀତି ଘଟିବାର ସମ୍ଭାବନା ନ ଥିଲା। ଏୟାର ଲାଇନ୍ସଗୁଡ଼ିକ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବାକୁ ଏହା କରାଯାଇଥିଲା। ପ୍ରଥମ ଦୁଇ ପର୍ଯ୍ୟାୟ ଉଡ଼ାନ୍‌ରେ ଦେଶର ୫୬ଟି ବିମାନ ବନ୍ଦର ଓ ୩୧ଟି ହେଲିପୋର୍ଟ ଜାତୀୟ ବିମାନ ପଥ ମାନଚିତ୍ରରେ ସ୍ଥାନିତ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିମାନ / ହେଲିକପ୍ଟର ସେବା ଯୋଗାଇଦେବାକୁ ଉଦ୍ୟମ କରାଯାଉଛି। ପର୍ଯ୍ୟଟନ ଓ ବାଣିଜ୍ୟର ବିକାଶକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ। ଏହା ଫଳରେ ଉତ୍ତରପୂର୍ବାଞ୍ଚଳ ଓ ମାଓବାଦୀ ଅଧ୍ୟୁସିତ ଅଞ୍ଚଳର ବହୁ ସ୍ଥାନ ବିମାନ ପଥରେ ସଂଯୁକ୍ତ ହୋଇପାରିବ। ଆସାମର ଗୁଆହାଟୀ, ପାସିଘାଟ (ଅରୁଣାଚଳପ୍ରଦେଶ), ଉତ୍ତରାଖଣ୍ଡର ଡେରାଡୁନ

ଓ ପିଥୋରାଗଡ଼ ଆଦି ସ୍ଥାନକୁ ସହଜରେ ଓ ଅଳ୍ପ ସମୟରେ ଯାତ୍ରା କରି ହେବ। ବିମାନ ସେବା ପହଞ୍ଚିବା ଦ୍ୱାରା ଏସବୁ ଅଞ୍ଚଳର ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆସିବ। ବିମାନ ସେବାର ପ୍ରସାର ଓ ଉନ୍ନତି ଫଳରେ ଗମନାଗମନ ସହିତ ପର୍ଯ୍ୟଟନ, ବାଣିଜ୍ୟ ଓ ସ୍ୱାସ୍ଥ୍ୟ ସେବା ମଧ୍ୟ ବିଶେଷ ଲାଭବାନ ହେବ। ତେବେ ଆକାଶପଥ ବଣ୍ଟନ ବ୍ୟବସ୍ଥା ଏବେ ପ୍ରାରମ୍ଭିକ ଅବସ୍ଥାରେ ରହିଛି। ବିମାନବନ୍ଦରର ପ୍ରସ୍ତୁତି ଓ ଏହାର ବିକାଶ, ରାଜ୍ୟ ସରକାରଗୁଡ଼ିକଙ୍କ ମନୋଭାବ ଏ କ୍ଷେତ୍ରରେ ବିଶେଷ ମହତ୍ୱ ରଖେ। ଏ କ୍ଷେତ୍ରରେ ବିଭିନ୍ନ ପକ୍ଷଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ ମିଳିମିଶି କାମ ନ'କଲେ ଏଯାତ୍ରା ସଫଳ ହୋଇପାରିବ ନାହିଁ।

ଏ କ୍ଷେତ୍ରରେ ମିଳିମିଶି କାମ କରିବାକୁ ଅନେକ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିବାକୁ ଆଗେଇ ଆସିଥିଲେ ମଧ୍ୟ ସଂପୃକ୍ତ ସରକାର ସମୂହଙ୍କ ସୀମିତ ଦକ୍ଷତା ପ୍ରତିବନ୍ଧକ ସୃଷ୍ଟି କରୁଛି। ଫଳରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ପେସାଦାର ପ୍ରତିଷ୍ଠାନ ଓ ସଂସ୍ଥା ମାଧ୍ୟମରେ ହାତଧରି ଆଗକୁ ବଢ଼ାଇବାର ଆବଶ୍ୟକତା ରହିଛି। ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଏହାର ଅତି ସ୍ପର୍ଶକାତର ସ୍ଥିତି ଯୋଗୁଁ ମାତ୍ରାଧିକ ଭାବେ ନିୟନ୍ତ୍ରିତ। ବିମାନବନ୍ଦରର ଲାଇସେନ୍ସ ପାଇବା ପ୍ରକ୍ରିୟା ଅତ୍ୟନ୍ତ ବିରକ୍ତିକର। ଏ କ୍ଷେତ୍ରରେ ନିରାପତ୍ତା ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ। ବିମାନବନ୍ଦରରେ ପରିଚାଳନା ଓ ବିନିଯୋଗ ଧାର୍ଯ୍ୟ ସରକାରୀ ନୀତି ନିୟମ ମଧ୍ୟରେ ହୋଇଥାଏ। ଏସବୁ ପ୍ରସଙ୍ଗର ସମାଧାନ ପାଇଁ ରୂପାୟଣ ବ୍ୟବସ୍ଥାକୁ ଅଧିକ ସୁସଂହତ କରିବାକୁ ପଡ଼ିବ। ବିମାନଘାଟୀ ଓ ବିମାନବନ୍ଦରଗୁଡ଼ିକର ବିକାଶ ପାଇଁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ (ଏଏଆଇ) ରାଜ୍ୟ ସରକାରମାନଙ୍କୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି। ଲାଇସେନ୍ସ ପାଇବାକୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି, ନିରାପତ୍ତା ଓ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଉପକରଣ ପାଇବା ଆଦି ଏ କ୍ଷେତ୍ରରେ ଏଏଆଇ ରାଜ୍ୟ ସରକାରଙ୍କୁ ସହଯୋଗ କରୁଛନ୍ତି। କେତେକ ସାମରିକ ବିମାନବନ୍ଦରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ପରାମର୍ଶ କ୍ରମେ ଷ୍ଟାଣ୍ଡାର୍ଡ ଅପରେସନ ପ୍ରୋସିଡିଯୋର ବା ମାନକ ପରିଚାଳନା ନୀତି ପ୍ରସ୍ତୁତ କରାଯାଇଛି। ନିରନ୍ତର ଉଦ୍ୟମ ବଳରେ ଉଡ଼ାନ୍ ଏ କ୍ଷେତ୍ରରେ ଘରୋଇ ବିମାନବନ୍ଦରଗୁଡ଼ିକୁ ଆକର୍ଷିତ କରିବାରେ ସଫଳ ହୋଇଛି। ଅନେକ ଘରୋଇ କମ୍ପାନୀ ଉଡ଼ାନ୍ ଯୋଜନାର ଲାଭ ନେବାକୁ ଆଗେଇ ଆସିଛନ୍ତି। ମହାରାଷ୍ଟ୍ରର ନାନ୍ଦେଦ୍ ଓ କର୍ଣ୍ଣାଟକର ବିଦ୍ୟାନଗର



ଉଡ଼ାନ କାର୍ଯ୍ୟକ୍ରମର ଜ୍ୱଳନ୍ତ ଉଦାହରଣ। ଏବେ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଯୋଡ଼ିବା ପାଇଁ ଆଞ୍ଚଳିକ ଆକାଶମାର୍ଗ ବ୍ୟବସ୍ଥାର ଉନ୍ନତି ଘଟାଇ ତାହାକୁ ଆନ୍ତର୍ଜାତିକ ବିମାନପଥ ସହ ସଂଯୁକ୍ତ କରିବାକୁ ଉଡ଼ାନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଉଦ୍ୟମ କ୍ଷେତ୍ରରେ ଅନେକ ଅହ୍ୱାନସହ ବହୁ ସୁଯୋଗ ମଧ୍ୟ ସୃଷ୍ଟି ହେବ। ତେଣୁ ସେ ପରିସ୍ଥିତିର ବୁଝିବିଚାରି ମୁକାବିଲା କରିବାକୁ ପଡ଼ିବ।

ପୁରୁଣା ବିମାନବନ୍ଦରଗୁଡ଼ିକର ପୁନରୁଦ୍ଧାର ଠାରୁ ଆରମ୍ଭ କରି ଏୟାର ଅପରେଟର ଯୋଗାଡ଼ କରିବା ଏବଂ ସେମାନଙ୍କୁ ଉଡ଼ାଣ ପାଇଁ ସବୁ ସୁବିଧା ସୁଯୋଗ ଯୋଗାଣ ବେଶ୍ ଆହ୍ୱାନମୂଳକ। ଏହାଛଡ଼ା ସମଗ୍ର ବ୍ୟବସ୍ଥା ଯେପରି ବିନା ଅସୁବିଧାରେ ଠିକ୍‌ଠାକ୍ ଚାଲେ ତାହାର ତଦାରଖ କରିବା ତା'ଠାରୁ ଅଧିକ ଆହ୍ୱାନମୂଳକ। ଅଳ୍ପ କେତେକ ଛୋଟ ଏୟାରଲାଇନ୍ସ ଯେଉଁମାନେ ଉଡ଼ାନ୍ ଯୋଜନାରେ ଯାତ୍ରୀ ପରିବହନ ଠିକା ପାଇଛନ୍ତି ସେମାନେ ସେମାନଙ୍କର ସୀମିତ କ୍ଷମତା ଯୋଗୁଁ ପ୍ରାରମ୍ଭିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କ୍ଷେତ୍ରରେ ଯେଉଁ କ୍ଷୁଦ୍ର ଏୟାର ଲାଇନ୍ସଗୁଡ଼ିକର ଦକ୍ଷତା ରହିଛି ସେମାନଙ୍କ ସହ କାମ କରି ଉଡ଼ାନ୍ ବ୍ୟବସ୍ଥାକୁ ଆଞ୍ଚଳିକ ସଂଯୋଗ କ୍ଷେତ୍ରରେ ଆଗେଇନେବାକୁ ଉଦ୍ୟମ କରାଯାଉଛି। ବିମାନଚଳାଚଳ କ୍ଷେତ୍ରରେ ଯୋଗ୍ୟ ଓ ପ୍ରଶିକ୍ଷିତ ବୈମାନିକ (ଚାଳକ) ଓ କର୍ମଚାରୀଙ୍କ ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ଏ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ସହ ଆବଶ୍ୟକ ଦକ୍ଷ ଲୋକଶକ୍ତି ପ୍ରସ୍ତୁତ କରିବାକୁ ପଡ଼ିବ।

ଉଡ଼ାନ୍ ଯୋଜନାର ଆଉ ଏକ ବିଶେଷତ୍ୱ ହେଲା ଏହା 'ନୋ- ଫ୍ରିଲ' ଏୟାରପୋର୍ଟ ପାଇଁ ଏକ ନିୟନ୍ତ୍ରକ ବ୍ୟବସ୍ଥା ପ୍ରସ୍ତୁତ କରିଛି। ଯେଉଁ ବିମାନବନ୍ଦରରେ ଅତିବେଶୀ ସୁବିଧା ସୁଯୋଗ ଓ ଆଡ଼ମ୍ବର ନ ଥାଏ; କିନ୍ତୁ ବିମାନ ଚଳାଚଳ ସଂକ୍ରାନ୍ତ ସର୍ବନିମ୍ନ ନିରାପତ୍ତା ଓ ବ୍ୟବସ୍ଥା ଥାଏ ତାହା 'ନୋ- ଫ୍ରିଲ' ଶ୍ରେଣୀର। ଏହା ଫଳରେ ଏହି ସବୁ ବିମାନବନ୍ଦରର ନିର୍ମାଣ ଖର୍ଚ୍ଚ ଯଥେଷ୍ଟ କମ୍ ରହୁଛି। ଏହାର ସୁଯୋଗ ନେଇ ଛୋଟ ଛୋଟ ସହରରେ ବିମାନବନ୍ଦର ସହଜରେ ନିର୍ମିତ ହୋଇପାରୁଛି। ନିବେଶ ଖର୍ଚ୍ଚ କମ୍ ରହୁଥିବାରୁ ବିମାନ ସେବା ଶସ୍ତାରେ ଯୋଗାଇବା ସମ୍ଭବ ହେଉଛି। ଏସବୁ ସତ୍ତ୍ୱେ ଯେଉଁଠି ଚାହିଦାର ଅଭାବ ରହିବ ଅର୍ଥାତ୍ ଆବଶ୍ୟକ ସଂଖ୍ୟକ ବିମାନଯାତ୍ରୀ ମିଳିବେ ନାହିଁ ସେହି ବିମାନବନ୍ଦରରୁ ଏହି ଯୋଜନାରେ ବିମାନସେବା ବନ୍ଦ ରହିବ ବୋଲି ଉଡ଼ାନ୍ ପକ୍ଷରୁ ନିୟମ ପ୍ରସ୍ତୁତ କରାଯାଇଛି। ଉଡ଼ାନ୍ ପାଇଁ ଅସଲ ବାସ୍ତବତା ହେଲା ଏହା ସୁଲଭ ମୂଲ୍ୟରେ ଛୋଟ ଛୋଟ ସହରକୁ ବିମାନସେବା ଯୋଗାଇବାକୁ ଆଗ୍ରହୀ ଥିଲେ ମଧ୍ୟ ବଜାର ଚାହିଦାକୁ ଗୁରୁତ୍ୱ ଦେଉଛି। ଏହା ଫଳରେ ସମ୍ଭାବ୍ୟ କ୍ଷତିକୁ ରୋକାଯାଇ ପାରିବ। ସତ କଥା କହିବାକୁ ଗଲେ ଉଡ଼ାନ୍ ଯୋଜନା ବାସ୍ତବରେ ସାଧାରଣ ଜନତାଙ୍କୁ ଉଡ଼ିବାକୁ ଡେଣା ଯୋଗାଇ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

**ଉଡ଼ାନ୍ - ସବୁ ସଂପୃକ୍ତ ପକ୍ଷଙ୍କ ପାଇଁ ଲାଭଦାୟକ:**

| **ନାଗରିକ** | **ଏୟାର ଲାଇନ୍ସ** |
|---|---|
| - ସଂଯୋଗ (କନେକ୍ଟିଭିଟି)<br>- ସୁଲଭ (ଆଫଡେବଲ)<br>- ନିଯୁକ୍ତି (ଜବ୍) | - ନୂଆ ବିମାନପଥ ସୃଷ୍ଟି, ଉଡ଼ାଣ ଉଦ୍ୟୋଗରେ ନୂଆ ଯାତ୍ରୀଙ୍କୁ ସାମିଲ<br>- କାର୍ଯ୍ୟକ୍ଷମ ବିମାନବନ୍ଦର ପାଇଁ ଅଧିକ ଯାତ୍ରୀ ଯୋଗାଣ ବ୍ୟବସ୍ଥା<br>- ଷ୍ଟାର୍ଟଅପ୍ : ଆଞ୍ଚଳିକ ବିମାନ ସେବା ପାଇଁ ବ୍ୟବସାୟ ସୁଯୋଗ ସୃଷ୍ଟି |
| **ଜାତୀୟ ସରକାର** | **ଏୟାରପୋର୍ଟ ଅପରେଟର** |
| - ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଆଞ୍ଚଳିକ ସ୍ତରରେ ବଜାର ସୃଷ୍ଟି<br>- ମେଟକାଲ୍‌ଫଆଇନ - ସଂଚାର ପଥରେ ଅଧିକ ନଡ୍ ବା ଗ୍ରନ୍ଥି ଯୋଡ଼ିହେଲେ ସଂଚାର (ନେଟ୍‌ୱାର୍କ)ର ଶକ୍ତି ବୃଦ୍ଧି ପାଏ | - ମୌଳିକ ଯନ୍ତ୍ରପାତି ନିର୍ମାଣ ଓ ନିର୍ମାତା<br>- ୧୦ବର୍ଷ ମଧ୍ୟରେ ଭାରତର ବିମାନ ସଂଖ୍ୟା ୪୫୦ରୁ ୧୨୦୦କୁ ବୃଦ୍ଧି ପାଇବ<br>- ଘରୋଇ ବିମାନ ନିର୍ମାଣକାରୀଙ୍କ ସଂଖ୍ୟା ବଢ଼ିବ ଏବଂ ଭାରତ ଏକ ବିମାନ ନିର୍ମାଣ ହବ୍‌ରେ ପରିଣତ ହେବ |

**ଲେଖିକା ହେଉଛନ୍ତି କେନ୍ଦ୍ର ବେସାରମିକ ବିମାନଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ।**
**Email Id: usha.padhee@nic.in**

# ଉତ୍ତରପୂର୍ବାଞ୍ଚଳ ବିକାଶରେ ରାଜପଥ ଭିତ୍ତିଭୂମିର ଗୁରୁତ୍ୱ

ନମିତା ତିୱାରୀ


ଭୌଗୋଳିକ ଦୃଷ୍ଟିରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଏକ ଅସୁବିଧା ସ୍ଥିତିରେ ରହିଛି। ଏହି ସମଗ୍ର ଅଞ୍ଚଳଟି ଦେଶର ମୁଖ୍ୟଭାଗ ସହ ସିଲିଗୁଡ଼ି କରିଡର ଦେଇ ସ୍ଥଳପଥରେ ସଂଯୁକ୍ତ। ଏହି କରିଡରଟି ଚିକେନ୍ ନେକ୍’ ନାମରେ ପରିଚିତ। ମାନଚିତ୍ରରେ ଏକ କୁକୁଡ଼ାର ବେକ ପରି ଦେଖାଯାଉଥିବା ପଶ୍ଚିମବଙ୍ଗର ସିଲିଗୁଡ଼ି ସଂଯୋଗ ପଥର ଦୁଇ ପାଖରେ ନେପାଳ ଓ ବାଂଲାଦେଶ ଅବସ୍ଥିତି। ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ ଓ ସିକ୍କିମ୍ ରାଜ୍ୟକୁ ନେଇ ଉତ୍ତରପୂର୍ବାଞ୍ଚଳ ଗଠିତ। ଭାରତର ମୋଟ୍ ଭୌଗୋଳିକ ଇଲାକାର ଏହା ମାତ୍ର ୭.୯୮ ଭାଗ ଓ ସେହି ଅଞ୍ଚଳରେ ଦେଶର ମୋଟ୍ ଜନସଂଖ୍ୟାର ୩.୭୮ ଶତାଂଶ ଲୋକ ବାସ କରନ୍ତି। ଦେଶର ଜିଡିପିକୁ ଏହି ଅଞ୍ଚଳର ମୋଟ୍ ଅବଦାନ ୨.୫ ଶତାଂଶ। ସାମରିକ ଓ ଅନ୍ୟ କେତେକ କାରଣରୁ ଉତ୍ତରପୂର୍ବାଞ୍ଚଳର ଅବସ୍ଥିତି ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ଏହି ଅଞ୍ଚଳ ଦେଶ ପାଇଁ ଗୁରୁତ୍ୱ ବହନ କରେ। ଏହି ଅଞ୍ଚଳଟି ବାଂଲାଦେଶ, ଭୁଟାନ, ଚୀନ୍, ନେପାଳ ଓ ମିଆଁମାର ସୀମାକୁ ସ୍ପର୍ଶ କରିଛି ଏବଂ ସେଠାରେ ଭାରତର ଆନ୍ତର୍ଜାତିକ ସୀମାରେଖାର ଦୈର୍ଘ୍ୟ ପ୍ରାୟ ୫୪୩୭ କିଲୋମିଟର।

ଏହି ଅଞ୍ଚଳର ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପଲବ୍ଧି କରି ଭାରତ ସରକାର ସଡ଼କ ପଥ ନିର୍ମାଣ ପାଇଁ ୧,୯୦,୦୦୦କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହା ଫଳରେ ଏହି ଅଞ୍ଚଳର ଆଠଟି ରାଜ୍ୟରେ ୧୦,୮୯୨ କିମି ଲମ୍ବର ସଡ଼କ ନିର୍ମାଣ କରାଯିବ। ପାର୍ବତ୍ୟାଞ୍ଚଳରେ ସଡ଼କ ପଥ ନିର୍ମାଣ ଅତ୍ୟନ୍ତ କଷ୍ଟସାଧ ବ୍ୟୟବହୁଳ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏହି ଅଞ୍ଚଳ ପାଇଁ ଏକ ଭିତ୍ତିଭୂମି ବିକାଶ ନିଗମ (ଏନ୍‌ଏଚ୍‌ଆଇଡିସିଏଲ୍) ଗଠନ କରାଯାଇଛି। ୨୦୧୪ ଜୁଲାଇ ୧୮ରେ ଗଠିତ ଏହି ନିଗମକୁ ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମାନ୍ୟତା ଦେଇଛନ୍ତି। ଏହା ଏକ ସ୍ୱତନ୍ତ୍ର ସଂସ୍ଥା ଭାବେ ଉତ୍ତରପୂର୍ବାଞ୍ଚଳରେ ସଡ଼କପଥର ବିକାଶ


**ନ୍ୟୁ-ଇଣ୍ଡିଆ ପାଇଁ ଅତ୍ୟାଧୁନିକ ଇନ୍‌ଫ୍ରାଷ୍ଟ୍ରକ୍‌ଚର**

**ଉତ୍ତର ପୂର୍ବାଞ୍ଚଳକୁ ସଂଯୋଗ**





ଉତ୍ତର-ପୂର୍ବାଞ୍ଚଳର ସମସ୍ତ ରେଳ ଟ୍ରାକ୍‌କୁ ଦେଶର ଅନ୍ୟ ରେଳପଥ ପରି ବ୍ରଡ୍‌ଗେଜ୍‌ରେ ପରିବର୍ତ୍ତନ



ପ୍ରଥମଥର ପାଇଁ ରେଳ ମାନଚିତ୍ରରେ ସ୍ଥାନ ପାଇଲା ମେଘାଳୟ, ତ୍ରିପୁରା ଏବଂ ମିଜୋରାମ

As on 1st January, 2019




ପାଇଁ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ସଂପୃକ୍ତ ରାଜ୍ୟଗୁଡ଼ିକୁ ୧୭,୨୫୭ କୋଟି ଟଙ୍କାର ପ୍ରକଳ୍ପ କାମ ଦିଆଯାଇଛି। ସଂପୃକ୍ତ ରାଜ୍ୟଙ୍କ ପୂର୍ତ୍ତବିଭାଗଗୁଡ଼ିକ ଦ୍ୱାରା ୭୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହାବାଦ୍ ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଛି ଯାହା ଏସ୍ଆରଡ଼ିପି (ଏନ୍ଇ) ନାମରେ ପରିଚିତ।

ଉତ୍ତରପୂର୍ବାଞ୍ଚଳର ବାଣିଜ୍ୟିକ ବିକାଶ ସହ ସେଠାରେ ବେପାର ବଣିଜକୁ ତ୍ୱରାନ୍ୱିତ କରିବାକୁ ନୀତି ଆୟୋଗ ଗୁରୁତ୍ୱ ଦେଉଛି। ଏହି ଅଞ୍ଚଳରୁ ଉତ୍ପାଦିତ ସାମଗ୍ରୀ ସମୂହକୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଗଠନ (ଆସିଆନ୍) ଭୁକ୍ତ ଦେଶ ତଥା ପଡ଼ୋଶୀ ବାଂଲାଦେଶ, ଭୁଟାନ ଓ ନେପାଳକୁ ସୁବିଧାରେ ପଠାଇବାକୁ ସଡ଼କ ସଂଯୋଗ ପ୍ରଥମ ଆବଶ୍ୟକତା ହୋଇଥିବାରୁ ତାହାର ବିକାଶ ଉପରେ ଜୋର ଦିଆଯାଉଛି। ଆନ୍ତଃ ଆଞ୍ଚଳିକ ସଡ଼କ ସଂଯୋଗ କ୍ଷେତ୍ରରେ ଗୁରୁତ୍ୱବହନ କରୁଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନୀତି ଆୟୋଗ ପକ୍ଷରୁ ଉଦ୍ୟମ ଚାଲିଛି। ଏସବୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତି ଉପରେ ଆୟୋଗ ନିରନ୍ତର ନଜର ରଖିଛନ୍ତି। ଏଭଳି ପ୍ରକଳ୍ପ ମଧ୍ୟରୁ କାଲାଦାନ ମଲ୍ଟିମୋଡାଲ ଟ୍ରାଞ୍ଜିଟ୍ ଟ୍ରାନ୍ସପୋର୍ଟ ପ୍ରକଳ୍ପ ଅନ୍ୟତମ। ଏହା ଭାରତ- ଥାଇଲାଣ୍ଡ ଓ ମିଆଁମାର ତ୍ରିପାକ୍ଷିକ ରାଜପଥ ନାମରେ ପରିଚିତ। ଏଥିପାଇଁ ଭାରତ ସୀମାନ୍ତ ମିଜୋରାମର ଜିଖଥର ସହରରୁ ମିଆଁମାରର ରିହ ସହର ଯାଏଁ ପାଞ୍ଚ କିମି ଲମ୍ବର ରାଜମାର୍ଗ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଯେତେଶୀଘ୍ର ସରିବ ଭାରତ-ମିଆଁମାର-ଥାଇଲାଣ୍ଡ ସଡ଼କ ସଂଯୋଗ ସେତେଶୀଘ୍ର ପ୍ରତିଷ୍ଠା ହେବ। ଏହାଛଡ଼ା ସମଗ୍ର ଉତ୍ତରପୂର୍ବାଞ୍ଚଳର ପ୍ରାୟ ୪୦୯୯ କିମି ଜାତୀୟ ରାଜପଥର ବିକାଶ କାର୍ଯ୍ୟ ମଧ୍ୟ ଜୋରସୋର୍ ଚାଲିଛି।

ଉତ୍ତରପୂର୍ବାଞ୍ଚଳର ସାମଗ୍ରିକ ବିକାଶ ପାଇଁ

ଭୌଗୋଳିକ ଦୃଷ୍ଟିରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଏକ ଅସୁବିଧା ସ୍ଥିତିରେ ରହିଛି। ଏହି ସମଗ୍ର ଅଞ୍ଚଳଟି ଦେଶର ମୁଖ୍ୟଭାଗ ସହ ସିଲିଗୁଡ଼ି କରିଡର ଦେଇ ସ୍ଥଳପଥରେ ସଂଯୁକ୍ତ। ଏହି କରିଡରଟି ଚିକେନ୍ ନେକ୍' ନାମରେ ପରିଚିତ। ମାନଚିତ୍ରରେ ଏକ କୁକୁଡ଼ାର ବେକ ପରି ଦେଖାଯାଉଥିବା ପଶ୍ଚିମବଙ୍ଗର ସିଲିଗୁଡ଼ି ସଂଯୋଗ ପଥର ଦୁଇ ପାଖରେ ନେପାଳ ଓ ବାଂଲାଦେଶ ଅବସ୍ଥିତି। ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ ଓ ସିକ୍କିମ୍ ରାଜ୍ୟକୁ ନେଇ ଉତ୍ତରପୂର୍ବାଞ୍ଚଳ ଗଠିତ। ଭାରତର ମୋଟ୍ ଭୌଗୋଳିକ ଇଲାକାର ଏହା ମାତ୍ର ୭.୯୮ ଭାଗ ଓ ସେହି ଅଞ୍ଚଳରେ ଦେଶର ମୋଟ୍ ଜନସଂଖ୍ୟାର ୩.୭୮ ଶତାଂଶ ଲୋକ ବାସ କରନ୍ତି। ଦେଶର ଜିଡିପିକୁ ଏହି ଅଞ୍ଚଳର ମୋଟ୍ ଅବଦାନ ୨.୫ ଶତାଂଶ। ସାମରିକ ଓ ଅନ୍ୟ କେତେକ କାରଣରୁ ଉତ୍ତରପୂର୍ବାଞ୍ଚଳର ଅବସ୍ଥିତି ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ଏହି ଅଞ୍ଚଳ ଦେଶ ପାଇଁ ଗୁରୁତ୍ୱ ବହନ କରେ। ଏହି ଅଞ୍ଚଳଟି ବାଂଲାଦେଶ, ଭୁଟାନ, ଚୀନ୍, ନେପାଳ ଓ ମ୍ୟାଁମାର ସୀମାକୁ ସ୍ପର୍ଶ କରିଛି ଏବଂ ସେଠାରେ ଭାରତର ଆନ୍ତର୍ଜାତିକ ସୀମାରେଖାର ଦୈର୍ଘ୍ୟ ପ୍ରାୟ ୫୪୩୭ କିଲୋମିଟର।

ଉତ୍ତରପୂର୍ବାଞ୍ଚଳର ବାଣିଜ୍ୟିକ ବିକାଶ ସହ ସେଠାରେ ବେପାର ବଣିଜକୁ ତ୍ୱରାନ୍ୱିତ କରିବାକୁ ନୀତି ଆୟୋଗ ଗୁରୁତ୍ୱ ଦେଉଛି । ଏହି ଅଞ୍ଚଳରୁ ଉତ୍ପାଦିତ ସାମଗ୍ରୀ ସମୂହକୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଗଠନ (ଆସିଆନ୍) ଭୁକ୍ତ ଦେଶ ତଥା ପଡ଼ୋଶୀ ବାଂଲାଦେଶ, ଭୁଟାନ ଓ ନେପାଳକୁ ସୁବିଧାରେ ପଠାଇବାକୁ ସଡ଼କ ସଂଯୋଗ ପ୍ରଥମ ଆବଶ୍ୟକତା ହୋଇଥିବାରୁ ତାହାର ବିକାଶ ଉପରେ ଜୋର ଦିଆଯାଉଛି । ଆନ୍ତଃ ଆଞ୍ଚଳିକ ସଡ଼କ ସଂଯୋଗ କ୍ଷେତ୍ରରେ ଗୁରୁତ୍ୱବହନ କରୁଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନୀତି ଆୟୋଗ ପକ୍ଷରୁ ଉଦ୍ୟମ ଚାଲିଛି । ଏସବୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତି ଉପରେ ଆୟୋଗ ନିରନ୍ତର ନଜର ରଖିଛନ୍ତି । ଏଭଳି ପ୍ରକଳ୍ପ ମଧ୍ୟରୁ କାଲାଦାନ ମଲ୍ଟିମୋଡାଲ ଟ୍ରାଞ୍ଜିଟ୍ ଟ୍ରାନ୍ସପୋର୍ଟ ପ୍ରକଳ୍ପ ଅନ୍ୟତମ । ଏହା ଭାରତ- ଥାଇଲାଣ୍ଡ ଓ ମିଆଁମାର ତ୍ରିପାକ୍ଷିକ ରାଜପଥ ନାମରେ ପରିଚିତ । ଏଥିପାଇଁ ଭାରତ ସୀମାନ୍ତ ମିଜୋରାମର ଜିଖଥର ସହରରୁ ମିଆଁମାରର ରିହ ସହର ଯାଏଁ ପାଞ୍ଚ କିମି ଲମ୍ବର ରାଜମାର୍ଗ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି  କାର୍ଯ୍ୟ ଯେତେଶୀଘ୍ର ସରିବ ଭାରତ-ମ୍ୟାଁମାର-ଥାଇଲାଣ୍ଡ ସଡ଼କ ସଂଯୋଗ ସେତେଶୀଘ୍ର ପ୍ରତିଷ୍ଠା ହେବ । ଏହାଛଡ଼ା ସମଗ୍ର ଉତ୍ତରପୂର୍ବାଞ୍ଚଳର ପ୍ରାୟ ୪୦୯୯ କିମି ଜାତୀୟ ରାଜପଥର ବିକାଶ କାର୍ଯ୍ୟ ମଧ୍ୟ ଜୋରସୋର୍ ଚାଲିଛି ।

କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଇ ଏ କ୍ଷେତ୍ରରେ ନିଜ ଉଦ୍ୟମକୁ ତ୍ୱରାନ୍ୱିତ କରିଛନ୍ତି । ୨୦୧୮-୧୯ ଆର୍ଥିକ ବର୍ଷର ୨୦୧୮ ନଭେମ୍ବର ଶେଷ ସୁଦ୍ଧା ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସଡ଼କ ପ୍ରକଳ୍ପ ମଧ୍ୟରୁ ୪୩ଟି ସମ୍ପୂର୍ଣ୍ଣ ହୋଇଛି । ରାଜମାର୍ଗ ନିର୍ମାଣରେ ଜମି ଅଧିଗ୍ରହଣ ଏକ ବଡ଼ ସମସ୍ୟା । ତେବେ ଆସାମକୁ ଛାଡ଼ି ଦେଲେ ଉତ୍ତର-ପୂର୍ବାଞ୍ଚଳର କୌଣସି ରାଜ୍ୟ ସରକାର ଭୂମି ଅଧିଗ୍ରହଣ ବାବଦରେ କ୍ଷତିପୂରଣ ଅର୍ଥ ଲୋଡ଼ୁ ନାହାନ୍ତି । ଆସାମ ମାତ୍ର ୧୦ଶତାଂଶ ଅର୍ଥ ଏବାବଦରେ ସଂଗ୍ରହ କରୁଛି ।

ସମଗ୍ର ଭାରତରେ ଜାତୀୟ ରାଜପଥର ମୋଟ୍ ଦୈର୍ଘ୍ୟ ୧,୧୫,୪୩୫ କିଲୋମିଟର । ସେଥିମଧ୍ୟରୁ ଅରୁଣାଚଳ ପ୍ରଦେଶରେ ୨୫୩୭ କିମି, ଆସାମରେ ୩୮୪୫କିମି, ମଣିପୁରରେ ୧୭୪୬ କିମି, ମେଘାଳୟରେ ୧୨୦୪କିମି, ମିଜୋରାମରେ ୧୪୨୨ କିମି, ନାଗାଲାଣ୍ଡରେ ୧୫୪୭ କିମି, ସିକ୍କିମ୍‌ରେ ୪୬୩ କିମି ଓ ତ୍ରିପୁରାରେ ୮୫୪ କିମି ରାଜପଥ ରହିଛି । ଡିସେମ୍ବର ୨୦୧୮ରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଅରୁଣାଚଳ ପ୍ରଦେଶରେ ଏକାଧିକ ବଡ଼ ବଡ଼ ଜାତୀୟ ରାଜପଥ ପ୍ରକଳ୍ପର ଶୁଭ ଦେଇଥିଲେ । ପ୍ରାୟ ୯୫୩୩ କୋଟି ଟଙ୍କାର ଏହି ପ୍ରକଳ୍ପ ଦ୍ୱାରା ଅରୁଣାଚଳ ସହିତ ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସଡ଼କ ଯୋଗାଯୋଗ ସହିତ ନିଯୁକ୍ତି, ପର୍ଯ୍ୟଟନ, ବାଣିଜ୍ୟ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟର ବିକାଶ ସଂପୃକ୍ତ । ତେଣୁ ମନ୍ତ୍ରୀଙ୍କ ଆଶା ଯଥାର୍ଥ । ଏହି ଅବସରରେ କେତେକ ପ୍ରକଳ୍ପକୁ ମଧ୍ୟ ଉଦ୍‌ଘାଟନ କରିଥିଲେ ।

ମେଘାଳୟର ସିମେଣ୍ଟ ଓ କୋଇଲା କ୍ଷେତ୍ର ଅଞ୍ଚଳ ଦେଇ ଏବେ ଏକ ୧୦୨କିମି ଲମ୍ବର ରାଜପଥ ନିର୍ମିତ ହୋଇ ଉଦ୍‌ଘାଟିତ ହୋଇଛି । ଖଣି ସମୃଦ୍ଧ ଅଞ୍ଚଳରେ ଏହି ରାଜପଥ କାର୍ଯ୍ୟକ୍ଷମ ହେବାଦ୍ୱାରା ସେଇ ଅଞ୍ଚଳରେ ଶିଳ୍ପ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଏହି ରାଜପଥ ୦୬ନମ୍ବର ଜାତୀୟ ରାଜପଥର ଏକ ଅଂଶ ବିଶେଷ ଯାହା ମେଘାଳୟ ଓ ଆସାମକୁ ଯୋଡୁଛି । ଏହି ରାଜପଥ ନିର୍ମାଣ ପାଇଁ ୬୮୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହା ଫଳରେ ଜୋୱାଇ-ରଣଚେର ସହର ମଧ୍ୟରେ ଭ୍ରମଣ ସମୟ ଚାରିଘଣ୍ଟାରୁ ଅଢ଼େଇ ଘଣ୍ଟାକୁ ହ୍ରାସ ପାଇଛି । ଏହା ମଧ୍ୟ ବାରାକ ଉପତ୍ୟକାକୁ ସିଧାସଳଖ ଆସାମ ରାଜଧାନୀ ସହିତ ଯୋଡୁଛି ଏବଂ ମଣିପୁର, ମିଜୋରାମ ଓ ତ୍ରିପୁରାକୁ ସଡ଼କ ସମ୍ପର୍କ ସୁଗମ କରିଛି ।

ଆସାମର ସଡ଼କ ସଂଯୋଗ କ୍ଷେତ୍ରରେ ସୁଗମତା ପାଇଁ ବ୍ରହ୍ମପୁତ୍ର ଉପରେ ଧୁବ୍ରୀ-ଫୁଲବାଡ଼ି ସେତୁର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଏହାର ପ୍ରକଳ୍ପ ରିପୋର୍ଟ ଚୂଡ଼ାନ୍ତ ହୋଇଛି । କୋଡ଼ିଏ କିମି ଲମ୍ବର ଏହି ସେତୁରେ ନୌଚଳାଚଳ ପାଇଁ ପ୍ରାୟ ସାଢ଼େ ୧୨କିମି ଚଉଡ଼ାର ଏକାଧିକ ପଥ ରହିବ । ଏହି ସେତୁର ନିର୍ମାଣ କାମ ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପକୁ ଜାପାନ ଆନ୍ତର୍ଜାତିକ ସହଯୋଗ ସଂଗଠନ ଜାଇକା ଅର୍ଥ ଯୋଗାଉଛି । ୨୦୧୮ ଅକ୍ଟୋବରରେ ଏଥିପାଇଁ ଋଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ନିକଟରେ ଭାରତ-ମିଆଁମାର ମିଳିତ ବୈଠକରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ସଡ଼କ ସଂଯୋଗ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ଏହାଛଡ଼ା ଭାରତ-ମିଆଁମାର-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥରେ ଇମ୍ଫାଲଠାରୁ ମାଣ୍ଡାଲେ ମଧ୍ୟରେ ଶୀଘ୍ର ବସ୍ ସେବା ଆରମ୍ଭ କରିବା ବିଷୟରେ ଆଲୋଚନା ହୋଇଥିଲା । ଏହି ରାଜପଥ ତିନିଟି ଦେଶ ମଧ୍ୟରେ ଥିବାରୁ ସୀମାନ୍ତରେ ଆବଶ୍ୟକ ତନଖି ଓ ଅନୁମତି ବ୍ୟବସ୍ଥା ପାଇଁ ତିନି ପକ୍ଷ ରାଜି ହୋଇଛନ୍ତି । ଉତ୍ତରପୂର୍ବାଞ୍ଚଳରେ କେନ୍ଦ୍ର ସରକାର ୨୮ଟି ରିଙ୍ଗରୋଡ୍ ତିଆରି କରିବାକୁ ବିଚାର କରୁଛନ୍ତି, ଭାରତମାଳା ଯୋଜନାରେ ଏହା କାର୍ଯ୍ୟକାରୀ ହେବ । ଏହି ଅଞ୍ଚଳର ଯେଉଁ ୧୨୫ଟି ଛକ ଓ ୬୬ଟି ଭିଡ଼ ଜମୁଥିବା ସ୍ଥାନ ରହିଛି ସେସବୁକୁ ଏହି ପ୍ରସ୍ତାବିତ ରିଙ୍ଗରୋଡ଼ରେ ସାମିଲ କରି ଯାନବାହନ ଚଳାଚଳ ବ୍ୟବସ୍ଥାକୁ ସୁଗମ କରାଯିବ । ଗୁଆହାଟୀ, ଇମ୍ଫାଲ, ସିଲଚର, ଶିଲଂ, ଦିବ୍ରୁଗଡ଼, ଦିମାପୁର ଓ ଆଇଜଲ

ସହରରେ ଏସବୁ ରିଙ୍ଗରୋଡ୍ ତିଆରି ହେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୭ ଅକ୍ଟୋବରରେ ଭାରତ ସରକାର ଭାରତମାଳା କାର୍ଯ୍ୟକ୍ରମରେ ଦେଶରେ ପାଞ୍ଚବର୍ଷ ମଧ୍ୟରେ ୮୩,୬୭୭ କିମି ଦୈର୍ଘ୍ୟ ରାଜପଥ ନିର୍ମାଣ ପ୍ରସ୍ତାବକୁ ପଞ୍ଜୁରୀ ଦେଇଛନ୍ତି। ଏଥିରେ ୬.୯୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ରାଜପଥ ବିକାଶ କ୍ଷେତ୍ରରେ ଦେଶରେ ଏହା ସର୍ବବୃହତ୍ କାର୍ଯ୍ୟକ୍ରମ।

ଭାରତମାଳା ପ୍ରକଳ୍ପ ଏକ ଛତ୍ରାକୃତି ଯୋଜନା ଯାହା ଅଧୀନରେ ବିଭିନ୍ନ ବ୍ୟବସ୍ଥା କାମ କରିଥାଏ। ଏହା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୫.୩୫ ଲକ୍ଷ କୋଟି ଟଙ୍କା ବ୍ୟୟରେ ଦେଶରେ ୩୪,୮୦୦ କିମି ରାଜପଥ ନିର୍ମାଣ କରାଯିବ। ସେଥିମଧ୍ୟରୁ କେତେକ ରାଜପଥ କାର୍ଯ୍ୟକ୍ରମ ଉତ୍ତର-ପୂର୍ବାଞ୍ଚଳରେ ରହିଛି। ସେଥିମଧ୍ୟରୁ ଆସାମରେ ୧୧୯୧ କିମି ଆର୍ଥିକ କରିଡର, ଆଭ୍ୟନ୍ତରୀଣ ସଂଯୋଗ ଯୋଜନା, ସୀମାନ୍ତ ରାଜପଥ ପ୍ରକଳ୍ପ ଆଦି ରହିଛି। ଏହାଛଡ଼ା ଏହି କାର୍ଯ୍ୟକ୍ରମରେ ମଣିପୁରରେ ୯୦୧, ମେଘାଳୟରେ ୪୯୩, ମିଜୋରାମରେ ୧୦୬୭, ନାଗାଲାଣ୍ଡରେ ୪୦୬, ସିକ୍କିମ୍‌ରେ ୧୬୫ ଓ ତ୍ରିପୁରାରେ ୫୨୫ କିମି ରାଜପଥ ନିର୍ମାଣ କରାଯିବ।

ଏହାଛଡ଼ା ଉତ୍ତରପୂର୍ବାଞ୍ଚଳର ୫୩୦୧ ରାଜପଥର ବିକାଶ କାର୍ଯ୍ୟ ଭାରତମାଳା କାର୍ଯ୍ୟକ୍ରମରେ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ଉତ୍ତରପୂର୍ବାଞ୍ଚଳର ଯେଉଁ ରାଜପଥ-ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେସବୁକୁ ଚଳିତ ବର୍ଷ ଶେଷ କରିବାକୁ ଉଦ୍ୟମ କରାଯାଉଛି। ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ଉତ୍ତରପୂର୍ବାଞ୍ଚଳ ନିମନ୍ତେ ୧୬୦୦କୋଟି ଟଙ୍କା ମଞ୍ଜୁର କରିଛନ୍ତି।

୨୦୧୮ ଡିସେମ୍ବରରେ ଆସାମର ବଗିବିଲଠାରେ ବ୍ରହ୍ମପୁତ୍ର ଉପରେ ଭାରତର ସର୍ବବୃହତ ଏକକ ରେଳ ଓ ସଡ଼କ ସେତୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ସେତୁଟି ଦୁଇଥାକିଆ। ଗୋଟିକରେ ଟ୍ରେନ୍ ଓ ଅନ୍ୟଟିରେ ଅନ୍ୟାନ୍ୟ ଯାନବାହନ ଚଳାଚଳ କରିବାର ସୁବନ୍ଦୋବସ୍ତ କରାଯାଇଛି। ଏହା ଫଳରେ ବ୍ରହ୍ମପୁତ୍ରର ଦୁଇ ପାର୍ଶ୍ୱରେ ଥିବା ଡିବ୍ରୁଗଡ଼ ଓ ଧିମାଜି ଜିଲା ମଧ୍ୟରେ ସିଧାସଳଖ ସଡ଼କ ଓ ରେଳ ସମ୍ପର୍କ ସ୍ଥାପନ ହେବା ସହ ନଦୀର ଦୁଇ ପାର୍ଶ୍ୱ ମଧ୍ୟରେ ଦୂରତ୍ୱ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଏହି ପଥ ଦେଇ ଅରୁଣାଚଳ ପ୍ରଦେଶକୁ ମଧ୍ୟ ଯୋଗାଯୋଗ ସହଜ ଓ ସୁଲଭ ହୋଇଛି। ଏହା ଫଳରେ ଇଟାନଗର ଓ ଡିବ୍ରୁଗଡ଼ ମଧ୍ୟରେ ସଡ଼କ ଦୂରତ୍ୱ ୧୫୦କିମି ହ୍ରାସ ପାଇଥିବା ବେଳେ ରେଳ ଦୂରତ୍ୱ ୭୦୫କିମି କମିଛି। ଗତବର୍ଷ ମଇ ମାସରେ ପ୍ରଧାନମନ୍ତ୍ରୀ





ଆସାମର ଲୋହିତ ନଦୀ ଉପରେ ସାଦିଆଠାରେ ଦେଶର ସବୁଠୁ ବଡ଼ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହାର ଲମ୍ବ ୯.୧୫କିମି। ଏହି ସେତୁକୁ ପ୍ରଖ୍ୟାତ ସଂଗୀତକାର ଭୂପେନ ହଜାରିକାଙ୍କ ନାମରେ ନାମିତ କରାଯାଇଛି। ସାଦିୟା ହଜାରିକାଙ୍କ ଜନ୍ମସ୍ଥାନ। ଏହି ସେତୁ ନିର୍ମାଣରେ ମୋଟ୍ ୨୦୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମୁମ୍ବଇର ବାନ୍ଦ୍ରା-ଓ୍ୱର୍ଲି ସମୁଦ୍ର ସଂଯୋଗ ସେତୁଠାରୁ ୩.୩୫କିମି ଅଧିକ ଲମ୍ବ। ଏସବୁ ପ୍ରୟାସରୁ ଉତ୍ତରପୂର୍ବାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର କେତେ ଆଗ୍ରହୀ ତାହାର ପ୍ରମାଣ ମିଳୁଛି। ଏ କ୍ଷେତ୍ରରେ ସରକାର ବେଶ୍ ପରିଶ୍ରମ ମଧ୍ୟ କରୁଛନ୍ତି। ଉତ୍ତରପୂର୍ବାଞ୍ଚଳର ସଂଯୋଗ ବ୍ୟବସ୍ଥାର ଉନ୍ନତି ଦ୍ୱାରା ଭାରତ ଦକ୍ଷିଣ-ପୂର୍ବ ଏସିଆକୁ ସହଜରେ ପହଞ୍ଚିବାକୁ ରାସ୍ତା ପାଇବ। ଏହା ଫଳରେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରସମୂହ ସହିତ ଭାରତର ବାଣିଜ୍ୟ, ବ୍ୟବସାୟ, ସାଂସ୍କୃତିକ ସମ୍ପର୍କ ଓ ସହଯୋଗ ବଢ଼ିବ ବୋଲି ଆଶା କରାଯାଏ।

**ଲେଖିକା ହେଉଛନ୍ତି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ସହକାରୀ ସମ୍ପାଦିକା।**
**Email Id: namitastewari@gmail.com**

# ସରକାରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ

ସଂଜୀବ କୁମାର

ଗୋଟିଏ ଦେଶର ସ୍ୱାସ୍ଥ୍ୟସେବା ନୀତି ଓ କଲ୍ୟାଣକାରୀ ବ୍ୟବସ୍ଥାକୁ ବୁଝିବାକୁ ହେଲେ ପ୍ରଥମେ ଏହାର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଦେଖିବାକୁ ପଡ଼ିବ। ଏଥିରୁ ସେ ଦେଶର ସ୍ୱାସ୍ଥ୍ୟସେବା ସମ୍ପର୍କରେ ଏକ ସର୍ବନିମ୍ନ ଧାରଣା କରିହେବ। ସ୍ୱାସ୍ଥ୍ୟ ଭିତ୍ତିଭୂମି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଆଧାର ହୋଇଥିବାରୁ ଏହି କ୍ଷେତ୍ରରେ ପୁଞ୍ଜି ନିବେଶ ଓ ଅର୍ଥବ୍ୟୟ ଅଗ୍ରାଧିକାର ଲୋଡ଼େ। ଭାରତରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଣରେ ନିରନ୍ତର ଉଦ୍ୟମ ଚାଲିଛି ଏବଂ ଏହାର ଉତ୍ତମ ପ୍ରଭାବ ମଧ୍ୟ ଅନୁଭୂତ ହେଉଛି। ୧୯୪୭ରେ ଭାରତରେ ଲୋକଙ୍କ ହାରହାରି ପରମାୟୁ ୩୨ବର୍ଷ ଥିବାବେଳେ ଏବେ ଏହା ଦ୍ୱିଗୁଣିତ ହୋଇ ୬୬.୮ ବର୍ଷରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଶିଶୁ ମୃତ୍ୟୁହାର ଏକ ହଜାର ପିଛା ଯଥେଷ୍ଟ ହ୍ରାସ ପାଇ ୫୦ରେ ପହଞ୍ଚିଛି। ଏହା ସତ୍ତ୍ୱେ ଭାରତରେ ଏବେ ମଧ୍ୟ ଶିଶୁ ଓ ମାତୃମୃତ୍ୟୁହାର ତଥା ଅପୁଷ୍ଟି ସମସ୍ୟା ଚିନ୍ତାଜନକ ସ୍ତରରେ ଅଛି। ପ୍ରତିବର୍ଷ ଭାରତରେ ପ୍ରାୟ ୧୦ ଲକ୍ଷ ଲୋକ ଆବଶ୍ୟକ ସ୍ୱାସ୍ଥ୍ୟସେବା ଅଭାବରୁ ପ୍ରାଣ ହରାଉଥିବାବେଳେ ୭୦କୋଟି ଲୋକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା (ସ୍ପେଶାଲିଷ୍ଟ କେୟାର) ନାହିଁ। ଦେଶର ୮୦ ଶତାଂଶ ବିଶେଷଜ୍ଞ ଡାକ୍ତର ସହରାଞ୍ଚଳରେ ରହୁଛନ୍ତି। ଏକ ହଜାର ଜନସଂଖ୍ୟା ପାଇଁ ଯେତେ ଶଯ୍ୟା ହସ୍ପିଟାଲରେ





ଚିକିତ୍ସା ପାଇଁ ସେମାନେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି ଓ ସରକାର ମଧ୍ୟ ଏ କ୍ଷେତ୍ରରେ ନିଜର ଦାୟିତ୍ୱ ପାରୁପର୍ଯ୍ୟନ୍ତ ନିର୍ବାହ କରୁଛନ୍ତି । ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତରେ ଅଭିବୃଦ୍ଧି ହାର ଖୁବ୍ ଦ୍ରୁତ ଗତିରେ ବଢ଼ିଚାଲିଛି ।

ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁଇ ଭାଗରେ ବିଭକ୍ତ । ଗୋଟିଏ ସରକାରୀ ଓ ଅନ୍ୟଟି ଘରୋଇ । ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବଡ଼ ବଡ଼ ସହରରେ ସ୍ୱତନ୍ତ୍ର ଓ ବୃହତ୍ ହସ୍‌ପିଟାଲ / ଚିକିତ୍ସା କେନ୍ଦ୍ରମାନ ରହିଥିବାବେଳେ ଜିଲା, ସବ୍‌ଡିଭିଜନ ଓ ବ୍ଲକ୍‌ସ୍ତରରେ ହସ୍‌ପିଟାଲ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହାୟକ ଉପକେନ୍ଦ୍ରମାନ ରହିଛି । ତେବେ ଘରୋଇ ଉଦ୍ୟୋଗମାନ ପ୍ରମୁଖ ସହରଗୁଡ଼ିକରେ ନିଜନିଜର ହସ୍‌ପିଟାଲମାନ ଖୋଲି ରୋଗୀସେବା ଯୋଗାଇଦେଉଛନ୍ତି । ଏମାନେ ଗ୍ରାମାଞ୍ଚଳକୁ ନିଜର ସେବା ସଂପ୍ରସାରଣ କରି ନ ଥାନ୍ତି । ଭାରତରେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାବେଳେ ଭାରତରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ ସହାୟକ ଓ ଅନ୍ୟାନ୍ୟ ତାଲିମପ୍ରାପ୍ତ ଲୋକଙ୍କ ସଂଖ୍ୟା ମଧ୍ୟ ବେଶ୍ ଭଲ । ଏସିଆ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ତୁଳନାରେ ଭାରତରେ ଚିକିତ୍ସା ସେବା ତୁଳନାତ୍ମକ ଭାବେ କମ୍ । ଭାରତରେ ରହିବା କଥା ତାହାର ଅଭାବ ଭାରତରେ ରହିଛି । ବିଶ୍ୱସ୍ତରୀୟ ମାନ ଅନୁସାରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ୩.୯୬ ହସ୍‌ପିଟାଲ ଶଯ୍ୟା ରହିବାର ଆବଶ୍ୟକତା ରହିଛି । ଭାରତରେ କିନ୍ତୁ ଏହି ହାର ମାତ୍ର ୦.୭ । ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ବିକାଶ ପାଇଁ ବଜେଟରେ ଅର୍ଥ ବରାଦ କରାଯାଉଛି । ତେବେ ଏହା ଯଥେଷ୍ଟ ନୁହେଁ । ସ୍ୱାସ୍ଥ୍ୟ ବିଭାଗ ପାଇଁ ବିଭିନ୍ନ ରାଜ୍ୟ ସରକାର ଯେଉଁ ବ୍ୟୟ ବରାଦ କରୁଛନ୍ତି ତାହାର ୭୦ଭାଗ କର୍ମଚାରୀଙ୍କ ବେତନ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବ୍ୟୟ ହେଉଛି । ତେଣୁ ଅବଶିଷ୍ଟ ଯେଉଁ ଅର୍ଥ ବଞ୍ଚୁଛି ସେଥିରେ ଭିତ୍ତିଭୂମି ନିର୍ମାଣ ଓ ସ୍ୱାସ୍ଥ୍ୟ ସେବାର ଉନ୍ନତି ସମ୍ଭବ ହେଉନାହିଁ ।

ଏକ ହିସାବ ଅନୁସାରେ ଭାରତରେ ସ୍ୱାସ୍ଥ୍ୟ ସେବା ପାଇଁ ସରକାର ମାତ୍ର ୨୨ ଭାଗ ଅର୍ଥ ଖର୍ଚ୍ଚ କରୁଛନ୍ତି । ତେଣୁ ରୋଗୀ ବା ସେମାନଙ୍କର ପରିବାରବର୍ଗଙ୍କୁ ଚିକିତ୍ସା ବାବଦ ବ୍ୟୟର ୭୮ ଭାଗ ବହନ କରିବାକୁ ପଡୁଛି । ସରକାରୀ ସ୍ତରରେ ଏବାବଦରେ ଯେଉଁ ସବ୍‌ସିଡି ମିଳୁଛି ତାହାର ୩୧ ଭାଗ ସୁବିଧା ଜନସଂଖ୍ୟାର ୨୦ଶତାଂଶ ଧନିକ ବର୍ଗ ଉପଭୋଗ କରୁଛନ୍ତି । ଅତି ଗରିବ ବର୍ଗର ମାତ୍ର ସାତ ଭାଗ ଲୋକଙ୍କ ପାଖରେ ଏହି ସୁବିଧା ପହଞ୍ଚୁଛି ।

**ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଢାଞ୍ଚା:**

ରାଜସ୍ୱ ଓ ନିଯୁକ୍ତି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା ଭାରତର ସବୁଠୁ ବଡ଼ କ୍ଷେତ୍ର । ଏଥିରେ ହସ୍‌ପିଟାଲ, ମେଡିକାଲ ଉପକରଣ, ଡାକ୍ତରୀ ପରୀକ୍ଷା ନିରୀକ୍ଷା, ଟେଲିମେଡିସିନ୍, ଆଉଟ୍ ସୋର୍ସିଂ, ସ୍ୱାସ୍ଥ୍ୟ ପର୍ଯ୍ୟଟନ, ଚିକିତ୍ସା ସଂକ୍ରାନ୍ତ ପ୍ରୟୋଗ ଓ ବୀମା ଆଦି ବିଭିନ୍ନ ବିଷୟ ସଂପୃକ୍ତ । ଲୋକେ କ୍ରମଶଃ ସ୍ୱାସ୍ଥ୍ୟ ସଚେତନ ହେଉଛନ୍ତି । ତେଣୁ





ଗୋଟିଏ ଅସ୍ତୋପଚାର ବାବଦ ବ୍ୟୟ ଆମେରିକା ବା ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରର ବ୍ୟୟ ତୁଳନାରେ ପ୍ରାୟ ଏକ ଦଶମାଂଶ ।

ଗତ ୨୦ବର୍ଷ ମଧ୍ୟରେ ଭାରତରେ ଡାକ୍ତରୀ ଶିକ୍ଷା ଭିତ୍ତିଭୂମିର ବିକାଶ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଦେଶରେ ଏବେ ୪୭୬ଟି ମେଡିକାଲ କଲେଜ, ୩୧୩ଟି ଦନ୍ତ ଚିକିତ୍ସା କଲେଜ ଓ ୨୪୯ଟି ଏମ୍‌ଡିଏସ୍ କଲେଜ କାର୍ଯ୍ୟ କରୁଛି । ମେଡିକାଲ କଲେଜଗୁଡ଼ିକରେ ପ୍ରତିବର୍ଷ ୫୨୬୪୬ ଛାତ୍ରଛାତ୍ରୀ ନାମ ଲେଖାଉଥିବା ବେଳେ ୨୭୦୬୦ ଜଣ ବିଡିଏସ୍ ପଢ଼ିବାକୁ ଭର୍ତ୍ତି ହେଉଛନ୍ତି । ଏହାଛଡ଼ା ପ୍ରତିବର୍ଷ ଦେଶରେ ୬୨୩୩ ପିଲାଙ୍କ ପାଇଁ ଏମ୍‌ଡିଏସ୍ ପଢ଼ିବାର ସୁଯୋଗ ରହିଛି ।

ଭାରତରେ ଏବେ ୩୨୧୫ଟି ନର୍ସିଂ ଓ ମିଡ୍‌ୱାଇଫ୍ ଶିକ୍ଷାନୁଷ୍ଠାନ ରହିଛି । ଏଥିରେ ଆସନ ସଂଖ୍ୟା ୧୨୯,୯୨୬ । ଏହାଛଡ଼ା ଦେଶରେ ୭୭୭ଟି ଫାର୍ମାସୀ (ଡିପ୍ଲୋମା) କଲେଜ କାର୍ଯ୍ୟ କରୁଛି । ସେଥିରେ ଆସନ ସଂଖ୍ୟା ୪୬,୭୯୫ । ଭାରତରେ ଏବେ ୨୩, ୫୮୨ଟି ସରକାରୀ ହସ୍‌ପିଟାଲ ରହିଛି ଯେଉଁଥିରେ ୭୧୦,୭୬୧ ଶଯ୍ୟା ଅଛି । ଦେଶର ଗ୍ରାମାଞ୍ଚଳରେ ୧୯,୮୧୦ ହସ୍‌ପିଟାଲ ଚାଲିଥିବାବେଳେ ସେଥିରେ ୨୭୯,୫୮୮ ଶଯ୍ୟା ରହିଛି । ଭାରତର ସହରାଞ୍ଚଳରେ ସରକାରୀ ହସ୍‌ପିଟାଲ ସଂଖ୍ୟା ୩୭୭୨ ଓ ଏହାର ଶଯ୍ୟା ସଂଖ୍ୟା ୪୩୧,୧୭୩ । ଭାରତର ଗ୍ରାମାଞ୍ଚଳରେ ଦେଶର ୭୦ଭାଗ ଲୋକ ବସବାସ କରନ୍ତି । ସେମାନଙ୍କ ପାଇଁ ୧୫୬,୨୩୧ ମେଡିକାଲ ଉପକେନ୍ଦ୍ର, ୨୫,୬୫୦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୫୬୨୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି । (୨୦୧୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା)

**ସୀମିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଜନିତ ସମସ୍ୟା:** ଅନେକ ବିଶେଷଜ୍ଞଙ୍କ ମତରେ ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ଅଭାବ ଅନ୍ୟତମ ପୀଡ଼ାଦାୟକ ଘଟଣା । ଦେଶ ଏ କ୍ଷେତ୍ରରେ ପୁଞ୍ଜି ନିବେଶ ଓ ଆବଶ୍ୟକ ମାନବସମ୍ବଳ ଅଭାବର ସମ୍ମୁଖୀନ । ଭାରତରେ ଏକ ହଜାର ଲୋକସଂଖ୍ୟା ପାଇଁ ମାତ୍ର ୦.୫ଟି ମେଡିକାଲ ବେଡ୍‌ର ବ୍ୟବସ୍ଥା ଥିବାବେଳେ ଏହି ଅନୁପାତ ଚୀନରେ ୨.୩, ବ୍ରାଜିଲରେ ୨.୬ ଓ ଆମେରିକାରେ ୩.୨ । ଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟ ଏହି ଚିକିତ୍ସା ସୁବିଧା ଭଲ ନ ଥିବାବେଳେ ଅନ୍ୟ କେଉଁଠି ଏହା ଅତ୍ୟନ୍ତ ନଗଣ୍ୟ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ନୀତି ଅନୁସାରେ ସ୍ୱଳ୍ପ ଆୟକାରୀ ଦେଶରେ ପ୍ରତ୍ୟେକ ଏକହଜାର ଜନସଂଖ୍ୟା ପାଇଁ ଅତିକମ୍‌ରେ ଗୋଟିଏ ହସ୍‌ପିଟାଲର ଶଯ୍ୟା (ବେଡ୍)ର ଆବଶ୍ୟକତା ରହିଛି । ଉନ୍ନତମାନର ଚିକିତ୍ସା ସେବା ଯୋଗାଣ ଏକ ବ୍ୟୟବହୁଳ ବ୍ୟବସ୍ଥା । ଏହା ମଧ୍ୟ ବିପୁଳ ପୁଞ୍ଜି ଲୋଡ଼େ । ଏଭଳି ସ୍ଥିତିରେ ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟର ଚିକିତ୍ସାଳୟଟିଏ ତିଆରି କଲେ ଗୋଟିଏ ଶଯ୍ୟା ବ୍ୟବସ୍ଥା ପାଇଁ ଯଥାକ୍ରମେ ୨୫ ଓ ୪୦ଲକ୍ଷ ଟଙ୍କାର କୋଠା ନିର୍ମାଣ କରିବାକୁ ପଡ଼ିବ । ଅତଏବ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକୁ କାର୍ଯ୍ୟକାରୀ କରିବାକୁ ହେଲେ (ଏକ ହଜାର ଲୋକଙ୍କ ପାଇଁ ଗୋଟିଏ ବେଡ୍) ଭାରତରେ ୧,୬୨,୫୦୦କୋଟି ଟଙ୍କା

> ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁଇ ଭାଗରେ ବିଭକ୍ତ । ଗୋଟିଏ ସରକାରୀ ଓ ଅନ୍ୟଟି ଘରୋଇ । ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବଡ଼ ବଡ଼ ସହରରେ ସ୍ୱତନ୍ତ୍ର ଓ ବୃହତ୍ ହସ୍‌ପିଟାଲ / ଚିକିତ୍ସା କେନ୍ଦ୍ରମାନ ରହିଥିବାବେଳେ ଜିଲା, ସବ୍‌ଡିଭିଜନ ଓ ବ୍ଲକ୍‌ସ୍ତରରେ ହସ୍‌ପିଟାଲ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହାୟକ ଉପକେନ୍ଦ୍ରମାନ ରହିଛି । ତେବେ ଘରୋଇ ଉଦ୍ୟୋଗମାନ ପ୍ରମୁଖ ସହରଗୁଡ଼ିକରେ ନିଜନିଜର ହସ୍‌ପିଟାଲମାନ ଖୋଲି ରୋଗୀସେବା ଯୋଗାଇଦେଉଛନ୍ତି । ଏମାନେ ଗ୍ରାମାଞ୍ଚଳକୁ ନିଜର ସେବା ସଂପ୍ରସାରଣ କରି ନ ଥାନ୍ତି । ଭାରତରେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାବେଳେ ଭାରତରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ ସହାୟକ ଓ ଅନ୍ୟାନ୍ୟ ତାଲିମପ୍ରାପ୍ତ ଲୋକଙ୍କ ସଂଖ୍ୟା ମଧ୍ୟ ବେଶ୍ ଭଲ । ଏସିଆ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ତୁଳନାରେ ଭାରତରେ ଚିକିତ୍ସା ସେବା ତୁଳନାତ୍ମକ ଭାବେ କମ୍ ।



ବିନିଯୋଗ କରିବାକୁ ପଡ଼ିବ।

**ସାର୍ବଜନୀନ ସ୍ୱାସ୍ଥ୍ୟସେବା:**

ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଭୟ ଭାରତ ସରକାର ଓ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସମୂହଙ୍କ ଲକ୍ଷ୍ୟ। ୨୦୧୭ ଭାରତୀୟ ସ୍ୱାସ୍ଥ୍ୟ ନୀତିରେ ସବୁ ଲୋକଙ୍କୁ ଯଥା ସମ୍ଭବ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। ତଦନୁସାରେ ସବୁ ବୟସର ଓ ସବୁ ବର୍ଗର ଲୋକଙ୍କୁ ନିରାକରଣ ଓ ପ୍ରୋତ୍ସାହନମୂଳକ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯାଉଛି। ସ୍ୱାସ୍ଥ୍ୟସେବା ପାଇବାରେ ନାଗରିକମାନଙ୍କ ପାଇଁ ଅର୍ଥାଭାବ ଯେପରି ସମସ୍ୟା ନ'ହୁଏ ସେଥିପ୍ରତି ସରକାର ଆବଶ୍ୟକ ଦୃଷ୍ଟି ଦେଉଛନ୍ତି। ସ୍ୱାସ୍ଥ୍ୟ ସଂକ୍ରାନ୍ତ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)-ନଂ-୩କୁ ଭାରତ ସରକାର ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ରୋଗ ନିରାକରଣ, ଚିକିତ୍ସା ବ୍ୟବସ୍ଥାର ଉନ୍ନତି ଓ ଚିକିତ୍ସାସେବା ଯୋଗାଣକୁ ସାର୍ବଜନୀନ କରିବାକୁ ପ୍ରୟାସ ଚାଲିଛି। ଏହା ଫଳରେ ଏମ୍‌ଡିଏଚ୍ ଲକ୍ଷ୍ୟ ହାସଲର ବିଭିନ୍ନ କ୍ଷେତ୍ରରେ ଭାରତର ପ୍ରଗତି ଭଲ ରହିଛି। ତଥାପି ଏମ୍‌ଡିଏଚ୍ ଲକ୍ଷ୍ୟ ସମ୍ପୂର୍ଣ୍ଣ ହାସଲ କରିବାକୁ ଭାରତକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ।

ଆୟୁଷ୍ମାନ ଭାରତ ମିଶନ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ସେବା ଯୋଜନା। ଏହା ୨୦୧୮-୧୯ ବଜେଟରେ ଆରମ୍ଭ ହୋଇଥିଲା। ଚିକିତ୍ସା ସେବାରେ ବୀମା ବ୍ୟବସ୍ଥା ଯୋଗାଇଦେବା ଏହାର ଲକ୍ଷ୍ୟ ଏବଂ ଏଥିରେ ଗ୍ରାମାଞ୍ଚଳର ୧୦କୋଟି ଗରିବ ଏବଂ ବଞ୍ଚିତ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଗତ କେତେବର୍ଷ ଧରି ସରକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଭିତ୍ତିଭୂମି ଓ ସେବା ଯୋଗାଣରେ ଉନ୍ନତି ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦେଶର ପ୍ରତ୍ୟେକ ନାଗରିକ ଯେପରି ସ୍ୱାସ୍ଥ୍ୟସେବା ସୁବିଧା ପାଏ ସେଥି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି।

**ପ୍ରମୁଖ ସରକାରୀ କାର୍ଯ୍ୟକ୍ରମ:**

ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା (ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ କାର୍ଯ୍ୟକ୍ରମ), କାୟାକଳ୍ପ ଓ ମିଶନ ଇନ୍ଦ୍ରଧନୁଷ ଆଦି ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଜନା ସରକାର ଇତିମଧ୍ୟରେ କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପ୍ରତି ବର୍ଷ ୧୦୦ନିୟୁତ ପରିବାରକୁ ପ୍ରତ୍ୟେକ ପାଞ୍ଚ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସେହିଭଳି କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ-ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନରେ କେନ୍ଦ୍ରୀୟ ସହାୟତାରେ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ଯୋଜନାରେ କେନ୍ଦ୍ର ସରକାର ୬୦ଭାଗ ଓ ରାଜ୍ୟ ସରକାର ୪୦ଭାଗ ଅର୍ଥ ବ୍ୟୟ କରିବାର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଏବାବଦରେ କୌଣସି ଅଂଶଧନ ଦେବାର ବ୍ୟବସ୍ଥା ନ ଥିବା ବେଳେ ଉତ୍ତର ପୂର୍ବାଞ୍ଚଳର ପାହାଡ଼ିଆ ରାଜ୍ୟମାନଙ୍କ ପାଇଁ ଅନୁଦାନ ଅନୁପାତ ମାତ୍ର ୧୦ଭାଗ ରଖାଯାଇଛି।

ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଆଞ୍ଚଳିକ ବୈଷମ୍ୟ ରହିଛି ତାହାର ଦୂରୀକରଣ। ଏଥିରେ ସବୁ ରାଜ୍ୟରେ ଏମ୍ସ ଅନୁରୂପ ଚିକିତ୍ସା ପ୍ରତିଷ୍ଠାନ ଖୋଲିବା ଏବଂ ପ୍ରାଦେଶିକ ସ୍ତରର ସରକାରୀ ମେଡିକାଲ କଲେଜଗୁଡ଼ିକର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଉଚି। ଏହି ଯୋଜନାରେ ଭୁବନେଶ୍ୱର, ଭୋପାଳ, ରାୟପୁର, ପାଟନା, ଯୋଧପୁର ଓ ଋଷିକେଶରେ ଏମ୍ସ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ନୂତନ ଏମ୍ସର ନିର୍ମାଣ ଖର୍ଚ୍ଚ ପ୍ରଥମ ପର୍ଯ୍ୟାୟରେ ୮୨୦ କୋଟି ଟଙ୍କା ରଖାଯାଇଛି। ସେଥି ମଧ୍ୟରୁ ଭବନ ନିର୍ମାଣ ପାଇଁ ୬୨୦କୋଟି ଓ ଯନ୍ତ୍ରପାତି କ୍ରୟ ପାଇଁ ୨୦୦କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେଇଭଳି ଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକର ଉନ୍ନତି ପାଇଁ ପ୍ରତ୍ୟେକ ଅନୁଷ୍ଠାନ ପିଛା ଏହି ଯୋଜନାରେ ୧୫୦କୋଟି ଟଙ୍କା ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାର ୧୨୫କୋଟି ଓ ଅବଶିଷ୍ଟ ଅର୍ଥ ସଂପୃକ୍ତ ରାଜ୍ୟ ସରକାର ବହନ କରିବେ।

ଆୟୁଷ୍ମାନ ଭାରତ ବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଦେଶର ୧୦କୋଟି ଅତି

ଦରିଦ୍ର ପରିବାରଙ୍କୁ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ନିର୍ଦ୍ଦିଷ୍ଟ କେତେକ ଗୁରୁତର ବ୍ୟାଧିର ଉତ୍ତମ ଓ ଉନ୍ନତ ଚିକିତ୍ସା ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇଦେବେ। ଏହି ସୁପର ସ୍ପେଶାଲିଟି ଚିକିତ୍ସା ସେବା ଯୋଗାଣରେ ରାଜ୍ୟ ଓ କେନ୍ଦ୍ର ସରକାର ବୁଝାମଣା ଭିତ୍ତିରେ ଆନୁପାତିକ ହାରରେ ଅର୍ଥ ହିତାଧିକାରୀଙ୍କୁ ଯୋଗାଇଦେବେ। ଏହି ଯୋଜନାର ବିଶେଷତ୍ୱ ହେଲା ଏଥିରେ ସରକାରୀ ଅର୍ଥର ବାଟମାରଣା ସୁଯୋଗ ନାହିଁ ଏବଂ ଚିକିତ୍ସା ଖର୍ଚ୍ଚ ବାବଦ ବ୍ୟୟକୁ ଜାଲିଆତି କରି ବା ବଢ଼ାଇ କେହି ଅର୍ଥ ନେଇପାରିବେ ନାହିଁ।

ସେହିଭଳି କାୟାକଳ୍ପ ଯୋଜନାରେ ସରକାରୀ ହସ୍‌ପିଟାଲଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଫଳରେ ଛୋଟଛୋଟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସରକାରୀ ହସ୍‌ପିଟାଲଗୁଡ଼ିକ ପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ବଢ଼ିଛି। ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ଦେଶର ଉଭୟ ସହର ଓ ଗ୍ରାମାଞ୍ଚଳର ସବୁ ପିଲାଙ୍କୁ ଯେଉଁସବୁ ଜୀବନରକ୍ଷାକାରୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଟିକା ନିର୍ଦ୍ଧାରିତ ବୟସ ମଧ୍ୟରେ ଦିଆଯିବା କଥା ତାହା ଏହି ଯୋଜନାରେ ଦିଆଯାଉଛି। ୨୦୧୮ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ୯୦ଶତାଂଶ ଟିକାକରଣ ଲକ୍ଷ୍ୟ ପୂରଣ ହୋଇଛି।

**ଘରୋଇ ସ୍ୱାସ୍ଥ୍ୟ ସେବା:**

ରୋଗୀଙ୍କ ଚାହିଦା ବୃଦ୍ଧି ଦୃଷ୍ଟିରୁ ଭାରତରେ ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅଳ୍ପ ସମୟ ମଧ୍ୟରେ ବେଶ୍ ବ୍ୟାପକ ହୋଇଛି। ଏହି ସମୟରେ ଘରୋଇ କ୍ଷେତ୍ରରେ ଅନେକ ହସ୍‌ପିଟାଲ, ସ୍ୱାସ୍ଥ୍ୟକେନ୍ଦ୍ର, କ୍ଲିନିକ୍ ଓ ନର୍ସିଂହୋମ୍ ଗଢ଼ିଉଠିଛି। ଏମାନେ ସମାଜସେବା ଆଳରେ ରୀତିମତ ଲାଭଜନକ ବ୍ୟବସାୟ ଚଳାଇ ଏକ ସମାନ୍ତରାଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଚଳାଇଛନ୍ତି। ଏଥିରେ ସାଧାରଣ ରୋଗୀ ଓ ନିର୍ଦ୍ଧନମାନେ ଅଧିକ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଏହିସବୁ ଘରୋଇ ହସ୍‌ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ନିୟନ୍ତ୍ରଣରେ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ମଧ୍ୟ କାର୍ଯ୍ୟାନୁଷ୍ଠାନ କେତେକ କ୍ଷେତ୍ରରେ ଆରମ୍ଭ କରିଛନ୍ତି। ଗରିବ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେବାକୁ ଘରୋଇ ପ୍ରତିଷ୍ଠିତ ହସ୍‌ପିଟାଲଗଗୁଡ଼ିକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେବାର ନଜିର ମଧ୍ୟ ରହିଛି। ଦିଲ୍ଲୀ ଆଦି ସହରରେ ଘରୋଇ ହସ୍‌ପିଟାଲଗୁଡ଼ିକ ନିଜ ବେଡ୍‌ର ୧୦ଶତାଂଶ ଗରିବ ରୋଗୀଙ୍କ ମାଗଣା ଚିକିତ୍ସା ପାଇଁ ସଂରକ୍ଷିତ ରଖିଛନ୍ତି ଓ ଦୈନନ୍ଦିନ ପରାମର୍ଶ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ମଧ୍ୟରୁ ୨୫% ଗରିବ ଲୋକଙ୍କ ପାଇଁ ଧାର୍ଯ୍ୟ କରିଛନ୍ତି। ଅଦାଲତଙ୍କ ହସ୍ତକ୍ଷେପ ଫଳରେ ଏହା ସମ୍ଭବ ହୋଇଛି। ଘରୋଇ ହସ୍‌ପିଟାଲଗୁଡ଼ିକର ପ୍ରତିଷ୍ଠା ଓ ପରିଚାଳନାରେ ସମାଜ ଓ ଦେଶର ପରୋକ୍ଷ ଅବଦାନ ରହୁଥିବାରୁ ସେମାନଙ୍କୁ ଏହି ନିଃଶୁଳ୍କ ସେବା ମାଗଣା ଯୋଗାଇଦେବାର ବ୍ୟବସ୍ଥା

ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଆଞ୍ଚଳିକ ବୈଷମ୍ୟ ରହିଛି ତାହାର ଦୂରୀକରଣ। ଏଥିରେ ସବୁ ରାଜ୍ୟରେ ଏମ୍ସ ଅନୁରୂପ ଚିକିତ୍ସା ପ୍ରତିଷ୍ଠାନ ଖୋଲିବା ଏବଂ ପ୍ରାଦେଶିକ ସ୍ତରର ସରକାରୀ ମେଡିକାଲ କଲେଜଗୁଡ଼ିକର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଉଚି। ଏହି ଯୋଜନାରେ ଭୁବନେଶ୍ୱର, ଭୋପାଳ, ରାୟପୁର, ପାଟନା, ଯୋଧପୁର ଓ ଋଷିକେଶରେ ଏମ୍ସ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ନୂତନ ଏମ୍ସର ନିର୍ମାଣ ଖର୍ଚ୍ଚ ପ୍ରଥମ ପର୍ଯ୍ୟାୟରେ ୮୨୦ କୋଟି ଟଙ୍କା ରଖାଯାଇଛି। ସେଥି ମଧ୍ୟରୁ ଭବନ ନିର୍ମାଣ ପାଇଁ ୬୨୦କୋଟି ଓ ଯନ୍ତ୍ରପାତି କ୍ରୟ ପାଇଁ ୨୦୦କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

**ସୁସ୍ଥ ଭାରତର ନିର୍ମାଣ**

## ଅଧିକ ସୁବିଧା, ଅଧିକ ଡାକ୍ତର




- ଏମ୍ସ ଢାଞ୍ଚାରେ ୨୦ଟି ନୂଆ ସୁପର ସ୍ପେଶିଆଲିଷ୍ଟ୍ ହସ୍ପିଟାଲର ସ୍ଥାପନ
- ୨୦୧୭-୧୮ରେ ଝାଡ଼ଖଣ୍ଡ, ହିମାଚଳପ୍ରଦେଶ ଏବଂ ଗୁଜରାଟରେ ୩ଟି ନୂଆ ଏମ୍ସର ଘୋଷଣା
- ୭୩ଟି ସରକାରୀ ମେଡିକାଲ୍ କଲେଜର ଅପ୍‌ଗ୍ରେଡ୍
- ପରିଚାଳିତ ଏମ୍ସରେ ୧୬୭୫ଟି ହସ୍ପିଟାଲ୍ ବେଡ୍ ଯୋଡ଼ା ହେଲା
- ମୋଟ୍ ୯୨ଟି ମେଡିକାଲ୍ କଲେଜର ସ୍ଥାପନା ହୋଇଛି। ଏଥିମଧ୍ୟରୁ ୧୫,୩୫୪ ଏମ୍‌ବିବିଏସ୍ ସିଟ୍‌ରେ ବୃଦ୍ଧି
- ମୋଟ୍ ୧୨,୬୪୬ ପିଜି ସିଟ୍‌ରେ ବୃଦ୍ଧି

As on 1st January, 2019

କରାଯାଇଛି ।

**ସ୍ୱାସ୍ଥ୍ୟସେବା ବଜାରର ଆକାର:**

ଭାରତର ସ୍ୱାସ୍ଥ୍ୟସେବା ବଜାରର ଆକାର ବିରାଟ ଏବଂ ଏହା ଦ୍ରୁତଗତିରେ ବଢ଼ୁଛି । ୨୦୨୨ ସୁଦ୍ଧା ଏହା ତିନିଗୁଣ ବଢ଼ି ୮.୬ ଟ୍ରିଲିୟନ ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏବେ ଭାରତରେ ମେଡିକାଲ ପର୍ଯ୍ୟଟନ ୨୨ରୁ ୨୫ ହାରରେ ବୃଦ୍ଧି ପାଉଛି । ଭାରତର ମୋଟ୍ ଜାତୀୟ ଆୟ (ଜିଡିପି) ବଢ଼ୁଛି । ତେଣୁ ଏହାକୁ ବିଚାରକୁ ନେଇ ସକଳ ଜାତୀୟ ଆୟରୁ ଅଧିକ ଭାଗ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରିବାକୁ ବିଚାର କରାଯାଉଛି । ୨୦୧୮ ଆର୍ଥିକ ବର୍ଷରେ ସରକାରଙ୍କ ସ୍ୱାସ୍ଥ୍ୟ ସେବା ବାବଦ ବ୍ୟୟ ୨୦୧୪ ତୁଳନାରେ ମାତ୍ର ୦.୨ବଢ଼ି ୧.୪ ଶତାଂଶ ହୋଇଥିଲା । ଏହା ଅତି କମ୍ । ତେଣୁ ଭାରତ ସରକାର ୨୦୨୫ ସୁଦ୍ଧା ଦେଶର ଜିଡିପିର ୨.୫ ଶତାଂଶ ସ୍ୱାସ୍ଥ୍ୟସେବା ବାବଦରେ ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛନ୍ତି । ହସ୍‌ପିଟାଲ ଓ ନିଦାନକେନ୍ଦ୍ରଗୁଡ଼ିକ ୨୦୦୦ ଏପ୍ରିଲଠାରୁ ୨୦୧୮ଜୁନ୍ ମଧ୍ୟରେ ୫.୨୫ବିଲିୟନ ଡଲାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଆକାରରେ ଆଣିବାରେ ସଫଳ ହୋଇଛନ୍ତି ।

**ଉପଲବ୍ଧି:**

୨୦୧୭ବର୍ଷରେ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛି ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଓ ଏ କ୍ଷେତ୍ରରେ କିଛି ସଫଳତା ମଧ୍ୟ ପାଇଛନ୍ତି । ସେହିବର୍ଷ ଜାତୀୟ ପୁଷ୍ଟିସାଧନ ମିଶନକୁ ସରକାର ଅନୁମୋଦନ କରିଥିଲେ । ଏହି କାର୍ଯ୍ୟକ୍ରମଟି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଛି । ଦେଶର ପୁଷ୍ଟିହୀନ ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଏବଂ ଔଷଧ ମାଗଣାରେ ଦେଇ ସେମାନଙ୍କୁ ସୁସ୍ଥସବଳ କରିବା ଏହି ଯୋଜନାର ଲକ୍ଷ୍ୟ । ସେହିବର୍ଷ ସରକାର ଅମ୍ରିତ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ । ଏଥିରେ ରୋଗୀଙ୍କୁ ଶସ୍ତାରେ ଔଷଧ ପତ୍ର ଓ ଡାକ୍ତରଙ୍କ ଦ୍ୱାରା ସୁପାରିସ ହୋଇଥିବା ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି । ଗୋଟିଏ ବର୍ଷରେ ଏହି ଯୋଜନାରେ ୪.୪୫ ନିୟୁତ ରୋଗୀ ଉପକୃତ ହୋଇଛନ୍ତି । ୨୦୧୭ ଡିସେମ୍ବର ୧୫ରେ କେନ୍ଦ୍ର ସରକାର ଜାତୀୟ ମେଡିକାଲ କମିଶନ ବିଲ୍‌କୁ ଅନୁମୋଦନ କରିଥିଲେ । ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଏହି ବିଲ୍ ଉଦ୍ଦିଷ୍ଟ । ଏହାଛଡ଼ା ୨୦୧୮ ସେପ୍ଟେମ୍ବର ୨୩ରେ ସରକାର ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କରିଥିଲେ ।

**ସ୍ୱାସ୍ଥ୍ୟସେବାର ଭବିଷ୍ୟତ:**

ଭାରତର ସ୍ୱାସ୍ଥ୍ୟସେବା ଉଦ୍ୟୋଗ ଏକ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର । ୨୦୨୦ସୁଦ୍ଧା ଏହା ୨୮୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ନିଦାନ ବା ଡାଏଗ୍‌ନୋଷ୍ଟିକ କ୍ଷେତ୍ରରେ ଭାରତ ବିଶ୍ୱର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ପାଲଟିଛି । ଏହି କ୍ଷେତ୍ରରେ ପ୍ରଚୁର ପୁଞ୍ଜି ନିବେଶ ମଧ୍ୟ ହେଉଛି । ଫଳରେ ରୋଗ ନିଦାନ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳର ଉପଯୋଗ ବୃଦ୍ଧି ପାଇଛି ।

ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ର ବିବିଧ ଏବଂ ଏହାର ପ୍ରତ୍ୟେକ ବିଭାଗରେ ଅସୀମ ସୁଯୋଗ ସୁବିଧା ରହିଛି । ଏ କ୍ଷେତ୍ରରେ ପ୍ରତିଯୋଗିତା ତୀବ୍ର ଥିବାରୁ ଅତ୍ୟାଧୁନିକ ଓ ବିଶ୍ୱସନୀୟ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ଏହା ମଧ୍ୟ ଏକ ଭଲ ବ୍ୟାବସାୟିକ ବଜାର ସୃଷ୍ଟି କରିଛି । ଲୋକେ ମଧ୍ୟ ନାନା ବିକଳ୍ପ ପାଉଛନ୍ତି ଏବଂ ଏକଚାଟିଆ କାରବାର ନାହିଁ । ଭାରତୀୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଭିବୃଦ୍ଧି ପ୍ରାୟ ୧୭ ଶତାଂଶ ହାରରେ ବଢୁଥିବାରୁ ୨୦୨୨ସୁଦ୍ଧା ଏହାର ମୋଟ୍ ବଜାର ଆକାର ୪ଟ୍ରିଲିୟନ ଟଙ୍କାରେ ପହଞ୍ଚିବ ବୋଲି ହିସାବ କରାଯାଇଛି । ଏ କ୍ଷେତ୍ରରେ ଭାରତର ଆଉ ଏକ ବଡ଼ ଉପଲବ୍ଧି ହେଲା ଔଷଧ

ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁଇ ଭାଗରେ ବିଭକ୍ତ । ଗୋଟିଏ ସରକାରୀ ଓ ଅନ୍ୟଟି ଘରୋଇ । ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବଡ଼ ବଡ଼ ସହରରେ ସ୍ୱତନ୍ତ୍ର ଓ ବୃହତ୍ ହସ୍‌ପିଟାଲ / ଚିକିତ୍ସା କେନ୍ଦ୍ରମାନ ରହିଥିବାବେଳେ ଜିଲା, ସବ୍‌ଡିଭିଜନ ଓ ବ୍ଲକ୍‌ସ୍ତରରେ ହସ୍‌ପିଟାଲ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହାୟକ ଉପକେନ୍ଦ୍ରମାନ ରହିଛି । ତେବେ ଘରୋଇ ଉଦ୍ୟୋଗମାନ ପ୍ରମୁଖ ସହରଗୁଡ଼ିକରେ ନିଜନିଜର ହସ୍‌ପିଟାଲମାନ ଖୋଲି ରୋଗୀସେବା ଯୋଗାଇଦେଉଛନ୍ତି । ଏମାନେ ଗ୍ରାମାଞ୍ଚଳକୁ ନିଜର ସେବା ସଂପ୍ରସାରଣ କରି ନ ଥାନ୍ତି । ଭାରତରେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାବେଳେ ଭାରତରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ ସହାୟକ ଓ ଅନ୍ୟାନ୍ୟ ତାଲିମପ୍ରାପ୍ତ ଲୋକଙ୍କ ସଂଖ୍ୟା ମଧ୍ୟ ବେଶ୍ ଭଲ । ଏସିଆ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ତୁଳନାରେ ଭାରତରେ ଚିକିତ୍ସା ସେବା ତୁଳନାତ୍ମକ ଭାବେ କମ୍ । ଭାରତରେ ଗୋଟିଏ ଅସ୍ତ୍ରୋପଚାର ବାବଦ ବ୍ୟୟ ଆମେରିକା ବା ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରର ବ୍ୟୟ ତୁଳନାରେ ପ୍ରାୟ ଏକ ଦଶମାଂଶ । ଗତ ୨୦ବର୍ଷ ମଧ୍ୟରେ ଭାରତରେ ଡାକ୍ତରୀ ଶିକ୍ଷା ଭିତ୍ତିଭୂମିର ବିକାଶ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଦେଶରେ ଏବେ ୪୭୬ଟି ମେଡିକାଲ କଲେଜ, ୩୧୩ଟି ଦନ୍ତ ଚିକିତ୍ସା କଲେଜ ଓ ୨୪୯ଟି ଏମ୍‌ଡିଏସ୍ କଲେଜ କାର୍ଯ୍ୟ କରୁଛି । ମେଡିକାଲ କଲେଜଗୁଡ଼ିକରେ ପ୍ରତିବର୍ଷ ୫୨୬୪୬ ଛାତ୍ରଛାତ୍ରୀ ନାମ ଲେଖାଉଥିବା ବେଳେ ୨୭୦୬୦ ଜଣ ବିଡିଏସ୍ ପଢ଼ିବାକୁ ଭର୍ତ୍ତି ହେଉଛନ୍ତି । ଏହାଛଡ଼ା ପ୍ରତିବର୍ଷ ଦେଶରେ ୬୨୩୩ ପିଲାଙ୍କ ପାଇଁ ଏମ୍‌ଡିଏସ୍ ପଢ଼ିବାର ସୁଯୋଗ ରହିଛି ।

| ଗତ ଦଶ ବର୍ଷ ମଧ୍ୟରେ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମ | |
|---|---|
| ବର୍ଷ | ଯୋଜନା / କାର୍ଯ୍ୟକ୍ରମ |
| ୨୦୦୮ | ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା |
| ୨୦୦୮ | ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ଯୋଜନା |
| ୨୦୦୯ | ଜାତୀୟ ଚିଠା ସ୍ୱାସ୍ଥ୍ୟ ବିଲ୍ |
| ୨୦୧୦ | କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ (ପଞ୍ଜୀକରଣ ଓ ନିୟନ୍ତ୍ରଣ) ଆଇନ |
| ୨୦୧୬ | ଇଲେକଟ୍ରୋନିକ ହେଲ୍‌ଥ ରେକର୍ଡ ଷ୍ଟାଣ୍ଡାର୍ଡ |
| ୨୦୧୬ | ସଂକ୍ରମଣଜନିତ ବ୍ୟାଧିର ଚିକିତ୍ସା ପାଇଁ ଜାତୀୟ ମାର୍ଗଦର୍ଶିକା |
| ୨୦୧୭ | ମେଡିକାଲ ଡିଭାଇସ୍ ନିୟମ |
| ୨୦୧୭ | ସାଧାରଣ ସ୍ୱାସ୍ଥ୍ୟ (ନିୟନ୍ତ୍ରଣ, ନିରାକରଣ ଓ ପରିଚାଳନା) ବିଲ୍ ଏଥିରେ ଜୈବ ଆତଙ୍କବାଦ, ବିପର୍ଯ୍ୟୟ ଓ ମହାମାରୀର ମୁକାବିଲା ନୀତି ଅନ୍ତର୍ଭୁକ୍ତ |
| ୨୦୧୭ | ଆଣ୍ଟି ମାଇକ୍ରୋବାଲ ରେଜିଷ୍ଟାଣ୍ଟ ସଂକ୍ରାନ୍ତ ଜାତୀୟ ନୀତି |
| ୨୦୧୮ | ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା |
| ୨୦୧୮ | ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ କେନ୍ଦ୍ର ସ୍ଥାପନ ଯୋଜନା |

ପ୍ରସ୍ତୁତକାରୀ ଭାରତୀୟ କମ୍ପାନୀମାନେ ଆବ୍ରିଭିଏଟେଡ୍ ନ୍ୟୁଡ୍ରଗ୍ ଆପ୍ଲିକେଶନ (ଆଣ୍ଡା)ର ଅନୁମୋଦନ ପାଇଛନ୍ତି। ଏହା ଫଳରେ ଔଷଧପତ୍ରର ମୂଲ୍ୟ ସାଧାରଣ କ୍ରେତାଙ୍କ କ୍ଷମତା ଭିତରେ ରହିବ ଏବଂ ଗବେଷଣା ତଥା ଉନ୍ନୟନ ପାଇଁ ଅଧିକ ସୁବିଧା ସୁଯୋଗ ସୃଷ୍ଟି ହେବ। ଭାରତର ବିଶ୍ୱସନୀୟ ଏବଂ ଶସ୍ତା ଚିକିତ୍ସା ସୁବିଧା ବିଦେଶୀ ରୋଗୀଙ୍କୁ ଆକର୍ଷିତ କରୁଛି। ଫଳରେ ସେମାନଙ୍କ ଆଗମନ ବଢୁଛି। ଏହା ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ବିଶେଷଜ୍ଞଙ୍କ ମତରେ ଭାରତୀୟ ସ୍ୱାସ୍ଥ୍ୟ ସେବା ଏବେ ତିନିଟି ପ୍ରମୁଖ ବିଷୟ ଉପରେ ନିର୍ଭର କରୁଛି। ସେଗୁଡ଼ିକ ହେଲା ସଂପ୍ରସାରଣ, ସମାନତା ଓ ଉତ୍କର୍ଷ। ଅତଏବ ବିଭିନ୍ନ ବର୍ଗର ଲୋକଙ୍କୁ ସେମାନେ ବସବାସ କରୁଥିବା ଅଞ୍ଚଳରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲ୍ୟରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। ନୂଆ ନୂଆ ହସ୍‌ପିଟାଲ ଓ ଚିକିତ୍ସାକେନ୍ଦ୍ର ଦେଶର ଗ୍ରାମାଞ୍ଚଳ ଓ ବିଭିନ୍ନ କ୍ଷେତ୍ରରେ ସ୍ଥାପନ କରି ଏ କ୍ଷେତ୍ରରେ ଥିବା ଆଞ୍ଚଳିକ ବୈଷମ୍ୟକୁ ଦୂର କରିବାକୁ ହେବ। ପଞ୍ଚବାର୍ଷିକ ଯୋଜନାରେ ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଦିଆଯିବାର ଆବଶ୍ୟକତା ରହିଛି।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ କେବଳ ଏକକ ଭାବେ ବିଚାରକୁ ନେଲେ ଚଳିବ ନାହିଁ। ଏହା ସହିତ ସଂପୃକ୍ତ ସମସ୍ତ ପକ୍ଷଙ୍କ ସ୍ୱାର୍ଥ ପ୍ରତି ମଧ୍ୟ ଦୃଷ୍ଟିଦେବାକୁ ପଡ଼ିବ। ଗ୍ରାମାଞ୍ଚଳ ଏଥିରେ ଅଗ୍ରାଧିକାର ପାଇବା ଉଚିତ। ତା' ନହେଲେ ଗାଁଗଣ୍ଡା ସବୁ ରୋଗର କାରଖାନା ପାଲଟିବେ। ଭାରତ ଏବେ ତା'ର ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ପ୍ରକାର ପ୍ରସ୍ତୁତ। ଏ କ୍ଷେତ୍ରରେ ଯେଉଁ ସ୍ଥାୟୀ ନିରନ୍ତର ପ୍ରୟାସ ଚାଲିଛି ତାହା ଭାରତକୁ ଖୁବ୍ ଶୀଘ୍ର ଏକ ଅଗ୍ରଣୀ ତଥା ସୁସ୍ଥ ସବଳ ରାଷ୍ଟ୍ରରେ ପରିଣତ କରିବ।

ଲେଖକ ହେଉଛନ୍ତି ଜଣେ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଲେଖାଲେଖି କରୁଥିବା ଜଣେ ଅଭିଜ୍ଞ ଲେଖକ।
**Email Id: sanjeevbcc@yahoo.co.in**





# ପିଲାଙ୍କ ପାଇଁ ନିବେଶ ଭବିଷ୍ୟତକୁ ସୁରକ୍ଷିତ କରିବ

ଏସ୍.ଏସ୍. ମଣ୍ଡା

ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ କୋଠା, ଶ୍ରେଣୀଗୃହ, ପରୀକ୍ଷାଗାର ଭଳି ମୌଳିକ ଭିତ୍ତିଭୂମିର ଆବଶ୍ୟକତା ଅପରିହାର୍ଯ୍ୟ। ଯେଉଁ ଶିକ୍ଷାନୁଷ୍ଠାନରେ ଏସବୁ ମୌଳିକ ସୁବିଧା ସୁଯୋଗ ଯେତେ ଭଲ ସେ ଶିକ୍ଷାନୁଷ୍ଠାନର ପାଠପଢ଼ା ଓ ପିଲାଙ୍କ ପରୀକ୍ଷା ଫଳ ସେତେ ଅଧିକ ଭଲ, ଏକଥା ପ୍ରମାଣିତ। ସେହିଭଳି ଭଲ ଶୈକ୍ଷିକ ସୁବିଧା ସୁଯୋଗ ଥିବା ଶିକ୍ଷାନୁଷ୍ଠାନରୁ ପିଲାଏ ଅଧାରୁ ପାଠ ଛାଡ଼ିବା ଘଟଣା କମ୍ ଘଟିଥାଏ। ଦେଶର ଅନେକ ଘରୋଇ ସ୍କୁଲ ଶିକ୍ଷାଦାନ କ୍ଷେତ୍ରରେ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ସିବିଏସ୍ଇ ସ୍କୁଲଗୁଡ଼ିକର ପ୍ରଦର୍ଶନ ମଧ୍ୟ ଭଲ ଅଛି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଦର୍ଶନ ଆଶାନୁରୂପ ହେଉନାହିଁ।

ଭାରତ ଭଳି ଦେଶର ସମସ୍ତଙ୍କ ପାଇଁ ଶିକ୍ଷା ସୁଯୋଗ ସୁବିଧା ଯୋଗାଇଦେବା ଏଯାଏ ସମ୍ଭବ ହୋଇନାହିଁ। ଏଭଳି ପରିସ୍ଥିତିରେ ଛ'ରୁ ୧୪ବର୍ଷ ବୟସର ସବୁ ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଣକୁ ବାଧ୍ୟତାମୂଳକ କରିବା ସହ ପ୍ରାଥମିକ ଶିକ୍ଷାକୁ ଏକ ଅଧିକାର ଭାବେ ଗ୍ରହଣ କରି ଯେଉଁ ଆଇନ ୨୦୦୯ରେ ପ୍ରଣିତ ହୋଇଥିଲା ତାହା ଅବଶ୍ୟ ପ୍ରଗତିଶୀଳ ଏବଂ ଏକ ବାସ୍ତବବାଦୀ ପଦକ୍ଷେପ।

୨୦୧୭ ଡିସେମ୍ବରରେ ଏନ୍‌ସିଇଆର୍‌ଟି ପକ୍ଷରୁ ଜାରି ହୋଇଥିବା ଏକ ଅନୁଧ୍ୟାନ ରିପୋର୍ଟ ଅନୁସାରେ ପିଲାମାନେ ଉପର ଶ୍ରେଣୀକୁ ଯେତେ ଯାଉଛନ୍ତି ସେମାନଙ୍କର ପଠନ ପ୍ରୟାସ ସେତେ କମୁଛି। ଦେଶର ବିଭିନ୍ନ ଜିଲ୍ଲାରେ ସର୍ଭେ କରି ଏହି ରିପୋର୍ଟ ଏନ୍‌ସିଇଆର୍‌ଟି ପ୍ରସ୍ତୁତ କରିଛି। ହାରାହାରି ଅଷ୍ଟମ ଶ୍ରେଣୀର ଜଣେ ପିଲା ଗଣିତ, ବିଜ୍ଞାନ ଓ ସମାଜ ବିଜ୍ଞାନରେ ତାକୁ ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ ମାତ୍ର ୪୦ଭାଗ ଉତ୍ତର ଦେଇପାରୁଛି। ଜାତୀୟ ସ୍ତରରେ ଭାଷା କ୍ଷେତ୍ରର ଏହି ହାର ୫୬ ଶତାଂଶରୁ ସାମାନ୍ୟ ଅଧିକ।

ଅତଏବ ଅନେକ ଉପାନ୍ତ ଓ ଦୂରଦୂରାନ୍ତ କ୍ଷେତ୍ରରେ ଥିବା ଦେଶର ଗାଁ ଓ ଛୋଟ ଛୋଟ ସହରଗୁଡ଼ିକରେ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ଏହା ଫଳରେ ସେଠାରେ ଶୈକ୍ଷିକ ବାତାବରଣର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ତିଆରି ହୋଇପାରିବ, ଯାହାର ସିଧାସଳଖ ପ୍ରଭାବ ପିଲାଙ୍କ ଉପରେ ପଡ଼ିବ। ଅନୁନ୍ନତ ଅଞ୍ଚଳର ଏସବୁ ଶିକ୍ଷାନୁଷ୍ଠାନରେ ସ୍ୱଳ୍ପ ରୋଜଗାରକ୍ଷମ ପରିବାର ଓ ନିର୍ଦ୍ଧନବର୍ଗର ପିଲାମାନେ ଅଧିକ ସଂଖ୍ୟାରେ ପଢ଼ିଥାନ୍ତି।

ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା



ଅଭିଯାନ ଏବଂ ଶିକ୍ଷକ ଶିକ୍ଷା ଭଳି କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ଯେଉଁଠି ଶିକ୍ଷା ଓ ଶୈକ୍ଷିକ ପରିବେଶରେ ଅଭାବ ଅସୁବିଧା ରହିଛି ତାହାର ନିରାକରଣ ପାଇଁ ବିଭିନ୍ନ ଯୋଜନାରେ ମିଳିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସ୍ଥିତିରେ ଉନ୍ନତି ଆସିବାର ସମ୍ଭାବନା ଅଛି । ଶିକ୍ଷା କ୍ଷେତ୍ରରେ ମୋଟ୍ ବ୍ୟୟବରାଦ ମଧ୍ୟରୁ ସ୍କୁଲ ଶିକ୍ଷାକୁ ସର୍ବାଧିକ ଅର୍ଥ, ୫୦ହଜାର କୋଟି ଟଙ୍କା ଯାଉଥିବାବେଳେ ଉଚ୍ଚଶିକ୍ଷା କ୍ଷେତ୍ରକୁ ଯାଉଛି ୩୫,୦୧୦ କୋଟି ଟଙ୍କା । ତେବେ ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ଖୋଲିବା ସହ ସେସବୁର ଆକାର ବଢୁଥିବାରୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଆହୁରି ଅଧିକ ପୁଞ୍ଜି ଖଟାଇବାର ଆବଶ୍ୟକତା ରହିଛି ।

ଦେଶର ଗ୍ରାମାଞ୍ଚଳରେ ସ୍କୁଲ ଶିକ୍ଷା କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାହାର ନିରାକରଣ ପାଇଁ ନୂଆ ଟେକ୍ନୋଲୋଜିର ବ୍ୟବହାର ଏକାନ୍ତ ଜରୁରୀ । ସେହିଭଳି ଏ କ୍ଷେତ୍ରରେ କୌଶଳ (ସ୍କିଲ) ଓ କୌଶଳ ଶିକ୍ଷା (ସ୍କିଲ ଏଜୁକେସନ)ର ବିଶେଷ ଗୁରୁତ୍ୱ ରହିଛି । କୌଶଳ ବିକାଶ ଓ ଉପଯୋଗ ଦ୍ୱାରା ଏ କ୍ଷେତ୍ରରେ ଦକ୍ଷତା ଯେ ବୃଦ୍ଧି ପାଇବ ଏଥିରେ ସନ୍ଦେହର ଅବକାଶ ନାହିଁ । ଦେଶର ବିପୁଳ ଲୋକଶକ୍ତିର ସୁବିନିଯୋଗ ପାଇଁ ଉଭୟ ସ୍କୁଲ ଓ କଲେଜସ୍ତରରେ ଦକ୍ଷତା ଓ କୁଶଳ ବିକାଶ ଶିକ୍ଷାକୁ ଗୁରୁତ୍ୱ ଦେବାର ସମୟ ଆସିଛି । ଆମ ସ୍କୁଲ ଓ କଲେଜଗୁଡ଼ିକରେ ଉଭୟ ଶିକ୍ଷା ଓ କୌଶଳର ସମନ୍ୱୟ ଲୋଡ଼ା । ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ଯେଉଁ ବହୁମୁଖୀ ପ୍ରବେଶ ଓ ପ୍ରସ୍ଥାନ ପ୍ରକ୍ରିୟା ଚାଲିଛି ତାହାକୁ ଧନ୍ଦାମୂଳକ କରିବା ସହ ନିଯୁକ୍ତି କୈନ୍ଦ୍ରୀକ କରିବା ଦରକାର । ପାଠ୍ୟକ୍ରମ ଓ ତାଲିମ ବ୍ୟବସ୍ଥା ନିଯୁକ୍ତି ବଜାରକୁ ଆଖି ଆଗରେ ରଖି ପ୍ରସ୍ତୁତ କରିବାକୁ ପଡ଼ିବ । ଆହୁରି ମଧ୍ୟ କୌଶଳ ବିକାଶ ପାଇଁ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୂଆନୂଆ କୌଶଳ ପାଠ୍ୟକ୍ରମ ପ୍ରଦାନର ବ୍ୟବସ୍ଥା କରିବା ସହ ଏ ଦିଗରେ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବାକୁ ହେବ ।

ବ୍ଲାକ୍ ବୋର୍ଡ (କଳାପଟା)ରୁ ଡିଜିଟାଲ ବୋର୍ଡ ଆଉ ଏକ ବିଚାର ଯାହା ଉଲ୍ଲେଖନୀୟ । ଡିଜିଟାଲ ଟେକ୍ନୋଲୋଜି ଏକ ଛୋଟ ଧାନ ଖେତକୁ କେଇ ମିନିଟରେ ସହଜରେ ଏକ ଶ୍ରେଣୀ ଗୃହରେ ପରିବର୍ତ୍ତନ କରିପାରିବ । ଏକ ଡିଜିଟାଲ ଗୁରୁକୁଳ ଆଜିର ଦିନରେ ଶିକ୍ଷା କ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିପାରେ । ନୂଆ ବ୍ୟବସ୍ଥାରେ ପିଲାମାନେ ସହଜରେ ପାଠପଢ଼ିବା ସହ ନିଜର ପିତାମାତା ଓ ପରିବାରକୁ ସାହାଯ୍ୟ ସହଯୋଗ କରିପାରିବେ । ଏହାଦ୍ୱାରା ଖୁବ୍ କମ୍ ବୟସରେ ପିଲାମାନଙ୍କୁ ଏକ ଉପଯୁକ୍ତ ଭାରସାମ୍ୟ ରକ୍ଷାକାରୀ କର୍ମ ବା ପାଇଟି-ଜୀବନ ସମ୍ପର୍କରେ ଅଭ୍ୟସ୍ତ କରାଯାଇପାରିବ । ଏଥିପାଇଁ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଉତ୍କୃଷ୍ଟ ଧରଣର ୱାଇଫାଇ ସେବା ପ୍ରବର୍ତ୍ତନର ଆବଶ୍ୟକତା ରହିଛି । ଏଥିରେ ଟେଲିଭିଜନ, ରେଡିଓ ଓ କମ୍ପ୍ୟୁଟରକୁ ଶୈକ୍ଷିକ ଉପକରଣ ଭାବେ ବ୍ୟବହାର କରିହେବ । ଗ୍ରାମାଞ୍ଚଳରେ ଏହି ବ୍ୟବସ୍ଥାର ପ୍ରସାର ପାଇଁ ଆଗ୍ରହୀ ଟେକ୍ନିକାଲ


ବ୍ୟକ୍ତିବିଶେଷଙ୍କୁ ମୂଲ୍ୟାୟନ କରାଯାଇପାରିବ। ଏହାର ଅବଶ୍ୟ ଏକ ପ୍ରତିକୂଳ ଦିଗ ରହିଛି। ଏଥିରେ ଶିକ୍ଷକଙ୍କର ପ୍ରତ୍ୟକ୍ଷ ସଂପୃକ୍ତିର ଅଭାବ ଅନୁଭୂତ ହୋଇପାରେ। ଶିକ୍ଷକଙ୍କ ବିନା ଶିକ୍ଷାଦାନ ସମ୍ପୂର୍ଣ୍ଣ ନୁହେଁ; କାରଣ ଶିକ୍ଷା ସହିତ ଚରିତ୍ର ନିର୍ମାଣ, ବ୍ୟକ୍ତିତ୍ୱ ବିକାଶ ସଂପୃକ୍ତ ଯାହା ଡିଜିଟାଲ ବ୍ୟବସ୍ଥାରେ ସମ୍ଭବ ନୁହେଁ।

ସ୍କୁଲ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨.୯୪ ଲକ୍ଷ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲ ଘର ନିର୍ମିତ ହୋଇଛି। ଏହି ଯୋଜନାରେ ଆଉ ଅତିରିକ୍ତ ୧୭.୯୮ ଲକ୍ଷ ସ୍କୁଲ ଘର ତିଆରି କରିବା ସହ ୯.୯୫ ଶୌଚାଳୟ ଓ ୨.୩୫ ଲକ୍ଷ ପାନୀୟଜଳ ବ୍ୟବସ୍ଥା କରିବାରୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ ଯୋଜନାରେ ୨୦୧୭ ଶେଷ ସୁଦ୍ଧା ୧୨୬୮୨ ମାଧମିକ ସ୍କୁଲ ୫୦, ୭୧୩ ଅତିରିକ୍ତ ଶ୍ରେଣୀ ଗୃହ, ୭୦,୨୪୪ ଶୌଚାଳୟ ଓ ୧୧,୮୫୪ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ମଞ୍ଜୁରି ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ୮୨୧୧ ନୂଆ ସ୍କୁଲ, ୩୫୭୯୪ ଅତିରିକ୍ତ ଶ୍ରେଣୀ ଗୃହ, ୪୯୦୩୦ ଶୌଚାଳୟ ନିର୍ମିତ ହୋଇସାରିଥିବାବେଳେ ରାଜ୍ୟ ସରକାରମାନଙ୍କ ପକ୍ଷରୁ ୯୮୬୦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି।

> ଭାରତ ଭଳି ଦେଶର ସମସ୍ତଙ୍କ ପାଇଁ ଶିକ୍ଷା ସୁଯୋଗ ସୁବିଧା ଯୋଗାଇଦେବା ଏଯାଏ ସମ୍ଭବ ହୋଇନାହିଁ। ଏଭଳି ପରିସ୍ଥିତିରେ ଛ'ରୁ ୧୪ବର୍ଷ ବୟସର ସବୁ ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଣକୁ ବାଧ୍ୟତାମୂଳକ କରିବା ସହ ପ୍ରାଥମିକ ଶିକ୍ଷାକୁ ଏକ ଅଧିକାର ଭାବେ ଗ୍ରହଣ କରି ଯେଉଁ ଆଇନ ୨୦୦୯ରେ ପ୍ରଣିତ ହୋଇଥିଲା ତାହା ଅବଶ୍ୟ ପ୍ରଗତିଶୀଳ ଏବଂ ଏକ ବାସ୍ତବବାଦୀ ପଦକ୍ଷେପ।

ଆହୁରି ମଧ୍ୟ ଶିକ୍ଷାର ମାନ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଭାବେ ପ୍ରୋତ୍ସାହିତ କରାଯାଉଛି। ଶିକ୍ଷକମାନଙ୍କୁ ନିୟମିତ ଇନ୍‌ସର୍ଭିସ୍ ଟ୍ରେନିଂ, ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ଟ୍ରେନିଂ ବ୍ୟବସ୍ଥା, ଅତିରିକ୍ତ ଶିକ୍ଷକ ନିଯୁକ୍ତି କରି ଶିକ୍ଷକ-ଛାତ୍ରଛାତ୍ରୀଙ୍କ ଅନୁପାତରେ ଉନ୍ନତି ଆଣିବା ବ୍ଲକ ଓ କ୍ଲଷ୍ଟର ସ୍ତରୀୟ ସମ୍ବଳ ବା ସାଧନ କେନ୍ଦ୍ରମାନ ଖୋଲି ଶିକ୍ଷକମାନଙ୍କୁ ଶୈକ୍ଷିକ ସମର୍ଥନ ପ୍ରଦାନ ଆଦି ଏଥି ମଧ୍ୟରେ ଅନ୍ୟତମ। ଶିକ୍ଷା ଅଧିକାର ଆଇନ ୨୦୦୯ର ଧାରା ୨୩ (୨) ଅନୁସାରେ କାର୍ଯ୍ୟରତ ସବୁ ଅଣତାଲିମ ଶିକ୍ଷକଙ୍କୁ ଇନସର୍ଭିସ ତାଲିମ ବ୍ୟବସ୍ଥାରେ ତାଲମି ଦେବାକୁ ନିଶ୍ଚିତ କରାଯାଇଛି। ଏହା ସବୁ ବର୍ଗର ଶିକ୍ଷାନୁଷ୍ଠାନ ପାଇଁ ପ୍ରଯୁଜ୍ୟ। ୨୦୧୯ମାର୍ଚ୍ଚ ଶେଷ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହାସଲ କରି ନ ଥିବା କୌଣସି ଶିକ୍ଷକ / ଶିକ୍ଷୟିତ୍ରୀ ଶିକ୍ଷକତା କରିପାରିବେ ନାହିଁ। ଏହାଛଡ଼ା ଏହି ଆଇନ ବଳରେ ଶ୍ରେଣୀଓ୍ୱାରୀ ଓ ବିଷୟଓ୍ୱାରୀ ପାଠପଢ଼ାର ପ୍ରଗତି ଓ ଫଳାଫଳ ନିର୍ଦ୍ଧାରଣ କରିବା ବାଧ୍ୟତାମୂଳକ ହୋଇଛି।

ହିନ୍ଦି, ଇଂରାଜୀ, ଉର୍ଦ୍ଦୁ, ଗଣିତ, ପରିବେଶ ପାଠ୍ୟକ୍ରମ, ବିଜ୍ଞାନ ଓ ସମାଜବିଜ୍ଞାନ ଆଦି ବିଷୟରେ ପ୍ରତ୍ୟେକ ଶ୍ରେଣୀରେ ପ୍ରାରମ୍ଭିକ ସ୍ତରରେ କ'ଣ ପଢ଼ାଯିବ ଓ ଏହାର ପରିଣାମ କ'ଣ ହେବ ସେଥିପାଇଁ କେନ୍ଦ୍ରୀୟ ସ୍ତରରେ ନୀତି ନିର୍ଦ୍ଧାରିତ ହୋଇଛି ଓ ତାହା ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହୋଇଛି। ସବୁ ପିଲା ଯେପରି ଉପଯୁକ୍ତ ଶୈକ୍ଷିକ ସ୍ତର ଓ ସୁଯୋଗ ପାଇବେ ସେଥିପାଇଁ କେନ୍ଦ୍ରସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ୨୦୧୭ ନଭେମ୍ବର ୧୩ରେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ଏକ ଜାତୀୟ ଆଚିଭମେଣ୍ଟ ସର୍ଭେ (ନାସ୍) କରାଯାଇ ପିଲାଙ୍କ ଜ୍ଞାନାର୍ଜନର ପରିସର ଓ ଜ୍ଞାନର ଆକଳନ କରାଯାଇଥିଲା। ଏଥି ସହିତ ନୂଆ ଶିକ୍ଷା ବ୍ୟବସ୍ଥାର ପରିଣାମ ସମ୍ପର୍କରେ ମଧ୍ୟ ଆକଳନ ହୋଇଥିଲା। ଏହା ଜିଲ୍ଲାସ୍ତରରେ କରାଯିବା ସହ ଏ କ୍ଷେତ୍ରରେ ଥିବା ତ୍ରୁଟି ବିଚ୍ୟୁତି ଓ ଅଭାବ ଅସୁବିଧାର ଦୂରୀକରଣ ପାଇଁ ଉଦ୍ୟମ ହୋଇଥିଲା। ସେହିଭଳି ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏକ ଜାତୀୟ ଆଚିଭ୍‌ମେଣ୍ଟ (ଉପଲବ୍ଧି) ସର୍ଭେ ୨୦୧୮ ଫେବୃଆରୀ ୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି।






ସ୍କୁଲର ଉନ୍ନୟନ ଓ ଶିକ୍ଷକଙ୍କ ବିକାଶ ଏକ ବହୁମୁଖୀ ପଦକ୍ଷେପ। ତେଣୁ ସ୍କୁଲ ସଂସ୍କାର ଓ ଏ ସଂକ୍ରାନ୍ତ ପ୍ରୟାସ ସବୁକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରି ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏଥିରେ ସବୁ ସଂପୃକ୍ତ ପକ୍ଷଙ୍କୁ ସାମିଲ କରାଯିବା ଜରୁରୀ। ସ୍କୁଲର ଉନ୍ନୟନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ପରିବର୍ତ୍ତନକୁ ସଫଳତାର ସହ କାର୍ଯ୍ୟକାରୀ କରିଥାନ୍ତି। ଅତଏବ ସେମାନଙ୍କ ସହଯୋଗ ଓ ଆନ୍ତରିକତା ବିନା ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ବିକାଶ ପରିକଳ୍ପନା କରାଯାଇ ନ'ପାରେ। ଦେଶର ନାଗରିକଙ୍କ ଆବଶ୍ୟକତା ପୂରଣ ସହ ସେମାନଙ୍କ କର୍ତ୍ତବ୍ୟବୋଧ ସମ୍ପର୍କରେ ସରକାର ଏକ ସନନ୍ଦ ପ୍ରସ୍ତୁତ କରି ଦେଶର ଭବିଷ୍ୟତର ଅଭିବୃଦ୍ଧି ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାର ଆବଶ୍ୟକତା ରହିଛି। ତେଣୁ ନାଗରିକମାନଙ୍କ ମୌଳିକ ଆବଶ୍ୟକତା ପ୍ରଥମେ ପୂରଣ କରି ସେମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା ଜରୁରୀ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନାଗରିକମାନଙ୍କର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ। ଉପଯୁକ୍ତ ସମ୍ପଦ ଓ ଜ୍ଞାନ ସୃଷ୍ଟି କରିବାରେ ସେମାନଙ୍କୁ ସାମିଲ ହେବାକୁ ପଡ଼ିବ। ଏହା ଫଳରେ ସେମାନଙ୍କର କେତେକ ଦାୟିତ୍ୱ ପ୍ରତିପାଦିତ ହେବ। ଏସବୁ ଲକ୍ଷ୍ୟ ପୂରଣ ପାଇଁ ବଜେଟ ଏକ ନ୍ୟାୟୋଚିତ ପ୍ରାଥମିକ ଆବଶ୍ୟକତା। କାରଣ ଏ କ୍ଷେତ୍ରରେ ବିପୁଳ ଅର୍ଥର ଆବଶ୍ୟକତା ରହିଛି। ଶିକ୍ଷା କ୍ଷେତ୍ରରେ ଏହି ସଂସ୍କାର ସହିତ ୧୩୦କୋଟି ଲୋକଙ୍କର ଆଶା ଆକାଙ୍କ୍ଷା ନିହିତ। ଆହୁରି ମଧ୍ୟ ଦେଶର ମୋଟ ଜନସଂଖ୍ୟାର ୬୦ଭାଗ ଲୋକ ୩୦ବର୍ଷ ବୟସ ମଧ୍ୟରେ ଥିବାରୁ ଓ ସେମାନଙ୍କ ହାରାହାରି ବୟସ ୨୮ବର୍ଷ ହୋଇଥିବାରୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏହି ସଂସ୍କାରମୁଖୀ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବା ସବୁଠୁ ବଡ଼ ଆହ୍ୱାନ।

ଲେଖକ ହେଉଛନ୍ତି ଏଆଇସିଟିଇର ପୂର୍ବତନ ଅଧ୍ୟକ୍ଷ।
**Email Id: ssmantha33@gmail.com**

# ପରିବର୍ତ୍ତନ ପଥେ ଭାରତୀୟ ରେଳବାଇ

ଦୀପକ ରାଜଦାନ

ଭାରତୀୟ ରେଳବାଇ ବିଶ୍ୱର ତୃତୀୟ ବୃହତ୍ତମ ରେଳସଂଯୋଗ ବ୍ୟବସ୍ଥା। ଏବେ ଭାରତୀୟ ରେଳକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ କିଛି ବର୍ଷ ଧରି ସରକାର ଅଗ୍ରାଧିକାର ଭିତ୍ତିରେ କାମ କରୁଛନ୍ତି। ଯାତ୍ରୀ ଓ ମାଲ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ କରିବା ସହ ସମୟାନୁବର୍ତ୍ତିତା ଓ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।

ଭାରତରେ ଏବେ ୬୩ ହଜାର କିମି ରେଳପଥ ରହିଛି ଓ ଦୈନିକ ଏଥିରେ ୨୨ହଜାର ଟ୍ରେନ୍ ଚଳାଚଳ କରୁଛି। ପ୍ରତିଦିନ ୧.୫୦ ନିୟୁତ ଲୋକ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି। ସେ ଦୃଷ୍ଟିରୁ ରେଳପଥର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ରେଳପଥ, ରେଳସେତୁ, ସିଗନାଲିଂ, ଟେଲିଯୋଗାଯୋଗ ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରେଳ ବିକାଶ କାର୍ଯ୍ୟକ୍ରମ ଚାଲିଛି ଏବଂ ରେଳବାଇରେ ପୁଞ୍ଜି ନିବେଶ ଉଲ୍ଲେଖନୀୟ ଭାବେ ବଢ଼ିଛି। ଗତ ପାଞ୍ଚବର୍ଷ ମଧ୍ୟରେ ରେଳବାଇର ଆବଶ୍ୟକତା ପୂରଣ ଓ ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ୫.୩୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବନ୍ଦୋବସ୍ତ କରିଛନ୍ତି।

ଦେଶରେ ଏବେ ରେଳପଥ ବିକାଶ ଓ ସଂପ୍ରସାରଣ କାର୍ଯ୍ୟ ହାରାହାରି ୫୯% ହାରରେ





ବୃଦ୍ଧି ପାଉଛି । ୨୦୦୯ରୁ ୧୪ ମଧ୍ୟରେ ଦେଶରେ ଦୈନିକ ହାରାହାରି ୪.୧ କିମି ନୂଆ ରେଳପଥ ନିର୍ମିତ ହେଉଥିବାବେଳେ ୨୦୧୪ରୁ ୧୮ ମଧ୍ୟରେ ଏହା ଦୈନିକ ୬.୫୩ କିମିକୁ ବୃଦ୍ଧି ପାଇଛି । ଚଳିତ ସରକାରର ପ୍ରଥମ ଚାରିବର୍ଷରେ ରେଳ ବିକାଶରେ ସରକାର ଯେଉଁ ବ୍ୟୟ ବରାଦ କରିଛନ୍ତି ତାହା ପୂର୍ବାପେକ୍ଷା ଦୁଇଗୁଣରୁ ଅଧିକ ।

ଦେଶର ଦକ୍ଷିଣ ଭାଗରେ ରେଳବାଇ ପକ୍ଷରୁ ୩୬୧୮ କିମିର ଏକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି ଯାହାର ଦୈର୍ଘ୍ୟ ୩୪୯ କିମି । ଏଥିରେ କନ୍ୟାକୁମାରୀ-ନଗରକୋଏଲ-ତିରୁଅନନ୍ତପୁରମ୍ ସେକ୍ସନରେ ଟ୍ରାକ୍ ଦୋହରାକରଣ, ବିଦ୍ୟୁତ୍‌କରଣ ଆଦି ଅନ୍ତର୍ଭୁକ୍ତ । ସେଇଭଳି ଉତ୍ତର-ପୂର୍ବାଞ୍ଚଳର ଆଠଟି ରାଜ୍ୟରେ ରେଳ ବିକାଶ ଓ ସଂପ୍ରସାରଣ କାର୍ଯ୍ୟ ଜୋରସୋର୍‌ରେ ଚାଲିଛି । ଇତିମଧ୍ୟରେ ଦେଶର ରେଳମାନଚିତ୍ରରେ ମେଘାଳୟ ସ୍ଥାନ ପାଇଛି । ୨୦୧୪ ନଭେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ମେଘାଳୟର ମେଣ୍ଡିପଥର ଓ ଆସାମର ଗୁଆହାଟୀ ମଧ୍ୟରେ ଟ୍ରେନ୍ ଚଳାଚଳାର ଶୁଭାରମ୍ଭ କରାଇଛନ୍ତି । ତ୍ରିପୁରାରେ ମଧ୍ୟ ବ୍ରଡଗେଜ୍ ରେଳପଥ କାର୍ଯ୍ୟକ୍ଷମ ହୋଇଛି । ଏହି ପଥ ଉପରେ ୨୦୧୬ ଜୁଲାଇ ୩୧ରେ ତତ୍‌କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ । ଏହା ଫଳରେ ଅଗରତାଳା ଓ ନୂଆଦିଲ୍ଲୀ ମଧ୍ୟରେ ଟ୍ରେନ୍ ଚଳାଚଳ ସମ୍ଭବ ହୋଇଛି । ତ୍ରିପୁରା ସୁନ୍ଦରୀ ଏକ୍ସପ୍ରେସ୍ ଏହି ଅଞ୍ଚଳକୁ ରେଳସେବା ଯୋଗାଇଦେଉଛି । ଏହାଛଡ଼ା ଅଗରତାଳା-ନୂଆଦିଲ୍ଲୀ ମଧ୍ୟରେ ରାଜଧାନୀ ଏକ୍ସପ୍ରେସ୍ ୨୦୧୭ ଅକ୍ଟୋବର ୨୮ରୁ ଚଳାଚଳ ଆରମ୍ଭ କରିଛି । ରାଜଧାନୀ ଏକ୍ସପ୍ରେସ୍‌ଗୁଡ଼ିକ ମଧ୍ୟରୁ ଏହି ଟ୍ରେନ୍‌ଟି ସର୍ବାଧିକ ୨୪୨୨ କିମି ପଥ ଅତିକ୍ରମ କରୁଛି ।

ମଣିପୁରର ଜିରିବାମ୍ ରାଜ୍ୟର ପ୍ରଥମ ଷ୍ଟେସନ ଭାବେ ଓସାରିଆ ରେଳ ପଥ ସହ ସଂଯୁକ୍ତ ହୋଇ ସେବା ପ୍ରଦାନ କରୁଛି । ସେହିଭଳି ମିଜୋରାମର ଭୈରବୀ ସହରକୁ ଟ୍ରେନ୍ ସେବା ଯୋଗାଇ ଦିଆଯାଇଛି । ଏହାଛଡ଼ା ଆସାମର ବାରକ ଉପତ୍ୟକାକୁ ବ୍ରଡ୍‌ଗେଜ୍ ରେଳସେବା ଆରମ୍ଭ ହୋଇଛି ଓ ଲୁମଡିଙ୍ଗ-ସିଲଚର ରେଳପଥର ଗେଜ୍ ପରିବର୍ତ୍ତନ କାର୍ଯ୍ୟ ୨୦୧୫ ନଭେମ୍ବର ୨୦ରେ ଶେଷ ହୋଇଛି । ଏବେ ଉତ୍ତରପୂର୍ବାଞ୍ଚଳର ଆଠଟି ରାଜ୍ୟର ରାଜଧାନୀକୁ ବ୍ରଡ୍‌ଗେଜ୍ ରେଳସେବା ସୁବିଧା ଯୋଗାଇଦିଆଯାଇଛି । ରେଳ ବିକାଶ କ୍ଷେତ୍ରରେ ଉତ୍ତର ପୂର୍ବାଞ୍ଚଳରେ ଉଲ୍ଲେଖନୀୟ ପ୍ରଗତି ଘଟିଛି । ଆସାମର ଡିବ୍ରୁଗଡ଼ ନିକଟ ବଗିବିଲଠାରେ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ୪.୪୯ କିମି ଲମ୍ବର ରେଳ ଓ ସଡ଼କ ସେତୁ କାର୍ଯ୍ୟକ୍ଷମ ହେବା ପରେ ଅରୁଣାଚଳ ପ୍ରଦେଶକୁ ରେଳ ସଂଯୋଗ ସୁଗମ ହୋଇଛି । ଏହା ଫଳରେ ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ପ୍ରତ୍ୟେକ୍ଷ ରେଳ ସମ୍ପର୍କ ସ୍ଥାପିତ ହୋଇପାରିଛି । ୨୦୧୮ ଡିସେମ୍ବର ୨୫ରେ ପ୍ରଧାନମନ୍ତ୍ରୀ ଏହି ସେତୁକୁ ଉଦ୍‌ଘାଟନ କରିଥିଲେ । ୧୯୯୭-୯୮ରେ ଏହି ସେତୁ ପ୍ରକଳ୍ପ ସରକାରୀ ଅନୁମୋଦନ ପାଇଥିଲା ଏବଂ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଏହାର ଶୁଭ ଦେଇଥିଲେ । ଏହି ସେତୁ ପ୍ରକଳ୍ପରେ ପ୍ରାୟ ୫୮୨୦କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ମଣିପୁରର ତାମେଙ୍ଗଲଙ୍ଗ ଜିଲା ଅନ୍ତର୍ଗତ ନନୀଠାରେ ଇରାଙ୍ଗ ନଦୀ ଉପରେ ଦେଶର ସବୁଠୁ ବଡ଼ ରେଳପୋଲ ନିର୍ମିତ ହେଉଛି । ଏହାର ଖମ୍ବର ହାରହାରି ଉଚ୍ଚତା ୧୪୧ମିଟର । ଏହି ସେତୁ

ଟୁପୁଲ-ଇମ୍ଫାଲ ନୂଆ ରେଳପଥର ଅଂଶବିଶେଷ। ରେଳବାଇ ଇଞ୍ଜିନିୟରିଂର ଏହା ଏକ ଚମତ୍କାରିତା ଭାବେ ଗଣ୍ୟ। ଏହାର ଉଚ୍ଚତା ଦୁଇଟି କୁତବ୍‌ମିନାର ଉଚ୍ଚତାଠାରୁ ଅଧିକ। ଭୈରବୀ-ସାଇରଙ୍ଗ ମଧ୍ୟରେ ଯେଉଁ ୫୧.୩ କିମି ନୂଆ ରେଳପଥ ନିର୍ମିତ ହେଉଛି ସେଥିରେ ଅନ୍ୟ ଛ'ଟି ଅତ୍ୟୁଚ୍ଚ ସେତୁ ତିଆରି କାମ ଚାଲିଛି। ସେଗୁଡ଼ିକର ହାରାହାରି ଉଚ୍ଚତା ପ୍ରାୟ ୭୦ ମିଟର।

ଉତ୍ତରପୂର୍ବାଞ୍ଚଳରେ ଗତ ଚାରି ବର୍ଷ ମଧ୍ୟରେ ୯୭୦ କିମି ରେଳପଥର ଗେଜ୍ ପରିବର୍ତ୍ତନ କରାଯାଇଛି। ଦେଶରେ ଥିବା ସବୁ ମିଟରଗେଜ୍ (ଅଣଓସାରିଆ) ରେଳପଥକୁ ବ୍ରଡ୍‌ଗେଜ (ଓସାରିଆ)ରେ ପରିଣତ କରାଯାଇଛି। ଏଥିସହିତ ଉତ୍ତରପୂର୍ବାଞ୍ଚଳରେ ମିଟର ଗେଜ୍ ଟ୍ରେନ୍‌ସେବା ପ୍ରଚଳନର ଅବସାନ ଘଟିଛି। ୨୦୧୪-୧୫ରୁ ୨୦୧୭-୧୮ ମଧ୍ୟରେ ଏହି ଅଞ୍ଚଳରେ ୩୫୩ କିମି ନୂଆ ରେଳପଥ କାର୍ଯ୍ୟକ୍ଷମ ହୋଇଥିବାବେଳେ ସେଥିରେ ଗେଜ୍ ପରିବର୍ତ୍ତନ ଓ ଦ୍ୱିତୀୟ ଲାଇନ୍ ନିର୍ମାଣ ଅନ୍ତର୍ଭୁକ୍ତ। ସେହି ଅଞ୍ଚଳରେ ୧୫ଟି ନୂଆ ରେଳ ଲାଇନ୍ ନିର୍ମାଣ ପ୍ରକଳ୍ପ ହାତକୁ ନିଆଯାଇଛି ଯାହାର ଦୈର୍ଘ୍ୟ ୧୩୯୭କିମି। ଏଥିପାଇଁ ମୋଟ୍ ୪୭୬୯୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହିସବୁ ପ୍ରକଳ୍ପ ଏବେ ନିର୍ମାଣର ବିଭିନ୍ନ ସ୍ତରରେ ପହଞ୍ଚିଛି। ଏସବୁ ସମ୍ପୂର୍ଣ୍ଣ ହେଲେ ଉତ୍ତର-ପୂର୍ବାଞ୍ଚଳରେ ରେଳପଥର ପ୍ରସାର ଏକ ପୂର୍ଣ୍ଣାଙ୍ଗ ସ୍ତରରେ ପହଞ୍ଚିବ।






ଦକ୍ଷତା ବୃଦ୍ଧି ଭାରତୀୟ ରେଳବାଇର ଆଉ ଏକ ବିଶେଷ ଆବଶ୍ୟକତା। ଏହାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ପୂର୍ବ ଓ ପଶ୍ଚିମ ଏପରି ଦୁଇଟି ସମର୍ପିତ ମାଲ ପରିବହନ କରିଡର ନିର୍ମାଣ କାର୍ଯ୍ୟ ୨୦୧୪ରୁ ଆରମ୍ଭ ହୋଇଛି। ଏହି ଦୁଇଟିଯାକ ପ୍ରକଳ୍ପ ସନ୍ତୋଷଜନକ ଭାବେ ଆଗେଇ ଚାଲିଛି। ପଶ୍ଚିମ ଫ୍ରେଟ୍ କରିଡରର ଫୁଲେରା-ଅଟାରି ଏବଂ ପୂର୍ବ ଫ୍ରେଟ୍ କରିଡରର ଖୁରାଜା-ଭଦାନ ଖଣ୍ଡରେ ଯଥାକ୍ରମେ ୨୦୧୮ ଅଗଷ୍ଟ ଓ ନଭେମ୍ବର ମାସରେ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପଶ୍ଚିମ କରିଡରର ରେୱାରି-ମଦାର ଖଣ୍ଡ ଓ ପୂର୍ବ କରିଡରର ଖୁର୍‌ଜା-ଭାଉପୁର ଖଣ୍ଡ ମଧ୍ୟରେ ନବନିର୍ମିତ ଲାଇନରେ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚଳାଚଳ କରିବାର ଲକ୍ଷ୍ୟ ରଖାଯାଇଛି। ଏହି କରିଡରର ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟ ଭିତ୍ତିରେ

କରାଯାଉଛି ଏବଂ ଧାର୍ଯ୍ୟ ସମୟସୀମା ୨୦୨୦ ମାର୍ଚ୍ଚ ମଧ୍ୟରେ ଏହାକୁ ଶେଷ କରିବାକୁ ଉଦ୍ୟମ ଚାଲିଛି । ଏହି ଦୁଇ କରିଡରରେ ମୋଟ୍ ୩୩୭୬ କିମି ରେଳପଥ ନିର୍ମାଣର ଲକ୍ଷ୍ୟ ରଖାଯାଇଛି । ଏହା ସମ୍ପୂର୍ଣ୍ଣ ହେଲେ ରେଳବାଇରେ ସ୍ୱତନ୍ତ୍ର ମାଲ ପରିବହନ ବ୍ୟବସ୍ଥା ତ୍ୱରାନ୍ୱିତ ହେବା ସହ ଏହାର ଦକ୍ଷତା ଓ ଆୟ ବୃଦ୍ଧି ପାଇବ । ମାଲ ପରିବହନ ମଧ୍ୟ ଶସ୍ତା ହେବ । ଏହା ମଧ୍ୟ ରେଳବାଇର ପରିଚାଳନା ବ୍ୟୟ, ପରିବହନ ଖର୍ଚ୍ଚ କମାଇବାରେ ସହାୟକ ହେବ ।

ଏବେ ଭାରତର ଅଧିକାଂଶ ରେଳପଥ ବ୍ୟସ୍ତବହୁଳ ଓ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଟ୍ରେନ୍ ଏହା ଉପରେ ଯାତାୟତ କରୁଛି । ତେଣୁ ରେଳପଥଗୁଡ଼ିକ ଦୋହରା ଓ ଆବଶ୍ୟକସ୍ଥଳେ ତିନିଟିକିଆ କରାଯାଉଛି । ଗତ ଚାରିବର୍ଷ ମଧ୍ୟରେ ଭାରତୀୟ ରେଳବାଇ ୨୫୫୫କିମି ନୂଆ ରେଳପଥ, ୩୩୯୬ କିମି ପଥର ଗେଜ୍ ପରିବର୍ତ୍ତନ ଓ ୩୫୭୭ କିମି ରେଳପଥକୁ ଦୋହରା କରି ସେଥିରେ ଟ୍ରେନ୍ ସେବା ଆରମ୍ଭ କରିପାରିଛି । ୨୦୧୭-୧୮ ଆର୍ଥିକ ବର୍ଷରେ ୪୦୯ କିମି ନୂଆ ଲାଇନ୍ ସହ ମୋଟ୍ ୧୮୬୨ କିମି ରେଳପଥର ବିକାଶ ହୋଇଛି ।

୨୦୧୮ ବଜେଟରେ ୧୪,୪୮୦ କିମି ଟ୍ରାକ୍ ଡବଲିଂ ସହିତ ତୃତୀୟ ଓ ଚତୁର୍ଥ ଟ୍ରାକ୍ ନିର୍ମାଣ ନିମନ୍ତେ ପ୍ରସ୍ତାବ ଗୃହୀତ ହେବା ସହ ବ୍ୟୟ ବରାଦ ହୋଇଥିଲା । ଏଥିପାଇଁ ସରକାର ବିଭିନ୍ନ ଉତ୍ସରୁ ପାଣ୍ଠି ଯୋଗାଇ ଦେଉଛନ୍ତି ।

ଆମଦାନୀ ହେଉଥିବା ମହଙ୍ଗା ଡିଜେଲ ଖର୍ଚ୍ଚ ଓ ତତ୍‌ଜନିତ ପ୍ରଦୂଷଣକୁ କମାଇବା ପାଇଁ ଭାରତୀୟ ରେଳବାଇ ରେଳପଥ ବିଦ୍ୟୁତ୍‌କରଣ ଉପରେ ଗୁରୁତ୍ୱ ଦେଉଛି । ଏବେ ଦୁଇ ତୃତୀୟାଂଶ ମାଲଗାଡ଼ି ଓ ଅଧାରୁ ଅଧିକ ଯାତ୍ରୀବାହୀ ଟ୍ରେନ୍ ବିଜୁଳି ଇଞ୍ଜିନିରେ ଚାଲୁଛି । ବିଦ୍ୟୁତ୍ ଚାଳିତ ଇଞ୍ଜିନ ବ୍ୟବହାର ଫଳରେ ରେଳବାଇର ଯେଉଁ ଖର୍ଚ୍ଚ ହେଉଛି ତାହା ମୋଟ୍ ଇନ୍ଧନ ଖର୍ଚ୍ଚର ୩୭ଭାଗ । ତେଣୁ ଏହା ଦ୍ୱାରା ରେଳବାଇର ଇନ୍ଧନ ଖର୍ଚ୍ଚ କମୁଛି ଏବଂ ବର୍ଷକୁ ରେଳବାଇ ଇନ୍ଧନ ବାବଦରେ ୧୩,୫୧୦ କୋଟି ଟଙ୍କା ସଞ୍ଚୟ କରିପାରିବ । ଟ୍ରାକ୍ ବିଦ୍ୟୁତ୍‌କରଣ ବ୍ୟବସ୍ଥାରେ ଯେଉଁ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ମଧ୍ୟ ଅନେକ ଲୋକଙ୍କୁ ସିଧାସଳଖ ନିଯୁକ୍ତି ଦେବା ସହ ପରୋକ୍ଷ ରୋଜଗାର ସୃଷ୍ଟିରେ ସହାୟକ ହେଉଛି ।


୨୦୧୮ ଏପ୍ରିଲ ପହିଲା ସୁଦ୍ଧା ଭାରତୀୟ ରେଳବାଇର ମୋଟ୍ ୩୦,୨୧୨ କିମି ଟ୍ରାକ୍‌ର ବିଦ୍ୟୁତ୍‌କରଣ ହୋଇଥିଲା । ଏବେ ଆଉ



୩୩୬୫୮ କିମି ଟ୍ରାକ୍‌ର ବିଦ୍ୟୁତ୍‌କରଣ କାର୍ଯ୍ୟ ୨୯,୪୮୬ କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଛି। ଅବଶିଷ୍ଟ ୧୩,୬୭୫ କିମି ଟ୍ରାକ୍‌ର ବିଦ୍ୟୁତ୍‌କରଣ ପାଇଁ ୨୦୧୮ ସେପ୍ଟେମ୍ବରରେ ମଞ୍ଜୁରୀ ମିଳିଛି ଏବଂ ଏଥିପାଇଁ ୧୨,୧୩୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରେଳପଥ ବିଦ୍ୟୁତ୍‌କରଣର ଲାଭ ହେଲା ଏହାଦ୍ୱାରା ଜୀବାଶ୍ମ ଇନ୍ଧନ ଖର୍ଚ୍ଚ ଯଥେଷ୍ଟ କମିଯିବ ଯାହା ଦେଶକୁ ଉର୍ଜା ନିରାପତ୍ତା କ୍ଷେତ୍ରରେ ବିଶେଷ ସାହାଯ୍ୟ କରିବ। ଏକ ହିସାବ ଅନୁସାରେ ବିଜୁଳି ଚାଳିତ ଇଞ୍ଜିନ ବ୍ୟବହାର ଫଳରେ ରେଳବାଇ ବାର୍ଷିକ ୨.୮୩ ବିଲିୟନ ଲିଟର ହାଇସ୍ପିଡ୍ ଡିଜେଲ ବଞ୍ଚାଇ ପାରିବ। ଏଥିସହିତ ଡିଜେଲ ଦହନ ଜନିତ କ୍ଷତିକାରକ ଧୂଆଁ ନିର୍ଗମନକୁ ମଧ୍ୟ ଯଥେଷ୍ଟ ପରିମାଣରେ ରୋକିହେବ। ଦ୍ୱିତୀୟ ବିଜୁଳି ଶକ୍ତି ଚାଳିତ ଟ୍ରେନ୍ ତ୍ୱରିତ ସେବା ଯୋଗାଇବା ସହ ପରିବେଶକୁ ସୁରକ୍ଷିତ କରିବ। ଅଧିକ ବେଗରେ ନିରାପଦରେ ଓ ଶୀଘ୍ର ଟ୍ରେନ୍ ଚଳାଚଳ ଫଳରେ ରେଳପଥ ଉପରେ ଅଧିକରୁ ଅଧିକ ଟ୍ରେନ୍ ଚାଲିବାର ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ରେଳବାଇର ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ।


ରେଳପଥ ବିଦ୍ୟୁତ୍‌କରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ପକ୍ଷରୁ ଇରକନ୍, ରାଇଟସ୍ ଓ ପିଜିସିଆଇଏଲ୍ ଭଳି ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରେଳବାଇ ପକ୍ଷରୁ ଏକ ରାଷ୍ଟ୍ରୀୟ ରେଳ ସଂରକ୍ଷଣ କୋଷ ଗଠନ କରାଯାଇଛି। ଏହାର ଲକ୍ଷ୍ୟ ହେଲା ରେଳ ନିରାପତ୍ତା ପାଇଁ ଏକ ଉତ୍ସର୍ଗୀକୃତ ପାଣ୍ଠିର ବ୍ୟବସ୍ଥା କରିବା। ୨୦୧୭-୧୮ ବର୍ଷରେ ଗଠିତ ହୋଇଥିବା ଏହି କୋଷରେ ପାଞ୍ଚବର୍ଷ ମଧ୍ୟରେ ଏକ ଲକ୍ଷ କୋଟି ଟଙ୍କା ଜମା ରଖିବାର ବ୍ୟବସ୍ଥା କରାଯାଇଛି। ନିରାପତ୍ତା ସଂକ୍ରାନ୍ତ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ଅର୍ଥାଭାବରୁ ହୋଇପାରୁନାହିଁ ତାହାକୁ ଏହି ପାଣ୍ଠିରୁ ଅର୍ଥ ଯୋଗାଇ ସମ୍ପୂର୍ଣ୍ଣ କରାଯିବ। ଲେବଲ କ୍ରସିଂ ଉଚ୍ଛେଦ, ଟ୍ରାକ୍ ନବୀକରଣ, ସିଗ୍‌ନାଲ୍ ବ୍ୟବସ୍ଥାରେ ଉନ୍ନତି, ସମ୍ପୂର୍ଣ୍ଣ ସକ୍ ରେଜିଷ୍ଟାଣ୍ଟ ଏଲ୍ଏଚ୍‌ବି କୋଚ୍ କ୍ରୟ / ନିର୍ମାଣ ଆଦି ପାଇଁ ଏହି ପାଣ୍ଠି ମଧ୍ୟ ଅର୍ଥ ଯୋଗାଇବ।

ରେଳବାଇ ନିରାପତ୍ତା ବାବଦରେ ମୋଟ୍ ୬୮,୭୨୫କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ୨୦୧୭-୨୦୧୮ ବର୍ଷରେ ନିଷ୍ପତ୍ତି ନେଇଥିଲା। ସେଥିମଧ୍ୟରେ ରେଳ ସୁରକ୍ଷା କୋଷ ଅନ୍ତର୍ଭୁକ୍ତ। ଏଥିପାଇଁ ବଜେଟ ବ୍ୟବସ୍ଥା ମାଧ୍ୟମରେ ୫୦୦୦କୋଟି ଟଙ୍କା, ରେଳ ନିରାପତ୍ତା ପାଣ୍ଠିରୁ ୧୦ହଜାର କୋଟି ଟଙ୍କା ଏବଂ ରେଳ ରାଜସ୍ୱରୁ ୫୦୦୦କୋଟି ଟଙ୍କା ସଂଗ୍ରହ କରିବାର ବ୍ୟବସ୍ଥା ହୋଇଛି।




ନିରାପତ୍ତା ଉପରେ ରେଳବାଇ ଗୁରୁତ୍ୱ ପ୍ରଦାନ କରିବା ଫଳରେ ଦୁର୍ଘଟଣା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ୨୦୧୩-୧୪ରେ ଦେଶରେ ୧୧୮ଟି ରେଳ ଦୁର୍ଘଟଣା ଘଟିଥିବାବେଳେ ୨୦୧୭-୧୮ରେ ଏହା ୭୩କୁ ଅର୍ଥାତ୍ ୬୨ଶତାଂଶ କମିଛି। ସେଇଭଳି ଦୁର୍ଘଟଣାର ଅନ୍ୟତମ କାରଣ ପାଲଟିଥିବା ଜଗୁଆଳ ବିହିନ ରେଳ ଫାଟକ (ଲେବଲ କ୍ରସିଂ) ସଂଖ୍ୟା ମଧ୍ୟ ଯଥେଷ୍ଟ କମିଛି। ଗତ ଚାରିବର୍ଷରେ ରେଳବାଇ ୫୪୭୯ଟି ଜଗୁଆଳ ବିହୀନ ଲେବଲ କ୍ରସିଂକୁ ଉଠାଇ ଦେଇଛି। ନିରାପତ୍ତା ସହ ଜଡ଼ିତ ଖାଲି ପଦଗୁଡ଼ିକୁ ପୂରଣ କରାଯାଉଛି ଏବଂ ଏଥିରେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି।

ଟ୍ରେନ୍‌ରେ ଏବେ ବ୍ୟବହୃତ ହେଉଥିବା ଆଇସିଏଫ୍ କୋଚ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ୨୦୧୮ ଏପ୍ରିଲ ପହିଲାରେ ନିଷ୍ପତ୍ତି ନିଆଯାଇଥିଲା। ଏହି କୋଚ୍ ପରିବର୍ତ୍ତେ ଲିଙ୍କ୍ ହଫ୍‌ମ୍ୟାନ୍ ବସ୍କ (ଏଲ୍ଏଚ୍‌ବି) କୋଚ୍ ଲଗାଇବାକୁ ସ୍ଥିର କରାଯାଇଛି। ଏହି କୋଚ୍ ଅଧିକ ନିରାପଦ ଏବଂ ଏଥିରେ କେତେକ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ଏହା ହାଇସ୍ପିଡ୍ ଟ୍ରେନ୍ ପାଇଁ ଜରୁରୀ। ରେଳ ସିଗ୍‌ନାଲ ବ୍ୟବସ୍ଥାର ମଧ୍ୟ ସମ୍ପୂର୍ଣ୍ଣ ଆଧୁନିକୀକରଣ କରାଯାଉଛି। ଲେଭଲ କ୍ରସିଂଗୁଡ଼ିକରେ ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ସେସବୁକୁ ଉଠାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୮ ଏପ୍ରିଲ ୨୦ ସୁଦ୍ଧା ଦେଶରେ ୫୭୯୨ଟି ଲେଭଲ କ୍ରସିଂ ରହିଛି।




ସେଥିମଧ୍ୟରୁ ୩୪୯୭ଟି ବ୍ରଡ୍‌ଗେଜ୍ ୧୧୩୫ଟି ମିଟର ଗେଜ୍ ଏବଂ ୧୧୭୮ଟି ନ୍ୟାରୋ ଗେଜ୍ ଲାଇନ୍ ଉପରେ ରହିଛି । ଏହି ସବୁ ଲେଭଲ କ୍ରସିଂରେ କେତେକ ସ୍ଥାନରେ ଜଗୁଆଳ ଥିବାବେଳେ ଅନ୍ୟତ୍ର ଜଗୁଆଳ ନାହାନ୍ତି ।

ଟ୍ରେନ୍‌ଗୁଡ଼ିକୁ ଯାତ୍ରାପଥରେ ଠାବ କରିବା ପାଇଁ ସେଥିରେ ଜିପିଏସ୍ ବ୍ୟବସ୍ଥାର ଉପଯୋଗ କରାଯାଉଛି । ଗୋଟିଏ ଟ୍ରେନ୍ କେଉଁ ସ୍ଥାନରେ ଅଛି ବା ଗତି କରୁଛି ମୋବାଇଲ ଫୋନ୍ ଦ୍ୱାରା ତାହାକୁ ଠାବ କରାଯାଇପାରୁଛି । ରେଳବାଇରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ବ୍ୟବସ୍ଥା ଉପଯୋଗ କରି ଡାଟା ସେୟାରିଂ କରାଯାଉଛି । ଏହା ଫଳରେ ସମନ୍ୱୟ ଓ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ ହେବ । ବିଭିନ୍ନ ଟ୍ରେନ୍ ଓ ଷ୍ଟେସନରେ ଯାତ୍ରୀ ସେବାରେ ଉନ୍ନତି ସହିତ ୬୦୦୦ଷ୍ଟେସନରେ ୱାଇ-ଫାଇ ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖାଯାଇଛି । କେତେକ ପ୍ରମୁଖ ଷ୍ଟେସନରେ ଏହି ସେବା ଯୋଗାଣ ମଧ୍ୟ ଆରମ୍ଭ ହେଲାଣି ।

ଷ୍ଟେସନର ଉନ୍ନତି, ଷ୍ଟେସନ ଓ ଟ୍ରେନ୍‌ରେ ଯାତ୍ରୀଙ୍କୁ ଉତ୍ତମମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ସୁଯୋଗ ପ୍ରବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଉଛି । ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶର ୬୮ଟି ଷ୍ଟେସନରେ ଉନ୍ନତ ସେବା ଓ ସୁବିଧା ଯୋଗାଣ ପାଇଁ ଚାଲିଥିବା କାର୍ଯ୍ୟ ଶେଷ ହେବ । ଟ୍ରେନର ବେଗ ବୃଦ୍ଧି ଉପରେ ମଧ୍ୟ ରେଳବାଇ ଗୁରୁତ୍ୱ ଦେଉଛି । ଅତି ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ପାଇଁ ଟ୍ରାକ୍‌ର ଉନ୍ନତିବିଧାନ କରାଯାଉଛି । ଘଣ୍ଟାକୁ ୧୬୦କିମି ବେଗରେ ଗତି କରିପାରୁଥିବା ଟ୍ରେନ୍ ଚଳାଇବାର ପ୍ରୟାସ ଚାଲିଛି । ମୁମ୍ବଇ-ଅହମଦାବାଦ ମଧ୍ୟରେ ଜାପାନର ବୁଲେଟ ଟ୍ରେନ୍ ଢାଞ୍ଚାରେ ଏକ ଅତି ଦ୍ରୁତଗାମୀ ଟ୍ରେନ୍ ଚଳାଇବାକୁ ପ୍ରୟାସ ଆରମ୍ଭ ହୋଇଛି ।

ଗତ ଚାରିବର୍ଷ ମଧ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ୪୦୭ଟି ନୂଆ ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି । ଛୁଟି ଓ ଉତ୍ସବାନୁଷ୍ଠାନ ସମୟର ମାତ୍ରାଧିକ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଅତିରିକ୍ତ ଟ୍ରେନ୍ ସେବା ଯୋଗାଇ ଦିଆଯାଉଛି । ତିନିଶହରୁ ଅଧିକ ଟ୍ରେନ୍‌ରେ ଖାଦ୍ୟ ପଦାର୍ଥ ଉପରେ ସର୍ବାଧିକ ବିକ୍ରିଦର ଛପାଯାଉଛି; ଫଳରେ ବିକ୍ରେତାମାନେ ଯାତ୍ରୀଙ୍କୁ ଠକିପାରୁନାହାନ୍ତି । ଟ୍ରେନ୍‌ରେ ପ୍ରସ୍ତୁତ ଓ ବିକ୍ରି ହେଉଥିବା ଖାଦ୍ୟର ମାନ ଉପରେ ନଜର ଦିଆଯିବା ସହିତ ଟ୍ରେନ୍ କିଚେନଗୁଡ଼ିକର ପରିଚ୍ଛନ୍ନତାରେ ଉନ୍ନତି ଅଣାଯାଇଛି । ରେଳ ପରିବହନକୁ ଆକର୍ଷଣୀୟ କରିବା ପାଇଁ ୨୦୧୭-୧୮ ବର୍ଷରେ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିରେ ଭଡ଼ା ସମୀକରଣ, ବିଭିନ୍ନ ନୂଆ ସାମଗ୍ରୀର ବର୍ଗୀକରଣ, ମାଲ୍ ପରିବହନ ପାଇଁ କଣ୍ଟେନର ସୁବିଧା ଯୋଗାଣ, ଆରଓ-ଆରଓ ସେବା, ଦୀର୍ଘ ମିଆଦୀ ଶୁଳ୍କ ଚୁକ୍ତି ବ୍ୟବସ୍ଥା, ଷ୍ଟେସନରୁ ଷ୍ଟେସନ ମଧ୍ୟରେ ଭଡ଼ା ବ୍ୟବସ୍ଥା, ୱାଗନ ପାଇଁ ଇଲେକଟ୍ରୋନିକ ରେଜିଷ୍ଟ୍ରେସନ୍ ଆଦି ସେଥିମଧ୍ୟରୁ ଅନ୍ୟତମ ।

ରେଳସେବାକୁ ନିର୍ଭରଯୋଗ୍ୟ, ସମୟାନୁବର୍ତ୍ତୀ, ସୁଲଭ, ନିରାପଦ, ଯୁଗ ଉପଯୋଗୀ ଓ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଏହାର ଆୟ ବୃଦ୍ଧି ପାଇଁ ମଧ୍ୟ ଅଭିନବ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ଏହା ଫଳରେ ରେଳବାଇ ସରକାରଙ୍କ ଉପରେ ବୋଝ ନ'ହୋଇ ଆତ୍ମନିର୍ଭରଶୀଳ ହେବା ସହିତ ଦେଶର ଯୋଗାଯୋଗ ଓ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ନିର୍ବାହ କରିପାରିବ ।


ଲେଖକ ଜଣେ ବରିଷ୍ଠ ପତ୍ରକାର ।
**Email Id: deepakrazdan50@gmail.com**

# ଭାରତମାଳା ପରିଯୋଜନା
# ରାଜପଥ ନିର୍ମାଣରେ ଏକ ବଡ଼ ବିପ୍ଳବ

ଦୀପକ ଦାଶ


ସଡ଼କ ଓ ରାସ୍ତାଘାଟ ଗୋଟିଏ ଦେଶର ଜୀବନରେଖା ସଦୃଶ। ଏହା ଯେତେ ମଜବୁତ ଓ ଭଲ ହେବ ଗମନାଗମନ କ୍ଷେତ୍ରରେ ଉନ୍ନତି, ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ ଓ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟିରେ ତାହା ସେତେ ଅଧିକ ସହାୟକ ହେବ। ୧୯୫୧ରେ ଭାରତର ସଡ଼କ ପରିମାଣ ଥିଲା ମୋଟ୍ ୩.୯୯ ଲକ୍ଷ କିଲୋମିଟର। ୨୦୧୬ରେ ଏହା ୫୬.୦୩ ଲକ୍ଷ କିଲୋମିଟରରେ ପହଞ୍ଚିଥିଲା। ଏହି ସଡ଼କ ପଥ ମଧ୍ୟରୁ ଅଧିକାଂଶ ଗୋଟିକିଆ ବା ସିଙ୍ଗଲ ଲେନ୍ ବିଶିଷ୍ଟ। ଭାରତର ଉପସ୍ଥିତ ଜାତୀୟ ରାଜପଥର ୭୦ଭାଗରୁ ଅଧିକ ଦୁଇ ଲେନ୍ ବିଶିଷ୍ଟ କିମ୍ବା ତା'ଠାରୁ କମ୍।

୧୯୯୮ରେ ଅଟଳବିହାରୀ ବାଜପେୟୀଙ୍କ ଶାସନ କାଳରେ ଜାତୀୟ ରାଜପଥଗୁଡ଼ିକର ବିକାଶ ଓ ସଂପ୍ରସାରଣ ପାଇଁ ପ୍ରଥମ କରି ଏକ ବଡ଼ ଧରଣର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ଦୁଇଟି ନୀତି ପ୍ରସ୍ତୁତ କରାଯାଇ ତାହାକୁ କାର୍ଯ୍ୟକାରୀ କରାଗଲା। ସେଥିରୁ ପ୍ରଥମଟି ହେଲା ସୁବର୍ଣ୍ଣ ଚତୁର୍ଭୁଜ ଯୋଜନା ଯେଉଁଥିରେ ଦେଶର ଚାରି ମହାନଗରୀ ମୁମ୍ବଇ, କଲକାତା, ଦିଲ୍ଲୀ ଓ ଚେନ୍ନଇ ମଧ୍ୟରେ ଜାତୀୟ ରାଜପଥର ବିକାଶ କାମ କାର୍ଯ୍ୟକାରୀ ହୋଇଥିଲା। ସୁବର୍ଣ୍ଣ ଚତୁର୍ଭୁଜ ଯୋଜନାରେ ୫୮୪୬ କିମି ରାଜପଥ ଅନ୍ତର୍ଭୁକ୍ତ ଥିଲା। ସେହିଭଳି ଦ୍ୱିତୀୟ କାର୍ଯ୍ୟକ୍ରମରେ ଶ୍ରୀନଗରରୁ କନ୍ୟାକୁମାରୀ ଓ ସିଲଚରରୁ ପୋର




ବନ୍ଦର ମଧ୍ୟରେ ୭୧୪୨ କିମି ଜାତୀୟ ରାଜପଥ ନିର୍ମାଣର ପରିକଳ୍ପନା ଥିଲା ଯାହା ପୂର୍ବ-ପଶ୍ଚିମ କରିଡର ବା ଇଷ୍ଟୱେଷ୍ଟ କରିଡର ନାମରେ ପରିଚିତ।

ଜାତୀୟ ରାଜପଥ ସମୂହର ବିକାଶ ପାଇଁ କେନ୍ଦ୍ର ସରକାର ଦ୍ୱିତୀୟ ବୈପ୍ଳବିକ ନିଷ୍ପତ୍ତି ନେଇଥିଲେ ୨୦୧୭ ଅକ୍ଟୋବର ମାସରେ। ଏଥିରେ ଭାରତମାଳା ପରିଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୪,୮୦୦ କିମି ଜାତୀୟ ରାଜପଥର ବିକାଶ ପାଇଁ ୩.୮୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାର ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ୨୦୨୨ ସୁଦ୍ଧା ଶେଷ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣକୁ





**ବିକାଶ ପ୍ରକ୍ରିୟା:**

ସଡ଼କପଥରେ ମାଲ୍ ପରିବହନକୁ ସୁଗମ କରିବା ପାଇଁ ବ୍ୟସ୍ତବହୁଳ ରାସ୍ତାଗୁଡ଼ିକୁ ଚିହ୍ନଟ କରି ନୂତନ ଆର୍ଥିକ କରିଡର ପରିକଳ୍ପନା କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆରମ୍ଭ ଓ ଲକ୍ଷ୍ୟସ୍ଥଳ ଚିହ୍ନଟ କରି ସ୍ୱତନ୍ତ୍ର ପରିବହନ ପଥ ନିର୍ମାଣ ବ୍ୟବସ୍ଥା ହାତକୁ ନିଆଯାଉଛି। ଏହା ଫଳରେ ଯାତ୍ରୀ ଭିଡ଼ ଥିବା ପଥରେ ମାଲ ପରିବହନ ନ'ହୋଇ ଏଥିପାଇଁ ନିର୍ମିତ ସ୍ୱତନ୍ତ୍ର ପଥ ବା କରିଡରରେ ଯାନବାହନ ଚଳାଚଳ କରିବ। ଏହା ଫଳରେ ଦେଶର ଆର୍ଥିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସବିଶେଷ ଅନୁଧାନ ପରେ ସରକାର ଏହି କରିଡର ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ କରୁଛନ୍ତି। ତେବେ ଏହି ବିକାଶ କାର୍ଯ୍ୟକ୍ରମରେ କେତେକ ଘଟଣା ଦୃଷ୍ଟିଗୋଚର ହେଉଛି ଯାହା ସଂଶୋଧନ ସାପେକ୍ଷ। ଉଦାହରଣ ସ୍ୱରୂପ ମୁମ୍ବଇ-କଲକାତା କରିଡର ଯାହା ଓଡ଼ିଶା ଦେଇ ଯାଇଛି ତାହାକୁ ଏବେ ଦୁଇ ଲେନ୍ ବିଶିଷ୍ଟ କରାଯାଉଛି। ତେବେ ଏହି ରାସ୍ତା ଏକ ବ୍ୟସ୍ତବହୁଳ ରାଜପଥ ହୋଇଥିବାରୁ ଏବଂ ଏହାର ଭୌଗୋଳିକ ସ୍ଥିତି

ଦାୟିତ୍ୱ ଦିଆଯାଇଛି।

ବୃହତ୍ ରାଜପଥ ବିକାଶ କାର୍ଯ୍ୟକ୍ରମରେ ଅନେକ କଥା ଦେଶରେ ପ୍ରଥମ କରି କାର୍ଯ୍ୟକାରୀ ହେଉଛି। ଏଥିରେ ଏସବୁ ରାଜପଥର ଢାଞ୍ଚା, ରୂପ, ମାନ ଆଦିରେ ବ୍ୟାପକ ପରିବର୍ତ୍ତନ କରିବାକୁ ନୂଆ ଡିଜାଇନ୍ ଓ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ରାଜପଥଗୁଡ଼ିକୁ ଆଗଭଳି ଆଉ ସର୍ପିଳ, ବଙ୍କା ତେଢ଼ା ନ'କରି ବିକାଶ ଯୋଜନାରେ ସିଧାସଳଖ କରାଯାଉଛି। ଏହା ଫଳରେ ବିଭିନ୍ନ ସ୍ଥାନ ମଧ୍ୟରେ ଦୂରତ୍ୱ ହ୍ରାସ ସହିତ ଖର୍ଚ୍ଚ ମଧ୍ୟ କମ୍ ପଡୁଛି। ଅନେକ ରାସ୍ତାକୁ ଚଉଡ଼ା, ଉଚ୍ଚ, ଦୁଇ ଓ ଚାରିଲେନ୍ ବିଶିଷ୍ଟ କରାଯିବା ସହ ପଥଚାରୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମ / ସହରଗୁଡ଼ିକର ଲୋକଙ୍କ ସୁବିଧା ପାଇଁ ଗଳାପୋଲ, ବାଇପାସ୍ ଓ ଅନ୍ୟାନ୍ୟ ସୁବିଧା କରାଯାଉଛି।






ଭଲ ନ ଥିବାରୁ ଦୁଇ ଲେନ୍ ବିଶିଷ୍ଟ ପଥ ପରିବହନ ବୋଝ ସମ୍ଭାଳିବାରେ ସକ୍ଷମ ହେବନାହିଁ। ଏହାକୁ ଚାରିଲେନ୍ ବିଶିଷ୍ଟ କରାଯିବା ଆବଶ୍ୟକ।

ସେହିଭଳି ମୁଖ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା (ଫିଡର ରୋଡ୍)ର ସଂଯୋଗ ସ୍ଥଳ ଓ ସେସବୁ ପଥର ବିକାଶ ଏକାନ୍ତ ଅପରିହାର୍ଯ୍ୟ। ତେବେ ବାଇପାସ୍, ରିଙ୍ଗରୋଡ୍, ମଲଟିମୋଡାଲ ଲଜିଷ୍ଟିକ୍ ପାର୍କ ଆଦି ନିର୍ମାଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜମାର୍ଗ ସମୂହର ବିକାଶ ପାଇଁ ଯେଉଁସବୁ ପ୍ରୟାସ କରୁଛନ୍ତି ତାହା ଦେଶର ସଡ଼କ ଯୋଗଯୋଗ କ୍ଷେତ୍ରରେ ଅବଶ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ସୀମାନ୍ତ ଅଞ୍ଚଳ ସହିତ ସମୁଦ୍ର ତଟବର୍ତ୍ତୀ ଇଲାକାରେ ଜାତୀୟ ରାଜପଥ ନିର୍ମାଣ ଦେଶର ସାମରିକ ଓ ବାଣିଜ୍ୟିକ କ୍ଷେତ୍ର ପାଇଁ ନିଶ୍ଚିତ ସହାୟକ ହେବ। ନେପାଳ, ଭାରତ, ବାଂଲାଦେଶ ସୀମାନ୍ତରେ ରାଜପଥର ବିକାଶ ଏବଂ ତଟୀୟ ରାଜପଥ ସହ ସାଗରମାଳା ପ୍ରକଳ୍ପରେ ଦେଶର ପ୍ରମୁଖ ବନ୍ଦର ସହ ଉତ୍ତମ ସଡ଼କ ସଂଯୋଗ ଉଦ୍ୟମ ଏକ ଯଥାର୍ଥ ପଦକ୍ଷେପ। ଅତଏବ ଯେଉଁ ପ୍ରକ୍ରିୟାରେ ଦେଶର ସଡ଼କ ଓ ରାଜପଥ ସମୂହର ବିକାଶ କାର୍ଯ୍ୟ ଚାଲିଛି ତାହା ସମୟର ଆବଶ୍ୟକତା ଅନୁସାରେ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଗରମାଳା ଓ ଭାରତମାଳା, ଏହି ଦୁଇ ରାଜପଥ ବିକାଶ ପ୍ରକଳ୍ପ ସହ ଦେଶର ଭବିଷ୍ୟତ ଆବଶ୍ୟକତା ଓ ବିକାଶ ଧାରାକୁ ଯୋଡ଼ାଯାଇଛି।

**ଆର୍ଥିକ ପଥ (ଇକନମିକ୍ କରିଡର):**
ବିଭିନ୍ନ ସ୍ଥାନ ମଧ୍ୟରେ ମାଲ ପରିବହନର ସ୍ଥିତିକୁ ଅନୁଧ୍ୟାନ କରି ସେଇ ପଥରେ ପରିବହନ ବ୍ୟବସ୍ଥାକୁ ସୁଗମ କରିବାକୁ ପ୍ରୟାସ ଚାଲିଛି। ଏଥିପାଇଁ ୪୪ଟି ନୂଆ ଆର୍ଥିକ କରିଡର ନିର୍ମାଣର ଯୋଜନା ରହିଛି। ଏସବୁ କରିଡର ମଧ୍ୟରେ ମୁମ୍ବଇ-ଆଗ୍ରା, ମୁମ୍ବଇ-କଲକାତା, ଚେନ୍ନଇ-ମଦୁରାଇ, ବିଲାସପୁର-ଦିଲ୍ଲୀ, ପୁଣେ-ବିଜୟୱାଡ଼ା, ଇନ୍ଦୋର-ଜୟପୁର ଓ ଅମୃତସର-ଜାମନଗର ମଧ୍ୟରେ ସ୍ୱତନ୍ତ୍ର ପଥ ତିଆରି ଚାଲିଛି। ଆସନ୍ତା ବର୍ଷ ଏହି ସବୁ ଆର୍ଥିକ କରିଡରରେ ୨୫ ଶତାଂଶ ମାଲ ପରିବହନ ହେବ ବୋଲି ଆଶା କରାଯାଉଛି।

ଯୋଜନା ଅନୁସାରେ ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମ ସୁବର୍ଣ୍ଣ ଚତୁର୍ଭୁଜ କରିଡର ଭାରତର ନୂଆ ହାଇୱେ ଗ୍ରିଡ୍‌ରେ ପରିଣତ ହେବ। ଆକଳନ ଅନୁସାରେ ଜାତୀୟ ଓ ଆର୍ଥିକ କରିଡର ଓ ଆନ୍ତଃ କରିଡର ଅନ୍ତର୍ଭୁକ୍ତ ସଡ଼କ ଦେଇ ଦେଶର ୮୦ ଭାଗ ମାଲ ପରିବହନ ହୋଇପାରିବ।

**ଆନ୍ତଃ କରିଡର ଓ ସଂଯୋଗକାରୀ ପଥ:**
ଜାତୀୟ ରାଜପଥର ବିକାଶ ଓ ଆର୍ଥିକ କରିଡର ନିର୍ମାଣ କ୍ଷେତ୍ରରେ ଅରିଜିନ୍-ଡେଷ୍ଟିନେସନ (ଆରମ୍ଭ ଓ ଲକ୍ଷ୍ୟସ୍ଥଳ) ଅନୁଧ୍ୟାନ କରାଯାଇ କାମ କରାଯାଉଛି। ଏଥିରେ ଦୁଇଟି ପ୍ରବର୍ତ୍ତମାନ ପଥ

ବୃହତ୍ ରାଜପଥ ବିକାଶ କାର୍ଯ୍ୟକ୍ରମରେ ଅନେକ କଥା ଦେଶରେ ପ୍ରଥମ କରି କାର୍ଯ୍ୟକାରୀ ହେଉଛି। ଏଥିରେ ଏସବୁ ରାଜପଥର ଡାଞ୍ଚା, ରୂପ, ମାନ ଆଦିରେ ବ୍ୟାପକ ପରିବର୍ତ୍ତନ କରିବାକୁ ନୂଆ ଡିଜାଇନ୍ ଓ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ରାଜପଥଗୁଡ଼ିକୁ ଆଗଭଳି ଆଉ ସର୍ପିଳ, ବଙ୍କା ତେଢ଼ା ନ'କରି ବିକାଶ ଯୋଜନାରେ ସିଧାସଳଖ କରାଯାଉଛି। ଏହା ଫଳରେ ବିଭିନ୍ନ ସ୍ଥାନ ମଧ୍ୟରେ ଦୂରତ୍ୱ ହ୍ରାସ ସହିତ ଖର୍ଚ୍ଚ ମଧ୍ୟ କମ୍ ପଡୁଛି। ଅନେକ ରାସ୍ତାକୁ ଚଉଡ଼ା, ଉଚ୍ଚ, ଦୁଇ ଓ ଚାରିଲେନ୍ ବିଶିଷ୍ଟ କରାଯିବା ସହ ପଥଚାରୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମ / ସହରଗୁଡ଼ିକର ଲୋକଙ୍କ ସୁବିଧା ପାଇଁ ଗଳାପୋଲ, ବାଇପାସ୍ ଓ ଅନ୍ୟାନ୍ୟ ସୁବିଧା କରାଯାଉଛି।

(କରିଡର) ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଛୋଟଛୋଟ ସଡ଼କ ନିର୍ମାଣର ପରିକଳ୍ପନା କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଉଛି। ଏସବୁ ସଂଯୋଗ ପଥଗୁଡ଼ିକୁ ସିଧାସଳଖ ତିଆରି କରାଯିବାରୁ ଦୂରତ୍ୱ ହ୍ରାସ ପାଉଛି। ଏହି ସବୁ ସଂଯୋଗ ପଥ ଦେଇ ୨୦ଶତାଂଶ ମାଲ ପରିବହନ ହେବ ବୋଲି ଆକଳନ କରାଯାଇଛି।

**ଜାତୀୟ କରିଡରର ଦକ୍ଷତା ବୃଦ୍ଧି:**
ଏବେ ସୁବର୍ଣ୍ଣ ଚତୁର୍ଭୁଜ ଓ ଅନ୍ୟ ସମସ୍ତ ଜାତୀୟ ରାଜପଥ ମାଧ୍ୟମରେ ଦେଶର ୩୫ଶତାଂଶ ମାଲ ପରିବହନ ହେଉଛି। ଏସବୁ ପଥ ଖୁବ୍ ଶୀଘ୍ର ଜାତୀୟ କରିଡର ଭାବେ ଘୋଷିତ ହେବେ। ଦେଶର ରାଜମାର୍ଗ ବ୍ୟବସ୍ଥାର ଏହା ଜୀବନରେଖା ହୋଇଥିବାରୁ ଏହା ଉପରେ ଚାପ ଅଧିକ। ଦେଶର ଛ'ଟି ଜାତୀୟ କରିଡରରେ ଟ୍ରାଫିକର ହାର ୩୦ହଜାର ପାସେଞ୍ଜର କାର୍ ୟୁନିଟ୍ (ପିସିୟୁ)। ଭାରତମାଳା କାର୍ଯ୍ୟକ୍ରମରେ ଏହି ସବୁ ପଥକୁ ଚଉଡ଼ା କରାଯାଇ ୬ ରୁ ୮ଲେନ୍ ବିଶିଷ୍ଟ କରାଯିବ। ଏହି ସବୁ ପଥରେ କିଛି କାଳ ହେଲା ଚୋକ୍ ପଏଣ୍ଟ ବା ଭିଡ଼ ଅଞ୍ଚଳ ସୃଷ୍ଟି ହୋଇଛି। ସେହି ସବୁ ସ୍ଥାନକୁ ଚିହ୍ନଟ କରାଯାଇ ବାଇପାସ୍, ରିଙ୍ଗରୋଡ୍, ଏଲିଭେଟେଡ୍ କରିଡର ମାନ ତିଆରି କରିବାକୁ ଯୋଜନା ରହିଛି। ସେହିଭଳି ଜାତୀୟ କରିଡରର ବିଭିନ୍ନ ସ୍ଥାନରେ ମଲଟିମୋଡାଲ ଲଜିଷ୍ଟିକ୍ ପାର୍କମାନ ତିଆରି ହେଉଛି। ସେଠାରେ ଗାଡ଼ି ଓ ମାଲ ରଖିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ କରାଯାଉଛି।

**ସୀମାନ୍ତ ଓ ଆନ୍ତର୍ଜାତିକ ସଂଯୋଗ ରାଜପଥ:**
ଏହି ଯୋଜନାରେ ୩୩୦୦ କିମି ସୀମାନ୍ତ ପଥର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ସେହିଭଳି ନେପାଳ, ଭୁଟାନ୍, ବାଂଲାଦେଶ ଓ ମ୍ୟାଁମାର ସୀମାନ୍ତ ବାଣିଜ୍ୟ ପେଣ୍ଠକୁ ସଂଯୋଗ କରିବାକୁ ୨୦୦୦କିମି ନୂଆ ସଡ଼କ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏହା ଫଳରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସ୍ଥଳ ପଥ ବାଣିଜ୍ୟ କାରବାର ସୁଗମ ହେବ ଓ ଆନ୍ତର୍ଜାତିକ ସଂଯୋଗ ସୁବିଧା ମିଳିବ।

**ଉପକୂଳ ଓ ବନ୍ଦର ସଂଯୋଗ:**
ଭାରତମାଳା କାର୍ଯ୍ୟକ୍ରମରେ ଦେଶରେ ୨୧୦୦ କିମି ଉପକୂଳ ରାଜପଥ ନିର୍ମାଣ କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ ନକ୍ସା ଚୂଡ଼ାନ୍ତ ହୋଇଛି। ଏହା ଫଳରେ ଉପକୂଳ ଅଞ୍ଚଳର ପର୍ଯ୍ୟଟନ ଓ ଶିଳ୍ପାୟନକୁ ପ୍ରୋତ୍ସାହନ ମିଳିବ। ଏହା ମଧ୍ୟ ବନ୍ଦର ସଂଯୋଗକୁ ସୁଗମ କରି ବାଣିଜ୍ୟ କାରବାରରେ ସହାୟକ ହେବ। ରାଜ୍ୟ ସରକାର ଓ ଘରୋଇ ଉଦ୍ୟୋଗରେ ପ୍ରତିଷ୍ଠିତ ବନ୍ଦରଗୁଡ଼ିକୁ ଏହି ପଥ ସଂଯୋଗ କରିବ।


**ନୂଆ ଏକ୍ସପ୍ରେସ୍ ପଥ ନିର୍ମାଣ:**
ଭାରତମାଳା କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରେ ନୂଆ ଏକ୍ସପ୍ରେସ୍ ସଡ଼କ ନିର୍ମାଣର ଯୋଜନା ରହିଛି। ଏହା ଜାତୀୟ ଓ ଆର୍ଥିକ କରିଡର ପାଖାପାଖି ନିର୍ମିତ ହେବ। ଯେଉଁ ରାଜପଥରେ ଭିଡ଼ ଅଧିକ ଓ ଯେଉଁଠି ପରିବହନ ବ୍ୟବସ୍ଥା ଭିଡ଼ ଯୋଗୁଁ ବ୍ୟାହତ ହେଉଛି ସେସବୁ ସ୍ଥାନ ନିକଟରେ ଏହି ନୂଆ ରାଜପଥ ତିଆରି ହେବ। ଦିଲ୍ଲୀ ଓ ମୁମ୍ବଇ ମଧ୍ୟରେ ଏଭଳି ଏକ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲାଣି। ଏହି ଏକ୍ସପ୍ରେସ୍ ସଡ଼କଗୁଡ଼ିକରେ ମଝିରେ ପ୍ରବେଶ ଓ ପ୍ରସ୍ଥାନ ପଥ ସୀମିତ। ଏଥିରେ ଟୋଲ୍ ପ୍ଲାଜା କିମ୍ବା ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ନ ଥାଏ। ଏହା ବାଧାହୀନ ଓ ତ୍ୱରିତ ପରିବହନ ପାଇଁ ଉଦ୍ଦିଷ୍ଟ। ଏହିସବୁ ପ୍ରକଳ୍ପର ନିର୍ମାଣ କ୍ଷେତ୍ରରେ ଯେପରି ପଦ୍ଧତିଗତ ବିଳମ୍ବନଘଟେ ସେଥିପାଇଁ ପ୍ରକଳ୍ପ ଅନୁମୋଦନ କାର୍ଯ୍ୟ ଜାତୀୟ ରାଜପଥ ପ୍ରାଧିକରଣର ବୋର୍ଡ ଉପରେ ନ୍ୟସ୍ତ କରାଯାଇଛି। ଏହି ବୋର୍ଡ ଏକ ଆନ୍ତଃମନ୍ତ୍ରଣାଳୟ ପରିଷଦ ଏବଂ ଏଥିରେ ରାଜପଥ ଓ ଅର୍ଥ ମନ୍ତ୍ରଣାଳୟ ସହିତ ନୀତି ଆୟୋଗ ଓ ଜାତୀୟ ରାଜପଥ ପ୍ରାଧିକରଣର ପ୍ରତିନିଧି ସଦସ୍ୟ ଅଛନ୍ତି। ଏହି ବୋର୍ଡର କାର୍ଯ୍ୟ ଏପର୍ଯ୍ୟନ୍ତ ସନ୍ତୋଷଜନକ ରହିଛି।

ଭାରତମାଳା ପରିଯୋଜନା କାର୍ଯ୍ୟକାରୀ ହେଲେ ଦେଶର ଜାତୀୟ ରାଜପଥ ସମୂହରେ ଉଭୟ ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ

| | ଯୋଜନାର ଅଂଶବିଶେଷ | ଦୈର୍ଘ୍ୟ (କିମିରେ) | ବ୍ୟୟ (କୋଟିରେ) |
|---|---|---|---|
| ୧ | ଆର୍ଥିକ କରିଡର ବିକାଶ | ୯୦୦୦ | ୧୨୦,୦୦୦ |
| ୨ | ଆନ୍ତଃ କରିଡର ଓ ସଂଯୋଗ ସଡ଼କ ବିକାଶ | ୬୦୦୦ | ୮୦,୦୦୦ |
| ୩ | ସୁବର୍ଣ୍ଣ ଚତୁର୍ଭୁଜ ଓ ଜାତୀୟ କରିଡର ବିକାଶ | ୫୦୦୦ | ୧୦୦,୦୦୦ |
| ୪ | ସୀମାନ୍ତ ସଡ଼କ ଓ ଆନ୍ତର୍ଜାତିକ ସଂଯୋଗ | ୨୦୦୦ | ୨୫,୦୦୦ |
| ୫ | ଉପକୂଳ ସଡ଼କ ଓ ବନ୍ଦର ସଂଯୋଗ | ୨୦୦୦ | ୨୦,୦୦୦ |
| ୬ | ନୂଆ ରାଜପଥ ନିର୍ମାଣ | ୮୦୦ | ୪୦,୦୦୦ |
| | **ମୋଟ୍** | **୨୪,୮୦୦** | **୩୮୫,୦୦୦** |
| | ଏବେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ | ୧୦,୦୦୦ | ୧୫୦,୦୦୦ |

ଯଥେଷ୍ଟ ଉନ୍ନତି ଆସିବ। ଏହା ଫଳରେ ୮୦ଶତାଂଶ ଆନ୍ତଃଜିଲା ମାଲ ପରିବହନ ସମ୍ଭବ ହେବ। ଏହାଛଡ଼ା ଭାରତମାଳାରେ ଦେଶର ୫୫୦ ଜିଲା ସଂଯୁକ୍ତ ହେବେ। ଏହି ଜିଲାଗୁଡ଼ିକ ଜିଡିପିକୁ ୯୦ ଶତାଂଶ ଅବଦାନ ଦେଇଥାନ୍ତି। ବିଭିନ୍ନ ରାଜପଥ ଓ କରିଡର ମଧ୍ୟରେ ଆନ୍ତଃ ସଂଯୋଗକାରୀ ପଥମାନ ନିର୍ମିତ ହେଲେ ସଡ଼କ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଆସିବ। ଏହା ଫଳରେ ଯାନବାହନଗୁଡ଼ିକର ହାରାହାରି ବେଗ ୨୦ ରୁ ୨୫ ଶତାଂଶ ବଢ଼ିବ ଏବଂ ସମୟ ଓ ଇନ୍ଧନ ଖର୍ଚ୍ଚ କମିବା ସହ ପରିବହନ ଜନିତ ବ୍ୟୟ ମଧ୍ୟ ହ୍ରାସ ପାଇବ।

ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୪,୮୦୦ କିମି ଜାତୀୟ ରାଜପଥର ବିକାଶ ହେବ ସେଥିରେ ୧୦କୋଟି ଶ୍ରମ ଦିବସ ସୃଷ୍ଟି ହେବ। ଏହା ଫଳରେ ଲୋକଙ୍କୁ ନିଯୁକ୍ତି ସୁବିଧା ମିଳିବ। ସେହିଭଳି ଏହି ସଡ଼କ ବିକାଶ କାର୍ଯ୍ୟ ଶେଷ ହେଲେ ଆର୍ଥିକ ଓ ଔଦ୍ୟୋଗିକ କାର୍ଯ୍ୟକଳାପ ବଢ଼ିବ। ଏହାଦ୍ୱାରା ୨୨ ନିୟୁତ ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ।




**ପାଣ୍ଠି ଯୋଗାଣ କାର୍ଯ୍ୟକ୍ରମ:**

ଭାରତମାଳା ସମେତ ରାଜପଥ ବିକାଶ ଓ ନିର୍ମାଣ କାର୍ଯ୍ୟରେ ମୋଟ୍ ୬.୯୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ଆକଳନ କରିଛନ୍ତି। ସେଥିମଧ୍ୟରୁ ଏକ ତୃତୀୟାଂଶ ଅର୍ଥ ବା ୨.୩୭କୋଟି ଟଙ୍କା ଇନ୍ଧନରୁ ସଂଗୃହୀତ ଉପକର ଆକାରରେ ଆସିବ। ଏହାଛଡ଼ା ୬୦ହଜାର କୋଟି ଟଙ୍କା ବଜେଟ ସହାୟତା ବାବଦରେ ମିଳିବ। ପ୍ରକଳ୍ପର ଯେଉଁସବୁ ଅଂଶର ନିର୍ମାଣ କାର୍ଯ୍ୟ ଶେଷ ହେଲାଣି ତାହାକୁ ରାଜପଥ କର୍ତ୍ତୃପକ୍ଷ ଆୟକାରୀ ପନ୍ଥାରେ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଏହି ସୂତ୍ରରୁ ୩୪୦୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏହା ଟୋଲ୍ ଅପରେଟ ଓ ଟ୍ରାନ୍ସଫର ଯୋଜନାରେ କାର୍ଯ୍ୟକାରୀ ହେଉଛି। ଏହାର ଅର୍ଥ ଯେଉଁ ରାଜପଥର ନିର୍ଦ୍ଦିଷ୍ଟ ଅଂଶର ବିକାଶ କାର୍ଯ୍ୟ ଶେଷ ହୋଇଛି ତାହାକୁ ଘରୋଇ ସଂସ୍ଥାଙ୍କୁ ଟୋଲ୍ ଆଦାୟ ପାଇଁ ନିଲାମ ଦିଆଯାଇଛି। ସେହି ସଂସ୍ଥା ସଂପୃକ୍ତ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଛି।

ଟୋଲ୍ ଆଦାୟ ବ୍ୟବସ୍ଥାରେ ସରକାର ମୋଟ୍ ୪୬ ହଜାର କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। ଏହାଛଡ଼ା ଏହି ଯୋଜନା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଖୋଲା ବଜାରରୁ ୨.୦୯ ଲକ୍ଷ କୋଟି ଟଙ୍କା ଋଣ ଉଠାଇବ। ଏହା ବାଦ୍ ଏହି ପ୍ରକଳ୍ପ ସମୂହରେ ୧.୦୬ଲକ୍ଷ କୋଟିର ଘରୋଇ ପୁଞ୍ଜି ନିବେଶ କରାଯିବ। ସଂକ୍ଷେପରେ କହିଲେ ଜାତୀୟ ରାଜପଥର ବିକାଶ ଓ ନବନିର୍ମାଣ କ୍ଷେତ୍ରରେ ଏକ ବିପ୍ଳବ ଆସିଛି। ସରକାର ଏଥିପାଇଁ ଅର୍ଥଯୋଗାଣ ବ୍ୟବସ୍ଥା କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ଆନୁଷ୍ଠାନିକ ବ୍ୟବସ୍ଥା କରିଛନ୍ତି। ଦେଶର ଭବିଷ୍ୟତର ଆବଶ୍ୟକତା ଦୃଷ୍ଟିରେ ଏହା ଏକ ବାସ୍ତବବାଦୀ ପଦକ୍ଷେପ।

ଲେଖକ ହେଉଛନ୍ତି ବରିଷ୍ଠ ପତ୍ରକାର।
**Email Id: dashreporter@gmail.com**

# ସ୍ମାର୍ଟସିଟି ଭୁବନେଶ୍ୱର

ଜିତେନ୍ଦ୍ର ନାଥ ପଟ୍ଟନାୟକ

ମନ୍ଦିରମାଳିନୀ ସହର ଭୁବନେଶ୍ୱର। ଏକଦା ଏହି ପ୍ରାଚୀନ ସହରର ନାମ ଥିଲା ସ୍ୱୟମ୍ଭୁ କ୍ଷେତ୍ର, ତ୍ରି-ଭୁବନେଶ୍ୱର ଓ ଏକାମ୍ର କ୍ଷେତ୍ର । ଏହା ଓଡ଼ିଶାର ଏବେ ରାଜଧାନୀ ଏବଂ ଭାରତର ଏକ ନମ୍ବର ସ୍ମାର୍ଟସିଟି। କ୍ୟାଥେଡ୍ରାଲ ସିଟି ଅଫ୍ ଇଂଡିଆ ଭାବରେ ବି ପରିଚିତ। ପୁରାତନ ଓ ଆଧୁନିକ ଭିତରେ ହିଁ ସମ୍ମିଶ୍ରିତ ହୋଇଛି ଏହି ମହାନଗର । ତେବେ ଭୁବନେଶ୍ୱର 'ନମ୍ବର-ୱାନ' ସ୍ମାର୍ଟସିଟିର ମାନ୍ୟତା ପାଇଲା କିପରି ? ଦେଶର କେତୋଟି ସହରକୁ ପଛରେ ପକାଇ ସର୍ବାଗ୍ରେ ରହିଲା ? ରାଜ୍ୟର ଆଉ କେଉଁ ସହର ସ୍ମାର୍ଟସିଟିର ମାନ୍ୟତା ପାଇଛି ? ଏଭଳି କିଛି ପ୍ରଶ୍ନ ସାଧାରଣଙ୍କ ମନରେ ଉଙ୍କି ମାରିବା ସ୍ୱାଭାବିକ। ହେଲେ ବାସ୍ତବରେ ସ୍ମାର୍ଟସିଟି ମାନ୍ୟତା ପଛରେ ରହିଛି ସୁଦୀର୍ଘ ଇତିହାସ।

ଦେଶର ୧୦୦ ସହରକୁ ବିଶ୍ୱସ୍ତରୀୟ ସ୍ମାର୍ଟସିଟି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଇ ସ୍ୱପ୍ନ ବାସ୍ତବ ରୂପ ନେଲା ୨୫ ଜୁନ୍ ୨୦୧୬ରେ । ମହାରାଷ୍ଟ୍ର ପୁଣେ ଠାରେ ପ୍ରଧାନମନ୍ତ୍ରୀ 'ସ୍ମାର୍ଟସିଟି ମିଶନ' ନାମରେ ଏକ ଅଭିନବ ଯୋଜନା ଲୋକାର୍ପିତ କଲେ । ଭାରତର ସହର ବିକାଶ ମନ୍ତ୍ରଣାଳୟ ଏହି ମିଶନ ଦାୟିତ୍ୱରେ ହିଁ ରହିଲା । ମୋଟ୍ ୯୮ ହଜାର କୋଟି ଟଙ୍କାର ବ୍ୟୟବରାଦ ଖସଡ଼ା ପ୍ରସ୍ତୁତ ହେଲା । ଏଥରୁ ୪୮ ହଜାର କୋଟି ଟଙ୍କା ସ୍ମାର୍ଟସିଟି ଏବଂ ୫୦ ହଜାର କୋଟି ଟଙ୍କା ଅଟଳ ମିଶନ ଓ ଅମୃତ ଯୋଜନା ବାବଦକୁ ଖର୍ଚ୍ଚ ଅଟକଳ ହେଲା । ତେବେ ୫ଟି ପର୍ଯ୍ୟାୟରେ ଏହି ସ୍ମାର୍ଟସିଟି ତାଲିକା ପ୍ରସ୍ତୁତ କରାଗଲା।

ପ୍ରଥମ ପର୍ଯ୍ୟାୟ ସ୍ମାର୍ଟସିଟି ତାଲିକା ପ୍ରସ୍ତୁତ ପୂର୍ବରୁ କେନ୍ଦ୍ର ସହର ବିକାଶ ମନ୍ତ୍ରଣାଳୟ ସାରା ଦେଶରେ କରିଥିଲା ସିଟି ଚ୍ୟାଲେଞ୍ଜ କମ୍ପିଟେସନ୍। ପ୍ରଥମ ପର୍ଯ୍ୟାୟରେ ଏହି ସିଟି ଚ୍ୟାଲେଞ୍ଜ କମ୍ପିଟେସନରେ ୨୦ ସହର ଉତ୍ତୀର୍ଣ୍ଣ ହୋଇଥିଲେ। ଦେଶର ବଡ଼ ବଡ଼ ସହରକୁ ପଛରେ ପକାଇ ଭୁବନେଶ୍ୱର ଉକ୍ତ ପ୍ରତିଯୋଗିତାରେ ପ୍ରଥମ ହୋଇ ଦେଶର ନମ୍ବର ୱାନ ସ୍ମାର୍ଟସିଟି ମାନ୍ୟତା ପାଇଲା। ଭୁବନେଶ୍ୱର ପଛକୁ ରହିଥିଲେ ପୁଣେ, ଜୟପୁର, ସୁରଟ୍, କୋଚି, ଅହମ୍ମଦାବାଦ, ଜବଲପୁର, ବିଶାଖାପାଟନମ, ଶୋଲାପୁର, ଦେବନଗର, ଇନ୍ଦୋର, ଏନଡିଏମସି, କୋଏମ୍ବାଟୋର, କାକିନଡ଼ା, ବେଲାଗିରି, ଉଦୟପୁର, ଗୌହାଟୀ, ଚେନ୍ନାଇ, ଲୁଧିଆନା ଓ ଭୋପାଳ ଆଦି ସହର। ହେଲେ ଏହି ପର୍ଯ୍ୟାୟରେ ପଶ୍ଚିମବଙ୍ଗର କୋଲକାତା, ବିଧାନନଗର, ଦୁର୍ଗାପୁର, ହଲଦିଆ ଏବଂ ମହାରାଷ୍ଟ୍ରର ମୁମ୍ବାଇ ଓ ନଭି ମୁମ୍ବାଇ ଭଳି ସହରଗୁଡ଼ିକ ଏହି ପ୍ରତିଯୋଗିତାରୁ ଓହରି ଯାଇଥିଲେ। ପରେ ସାମିଲ ହୋଇଥିଲେ।

ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଓଡ଼ିଶା ସରକାର ରାଜ୍ୟର ବାକି ଚାରୋଟି ମହାନଗର ଅର୍ଥାତ କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରକୁ ସ୍ମାର୍ଟସିଟି ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସହର ବିକାଶ ମନ୍ତ୍ରଣାଳୟରେ ଆବେଦନ କରିଥିଲେ । ମୋଟ ନମ୍ବର ଥିଲା ୧୦୦ । ଏଥିରେ ବର୍ତ୍ତମାନର ସୁବିଧା ସୁଯୋଗ ପାଇଁ ୨୫ ନମ୍ବର, ଭିତ୍ତିଭୂମି ପାଇଁ ୧୫ ନମ୍ବର ଓ ଅତୀତର ଟ୍ରାକ୍ ରେକର୍ଡ ପାଇଁ ୩୦ ନମ୍ବର ମିଳିବାର ବ୍ୟବସ୍ଥା ରହିଛି । ହେଲେ ସିଟି ଚ୍ୟାଲେଞ୍ଜ କମ୍ପିଟିସନରେ କଟକ, ସମ୍ବଲପୁର ଓ ବ୍ରହ୍ମପୁର ସହର ବିଫଳ ହୋଇଥିଲେ। କେବଳ ରାଉରକେଲା ମହାନଗର ନିଗମ ପାସ୍ କରିଥିଲା। ଗାଇଡଲାଇନ୍ସ ଅନୁସାରେ ଭୁବନେଶ୍ୱର ୭୦ ମାର୍କ ପାଇଥିଲାବେଳେ ରାଉରକେଲା ୬୧.୫ ମାର୍କ ପାଇଥିଲା । କଟକ, ବ୍ରହ୍ମପୁର ଓ ସମ୍ବଲପୁର ମହାନଗର ୬୦ ନମ୍ବର କରି ପାଇଥିଲେ । ତାପରେ ମନ୍ତ୍ରଣାଳୟ ଦ୍ୱିତୀୟ ପର୍ଯ୍ୟାୟ ସ୍ମାର୍ଟସିଟି ତାଲିକା ପ୍ରସ୍ତୁତ କରିଥିଲା । ଏହି ତାଲିକାରେ ରାଉରକେଲା ସଫଳ ହୋଇ ନଥିଲା । ଏଥିରେ ଲକ୍ଷ୍ନୌ ସର୍ବାଗ୍ରେ ଥିବାବେଳେ ତା'ପଛକୁ ଭାଗଲପୁର, ଫରିଦାବାଦ, ଛଣ୍ଡିଗଡ଼, ରାୟପୁର, ରାଞ୍ଚି, ଧର୍ମଶାଳା, ୱାରଙ୍ଗଲ, ପାନାଜୀ, ଅଗରତାଲା, ଇମ୍ଫାଲ, ପୋର୍ଟବ୍ଲେୟର ଓ ନ୍ୟୁ କୋଲକାତା ସାମିଲ ଥିଲେ । ତୃତୀୟ ତାଲିକାରେ ୨୭ ସହର କୃତକାର୍ଯ୍ୟ ହୋଇଥିଲେ । ଏଥିରେ ଅମୃତସର ସର୍ବାଗ୍ରେ ଥିବାବେଳେ ରାଉରକେଲାର କ୍ରମିକ ନମ୍ବର ଥିଲା ୧୨।

ସ୍ମାର୍ଟସିଟି ଚୟନ ପାଇଁ ଦଶଟି କ୍ଷେତ୍ର ପ୍ରତି ଗୁରୁତ୍ୱ ଦିଆଯାଉଛି । ତାହା ହେଉଛି, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ନିରନ୍ତର ବିଦ୍ୟୁତ ସେବା ପ୍ରଦାନ, ବର୍ଜ୍ୟବସ୍ତୁ ପରିଚାଳନା, ପବ୍ଲିକ ଟ୍ରାନ୍ସପୋର୍ଟ, ସହର ବାସିନ୍ଦାଙ୍କୁ ସୁଲଭ ଦରରେ ଗୃହ ଯୋଗାଣ, ଗରିବ ଲୋକଙ୍କୁ ଥଇଥାନ, ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଇଜେସନ, ଇ- ପ୍ରଶାସନ, ପରିବେଶ ସନ୍ତୁଳନ



ପାଇଁ ପଦକ୍ଷେପ, ନାଗରିକ ବିଶେଷକରି ମହିଳା, ଶିଶୁ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ସୁରକ୍ଷା ତଥା ଉତ୍କର୍ଷ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟ ଆଦି ସୁବିଧା ଜରୁରୀ। ଭୁବନେଶ୍ୱର ଏସବୁ କ୍ଷେତ୍ରରେ ବହୁ ଆଗରେ ରହିଛି। ୨୦୧୧ ଜନଗଣନାନୁସାରେ ଭୁବନେଶ୍ୱରରେ ଲୋକ ସଂଖ୍ୟା ୮୮୩୬୩ । ପ୍ରତି ବର୍ଗ କିଲୋମିଟରରେ ୬୨୨୮.୪ ଲୋକ ବସବାସ କରୁଛନ୍ତି । ମହାନଗରରେ ସ୍ୱାକ୍ଷରତା ହାର ୯୧.୮୯ ପ୍ରତିଶତ । ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୫.୦୪ ପ୍ରତିଶତ ଥିବାବେଳେ ଅନୁସୂଚିତ ଜାତିଙ୍କ ସଂଖ୍ୟା ୮.୨୭ ପ୍ରତିଶତ । ୧୫ରୁ ୨୪ ବୟସର ଯୁବକଙ୍କ ସଂଖ୍ୟା ୧୯.୫ ପ୍ରତିଶତ । ବିଭିନ୍ନ କାର୍ଯ୍ୟରେ ନିୟୋଜିତ ୫ରୁ ୫୯ ବୟସର ଲୋକଙ୍କ ସଂଖ୍ୟା ୬୯.୬୫ ପ୍ରତିଶତ । ହେଲେ ବସ୍ତିରେ ରହୁଥିବା ଲୋକଙ୍କ ସଂଖ୍ୟା ୧୯.୦୫ ପ୍ରତିଶତ । ମୁଣ୍ଡପିଛା ଆୟ ମଧ୍ୟ ଅନ୍ୟ ସହର ଠାରୁ ବହୁ ଆଗରେ । ଏଠି ମୁଣ୍ଡପିଛା ଆୟ ବାର୍ଷିକ ୩୩୩୧୨ ଟଙ୍କା । ଗରିବୀ ହାର ମାତ୍ର ୪.୭୦ ପ୍ରତିଶତ । ଭିତିଭୂମି ବିକାଶ ଉପରେ ଅଧିକ ଫୋକସ ରହିଛି । ବିଶେଷକରି ସ୍କୁଲ, କଲେଜ, ହସ୍ପିଟାଲ, ପାଠାଗାର, ଗମନାଗମନ, ରାସ୍ତା ପ୍ରଶସ୍ତିକରଣ, ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ପାର୍କ ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଗଠନ ହୋଇଥିବା ଭୁବନେଶ୍ୱର ସ୍ମାର୍ଟ୍ ସିଟି ଲିମିଟେଡ୍(ବିଏସଏଲ) ନାମକ ସଂସ୍ଥା ଏସବୁ କାର୍ଯ୍ୟର ତଦାରଖ କରୁଛି ।

ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହେଉଛି। ଶିଶୁ ଭବନରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଶେଷ ହୋଇଛି । ସେଠାରୁ ବାଣୀବିହାର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସଚିବାଳୟ ମାର୍ଗର ପ୍ରସସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ବିଏସଏଲ ବର୍ତମାନ ସୁଦ୍ଧା ପ୍ରାୟ ୫୪ କୋଟି ଟଙ୍କା ଖର୍ଚ୍ଚ କରି ସାରିଛି । ନିର୍ଦ୍ଧାରିତ ସମୟରେ ତାହା ସରିବ ବୋଲି ଲକ୍ଷ୍ୟଧାର୍ଯ୍ୟ ରହିଛି। ସେହିପରି ୪,୮୩,୦୩୮ ଲୋକସଂଖ୍ୟା ବିଶିଷ୍ଟ ରାଉରକେଲା ସ୍ମାର୍ଟସିଟି ନୂଆ ରୂପ ନେବାକୁ ଯାଉଛି । ୨୦ ସେପ୍ଟେମ୍ବର ୨୦୧୬ରେ ସ୍ମାର୍ଟସିଟି ମାନ୍ୟତା ପାଇଥିବା ଏବଂ ଭୁବନେଶ୍ୱରରୁ ୩୨୮ କିଲୋମିଟର ଦୂରରେ ଥିବା ଏହି ଇସ୍ପାତ ନଗରୀରେ ରାସ୍ତା ପ୍ରଶସ୍ତିକରଣ, ଆଲୋକୀକରଣ, ଶିକ୍ଷାନୁଷ୍ଠାନ, ହସପିଟାଲ, ଟ୍ରାଫିକ ନିୟନ୍ତ୍ରଣ, ପର୍ଯ୍ୟଟନର ବିକାଶ ଓ ପାର୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ମଧ୍ୟ ଏକ ତଦାରଖ ସଂସ୍ଥା କାର୍ଯ୍ୟ କରୁଛି ।

ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ସ୍ମାର୍ଟସିଟି ମିଶନ ଜରିଆରେ ମୋଟ ୩୮୪ କୋଟି ଟଙ୍କା ଦେଇ ସାରିଛନ୍ତି । ସେଥିରେ ଭୁବନେଶ୍ୱର ସ୍ମାର୍ଟସିଟିକୁ ୧୯୬ କୋଟି ଓ ରାଉରକେଲା ପାଇଁ ୧୮୮ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଭୁବନେଶ୍ୱରର ଜନପଥ ନିର୍ମାଣ ପାଇଁ ମୋଟ ୮୨.୨୯ କୋଟି ଟଙ୍କା ଦରକାର । ଏବେ ସୁଦ୍ଧା ମିଳିଛି ୨୦.୯୧ କୋଟି ଟଙ୍କା । ସେହିପରି ଟ୍ରାଫିକ ସିଗନାଲ ସିଷ୍ଟମ ପାଇଁ ୧୪.୬୯ କୋଟିରୁ ୬.୧୩ କୋଟି, ରାଜମହଲ ପାର୍କିଂ ପାଇଁ ୪୬.୮ କୋଟିରୁ ୧.୬୫ କୋଟି, ସହିଦନଗର ସ୍ମାର୍ଟ୍ ପାର୍କ ପାଇଁ ୨.୨୪ କୋଟିରୁ ୧.୭୪ କୋଟି, ସମନ୍ୱିତ ପବ୍ଲିକ ସର୍ଭିସ ପାଇଁ ୩.୦୪ କୋଟିରୁ ୧.୦୨ କୋଟି ଟଙ୍କା ମିଳିଛି । ସ୍ମାର୍ଟ୍ ସିଟି ମିଶନ ଅର୍ଥରେ ୮୨ କୋଟି ବ୍ୟୟରେ ୟୁନିଟ୍ -୯ରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର କାର୍ଯ୍ୟାଳୟ ନିର୍ମାଣ କରାଯିବ । ଅନ୍ୟପକ୍ଷରେ ରାଉରକେଲା ସ୍ମାର୍ଟସିଟିକୁ ଏବେ ସୁଦ୍ଧା ୧୮୮ କୋଟି ଟଙ୍କା ମିଳିଛି । ଏଥିରେ ବିର୍ସା ମୁଣ୍ଡା ଷ୍ଟାଡିୟମ ପୁନରୁଦ୍ଧାର ପାଇଁ ୧୨୯ କୋଟି, ସ୍ମାର୍ଟ ବସ୍ ସେବା ପାଇଁ ୧୦ କୋଟି, ସ୍ମାର୍ଟ ସଡକ-୧ ପାଇଁ ୨୬.୪୭ କୋଟି, ସ୍ମାର୍ଟ ସଡକ-୧ ଫେଜ ପାଇଁ ୮୫.୦୬ କୋଟି, ସରକାରୀ କୋଠାର ସୋଲାର ପାନେଲ ପାଇଁ ୮୫ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି । ଏସବୁ ଅର୍ଥ ରାଉରକେଲା ସ୍ମାର୍ଟସିଟି ଲିମିଟେଡ(ଆରସିଏଲ) ତଦାରଖ କରୁଛି ।

ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ନୂଆ ଭାରତ ଗଢ଼ିବାର ସ୍ୱପ୍ନ ଦେଖିଥିଲେ, ତାହା ଆଜି ସଫଳ ରୂପ ନେବାକୁ ବସିଛି । ଭୁବନେଶ୍ୱର ଓ ରାଉରକେଲା ଭଳି ଭାରତର ଭାରତର ୧୦୦ଟି ସହର ବିଶ୍ୱସ୍ତରୀୟ ହୋଇ ପାରୁଛି । ତାହା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

**ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା**

### ଆପଣ ଜାଣନ୍ତି କି ?

# ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନ

ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନ (ଏସ୍‌ପିଏମ୍‌ଆର୍‌ଏସ୍) ୨୦୧୬ ଫେବୃୟାରୀ ୨୨ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଛତିଶଗଡ଼ର ରାଜନନ୍ଦଗାଓଁ ଅନ୍ତର୍ଗତ କୁରୁଭଟ ଗାଁରୁ ଆରମ୍ଭ ହୋଇଥିଲା। ଏହି ଅଭିଯାନର ଉଦ୍ଦେଶ୍ୟ ହେଲା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗ୍ରାମାଞ୍ଚଳ ଅଭିବୃଦ୍ଧି ପୁଂଜ (କ୍ଲଷ୍ଟର) ନିର୍ମାଣ କରି ସେହି ଅଞ୍ଚଳର ସାମଗ୍ରିକ ବିକାଶ ସାଧନ କରିବା। ଏହି କ୍ଲଷ୍ଟର ସବୁରେ ଆର୍ଥିକ କାର୍ଯ୍ୟକ୍ରମ, ବୃତ୍ତି ଓ ବ୍ୟବସାୟ, ଦକ୍ଷତା ବିକାଶ ଓ ଉଦ୍ୟମିତା ସୃଷ୍ଟି ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରିବାକୁ ପ୍ରୟାସ ଚାଲିଛି।

ଲୋକସଭାରେ ୨୦୧୩ ଡିସେମ୍ବର ୧୩ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାମକୃପାଳ ଯାଦବ ଦେଇଥିବା ତଥ୍ୟ ଅନୁସାରେ ସମଗ୍ର ଦେଶର ୩୦୦ ଏସ୍‌ପିଏମ୍‌ଆର୍‌ଏସ୍ କ୍ଲଷ୍ଟର ନିର୍ମାଣର ଯୋଜନା ରହିଛି। ସେଥିମଧ୍ୟରୁ ୨୯୫ଟି କ୍ଲଷ୍ଟରକୁ ଚିହ୍ନଟ କରାଯାଇ ଅନୁମୋଦନ ମିଳିଛି। ଦେଶର ୨୯ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏହା ସ୍ଥାପନ କରାଯିବ। ଏଥିପାଇଁ ୫୧୪୨.୦୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ପ୍ରତ୍ୟେକ କ୍ଲଷ୍ଟରରେ ମୋଟ୍ ଆକଳିତ ନିବେଶର ୩୦ ଶତାଂଶ କେନ୍ଦ୍ର ସରକାର ସହାୟତା ବା ଅନୁଦାନ ଆକାରରେ ଯୋଗାଇବେ। ଅବଶିଷ୍ଟ ୭୦ ଶତାଂଶ ଅର୍ଥ ସଂପୃକ୍ତ ପ୍ରାଦେଶିକ ସରକାର ଯୋଗାଇଦେବେ। ଆବଶ୍ୟକ ସ୍ଥଳେ ଏହି ଯୋଜନାରେ ଘରୋଇ ନିବେଶ ଓ ସଂସ୍ଥାଗତ ପାଣ୍ଠି ଯୋଗାଣକୁ ଅନୁମତି ମିଳିବ। ଏହି ଯୋଜନା ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ପ୍ରାୟୋଜିତ ସ୍କିମ୍‌ର ଅନ୍ତର୍ଭୁକ୍ତ ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଣ୍ଠି ଯୋଗାଣ ଅନୁପାତ ୬୦ : ୪୦ ଅନୁପାତରେ ଚୂଡ଼ାନ୍ତ ହୋଇଛି। ତେବେ ହିମାଳୟ ପାର୍ଶ୍ୱବର୍ତ୍ତୀ ରାଜ୍ୟ ଓ ଉତ୍ତରପୂର୍ବାଞ୍ଚଳ ପାଇଁ ଏହି ହାର ୯୦ :୧୦ ରଖାଯାଇଛି।

ରାଜ୍ୟମାନଙ୍କ ସହ କଥାବାର୍ତ୍ତା ପରେ ଏହି ଯୋଜନାରେ ୨୩୨ଟି ସମନ୍ୱିତ କ୍ଲଷ୍ଟର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରତ୍ୟେକ କ୍ଲଷ୍ଟର ପାଇଁ ପୁଞ୍ଜି ନିବେଶ ଖସଡ଼ା ପ୍ରସ୍ତୁତ ହୋଇଛି। ଏଥିପାଇଁ କେନ୍ଦ୍ରୀୟ ସହାୟତା (ସିଜିପି) ଆକାରରେ ୧୩୧୪କୋଟି ଟଙ୍କା ଯୋଗାଇ ଦିଆଯିବ। ଅବଶିଷ୍ଟ ୬୨୭.୯୧କୋଟି ଟଙ୍କା ରାଜ୍ୟ ସରକାରମାନେ ନିଜ ଅଂଶ ଆକାରରେ ଯୋଗାଇବେ। ଏହାଛଡ଼ା ଏଥିପାଇଁ ୧୦୩.୨୫ କୋଟି ଟଙ୍କା ପ୍ରଶାସନିକ ପାଣ୍ଠି ଆକାରରେ ରାଜ୍ୟମାନଙ୍କୁ ଯୋଗାଇ ଦିଆଯାଇଛି।




ଚିହ୍ନଟ କ୍ଲଷ୍ଟରଗୁଡ଼ିକର ବିକାଶ କାର୍ଯ୍ୟ ଚୂଡ଼ାନ୍ତ ହୋଇଛି ଓ ଏଥିରେ ମୁଖ୍ୟତଃ ଆର୍ଥିକ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଛଡ଼ା ଏହି କ୍ଲଷ୍ଟରଗୁଡ଼ିକର ସବୁ ଘରକୁ ୨୪ଘଣ୍ଟିଆ ଜଳ ଯୋଗାଣ, ବର୍ଜ୍ୟବସ୍ତୁ ପରଚାଳନା, ଯଥେଷ୍ଟ ଷ୍ଟ୍ରୀଟ୍ ଲାଇଟ୍ ସୁବିଧା ଓ ଜନସାଧାରଣଙ୍କ ପାଇଁ ପରିବହନ ସେବା ସହିତ ପରିବେଶ ଅନୁକୂଳ ଟେକ୍‌ନୋଲୋଜି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଛଡ଼ା ଏହି କ୍ଲଷ୍ଟରଗୁଡ଼ିକରେ କୃଷି ସେବା ଓ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଦକ୍ଷତା ବିକାଶ କେନ୍ଦ୍ର ଆଦି ଖୋଲିବାର ବ୍ୟବସ୍ଥା ଅଛି।

# ଅମୃତ ଯୋଜନା

अमृत


Atal Mission for Rejuvenation and Urban Transformation

ସହରାଞ୍ଚଳର କାୟାକଳ୍ପରେ ଉନ୍ନତି ବା ଉନ୍ନୟନ ପାଇଁ କେନ୍ଦ୍ର ସରକାର ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି ଯାହା ସଂକ୍ଷେପରେ 'ଅମୃତ' ନାମରେ ପରିଚିତ। ଏହି ଯୋଜନାରେ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ, ନାଳନର୍ଦ୍ଦମା ବ୍ୟବସ୍ଥାର ଉନ୍ନତି, ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁଗମ କରିବା, ପାର୍କ ନିର୍ମାଣ ଏବଂ ସହରର ଦରିଦ୍ର ଓ ଅବହେଳିତ ଲୋକଙ୍କୁ ମର୍ଯ୍ୟାଦାଜନକ ଭାବେ ବଞ୍ଚିବାର ସୁଯୋଗ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି।

ଏହି ଯୋଜନାରେ ସବୁ ଘରକୁ ପାନୀୟ ଜଳ ଯୋଗାଣ, ସ୍ୱେରେଜ୍ ସଂଯୋଗ, ସହରରେ ସବୁଜିମା ସୃଷ୍ଟି, ସାଇକଲ ଭଳି ଅଣଯାନ୍ତ୍ରିକ ମାନ ଚଳାଚଳ କରିବାର ସ୍ୱତନ୍ତ୍ର ସୁବିଧା, ପ୍ରଦୂଷଣ ହ୍ରାସ ଏବଂ ସହରକୁ ପରିଚ୍ଛନ୍ନ ରଖିବାକୁ ବିଭିନ୍ନ କାମ ହାତକୁ ନିଆଯାଉଛି। ଏହି ଯୋଜନାରେ ଦେଶଣ ୫୦୦ ସହରକୁ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରହିଛି। ଯେଉଁ ସହରର ଲୋକ ସଂଖ୍ୟା ଏକ ଲକ୍ଷରୁ ଉର୍ଦ୍ଧ୍ୱ ଏବଂ ସେଗୁଡ଼ିକୁ ପୌର ବା ବିଜ୍ଞାପିତ ଅଞ୍ଚଳର ମାନ୍ୟତା ମିଳିଥିବ ସେଠାରେ ଏହା କାର୍ଯ୍ୟକାରୀ ହେବାର ନିଷ୍ପତ୍ତି ହୋଇଛି।

ଅମୃତ ଯୋଜନା ପାଇଁ ମୋଟ୍ ୫୦ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ଏହାର କାର୍ଯ୍ୟକାରୀ ସମୟ ୨୦୧୫-୧୬ ରୁ ୨୦୧୯-୨୦। କେନ୍ଦ୍ର ସରକାର ଏଥିପାଇଁ ୫୦ଭାଗ ଅର୍ଥ ଯୋଗାଇ ଦେଉଛନ୍ତି। ପ୍ରକଳ୍ପ ଖର୍ଚ୍ଚର ଅବଶିଷ୍ଟ ଅର୍ଥ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡୁଛି।

# ଜାତୀୟ ଐତିହ୍ୟ ନଗର ବିକାଶ ଓ ପରିବର୍ଦ୍ଧନ ଯୋଜନା (ହୃଦୟ)





କେନ୍ଦ୍ର ଆବାସ ଓ ସହରାଞ୍ଚଳ ମନ୍ତ୍ରଣାଳୟ 'ହୃଦୟ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି ଯାହା ଜାତୀୟ ଐତିହ୍ୟ ନଗର ବିକାଶ ଓ ପରିବର୍ଦ୍ଧନ କର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ଏହି ଯୋଜନା ୨୦୧୫ ଜାନୁଆରୀ ୨୧ତାରିଖରେ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଐତିହ୍ୟ ନଗରଗୁଡ଼ିକର ଅସଲ ସ୍ୱରୂପ ବା ଆତ୍ମାର ସଂରକ୍ଷଣ ଏବଂ ବିକାଶ। ସହରାଞ୍ଚଳ ବିକାଶ ସହିତ ଐତିହ୍ୟର ସୁରକ୍ଷା ଏହା ମାଧ୍ୟମରେ କରାଯାଉଛି। ଏଥିରେ ଘରୋଇ ଉଦ୍ୟୋଗକୁ ମଧ୍ୟ ସାମିଲ କରାଯାଇଛି। ଏହି ଯୋଜନାର ମୁଖ୍ୟ ଅଂଶଗୁଡ଼ିକ ତଳେ ଦିଆଯାଇଛି।

- ଐତିହ୍ୟ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ବିକାଶଯୋଜନା ପ୍ରସ୍ତୁତି ଓ ମୌଳିକ ଭିତ୍ତିଭୂମି ନିର୍ମାଣ।
- ଐତିହାସିକ ନଗରୀଗୁଡ଼ିକୁ ସେବା ଯୋଗାଣ ବ୍ୟବସ୍ଥା ଓ ଭିତ୍ତିଭୂମି ନିର୍ମାଣ।
- ଐତିହ୍ୟ ସ୍ଥଳଗୁଡ଼ିକର ସଂରକ୍ଷଣ ଓ ବିକାଶ ସହିତ ତାହାକୁ ବୁଲି ଦେଖିବାକୁ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଣ।
- ସହରାଞ୍ଚଳ ବିକାଶ ଯୋଜନା ପ୍ରସ୍ତୁତ କରିବା ବେଳେ ବିଭିନ୍ନ ପ୍ରକାରର ଐତିହ୍ୟ ସ୍ଥଳର ତାଲିକା ପ୍ରସ୍ତୁତ ଓ ସେସବୁକୁ ସହରର ବିକାଶ ପ୍ରକ୍ରିୟାରେ ସଂଯୋଗ କରିବା।
- ସଂପୃକ୍ତ ଐତିହ୍ୟ ସ୍ଥଳଗୁଡ଼ିକର ପରିବେଶ ସୁରକ୍ଷା ସହିତ ପରିଚ୍ଛନ୍ନତା ରକ୍ଷା।
- ଐତିହ୍ୟସ୍ଥଳଗୁଡ଼ିକରେ ପାନୀୟଜଳ, ଶୌଚାଳୟ, ଆଲୋକୀକରଣ ବ୍ୟବସ୍ଥା ଥିବାବେଳେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ଉପଯୋଗ ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଣ।
- ଐତିହ୍ୟ ଭିତ୍ତିକ ଉଦ୍ୟୋଗ ସ୍ଥାପନ ପାଇଁ ସଂପୃକ୍ତ ଅଞ୍ଚଳର ଦକ୍ଷତା ବୃଦ୍ଧି।
- ପର୍ଯ୍ୟଟନ ସହ ସାଂସ୍କୃତିକ ସୁବିଧାକୁ ସଂଯୁକ୍ତ କରିବା।
- ଐତିହାସିକ କୀର୍ତ୍ତିରାଜୀ, ପ୍ରାଚୀନ ଅଟ୍ଟାଳିକା ଆଦିର ସୁରକ୍ଷାରେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ବ୍ୟବହାର ତଥା ସେ ଅଞ୍ଚଳର ଲୋକଙ୍କ ଉପଯୁକ୍ତ ଥଇଥାନ ଏବଂ ପୁନର୍ବାସ ବ୍ୟବସ୍ଥା।
- ଥଇଥାନ ଓ ପୁନର୍ବାସ କାମରେ ସରକାରୀ ଘରୋଇ ସହଭାଗିତା।
- ଐତିହ୍ୟ ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ ଆର୍ଥିକ ଥଇଥାନ ବ୍ୟବସ୍ଥା କରି ରୋଜଗାର ଯୋଗାଣ।
- ଐତିହ୍ୟ ସ୍ଥଳରେ ସିସି ଟିଭି ଲଗାଇବା ସହ ଆଇସିଟି ଟୁଲ୍‌ସର ବ୍ୟବହାର।
- ଐତିହ୍ୟସ୍ଥଳୀକୁ ଆନ୍ତର୍ଜାତିକ ଡିଜାଇନ୍ ବିଶିଷ୍ଟ ସଡ଼କ / ପଥ ନିର୍ମାଣ।

ଏହି ଯୋଜନା ଆଜିମେର, ଅମରାବତୀ, ଅମୃତସର, ବଦାମି, ଦ୍ୱାରକା, ଗୟା, କାଞ୍ଚିପୁରମ୍, ମଥୁରା, ପୁରୀ, ବାରାଣସୀ, ଭେଲାଙ୍କାନି ଓ ବାରାଙ୍ଗଲ ଆଦି ବାରଟି ପ୍ରାଚୀନ ସହରରେ କାର୍ଯ୍ୟକାରୀ ହେଉଛି।

# ୨୫୦୦ ଇୟର୍ସ ଅଫ୍ ବୁଦ୍ଧିଜିମ୍




ଏହି ପୁସ୍ତକ ସମ୍ପୂର୍ଣ୍ଣ ଭାବେ ବୌଦ୍ଧଧର୍ମ ସମ୍ପର୍କିତ ତଥ୍ୟ, ଦର୍ଶନ ଏବଂ ଜୀବନଧାରା ସମ୍ବନ୍ଧିତ ତଥ୍ୟ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି, ଯାହା ବିଗତ ୨୫୦୦ ବର୍ଷ ତଳେ ବିକଶିତ ହୋଇଥିଲା। ଏହି ପୁସ୍ତକର ପ୍ରାକ୍ କଥନ ବିଶ୍ୱପ୍ରସିଦ୍ଧ ଦାର୍ଶନିକ ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଦ୍ୱାରା ଲିଖିତ ହୋଇଛି। ୧୬ ଅଧ୍ୟାୟ ବିଶିଷ୍ଟ ଏହି ପୁସ୍ତକରେ ପ୍ରାୟ ୧୦୦ ନିବନ୍ଧ ଭାରତ, ଚୀନ୍, ଜାପାନ, ଶ୍ରୀଲଙ୍କା ଏବଂ ନେପାଳରେ ଅବସ୍ଥିତ ବୌଦ୍ଧ ଧର୍ମାବଲମ୍ବୀ ବିଦ୍ୱାନମାନଙ୍କ ଦ୍ୱାରା ରଚିତ ହୋଇଛି।

ବୌଦ୍ଧ ଦର୍ଶନ ଜୀବନ ଧାରଣ କରିବାର ଏକ ଉତ୍କୃଷ୍ଟ ମାନର ଶୈଳୀ। ଏହା ମନ, ବଚନ ଏବଂ କର୍ମରେ ଶୁଦ୍ଧତା ଆଣିଥାଏ ବୋଲି ଦର୍ଶାଯାଇଛି। ଏହି ପୁସ୍ତକ ଭାରତର ବୌଦ୍ଧ ଧର୍ମାବଲମ୍ବୀଙ୍କ ସମ୍ପର୍କରେ ରଚିତ ହେବା ସହ ପୂର୍ବ ମହାଦେଶରେ ରହିଥିବା ଏହି ଧର୍ମ ସମ୍ପର୍କରେ ମଧ୍ୟ ସୂଚନା ଲିପିବଦ୍ଧ ହୋଇଛି। ଏହି ପୁସ୍ତକରେ ବୌଦ୍ଧ ଦର୍ଶନରେ ଥିବା ବିଭିନ୍ନ ମତ ଓ ଚିନ୍ତାଧାରା ବିଶେଷ ଭାବେ ତର୍ଜମା କରାଯାଇଛି। ଭାରତ ଏବଂ ବିଦେଶରେ ରହିଥିବା ବୌଦ୍ଧ କଳାକୃତିଗୁଡ଼ିକୁ ମଧ୍ୟ ଅଧ୍ୟାୟ ଭାବରେ ପୁସ୍ତକରେ ସାମିଲ୍ କରାଯାଇଛି। ଫଳରେ ବୌଦ୍ଧ ଦର୍ଶନ ସହିତ ଜଡ଼ିତ ବିଭିନ୍ନ ତଥ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଉଲ୍ଲେଖ କରାଯାଇଛି।

ଏହି ପୁସ୍ତକର ଅଧ୍ୟାୟଗୁଡ଼ିକ ବୌଦ୍ଧ ଧର୍ମାବଲମ୍ବୀ ବିଦ୍ୱାନଙ୍କ ଦ୍ୱାରା ଚରିତ ହୋଇଛି। ଏଥିରେ ବୌଦ୍ଧ ଧର୍ମର ଜୀବନ ଶୈଳୀର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ବିଶ୍ଳେଷଣ କରାଯାଇଛି। ଐତିହାସିକ ଦୃଷ୍ଟିକୋଣରୁ ଏଥିରେ ଚାରୋଟି ବୌଦ୍ଧିକ, ଧାର୍ମିକ ପରିଷଦ ଓ ଏହାର ସଂଗଠନ ଏବଂ ଅଶୋକଙ୍କ ରାଜତ୍ୱ ସମୟରେ ଓ ପରେ ହୋଇଥିବା ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ବୌଦ୍ଧ ଧର୍ମର ଚିନ୍ତାଧାରା ଓ ଲୋକାଚାର, ଦକ୍ଷିଣ, ଦକ୍ଷିଣ-ପୂର୍ବ ଏବଂ ମଧ୍ୟ ଏସିଆରେ ବିସ୍ତାର କରିଥିଲା। ଏହି ପୁସ୍ତକରେ ବୌଦ୍ଧ ଧର୍ମାବଲମ୍ବୀ ସମ୍ପ୍ରଦାୟର ପ୍ରମୁଖ ଚିନ୍ତାଧାରା ବିସ୍ତୃତ ଭାବେ ତର୍ଜମା କରାଯାଇଛି। ପୁସ୍ତକରେ ମହାବସ୍ତୁଙ୍କ ଠାରୁ ପିଟାକସ୍‌ଙ୍କ ପର୍ଯ୍ୟନ୍ତ ହେଉଥିବା ବୌଦ୍ଧିକ ସାହିତ୍ୟର ସମଗ୍ର ଝଲକ୍ ଦେଖିବାକୁ ମିଳୁଛି। ଏହାବ୍ୟତୀତ ଏହି ପୁସ୍ତକରେ ଭାରତ ଏବଂ ବୌଦ୍ଧ ଧର୍ମ ପ୍ରଭାବିତ ଦେଶର ବିଖ୍ୟାତ ବୌଦ୍ଧ ବିଦ୍ୱାନଙ୍କ ସମ୍ପର୍କରେ ମଧ୍ୟ ଏକ ଅଧ୍ୟାୟ ଯୋଡ଼ା ଯାଇଛି।

ଚୀନ୍ ଯାତ୍ରୀ ଏବଂ ସେମାନଙ୍କ ପରିଭ୍ରମଣ ପାଇଁ ପ୍ରେରଣାଦାୟକ ଯାତ୍ରା ଯଥା ବୌଦ୍ଧକଳା ଏବଂ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ଜ୍ଞାନବର୍ଦ୍ଧକ ରୋଚକ ତଥ୍ୟ ପରିବେଶିତ ହୋଇଛି। ବୌଦ୍ଧ ଧର୍ମରେ ହୋଇଥିବା ପରିବର୍ତ୍ତନ ଏବଂ ସମକାଳୀନ ଅଧ୍ୟାୟକୁ ମଧ୍ୟ ଏହି ପୁସ୍ତକରେ ସାମିଲ୍ କରାଯାଇଛି। ସଂକ୍ଷେପରେ କହିବାକୁ ଗଲେ ଏହି ପୁସ୍ତକଟି ବୌଦ୍ଧ ଦର୍ଶନର ସମସ୍ତ ବିଦ୍ୱାନ ଏବଂ ଛାତ୍ରଙ୍କ ନିମନ୍ତେ ଏକ ଉପାଦେୟ ଓ ଗବେଷଣାତ୍ମକ ନିବନ୍ଧ।

ବୌଦ୍ଧ ଧର୍ମର ୨୫୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଥମ ଥର ୧୯୫୬ ମସିହାରେ ପ୍ରକାଶିତ ଏହି ପୁସ୍ତକକୁ ବର୍ତ୍ତମାନ ସଂସ୍କରଣରେ ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତକ ସମ୍ପ୍ରତି 'ଭାରତ- ଏକ ପରିଚୟ' କାର୍ଯ୍ୟକ୍ରମ ଅନ୍ତର୍ଗତ ବୈଦେଶିକ ମନ୍ତ୍ରଣାଳୟର ଭାରତୀୟ ମିଶନ ଏବଂ ଗ୍ରନ୍ଥାଗାର ନିମନ୍ତେ ସଂଗୃହୀତ କରାଯିବା ସହ ଏହି ପୁସ୍ତକର ନୂତନ ସମସାମୟିକ ସଂସ୍କରଣ ମଧ୍ୟ ପ୍ରସ୍ତୁତ ହୋଇଛି।

ଏହି ପୁସ୍ତକରେ ବୌଦ୍ଧ ଦର୍ଶନକୁ ଜୀବନ୍ତ ଭାବେ ଦର୍ଶାଯାଇଛି, ଯାହା ତାଜା ଭାବେ ଅନୁଭବ କରିବେ। ପାଠକମାନଙ୍କ ଜ୍ଞାନର ପରିସୀମାକୁ ମଧ୍ୟ ଏହି ପୁସ୍ତକ ଆଲୋକିତ କରିପାରିବ।

ଏହି ପୁସ୍ତକ ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀରେ ଉପଲବ୍ଧ। ପୁସ୍ତକ ଖଣ୍ଡ ପାଇବା ନିମନ୍ତେ ଇମେଲ୍- **businesswng@gmail.com**ରେ ଅର୍ଡର କରିପାରିବେ।

ସାମ୍ପ୍ରତୀକି

# ବଜେଟ୍ ନୂଆ ଅର୍ଥନୈତିକ ସମ୍ଭାବନା ଆଣିବ - ଧର୍ମେନ୍ଦ୍ର ପ୍ରଧାନ

ଅର୍ଥମନ୍ତ୍ରୀ ପିୟୂଷ ଗୋଏଲଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ୨୦୧୯-୨୦ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ୍ ଦେଶରେ ନୂଆ ଅର୍ଥନୈତିକ ସମ୍ଭାବନା ଆଣିବ । ବିଶେଷ କରି ଗରିବ ଲୋକ ବସବାସ କରୁଥିବା ରାଜ୍ୟ ଗୁଡିକରେ ଏହି ବଜେଟ୍‌ର ପ୍ରଭାବରେ ଏହି ସମାଜର ପ୍ରଗତିକୁ କେହି ରୋକିପାରିବେ ନାହିଁ । ନରେନ୍ଦ୍ର ମୋଦିଙ୍କ ସରକାର ବିଗତ ୫ ବର୍ଷ ଧରି ସବ୍‌କା ସାଥ୍ ସବ୍‌କା ବିକାଶ ବିକାଶକୁ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି । ବଜେଟ୍ ସେ ଦୃଷ୍ଟିରୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉପସ୍ଥାପିତ ହୋଇଯାଇଥିବା ବଜେଟକୁ ପ୍ରଂଶସା କରାଯିବା ଉଚିତ । ଦେଶର ଗରିବ ଚାଷୀ, ଶ୍ରମିକ, ନିମ୍ନମଧ୍ୟବିତ, ମଧ୍ୟବିତ, ବ୍ୟବସାୟୀ ସମୂହ ଓ ଯୁବସମୂହ ଏ ସମସ୍ତଙ୍କ ପାଇଁ ଏହି ବଜେଟ୍ ଏକ ଯୁଗାନ୍ତକାରୀ ବଜେଟ୍ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶେଷ ଭାବେ ଚାଷୀମାନଙ୍କର ସମ୍ମାନ ବଢାଇବା ପାଇଁ ଭାରତ ସରକାର ନିରନ୍ତର ଭାବେ ବିଭିନ୍ନ ପଦକ୍ଷେପ ନେବା ପରେ ମଧ୍ୟ କୃଷକଙ୍କ ବିକାଶ ପାଇଁ ଆଜି ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ନିମ୍ କୋଟେଡ୍ ୟୁରିଆ, ପ୍ରଧାନମନ୍ତ୍ରୀ ସିଚାଇ ଯୋଜନା, ଏମଏସପି ଯୋଜନା ବା ସ୍ୱାମୀନାଥନଙ୍କ ପରାମର୍ଶ ଅନୁଯାୟୀ ମୂଳ ମୂଲ୍ୟର ଦେଢ ଗୁଣା ଏମ୍‌ଏସ୍‌ପି କରିବାର ଦାୟିତ୍ୱ ପାଳନ କରିବା ଏ ସରକାର କରିଥିଲେ । ଏହା ପରେ ବି ଚାଷୀମାନଙ୍କର ଅପେକ୍ଷାକୁ ପୂରା କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨୦୧୮ ଡିସେମ୍ବର ୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ଭିତରେ ୨୦ ହଜାର କୋଟି ଟଙ୍କା ରିଭାଇଜ୍ ଏଷ୍ଟିମେଟ୍ କରି ଏ ବର୍ଷକୁ ରଖି ବର୍ଷକୁ ୬ ହଜାର ଟଙ୍କା ଏବଂ ଆସନ୍ତାବର୍ଷ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରି ପିଏମ୍ କିଷାନ ଯୋଜନାର କ୍ରିୟାନ୍ୱୟନ ହେବ । ଏହି ଯୋଜନାରେ ୧୨ କୋଟି ଚାଷୀ ଲାଭ ପାଇପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପିଏମ ଶ୍ରମଯୋଗୀ ଯୋଜନା ୧୮ ବର୍ଷରୁ ଆରମ୍ଭ କରି ୪୦ ବର୍ଷ ପର୍ଯ୍ୟନ୍ତ ସବୁ ବୟସର ଶ୍ରମିକମାନେ ରହିପାରିବେ । ଭାରତ ସରକାର ଅଧା ପ୍ରିମିୟମ ପଇସା ଭରଣା କରିବା ବେଳେ ଇଚ୍ଛୁକ ଲାଭାର୍ଥୀମାନେ ଅଧା ପ୍ରିମିୟମ ଭରିବେ । ଅଣସଂଗଠିତ ଶ୍ରମିକ ସମାଜ ତଥା ଘରୋଇ ସହଯୋଗୀ ଠାରୁ ଆରମ୍ଭ କରି ଝୁମ୍ପଡିରେ ରହୁଥିବା, ଠେଲା ଚଲାଉଥିବା ସବୁ ବର୍ଗର ଶ୍ରମିକ ବର୍ଗଙ୍କୁ ୩ ହଜାର ଟଙ୍କା ପେନସନସ୍ୱରୂପ ୬୦ ବର୍ଷ ପରେ ଦିଆଯିବ । ଏହି ଯୋଜନାରେ ୧୦ କୋଟି ଲାଭାର୍ଥୀ ହେବେ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କିଷାନ କ୍ରେଡିଟ୍ କାର୍ଡର ଲାଭାର୍ଥୀମାନଙ୍କୁ କମ୍ ଦରରେ ଋଣ ଦେବା ବ୍ୟବସ୍ଥା ମଧ୍ୟ ଏ ସରକାର ବଜେଟରେ ଆଣିଛନ୍ତି। ଓଡିଶା ଭଳି ରାଜ୍ୟ ଏହାର ବିଶେଷ ଲାଭ ପାଇବ। ଏତଦ୍ ବ୍ୟତୀତ ଗୋଟିଏ ନୂଆ ମତ୍ସ୍ୟ ବିକାଶ ବିଭାଗ ଯଥା ସମୁଦ୍ରରୁ ମାଛ ମାରିବା କିମ୍ବା ବନ୍ଧ, ନଦୀ, ନାଳ ଗାଡିଆରୁ ମାଛ ମାରୁଥିବା ଧୀବର ମାନଙ୍କ ପାଇଁ ଭାରତ ସରକାର ଏକ ଅଲଗା ବିଭାଗ ତିଆରି କରିଛନ୍ତି। ଧୀବର ସଂଘ ପକ୍ଷରୁ ଏଥିପାଇଁ ଦାବୀ ହୋଇଆସୁଥିଲା । ଓଡିଶାର ସାଢେ ୪୦୦ କିମି ତଟୀୟ ଅଞ୍ଚଳ ଅଛି । ତେଣୁ ମାଛ ଉତ୍ପାଦନ କରି ଜୀବିକା ନିର୍ବାହ କରୁଥିବା ଓଡିଶା ଭଳି ରାଜ୍ୟ ଏହାଦ୍ୱାରା ଉପକୃତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ନୋମାଡିକ ଆଦିବାସୀ ଲୋକମାନଙ୍କ ପାଇଁ ଅନ୍ୟ ଏକ ଯୋଜନା ବଜେଟରେ ଆରମ୍ଭ ହେଇଛି । ଓଡିଶାରେ ନୋମାଡିକ ଆଦିବାସୀ ଅଛନ୍ତି । ପାଖାପାଖି ୧୨ କୋଟି ଲୋକ ଦେଶରେ ନୋମାଡିକ ଜାତିର ଅଛନ୍ତି । ଓଡିଶା ତଥା ପଶ୍ଚିମ ଓଡିଶାର ଜଙ୍ଗଲ ଅଂଚଳରେ ଅନେକ ନୋମାଡିକ୍ ଆଦିବାସୀ ଅଛନ୍ତି । ସେମାନେ ଏପର୍ଯ୍ୟନ୍ତ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତି

## ସାମ୍ପ୍ରତୀକି

ବର୍ଗରେ ମଧ୍ୟ ଘୋଷଣା ହୋଇନାହାନ୍ତି । ଏଥିପାଇଁ ସେମାନେ ସାଧାରଣ ବର୍ଗ କ୍ଷେତ୍ରରେ ପରିଗଣିତ ହେଉଥିଲେ । ଏ ପରିପ୍ରକ୍ଷୀରେ ନୋମାଡିକ ଟ୍ରାଇବ୍ କମିଶନ ଗଠନ କରିବା ଘୋଷଣା ବଜେଟ୍ ହୋଇଛି । ଓଡିଶା ଏଥିରୁ ଲାଭ ପାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ନିମ୍ନ ଓ ମଧ୍ୟବିତ୍ତ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା କର ଛାଡ ସୀମା ବଢାଇ ଦିଆଯାଇଛି। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସୁବିଧାକୁ ମିଶାଇଲେ ସାଢେ ୬ ଲକ୍ଷ ପର୍ଯ୍ୟନ୍ତ କର ଛାଡ ମିଳିବ। ଟିକସ ମୁକ୍ତ କାରଣରୁ ଦେଶର ମୋଟ ୩ କୋଟି ଲାଭାର୍ଥୀ ୧୮ ହଜାର କୋଟି ଟଙ୍କା ଲାଭ ପାଇବାକୁ ଯାଉଛନ୍ତି । ସ୍ୱାଧୀନ ଭାରତରେ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ ପ୍ରଥମ ଥର ନରେନ୍ଦ୍ର ମୋଦିଙ୍କ ସରକାର ଉପଲବ୍ଧି କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଏମ୍‌ଏସ୍‌ଏମ୍‌ଇ ବ୍ୟବସାୟ ବଢିବା ପାଇଁ ମଧ୍ୟ ସୁବିଧା ହୋଇଛି। ଯେଉଁମାନେ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଜିଏସଟି ରେଜେଷ୍ଟ୍ରେସନ କରିଥିବେ ସେମାନଙ୍କ ପାଇଁ ୨ ପ୍ରତିଶତର ଟିକସ ଛାଡ ମିଳିବା ପାଇଁ ଯାଉଛି । ଉପରୋକ୍ତ ଦୁଇଟି ପଦକ୍ଷେପ କାରଣରୁ ଲୋକଙ୍କର ପଇସା ସଂଚୟ ହେବ। ଫଳରେ ସେମାନେ ଅଧିକ ଖର୍ଚ୍ଚ କରିବେ। ଦେଶରେ ରୋଜଗାର ଓ ବ୍ୟବସାୟ ବଢିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନ୍‌ଆର୍‌ଇଜିଏର ସର୍ବଭାରତୀୟ ବ୍ୟବବରାଦ ବଢିଛି । ୫୫ ହଜାର କୋଟି ଟଙ୍କା ବାର୍ଷିକ ବ୍ୟୟବରାଦରୁ ବଢି ୬୦ ହଜାର କୋଟି ଟଙ୍କା ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଗ୍ରାମ ସଡକ ଯୋଜନାରେ ଅନୁଦାନ ତିନି ଗୁଣା ହୋଇଛି। ଏସସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଗତବର୍ଷ ବଜେଟ ଠାରୁ ଏ ବର୍ଷ ୩୫ ପ୍ରତିଶତ ବଢିଛି। ଅନୁରୂପ ଭାବେ ଏସଟି ଲୋକଙ୍କର ପୂର୍ବ ବର୍ଷ ଠାରୁ ଏବର୍ଷ ୨୮ ବର୍ଷ ବଢିଛି। ରେଲୱେ ପାଇଁ ଏବର୍ଷ ଅନୁଦାନ ବଢିଛି । ୧ ଲକ୍ଷ ୫୮ ହଜାର କୋଟି ଟଙ୍କା ରେଳ ପାଇଁ ବିତିୟ ବ୍ୟବସ୍ଥା ହୋଇଛି। ଡିଫେନ୍ସ ସେକ୍ଟରକୁ ପ୍ରଥମ ଥର ୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଏ ସମଗ୍ର ବିଷୟକୁ ଦେଖିଲେ ଆଜିର ବଜେଟ୍‌ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କଲ୍ୟାଣକାରୀ ଯୋଜନା ଗୁଡିକ କେବଳ ଭାରତବର୍ଷ ନୁହେଁ, ଓଡିଶା ରାଜ୍ୟ ମଧ୍ୟ ଏକ ପ୍ରମୁଖ ଲାଭାର୍ଥୀ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ରାଜଭବନରେ ଅନୁସୂଚିତ ଜନଜାତି ପ୍ରକୋଷ୍ଠ

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାର ରାଜଭବନରେ ଏକ "ଅନୁସୂଚିତ ଜନଜାତି ପ୍ରକୋଷ୍ଠ" ଖୋଲିଛନ୍ତି । ଏହି ପ୍ରକୋଷ୍ଠ ଚଳିତ ମାସ ୮ ତାରିଖରୁ କାର୍ଯ୍ୟକ୍ଷମ ହୋଇଛି। ବର୍ତ୍ତମାନ ଦୁଇଜଣ ଅବସରପ୍ରାପ୍ତ ନୃତତ୍ତ୍ୱବିତ୍ ପ୍ରକୋଷ୍ଠର ଅଧିକାରୀ ରୂପେ କାର୍ଯ୍ୟ କରୁଛନ୍ତି। ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ ୫ର ବିଧି ବ୍ୟବସ୍ଥା ଅନୁଯାୟୀ ଏହି ଜନଜାତି ପ୍ରକୋଷ୍ଠ ଓଡ଼ିଶାରେ ଜନଜାତିମାନଙ୍କର ସ୍ଥିତି, ପ୍ରଗତି ଓ ଉନ୍ନୟନ ସଂପର୍କିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଓ ସୂଚନା ରାଜ୍ୟପାଳଙ୍କୁ ଅବଗତ କରାଇବା ସହିତ ବିଭିନ୍ନ ସମୟରେ ରାଜ୍ୟପାଳଙ୍କ ଦୃଷ୍ଟିକୁ ଆସୁଥିବା ଜନଜାତି ସଂପର୍କିତ ପ୍ରମୁଖ ସମସ୍ୟା ସମାଧାନରେ ରାଜ୍ୟପାଳଙ୍କୁ ସହାୟତା ପ୍ରଦାନ କରିବ । ଉଲ୍ଲେଖ ଯୋଗ୍ୟ ଯେ ଓଡ଼ିଶାର ସମୁଦାୟ ଲୋକସଂଖ୍ୟାର ୨୨.୮୫ ପ୍ରତିଶତ ହେଉଛନ୍ତି ଜନଜାତି ସଂପ୍ରଦାୟର । ୬୨ଅନୁସୂଚିତ ଜନଜାତି ଓ ତନ୍ମଧ୍ୟରୁ ୧୩ଟି ଆଦିମ ଜନଜାତି ସଂପ୍ରଦାୟ ଏଠାରେ ବସବାସ କରନ୍ତି । ସେମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ଆନୁକୁଲ୍ୟରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ସହ ଜନଜାତିଙ୍କ ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ଏହି ବିକାଶ ପ୍ରକିୟାକୁ ତ୍ୱରାନ୍ୱିତ ଓ ସୁସଂହତ କରିବାକୁ ଏହି ପ୍ରକୋଷ୍ଠ ରାଜ୍ୟପାଳଙ୍କ ପ୍ରତ୍ୟେକ୍ଷ ମାର୍ଗଦର୍ଶନରେ କାର୍ଯ୍ୟ କରିବ ବୋଲି ରାଜଭବନ ପକ୍ଷରୁ ପ୍ରକାଶ।

# ଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ ପ୍ରକାଶନ ବିଭାଗର ଅଂଶଗ୍ରହଣ




*ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ ୫ ଜାନୁଆରୀ ୨୦୧୯ରେ ନୂଆଦିଲ୍ଲୀର ପ୍ରଗତି ମୈଦାନରେ ପ୍ରକାଶନ ବିଭାଗର ପୁସ୍ତକର ଲୋକାର୍ପଣ କରୁଛନ୍ତି।*

ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଗତ ଜାନୁଆରୀ ୫ରୁ ୧୩ ତାରିଖ ମଧ୍ୟରେ ଆୟୋଜିତ ବିଶ୍ୱ ପୁସ୍ତକ ମେଳାରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଅଂଶଗ୍ରହଣ କରିଥିଲା। ବିଶ୍ୱ ପୁସ୍ତକ ମେଳାର ପ୍ରଥମ ଦିବସରେ ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ ପ୍ରକାଶନ ବିଭାଗ ପକ୍ଷରୁ ପ୍ରକାଶିତ ୭ଟି ପୁସ୍ତକର ବିମୋଚନ କରିଥିଲେ। ଏହି ଅବସରରେ ସଚିବ କହିଥିଲେ ଯେ, ପ୍ରକାଶନ ବିଭାଗ ଦେଶର ଜନପ୍ରିୟ ଲେଖକଙ୍କୁ ସୁଯୋଗ ପ୍ରଦାନ କରିଥାଏ। ବିଦେଶରେ ମଧ୍ୟ ଭାରତୀୟ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରହିଛି।

ଏହି ଅବସରରେ ଯେଉଁ ପୁସ୍ତକଗୁଡ଼ିକ ବିମୋଚିତ ହୋଇଥିଲା ସେଗୁଡ଼ିକ ହେଲା- ବାପୁ କୀ ଆଶୀର୍ବାଦ, ୨୫୦୦ ଇୟର୍ସ ଅଫ୍ ବୁଦ୍ଧିଜିମ୍, ପୋଟ୍ରେଟ୍ ଅଫ୍ ଷ୍ଟେଙ୍ଗ୍ଥ୍ସ, ହିନ୍ଦୀ ସ୍ୱଦେଶ୍ ମେଁ ଔର ବିଦେଶ୍ ମେଁ, ରଙ୍ଗ୍ ବେରଙ୍ଗ୍ କାହାନିଆ, ବାଦଲ୍ କି ସେର୍ ଔର ପର୍ଯ୍ୟାବରଣ ବଚାଏଁ ଏବଂ ଧରା କୋ ସ୍ୱର୍ଗ ବନାଏଁ।

ଏହି ଅବସରରେ ରାଷ୍ଟ୍ରୀୟ ଗାନ୍ଧୀ ସଂଗ୍ରହାଳୟର ପୂର୍ବତନ ନିର୍ଦ୍ଦେଶକ ବର୍ଷା ଦାସ, ଶସ୍ତା ସାହିତ୍ୟ ମଣ୍ଡଳୀର ସଚିବ ଡକ୍ଟର ରୀତା ରାଣୀ ପାଲିୱାଲ, ପ୍ରକାଶନ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ସାଧନା ରାଉତ ଏବଂ ବିଭାଗର ସମସ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶନ ବିଭାଗ ତରଫରୁ ବିଶ୍ୱ ପୁସ୍ତକ ମେଳାରେ ଜାନୁଆରୀ ୧୦ ତାରିଖରେ 'ଶିଶୁ ସାହିତ୍ୟ ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ ଫାଶରେ ଶିଶୁ ପାଠକ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଥିଲା। ଏହି ଆଲୋଚନାଚକ୍ରରେ ପୁସ୍ତକର ଗୁରୁତ୍ୱ ଏବଂ ଶିଶୁ ପାଠକଙ୍କ ଉପରେ ପ୍ରଭାବ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଯେହେତୁ ଆଜିର ଦିନରେ କୋମଳମତି ଶିଶୁମାନେ ଅଧିକାଂଶ ସମୟ ଇଲେକ୍ଟ୍ରୋନିକ୍ସ ଉପକରଣରେ ସମୟ ଅତିବାହିତ କରୁଛନ୍ତି। ଏହି ଅବସରରେ ୧୦ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ସେଗୁଡ଼ିକ ହେଲା- ଚିଲ୍ଡ୍ରେନ୍ସ ବିବେକାନନ୍ଦ, ଚିଲ୍ଡ୍ରେନ୍ସ ମହାଭାରତ ଇନ୍ ଇଂଲିଶ୍, ଶେଖାବତୀ କି ଲୋକ୍ ସଂସ୍କୃତି, ହମାରେ ସମୟେ ମେ ଉପନିଷେଦ୍, ହାର୍ କି ଖୁସି, ମା' କା ଜନ୍ମଦିନ୍, ବାପୁ କି ବାଣୀ, ବେଦ୍ ଗାଥା ଏବଂ ବାଲ୍ ମହାଭାରତ୍ ଇନ୍ ହିନ୍ଦୀ। ଏହି ଅବସରରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳାକେନ୍ଦ୍ରର ସଦସ୍ୟ ସଚିବ ଡା. ସଚ୍ଚିଦାନନ୍ଦ ଯୋଶୀ ମୁଖ୍ୟ ଅତିଥି ଥିଲେ।



ଏହି ବିଶ୍ୱ ପୁସ୍ତକ ମେଳାରେ ପୁସ୍ତକ ବିଭାଗ ପକ୍ଷରୁ ଆୟୋଜିତ ଷ୍ଟଲ୍‌ରେ ଜନସାଧାରଣଙ୍କୁ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭାଗ ପକ୍ଷରୁ କିଛି ବଛା ବଛା ପୁସ୍ତକରେ ରିହାତି ଲାଗୁ ହୋଇଥିବାରୁ ଜନସାଧାରଣ ଏହାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଜନସାଧାରଣ କଳା ଓ ସଂସ୍କୃତି, ଆଧୁନିକ ଭାରତ ନିର୍ମାଣର ଶୃଙ୍ଖଳ, ଶିଶୁ ସାହିତ୍ୟ, ଇତିହାସ ଏବଂ ସ୍ୱତନ୍ତ୍ର ସଂଗ୍ରାମ ପ୍ରଭୃତି ପୁସ୍ତକ କ୍ରୟ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ପୁସ୍ତକପ୍ରେମୀ ପୁସ୍ତକ କ୍ରୟ ନିମନ୍ତେ ଡିଜିଟାଲ୍ ପେମେଣ୍ଟର ସୁଯୋଗ ଲାଭ କରିଥିଲେ ଏବଂ ପୁସ୍ତକ ପ୍ରେମୀମାନେ ଏହାର ସୁଯୋଗ ନେଇ ଡିଜିଟାଲ୍ ପେମେଣ୍ଟର ବହୁଳ ବ୍ୟବହାର କରିଥିବା ଲକ୍ଷ୍ୟ କରାଯାଇଥିଲା।

YOJANA (Odia) : Monthly February 2019 RNI No. 57203/93
ISSN 0971-8346 Total Number of Pages (76)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020
Editor : Dr. Girish Chandra Dash